
୬୯ତମ ବର୍ଷ ୧୫ ଅଗଷ୍ଟ, ୨୦୨୬ ତୃତୀୟ ସଂଖ୍ୟା




ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨

୬୯ତମ ବର୍ଷ ୧୫ ଅଗଷ୍ଟ, ୨୦୨୬ ତୃତୀୟ ସଂଖ୍ୟା

उद् वयं तमसस्परि ज्योतिष्पश्यन्त उत्तरम्।
देवं देवत्रा सूर्यमगन्म ज्योतिरुत्तमम्।। ऋग्वेदः १. ५०. १०

ନବଜ୍ୟୋତି



ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା

ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୨୬]

ଯୋଗ-ଦର୍ଶନ

ପ୍ରାର୍ଥନା	...	ଶ୍ରୀମା	...	୫
ଶ୍ରୀଅରବିନ୍ଦଙ୍କ ରଚନାରୁ ...	...	ଶ୍ରୀଅରବିନ୍ଦ	...	୬
ପୂର୍ଣ୍ଣଯୋଗର ସର୍ତ୍ତାବଳୀ	...	ଶ୍ରୀଅରବିନ୍ଦ	...	୯
ଚେତନାର ପରିବର୍ତ୍ତନ ଓ ନବଜନ୍ମ	...	ଶ୍ରୀମା	...	୧୧
ପ୍ରାଚୀନ ଭାରତର ଶାସ୍ତ୍ର	...	ଶ୍ରୀଅରବିନ୍ଦ	...	୧୨
ଆଧ୍ୟାତ୍ମିକ ସାମର୍ଥ୍ୟ	...	ଶ୍ରୀମା	...	୧୪
ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ	...	ଶ୍ରୀଅରବିନ୍ଦ	...	୧୬
ଏକ ମହାନ୍ ଦୁଃସାହସିକ ଅଭିଯାନ ପାଇଁ ଆହ୍ୱାନ	...	ଶ୍ରୀମା	...	୧୮
ଧମ୍ମପଦ (୧୫) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)	...	...	...	୨୦

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ

ବନ୍ଦେ ମାତରମ୍	...	ଶ୍ରୀଅରବିନ୍ଦ	...	୨୪
ଶ୍ରୀଅରବିନ୍ଦ	...	ଡକ୍ଟର ସି. ଆର. ରେଡ୍ଡୀ	...	୨୮
ଲୋକୋତ୍ତର ଚେତନାର କବିତା	...	ଶ୍ରୀ ନଳିନୀକାନ୍ତ ଗୁପ୍ତ	...	୩୩
ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ଅଷ୍ଟମ ସୂକ୍ତ, ଅଗ୍ନିଙ୍କ ପ୍ରତି	...	ଶ୍ରୀଅରବିନ୍ଦ	...	୩୫
ବିବର୍ତ୍ତନ (କବିତା)	...	ଶ୍ରୀଅରବିନ୍ଦ	...	୩୭
''କଳା ପାହାଡ଼ର ତୃଷ୍ଣା''	...	ଶ୍ରୀ ମନୋଜ ଦାସ	...	୩୮
ଶ୍ରୀଅରବିନ୍ଦ ଏବଂ ପୃଥିବୀର ଭବିଷ୍ୟତ୍	...	ସତ୍‌ପ୍ରେମ	...	୪୨
ଶିକ୍ଷା ଓ ସଭ୍ୟତା	...	ଶ୍ରୀ ପ୍ରପତ୍ତି	...	୪୬

ସାଧନା-ପରମ୍ପରା

ଶ୍ରୀମଦ୍‌ଭଗବଦ୍‌ଗୀତା (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ)	...	...	...	୫୦

ଅନ୍ତରାଳ ଜଗତ୍

ସ୍ୱପ୍ନ ସବୁ ମନେ ରହିବା (ଶ୍ରୀମା'ଙ୍କ ସହ ଏକ କଥୋପକଥନ)	...	...	...	୫୪

ଶେଷ ପୃଷ୍ଠା :

ଅନ୍ତର୍ମୁଖୀ ଚେତନା	...	ଶ୍ରୀ ବିଶ୍ୱମ୍ଭର ସାମନ୍ତ	...	୫୭
ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର		... ...	...	୬୧

❖

ପ୍ରାର୍ଥନା

ହେ ପ୍ରଭୁ ! ସେମାନଙ୍କୁ ପ୍ରଦାନ କର ସବୁକିଛି – ତୁମ ଶାନ୍ତି ଏବଂ ଆଲୋକ, ଉନ୍ମୋଚିତ କର ସେମାନଙ୍କ ଅନ୍ଧାୟିତ ନୟନ ଏବଂ ତମସାଚ୍ଛନ୍ନ ବୋଧଶକ୍ତି; ସେମାନଙ୍କ ବୃଥା ଚିନ୍ତା ଏବଂ ଅଯଥା ଉତ୍କଣ୍ଠାକୁ ପ୍ରଶମିତ କର । ନିଜ ନିଜ ଉପରେ ନିବଦ୍ଧ ସେମାନଙ୍କ ଦୃଷ୍ଟିର ଦିଗ ପରିବର୍ତ୍ତନ କର ଏବଂ ହିସାବନିକାଶ ଅଥବା ମାନସିକ ଦ୍ୱିଧା ବିନା ସେମାନଙ୍କୁ ତୁମ କାର୍ଯ୍ୟ ପ୍ରତି ଉତ୍ସର୍ଗିତ ରହିବାର ଆନନ୍ଦ ପ୍ରଦାନ କର । ସବୁଥିରେ କୁସୁମିତ ହେଉ ତୁମରି ସୌନ୍ଦର୍ଯ୍ୟ, ସବୁରି ହୃଦୟରେ ଜାଗରିତ କର ତୁମ ପ୍ରେମ ଯାହାଦ୍ୱାରା ତୁମ ଶାଶ୍ୱତ ପ୍ରଗତିମୁଖୀ ବିଧାନ ପୃଥିବୀରେ ଉପଲବ୍ଧ ହୋଇପାରିବ ଏବଂ ପରିପୂର୍ଣ୍ଣ ବିଶୁଦ୍ଧି ଏବଂ ଶାନ୍ତି ମଧ୍ୟରେ ସବୁକିଛି ତୁମ ସତ୍ତାରେ ପରିଣତ ହେବା ପର୍ଯ୍ୟନ୍ତ ତୁମ ସଂହତି ପ୍ରସାରିତ ହୋଇ ଚାଲିଥିବ ।

ଆହା ! ଏ ସମସ୍ତ ଅଶ୍ରୁ ବିଲୋପିତ ହେଉ, ହେଉ ସମସ୍ତ ଦୁଃଖଯନ୍ତ୍ରଣାର ନିରସନ, ସମସ୍ତ ବ୍ୟଥା ହେଉ ଦୂରୀଭୂତ, ଏବଂ ଯାବତୀୟ ହୃଦୟରେ ବିରାଜମାନ କରୁ ପ୍ରଶାନ୍ତ ସ୍ଥୈର୍ଯ୍ୟ ଏବଂ ପ୍ରତ୍ୟେକ ମନକୁ ସୁଦୃଢ଼ କରୁ ଶକ୍ତିମନ୍ତ ନିଶ୍ଚୟତା । ସବୁରି ଭିତରେ ବହମାନ ହେଉ ତୁମ ଜୀବନ – ଏକ ସଂଜୀବନୀ ପ୍ରବାହରୂପେ; ଯାହାଦ୍ୱାରା ସଭିଏଁ ହେବେ ତୁମ ଦିଗେ ଅଭିମୁଖୀ ଏବଂ ସେହି ଧ୍ୟାନାଭିନିବେଶ ମଧ୍ୟରୁ ଆହରଣ କରିବେ ଯାବତୀୟ ବିଜୟ ନିମନ୍ତେ ଶକ୍ତି ।

(ଧ୍ୟାନ ଓ ପ୍ରାର୍ଥନା, ଜାନୁଆରୀ ୭, ୧୯୧୪) – ଶ୍ରୀମା

ଶ୍ରୀଅରବିନ୍ଦଙ୍କ ରଚନାରୁ ...

When darkness deepens strangling the earth's breast
And man's corporeal mind is the only lamp,
As a thief's in the night shall be the covert tread
Of one who steps unseen into his house.
A Voice ill-heard shall speak, the soul obey,
A Power into mind's inner chamber steal,
A charm and sweetness open life's closed doors
And beauty conquer the resisting world,
The Truth-Light capture Nature by surprise,
A stealth of God compel the heart to bliss
And earth grow unexpectedly divine.
(Savitri - p. 55) – Sri Aurobindo

ଯେତେବେଳେ ଅନ୍ଧକାର ପ୍ରଗାଢ଼ ହୋଇ ଧରିତ୍ରୀର ବକ୍ଷ କରେ ନିଷ୍ପେଷିତ
ଏବଂ ମଣିଷର ସ୍ଥୂଳ ମନହିଁ ଏକମାତ୍ର ପ୍ରଦୀପ,
ନିଶାଚର ତସ୍କର ଭଳି ହେବ ପ୍ରଚ୍ଛନ୍ନ ପଦପାତ
ଅନବଲୋକିତ ଭାବେ ଜଣକର, ଯିଏ ତାଙ୍କ ଗୃହେ କରନ୍ତି ପ୍ରବେଶ ।
ସ୍ଫୂର୍ତ୍ତ ହେବ ଏକ ମନ୍ଦ-ଶ୍ରୁତ କଣ୍ଠ ସ୍ୱର, ତାକୁ ମାନ୍ୟ କରିବ ଆତ୍ମା,
ମନର ଅନ୍ତଃପୁରକୁ ହେବ ଏକ **ଶ**କ୍ତିର ଗୋପନ ଆଗମନ,
ପ୍ରାଣର ବନ୍ଧଦ୍ୱାରକୁ ଉନ୍ମୋଚନ କରିବ ଏକ ବିମୋହନୀ ଓ ମାଧୁର୍ଯ୍ୟ
ଏବଂ ପ୍ରତିରୋଧୀ ପୃଥିବୀକୁ ଜୟ କରିବ ସୌନ୍ଦର୍ଯ୍ୟ,
ପ୍ରକୃତିକୁ ଅଚାନକେ ଅଧିକାର କରିବ **ସ**ତ୍ୟ-**ଆ**ଲୋକ,
ଭଗବାନଙ୍କର ଏକ ଅଲକ୍ଷିତ ଅନୁପ୍ରବେଶ ସବାଧ ହୃଦୟକୁ ଦେବ ସ୍ୱିଗ୍ଧାନନ୍ଦ
ଏବଂ ପୃଥିବୀ ହୋଇଉଠିବ ଅପ୍ରତ୍ୟାଶିତ ଭାବେ ଦିବ୍ୟ ।
(ସାବିତ୍ରୀ) – ଶ୍ରୀଅରବିନ୍ଦ

ପୂର୍ଣ୍ଣଯୋଗର ସର୍ତ୍ତାବଳୀ

ଶ୍ରୀଅରବିନ୍ଦ

ସାଧନା-ଶୃଙ୍ଖଳାରେ ଯେଉଁ ଜିନିଷଟି ପ୍ରଥମେ ଆବଶ୍ୟକ ତାହା ହେଉଛି ଆତ୍ମସଂଯମ ।

ତହିଁରେ ପ୍ରଥମ ଉପାଦାନଟି ହେଉଛି ଯୋଗର ନିୟମ ଓ ଶୃଙ୍ଖଳା ପ୍ରତି ଆନୁଗତ୍ୟ ।

ସମସ୍ତ ବାଧାବିଘ୍ନ ଉପରେ ବିଜୟଲାଭ କରାଯାଇ ପାରେ କିନ୍ତୁ ସେଥିପାଇଁ ସର୍ତ୍ତ ହେଉଛି ଯୋଗର ମାର୍ଗ ପ୍ରତି ଐକାନ୍ତିକ ନିଷ୍ଠା ।

ଏହି ମାର୍ଗ ଗ୍ରହଣ କରିବା ପାଇଁ କାହା ଉପରେ କୌଣସି ବାଧବାଧକତା ନାହିଁ, କିନ୍ତୁ ଥରେ ଏହାକୁ ଗ୍ରହଣ କଲେ ଶେଷ ପର୍ଯ୍ୟନ୍ତ ଅନୁସରଣ କରିବାକୁ ହେବ । ତା' ନ ହେଲେ କୌଣସି ଅଗ୍ରଗତି ବା ସାଫଲ୍ୟ ସମ୍ଭବପର ନୁହେଁ ।

ଯୋଗର ପଥ ଖୁବ୍ ଆୟାସସାଧ ଓ ବିଘ୍ନସଂକୁଳ — ଏହି ପଥ କେବଳ ବୀର ଓ ସମର୍ଥ ଆତ୍ମାମାନଙ୍କ ପାଇଁ, ଦୁର୍ବଳ ଚିତ୍ତମାନଙ୍କ ପାଇଁ ନୁହେଁ ।

ଏହି ଯୋଗର ଯଥାର୍ଥ ଭିତ୍ତିକୁ ସ୍ମରଣ ରଖ ।

ଏହା ପ୍ରଚଳିତ ଭକ୍ତିମାର୍ଗର ତୀବ୍ର ଆବେଗମୟତା ଉପରେ ପ୍ରତିଷ୍ଠିତ ନୁହେଁ — ଯଦିଓ ଏଥିରେ ଭିନ୍ନ ଏକ ଧରଣର ଭକ୍ତି ରହିଛି — କିନ୍ତୁ ଏହି ଭକ୍ତି ସମତା ଓ ଆତ୍ମସମର୍ପଣ ଉପରେ ପ୍ରତିଷ୍ଠିତ ।

ନିଜର ଇଚ୍ଛାକୁ ଜାହିର କରିବା ନୁହେଁ, ଭଗବତ୍ ସଂକଳ୍ପ ପ୍ରତି ଆଜ୍ଞାନୁବର୍ତ୍ତିତା ଏହାର ପ୍ରଥମ ମନ୍ତ୍ର ।

କୌଣସି ସମ୍ପୂର୍ଣ୍ଣ ଉତ୍ସର୍ଗ କେବେହେଲେ ସମ୍ଭବ ହେବ ନାହିଁ, ଯଦି ତୁମ ଭିତରେ କୌଣସି ବିଦ୍ରୋହର ଭାବ ବା ଉଗ୍ର ଧୈର୍ଯ୍ୟହୀନତାର ଭାବ ରହିଥାଏ ।

ବିଦ୍ରୋହ ବା ଧୈର୍ଯ୍ୟହୀନତା ସର୍ବଦା ସୂଚାଇ ଦିଏ ଯେ ତୁମ ସତ୍ତାର ଗୋଟିଏ ଅଂଶ ବା ସତ୍ତା ଭିତରେ ଏପରି କିଛି ଜିନିଷ ରହିଛି ଯାହା ଭଗବାନଙ୍କ ବଶ୍ୟତା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ, ତାଙ୍କ ପାଖରେ ନିଜକୁ ଦେଇ ଦେଇ ନାହିଁ, ତାହା ଜିଦ୍ କରୁଛି ଭଗବାନ୍ ତାଙ୍କ ନିଜ ବାଟ ଛାଡ଼ି ତା'ର ଇଚ୍ଛାକୁ ମାନି ନିଅନ୍ତୁ ।

ସାଧାରଣ ଭକ୍ତିମାର୍ଗରେ ଏହା ବେଶ୍ ଚଳିପାରେ କିନ୍ତୁ ଅଧ୍ୟାତ୍ମ ଯୋଗରେ ଏହାର କୌଣସି ସ୍ଥାନ ନାହିଁ ।

ବିଦ୍ରୋହ ଓ ଧୈର୍ଯ୍ୟହୀନତାର ଭାବ ପ୍ରାଣ ବା ହୃଦୟରେ ଆସିପାରେ, ଯେପର୍ଯ୍ୟନ୍ତ ସତ୍ତାର ଏହି ଅଂଶଗୁଡ଼ିକ ଅପୂର୍ଣ୍ଣତା ବା ଅଶୁଦ୍ଧିର କବଳ ଓ ପ୍ରଭାବରୁ ମୁକ୍ତ ହୋଇ ନ ଥା'ନ୍ତି; କିନ୍ତୁ ସେହି କ୍ଷେତ୍ରରେ ବୁଦ୍ଧିରେ ରହିଥିବା ସଂକଳ୍ପ ଓ ବିଶ୍ୱାସ ସେଗୁଡ଼ିକୁ ଯେପରି ପ୍ରତ୍ୟାଖ୍ୟାନ କରନ୍ତି ତାହାହିଁ ପ୍ରଧାନ କଥା, ଦେଖିବାକୁ ହେବ ଯେପରି ସେଗୁଡ଼ିକୁ ଗ୍ରହଣ କରି ସେଇ ଅନୁସାରେ କାମ କରା ନ ଯାଏ ।

ଯଦି ତୁମର ଇଚ୍ଛାଶକ୍ତି ସେଗୁଡ଼ିକୁ ସମ୍ମତି ଦିଏ, ଯଦି ସେଗୁଡ଼ିକୁ ଅନୁମୋଦନ ଓ ସମର୍ଥନ କରେ ତାହାର ଅର୍ଥ ହେଉଛି ତୁମେ ତୁମ ଅନ୍ତରସ୍ଥ ଶତ୍ରୁରହିଁ ପକ୍ଷ ଗ୍ରହଣ କରୁଛ ଏବଂ ପ୍ରତ୍ୟେକ ଥର ଯେତେବେଳେ ଏହା ଘଟେ, ଶତ୍ରୁର ଶକ୍ତିବୃଦ୍ଧି ହୁଏ ଏବଂ ଶୁଦ୍ଧି ସ୍ଖଳିତ ହୁଏ ।

ଏହି ପାଠଟି ଶିକ୍ଷା କରିବା ଖୁବ୍ କଷ୍ଟସାଧ କିନ୍ତୁ ପ୍ରତ୍ୟେକ ଯୋଗୀକୁ ଏହା ଆୟତ୍ତ କରିବାକୁ ହେବ, ପୁଙ୍ଖାନୁପୁଙ୍ଖ ଭାବରେ ଶିକ୍ଷା କରିବାକୁ ହେବ ।

ଏପରିକି ଏହାର ନୀତି ବା ତତ୍ତ୍ୱଟିକୁ ମଧ୍ୟ ଯଥେଷ୍ଟ ଭଲ ଭାବରେ ଜାଣିବା ଖୁବ୍ କଠିନ, ପ୍ରକୃତରେ ଅତ୍ୟନ୍ତ କଠିନ, ଏ କ୍ଷେତ୍ରରେ ନିମ୍ନ ପ୍ରକୃତିକୁ ଆୟତ୍ତ କରିବା ଆହୁରି ଶହେ ଗୁଣ ଅଧିକତର କଠିନ ।

ତୁମର ଶତ୍ରୁ 'ବାସନା-କାମନା' ସଙ୍ଗେ କେବେହେଲେ ମିଳିମିଶି ଏକତ୍ର ସହଯୋଗ କର ନାହିଁ !

ଶୁଦ୍ଧିର କ୍ରିୟାରେ କେବଳ ତୁମର ଗୁରୁଙ୍କ ସହିତ ପୂର୍ଣ୍ଣ ଓ ସଚେତନ ଭାବରେ ସହଯୋଗ କର ।

ଆମ ଯୋଗର ଏହାହିଁ ହେଉଛି ଅସଲ ଚାବିକାଠି ଓ ମୂଳମନ୍ତ୍ର ।

ଯୋଗରେ ଶୁଦ୍ଧି ହେଉଛି ସବୁଠୁ କଷ୍ଟସାଧ ଅଂଶ; ବାକି ସବୁଥିରେ ସାଫଲ୍ୟ ପାଇଁ ଏହାହିଁ ହେଉଛି ସର୍ତ୍ତ ।

ଯଦି ଥରେ ଏ କ୍ଷେତ୍ରରେ ବିଜୟ ହାସଲ କରାଯାଏ, ତେବେ ଯଥାର୍ଥ ବିଜୟ ସମ୍ପନ୍ନ ହେଲା ବୋଲି ଜାଣିବ । ତେଣିକି ଏକ ନିର୍ଭରଯୋଗ୍ୟ ନିଶ୍ଚିତତାର ଭିତ୍ତି ଉପରେ ଯାହାକିଛି ଗଢ଼ି ତୋଳିବା ଅପେକ୍ଷାକୃତ ସହଜ ହୋଇଯାଏ, ସେଥିପାଇଁ ଦୀର୍ଘ ସମୟ ବା ଅଳ୍ প সময় লাগিপারে କିନ୍ତୁ ଧୀର ସ୍ଥିର ଓ ଶାନ୍ତ

ଭାବରେ ଦୃଢ଼ ଓ ନିଶ୍ଚିତ ପଦକ୍ଷେପ ନେଇ ଏହା ସମ୍ପନ୍ନ କରାଯାଇପାରେ ।

ଶୁଦ୍ଧିର କାମରେ ବାଧା ଦେବା ପାଇଁ ତୁମ ଭିତରେ ଓ ତୁମ ଚତୁଃପାର୍ଶ୍ୱରେ ରହିଥିବା ନିମ୍ନପ୍ରକୃତି ତା'ର ସମସ୍ତ ଉଦ୍ୟମ ଖଟାଇବ ଓ ତା'ର ସମସ୍ତ ଶକ୍ତି ବ୍ୟୟ କରିବ ଏବଂ ଏପରିକି ଯେତେବେଳେ ଏହା ବାଧା ଦେଇପାରିବ ନାହିଁ ସେତେବେଳେ ଏହା ତୁମର ଗତିକୁ ମନ୍ଥର କରିବା ପାଇଁ, ତୁମର ସାଫଲ୍ୟକୁ ବିଳମ୍ବିତ କରିବା ପାଇଁ ଚେଷ୍ଟା କରିବ ।

ସେତେବେଳେ ଏହାର ସବୁଠୁ ଶକ୍ତିଶାଳୀ ଅସ୍ତ୍ର ହେଉଛି ଯେତେବେଳେ ତୁମେ ମନେ କରିବ ଯେ ତୁମେ ଏ ଦିଗରେ କୃତକାର୍ଯ୍ୟ ହୋଇଛ, ସେତେବେଳେ ହଠାତ୍ ଏହା ତୁମ ଉପରେ ଝାମ୍ପି ପଡ଼ିବ ଏବଂ ତୁମକୁ ବୁଝାଇ ତୁମର ହୃଦ୍‌ବୋଧ କରାଇଦେବ ଯେ ତୁମେ ପ୍ରକୃତରେ ସଫଳ ହୋଇ ନାହଁ, ଏହା ଏପର୍ଯ୍ୟନ୍ତ ତୁମଠାରୁ ବହୁ ଦୂରରେ ଅପହଞ୍ଚ ହୋଇ ରହିଛି ଏବଂ ଏହି ଭାବରେ ଏହା ତୁମ ଭିତରେ ଆଣିଦେବ ହତାଶ, ଦୁଃଖ, ଅବିଶ୍ୱାସ, ହତୋତ୍ସାହ, ବିଷାଦ ଓ ବିଦ୍ରୋହ — ବାଧାବିଘ୍ନର ଏହି ପୂରା ସୈନ୍ୟବାହିନୀ ଯେଉଁମାନେ ଅଶୁଦ୍ଧ କାମନାବାସନାର ଆଜ୍ଞା ଓ ନିର୍ଦ୍ଦେଶକୁ ଅପେକ୍ଷା କରିଥାଆନ୍ତି, ସେମାନଙ୍କ ଉନ୍ମତ୍ତ ଆକ୍ରମଣ ଆରମ୍ଭ ହୋଇଯିବ ।

ଯଦି ତୁମେ ଥରେ ନୀରବ, ନିଶ୍ଚଳତା, ମନର ପ୍ରଶାନ୍ତି, ଦୃଢ଼ ବିଶ୍ୱାସ, ସମତାର ଅନୁଭୂତି ପାଇଛ ଓ କିଛିକାଳ ପାଇଁ ସେହି ଅନୁଭୂତିରେ ବାସ କରିବାକୁ ସମର୍ଥ ହୋଇଛ, ତା'ହେଲେ କେବଳ ତୁମେ ନିଶ୍ଚିତ ହୋଇପାରିବ ଯେ ଶୁଦ୍ଧିର ଭିତ୍ତି ପ୍ରସ୍ତୁତ ହୋଇଛି । କିନ୍ତୁ ତଥାପି ତୁମେ ଭାବିବ ନାହିଁ ଯେ ତାହା ବରାବର ସେହିପରି ଅକ୍ଷୁଣ୍ଣ ରହିବ, ତହିଁରେ କିଛି ଗୋଳମାଳ ଦେଖା ଦେବ ନାହିଁ । ଯେପର୍ଯ୍ୟନ୍ତ ତୁମ ହୃଦୟ ଓ ପ୍ରାଣରେ ପୁରୁଣା ଗତିବୃତ୍ତିସବୁକୁ ସମ୍ମତି ଓ ଉତ୍ତର ଦେବାର କ୍ଷମତା ରହିଥିବ, ସେହିସବୁ ପୁରୁଣା ତାରର କମ୍ପନରେ ସ୍ପନ୍ଦିତ ହେବାର କୌଣସି ସ୍ମୃତି ବା ଅଭ୍ୟାସ ଥିବ, ସେପର୍ଯ୍ୟନ୍ତ ସେହିସବୁ ଗୋଳମାଳର ବିପଦ ବରାବର ରହିଥିବ ।

ଯେଉଁ ଗୋଟିଏ ଜିନିଷ ଆବଶ୍ୟକ ତା' ହେଉଛି, ଯେତେବେଳେ ସେହିସବୁ ପୁରୁଣା ଗୋଳମାଳ ନୂଆ ରୂପ ନେଇ ଫେରିଆସେ ସେତେବେଳେ ତୁମ ମନ ଓ ପ୍ରାଣରେ ସେସବୁଥିରୁ ଅଲଗା ହୋଇ, ପଛକୁ ହଟି ଛିଡ଼ା ହେବ । ଯେତେବେଳେ ନିମ୍ନତର ସତ୍ତାରେ ସେହି ଗତିବୃତ୍ତିଗୁଡ଼ିକ ନାନା ବିକ୍ଷୋଭ ଓ ଆଲୋଡ଼ନ ସୃଷ୍ଟି କରୁଥିବେ, ସେସବୁ ପ୍ରତି ତୁମ ଉଚ୍ଚତର ସତ୍ତାର କୌଣସି ସମ୍ମତି ଦେବାକୁ ଅସ୍ୱୀକାର କରିବ ।

ଅସ୍ୱୀକାର ବା ପ୍ରତ୍ୟାଖ୍ୟାନର ଏହି ଅଭ୍ୟାସ ଯେତେବେଳେ ନିଜକୁ ସମର୍ଥଭାବେ ଜାହିର କରିବ — ପ୍ରଥମେ ହୁଏତ ଏହା ସଫଳତାର ସହିତ କରାଯାଇ ପାରିବ ନାହିଁ, ସେହି ବିକ୍ଷୋଭ ଓ ଝଡ଼ ଝଞ୍ଜାରେ ବୁଦ୍ଧି ହୁଏତ ସାମୟିକ ଭାବେ ବାଟବଣା ହୋଇ ଯାଇପାରେ — କ୍ରମଶଃ ଦେଖାଯିବ ଯେ ଅଶୁଦ୍ଧି ଯଦିଓ ପୁଣି ଫେରି ଆସୁଛି ତଥାପି ଏହାର ତୀବ୍ରତା ଓ ପ୍ରବଳତା ଅନେକ କମି ଯାଉଛି ଓ ଅଧିକରୁ ଅଧିକ ଏହା ଏକ ବାହାରର ଜିନିଷ ହୋଇଯାଉଛି, ବାହାରୁ ଆସୁଥିବା ଏକ କ୍ଷଣସ୍ଥାୟୀ ନିସ୍ତେଜ ସ୍ପର୍ଶ ଛଡ଼ା ଅଧିକ କିଛି ହୋଇ ରହୁ ନାହିଁ ଏବଂ ଶେଷରେ ଏହା ଆଦୌ ଆସିବ ନାହିଁ ।

ଏହି ଭାବରେହିଁ ଅଗ୍ରଣୀ ପଥପ୍ରଦର୍ଶକମାନେ ନିମ୍ନ ପ୍ରକୃତିର ଅରଣ୍ୟ ଭିତରେ ଜଙ୍ଗଲ କାଟି ନିଜର ମାର୍ଗ ରଚନା କରି ଯାଇଛନ୍ତି ।

ଏହି ଭାବରେହିଁ ସେମାନେ ନିଜକୁ ପ୍ରସ୍ତୁତ କରିବେ ଯେଉଁମାନେ ଗୁରୁଙ୍କର ଆଧ୍ୟାତ୍ମିକ ଭାର ଲାଘବ କରିବାକୁ ସାହସର ସହିତ ଆଗେଇ ଆସନ୍ତି ଓ ସେହି ମାର୍ଗରେ ଅନ୍ୟମାନଙ୍କୁ ନେତୃତ୍ୱ ଓ ସହାୟତା ଦେଇ ଆଗେଇ ନେବା ପାଇଁ କିଛିଟା ବଛା ହୋଇଛନ୍ତି ।

ସେମାନେ ଯେପରି ସେହି ଭାର ଗ୍ରହଣ କରିବା ପାଇଁ କୌଣସି ଭୀରୁତା ବା କୁଣ୍ଠା ପ୍ରଦର୍ଶନ କରି ପଛଘୁଞ୍ଚା ନ ଦିଅନ୍ତି ଏବଂ ସେମାନଙ୍କ ପାଇଁ ସବୁକିଛି ଶୀଘ୍ର ଓ ସହଜ କରିଦେବା ପାଇଁ ଦାବି କରି ନ ବସନ୍ତି ।

ଦିବ୍ୟଗୁରୁ ଚାହାନ୍ତି ସମର୍ଥ ମଣିଷ, ଭାବାବେଗପୂର୍ଣ୍ଣ ଅପରିଣତ ଶିଶୁମାନଙ୍କୁ ନୁହେଁ ।

ଦିବ୍ୟଗୁରୁ ଦାବି କରନ୍ତି ସହ୍ୟ କରିବାର ଶକ୍ତି, ଦୃଢ଼ତା, ବୀରତ୍ୱ — ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ;— ସେ ଦାବି କରନ୍ତି ମନୁଷ୍ୟତ୍ୱ ଓ ତତ୍ପରେ ଦେବଭାବାପନ୍ନ ମନୁଷ୍ୟତ୍ୱ ।

(SABCL, Vol. 17, pp. 154 - 56) ✤

ଚେତନାର ପରିବର୍ତ୍ତନ ଓ ନବଜନ୍ମ

ଶ୍ରୀମା

ଏକମାତ୍ର ଯେଉଁ ଜିନିଷ ଯଥାର୍ଥରେ ଫଳପ୍ରଦ ତାହା ହେଉଛି ଚେତନାର ପରିବର୍ତ୍ତନ । ଅତିମାନସ ଶକ୍ତିର ସ୍ପନ୍ଦନ ସଙ୍ଗେ ଏକ ଅନ୍ତରଙ୍ଗ, ନିରନ୍ତର ତଥା ଅଖଣ୍ଡ ଓ ଅନିବାର୍ଯ୍ୟ ସଂଯୋଗ ଓ ଐକ୍ୟର ମାଧ୍ୟମରେ ଯେଉଁ ଆନ୍ତର ମୁକ୍ତି ଆସିଥାଏ, ଏହା ହେଉଛି ସେହି ପରିବର୍ତ୍ତନ । ଅତିମାନସ ଶକ୍ତିସମୂହ ସଙ୍ଗେ, ଭଗବତ୍ ଶକ୍ତିସମୂହ ସଙ୍ଗେ ଏହି ସଂଯୋଗ ଓ ଐକ୍ୟ ହେଉ ଆମ ପ୍ରତ୍ୟେକଟି ମୁହୂର୍ତ୍ତର ଅଭିନିବେଶ, ଏହାହିଁ ହେଉ ଆମ ସତ୍ତାର ସମଗ୍ର ଉପାଦାନର ସଂକଳ୍ପ, ଶରୀରର ସମସ୍ତ ଦେହକୋଷକୁ ନେଇ ଏହାହିଁ ହେଉ ଆମ ସମଗ୍ର ସତ୍ତାର ଅଭୀପ୍ସା । ଏହାର ପରିଣତି ବା ଫଳାଫଳ କ'ଣ ହେବ ସେ ନେଇ ପୂର୍ବରୁ ଭାବନା କରିବାର ଆଦୌ କୌଣସି ଆବଶ୍ୟକତା ଆଉ ନାହିଁ । ବିଶ୍ୱଶକ୍ତିର ଲୀଳା ଓ ଅଭିବ୍ୟକ୍ତି ଭିତରେ ଯାହା ହେବାର ଅଛି ତାହାହିଁ ହେବ, ଏବଂ ତାହା ହେବ ଖୁବ୍ ସ୍ୱାଭାବିକ ଭାବରେ, ସ୍ୱତଃସ୍ଫୂର୍ତ୍ତ ଭାବରେ, ସ୍ୱୟଂଚାଳିତ ଭାବରେ, ଆପେ ଆପେ; ସେ ସମ୍ପର୍କରେ ପୂର୍ବରୁ ଆଦୌ କୌଣସି ଭାବନାର କିଛି ବି ପ୍ରୟୋଜନ ନାହିଁ । ଯେଉଁ ଗୋଟିଏ କଥା ଜରୁରୀ ତାହା ହେଉଛି ସେହି ଦିବ୍ୟ ଶକ୍ତି ସହ, ସେହି ଦିବ୍ୟ-ଆଲୋକ, ସେହି ଦିବ୍ୟ ସତ୍ୟ, ସେହି ଦିବ୍ୟ ସାମର୍ଥ୍ୟ ସହିତ ଓ ଅତିମାନସ ଚେତନାର ସେହି ଅନିର୍ବଚନୀୟ ଆନନ୍ଦ ସହିତ ନିରନ୍ତର, ସାମଗ୍ରିକ ଓ ସମ୍ପୂର୍ଣ୍ଣ ସଂଯୋଗ — ନିରନ୍ତର, ହଁ, ନିରନ୍ତର ସଂଯୋଗ ।

ଏହାହିଁ ହେଉଛି ଆନ୍ତରିକତା । ବାକି ସବୁକିଛି ହେଉଛି ଅନୁକରଣ, ଏହା ହେଉଛି ପ୍ରାୟ ନିଜ ପାଇଁ ନିଜର ଏକ ଭୂମିକାରେ ଅବତୀର୍ଣ୍ଣ ହେବା ।

ସମ୍ପୂର୍ଣ୍ଣ ବିଶୁଦ୍ଧି ହେଉଛି ନିଜେ *ହୋଇ ଉଠିବା*; ଏକ ଆତ୍ମ-ପୂର୍ଣ୍ଣତାର ଅଭିବ୍ୟକ୍ତି ଭିତରେ ଚିରତର ଭାବରେ ଅଧିକରୁ ଅଧିକ ହୋଇ ଉଠିବା । ଜଣେ *ହୋଇ ଯାଇଛି* ବୋଲି ଛଳନା କଲେ ଚଳିବ ନାହିଁ : ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମକୁ ତାହା *ହୋଇ ଉଠିବାକୁ* ହେବ ।

ଏହାହିଁ ହେଉଛି ଆନ୍ତରିକତା ।

*

ଆମ ପାଇଁ ନବଜନ୍ମର ଅର୍ଥ ହେଉଛି ଆମ ଭିତରୁ ପୁରୁଣା ଚେତନା ଖସିପଡ଼ିବା । କିନ୍ତୁ ଏହା କେବଳ ଏପରି ଏକ ନବଜନ୍ମ ନୁହେଁ ଯେଉଁଥିରେ ତୁମେ ହଠାତ୍ ଗୋଟିଏ ମୁହୂର୍ତ୍ତରେ ତୁମର ସବୁତକ ଅତୀତ ସହିତ ସଂପର୍କ ଛିନ୍ନ କରି ଦେବ । ତୁମର ପୁରାତନ ବ୍ୟକ୍ତିତ୍ୱ, ତୁମର ବାହ୍ୟ ନିମ୍ନ ପ୍ରକୃତିର ମୃତ୍ୟୁ ଏବଂ ନୂଆ କରି ଏକ ଜୀବନ ଆରମ୍ଭ କରିବା ଭିତରେ ଏକ ପ୍ରକାର କ୍ରମାଗତତା ରହିଥାଏ । ନବଜନ୍ମର ଅନୁଭୂତି ଭିତରେ, ପୁରୁଣା ସତ୍ତାର ପ୍ରତ୍ୟାଖ୍ୟାନର ଗତିବୃତ୍ତି ସହିତ ଓତପ୍ରୋତ ଭାବେ ଜଡ଼ିତ ରହିଥାଏ ତହିଁରୁ ଉଠି ଆସିଥିବା ନୂଆ ଚେତନାର ଓ ନୂଆ ଶକ୍ତିର ଗତିବୃତ୍ତିଗୁଡ଼ିକ । ଯାହା ଫଳରେ ଚେତନାରୁ ଯେଉଁ ଜିନିଷଗୁଡ଼ିକ ଫୋପାଡ଼ି ଦିଅ, ତାହା ଭିତରୁ ଯାହାସବୁ ଉତ୍ତମ ଜିନିଷ ଥିବ ତାହା ପୁଣି ଏକ ନୂତନ ସୃଷ୍ଟିରେ ନୂଆ ଚେତନା ସହ ଯୁକ୍ତ ହେବା ପାଇଁ ସମ୍ଭବପର ହୋଇପାରେ । ନବଜନ୍ମର ପ୍ରକୃତ ତାତ୍ପର୍ଯ୍ୟ ହେଲା ଯେଉଁ ଅବଚେତନାର ଗର୍ଭ ଭିତରକୁ ଦିବ୍ୟ ଚେତନା ପ୍ରବେଶ କରି ତହିଁରେ ନିଜକୁ ହଜାଇ ଦେଇଥିଲା, ସେହି ଅବଚେତନା ଭିତରେ ପୁଣି ଥରେ ସେହି ଦିବ୍ୟ-ଭଗବତ୍ ଚେତନାର ନବ ଜାଗରଣ ।

ମୃତ୍ୟୁ, ଅନ୍ଧକାର ଓ ଅଜ୍ଞାନର ସେହି ନିଶ୍ଚେତନାର ରାଜ୍ୟ ଭିତରକୁ ଅବତରଣ କରିବା ସତ୍ତ୍ୱେ ଦିବ୍ୟ ଭଗବତ୍ ଚେତନା ପୁଣିଥରେ ନିଜର ସ୍ୱରୂପ ସଂପର୍କରେ ସଚେତ ଓ ଜାଗ୍ରତ୍ ହୋଇଉଠେ । ଅଜ୍ଞାନର ସେହି ଜଗତ୍ ଆମେ ଦେଖୁଥିବା ଏହି ସ୍ଥୂଳ ଜଗତର ରାତ୍ରିଠାରୁ ମଧ୍ୟ ଆହୁରି ଅନ୍ଧକାରମୟ । ଯଦି ଏହା ଭିତରେ ପ୍ରବେଶ କରି ତୁମେ ଏଥିରୁ ବାହାରି ଆସିବ, ସେତେବେଳେ ତୁମକୁ ସବୁଠୁ ନିବିଡ଼ ତମସାଚ୍ଛନ୍ନ ରାତ୍ରିର ଅନ୍ଧକାର ମଧ୍ୟ ବେଶ୍ ପରିଷ୍କାର ଦେଖାଯିବ, ଠିକ୍ ଯେମିତି ଭଗବତ୍ ଚେତନାର ଦିବ୍ୟ-ଆଲୋକ, ତମସାହୀନ ଅତିମାନସ ଆଲୋକର ଦିବ୍ୟ-ଦର୍ଶନ ପାଇଲାପରେ ସେହି ଆଲୋକ ତୁଳନାରେ ଆମ ସ୍ଥୂଳ ଜଗତର ଏହି ସୂର୍ଯ୍ୟ ମନେହେବ ଅନ୍ଧକାରମୟ, ଅତ୍ୟନ୍ତ କଳା । ତଥାପି ସେହି ଚରମ ଅନ୍ଧକାରର ଗଭୀରତାରେ, ଗୋପନରେ ଲୁଚ୍କାୟିତ ହୋଇ ରହିଛି ସେହି ଦିବ୍ୟ-ଆଲୋକ । ସେହି ଦିବ୍ୟ-ଆଲୋକ ଓ ସେହି ଦିବ୍ୟଚେତନା ତୁମ ଭିତରେ ଜାଗରିତ ହେଉ, ତୁମ ଭିତରେ ସଂପନ୍ନ ହେଉ ସେହି ମହାନ୍ ନବଜନ୍ମ ।

(MCW, Vol. 2, pp. 118 - 119) ✣

ପ୍ରାଚୀନ ଭାରତର ଶାସ୍ତ୍ର

ଶ୍ରୀଅରବିନ୍ଦ

କେବଳ ଭଗବାନଙ୍କୁ ଉପଲବ୍ଧି କରିବା ପ୍ରାଚୀନ କାଳରେ ଋଷିଗଣଙ୍କର ଲକ୍ଷ୍ୟ ନ ଥିଲା, ତହିଁ ସଙ୍ଗେ ସଙ୍ଗେ ସେମାନେ ଚେଷ୍ଟା କରୁଥିଲେ ଏହି ସଂସାର ଓ ଜୀବନର ଯଥାର୍ଥ ସ୍ୱରୂପକୁ ଜାଣିବା ପାଇଁ ଏବଂ ଜ୍ଞାନ ବଳରେ ତାକୁ ଆୟତ୍ତକୁ ଆଣି ଏପରି ରୂପ ଦେବା ପାଇଁ ଯାହାକୁ ମଣିଷ ତା'ର ବିଚାର ଓ ସଂକଳ୍ପ ବଳରେ ବ୍ୟବହାର କରିପାରିବ ଏକ ନିଶ୍ଚିତ ଧାରାରେ, ଏକ ସୁନ୍ଦର ପନ୍ଥା ଓ ଶୃଙ୍ଖଳାର ନିରାପଦ ଭିତ୍ତି ଉପରେ । ଏହି ଅଧ୍ୟବସାୟର ଚରମ ପରିଣତି ହେଲା ଶାସ୍ତ୍ର । ଆମେ ଯେତେବେଳେ ଆଜିକାଲି ଶାସ୍ତ୍ର କଥା କହୁ, ଅନେକ ସମୟରେ ଆମେ ଏକଥା କହୁ ଯେ ସେଗୁଡ଼ିକ ଧର୍ମ ଓ ସମାଜ ସମ୍ବନ୍ଧୀୟ ବିଧି ବ୍ୟବସ୍ଥା ଏବଂ ମନୁ, ପରାଶର ପ୍ରଭୃତି ପ୍ରାଚୀନ ବୈଦିକ ଋଷିଗଣ ପ୍ରଣୟନ କରିଥିବାରୁ ସେଗୁଡ଼ିକ ଅତି ପବିତ୍ର ।

କିନ୍ତୁ ପ୍ରାଚୀନ ଭାରତରେ ଶାସ୍ତ୍ର କହିଲେ ଯେକୌଣସି ସୁବ୍ୟବସ୍ଥିତ ଶିକ୍ଷା ଓ ବିଜ୍ଞାନକୁ ବୁଝାଉଥିଲା । ଜୀବନର ପ୍ରତ୍ୟେକ ବିଭାବ, କର୍ମର ପ୍ରତ୍ୟେକ ଧାରା, ଜ୍ଞାନର ପ୍ରତ୍ୟେକ ବିଷୟ ନିଜ ନିଜର ଶାସ୍ତ୍ର ଓ ବିଜ୍ଞାନ ଉପରେ ପ୍ରତିଷ୍ଠିତ ଥିଲା । ପୁଙ୍ଖାନୁପୁଙ୍ଖ ଅନୁଧାନ, ଯଥାଯୁକ୍ତ ସାଧାରଣ ସିଦ୍ଧାନ୍ତ, ପୂର୍ଣ୍ଣ ଅନୁଭୂତି, ବୋଧ, ଯୁକ୍ତିସଙ୍ଗତ ଓ ପରୀକ୍ଷାମୂଳକ ବିଶ୍ଳେଷଣ ଓ ସମନ୍ୱୟକୁ ଭିତ୍ତି କରି ପ୍ରତ୍ୟେକ ବିଷୟବସ୍ତୁକୁ ଏପରିଭାବେ ଆୟତ୍ତ କରାହୋଇ ଥିଲା ଏବଂ ତାତ୍ତ୍ୱିକ ଓ ବ୍ୟାବହାରିକ ଶୃଙ୍ଖଳାରେ ରଖିବାକୁ ଉଦ୍ୟମ କରାଯାଇ ଥିଲା ଯାହାଫଳରେ ମଣିଷ ତା'ର ଜୀବନ ପାଇଁ କେଉଁ ବସ୍ତୁ କିପରି ଫଳପ୍ରସୂ ତାହା ଚିହ୍ନିପାରି ଯଥାର୍ଥ ଜ୍ଞାନର ନିରାପଦ ଭିତ୍ତି ଉପରେ କାମ କରିଯିବାକୁ ସମର୍ଥ ହୋଇ ପାରିଥିଲା । ଛୋଟ ବଡ଼ ସବୁ ବିଷୟକୁ ସମାନ ଯତ୍ନ ଓ ମନୋଯୋଗ ସହକାରେ ପରୀକ୍ଷା କରା ହେଉଥିଲା ଏବଂ ପ୍ରତ୍ୟେକଟି ବିଷୟର ଶିଳ୍ପଶାସ୍ତ୍ର ଓ ବିଜ୍ଞାନ ତିଆରି କରାହୋଇ ଥିଲା ।

ଉଚ୍ଚତମ ଆଧ୍ୟାତ୍ମିକ ଜ୍ଞାନର କଥାକୁ ଯେତେବେଳେ ଉପନିଷଦ୍ ପରି ଏକ ପୁଞ୍ଜୀଭୂତ ବୋଧଦୀପ୍ତ ଅନୁଭୂତି ଓ ଦିବ୍ୟଜ୍ଞାନର ଭାଷାରେ ବ୍ୟକ୍ତ କରା ନ ହୋଇ ବୌଦ୍ଧିକ ଉପଲବ୍ଧିର ଏକ ପଦ୍ଧତି ଓ ଶୃଙ୍ଖଳା ଭିତରେ ବ୍ୟକ୍ତ କରାଯାଇଛି ସେତେବେଳେ ତାହା ଶାସ୍ତ୍ରର ରୂପ ନେଇଛି ଏବଂ ସେହି ମର୍ମରେ ଗୀତା ତା'ର ଅଧ୍ୟାତ୍ମ ଶିକ୍ଷାକୁ ଗୁହ୍ୟତମ ବିଜ୍ଞାନ ବା ଗୁହ୍ୟତମ ଶାସ୍ତ୍ର ନାମରେ ଅଭିହିତ କରିବାକୁ ସମର୍ଥ ହୋଇଛି । ଭାରତର ପ୍ରାଚୀନ ସଂସ୍କୃତି ତା'ର ସକଳ କ୍ରିୟାଧାରା ଭିତରେ ଏହି ଉଚ୍ଚ ବିଜ୍ଞାନ ସମ୍ମତ ଓ ଦାର୍ଶନିକ ଭାବକୁ ଅକ୍ଷୁଣ୍ଣ ରଖିଥିଲା । ପ୍ରସ୍ତୁତିମୂଳକ ସାଧନାର ବାହ୍ୟରୂପ, ଏହାକୁ ସମର୍ଥନ କରୁଥିବା ଦର୍ଶନ, ତା'ର ଆନ୍ତର ସାଧନା କିଂବା ଯୋଗର ପଦ୍ଧତି କିଂବା ଆଧ୍ୟାତ୍ମିକ ଜୀବନଧାରାର ପ୍ରଣାଳୀ — ଏସବୁ ନ ଥିଲେ ଭାରତର କୌଣସି ଧର୍ମ ପରିପୂର୍ଣ୍ଣ ବୋଲି ଗୃହୀତ ହେଉ ନ ଥିଲା । ଏପରିକି ପ୍ରଥମ ଦୃଷ୍ଟିରେ ଯାହା ଅଯୌକ୍ତିକ ମନେ ହୁଏ ତହିଁରୁ ମଧ୍ୟ ଅଧିକାଂଶ ଭିତରେ ଏକ ଦାର୍ଶନିକ ଦୃଷ୍ଟିକୋଣ ଓ ତାତ୍ପର୍ଯ୍ୟ ରହିଥିଲା ।

ଏହି ପୂର୍ଣ୍ଣ ଉପଲବ୍ଧି ଓ ଦାର୍ଶନିକ ବୈଶିଷ୍ଟ୍ୟହିଁ ଭାରତ ବର୍ଷରେ ସକଳ ଧର୍ମକୁ ଏପରି ଜୀବନୀ ଶକ୍ତି ଦେଇଛି ଓ ବେଶ୍ ନିରାପଦରେ ବାନ୍ଧି ରଖିଛି ସ୍ଥାୟୀ ଭାବରେ, ଏବଂ ଆଧୁନିକ ଯୁଗର ସଂଶୟବାଦୀ ଅନୁସନ୍ଧାନର ଆମ୍ଦ୍ରାବକ ଶକ୍ତିକୁ ପ୍ରତିରୋଧ କରିବା ପାଇଁ ସମର୍ଥ କରି ଦେଇଛି । ଅନୁଭୂତି ଓ ବିଚାର ଭିତରେ ଯାହାକିଛି ଦୋଷତ୍ରୁଟି, ସେସବୁକୁ ଏହି ଶକ୍ତି ତରଳାଇ ଦେଇପାରେ, ମାତ୍ର ଏହି ମହାନ୍ ଆର୍ଯ୍ୟ ଶିକ୍ଷାଦୀକ୍ଷାର ହୃତ୍‌ପିଣ୍ଡ ଓ ମନକୁ ତରଳାଇ ପାରିବ ନାହିଁ । କିନ୍ତୁ ଆମକୁ ଯାହା ନିରୀକ୍ଷଣ କରିବାକୁ ପଡ଼ିବ ତାହା ହେଉଛି ଏହା ଯେ ଯେତେବେଳେ ଭାରତୀୟ ସଂସ୍କୃତି ଉଚ୍ଚ ଓ ନୀଚ ଜ୍ଞାନ ଭିତରେ କିଂବା ବସ୍ତୁ ବିଷୟକ ଜ୍ଞାନ ଓ ଆତ୍ମଜ୍ଞାନ ଭିତରେ ପାର୍ଥକ୍ୟକୁ ଉପଲବ୍ଧି କରିଥିଲା, ସେତେବେଳେ ମଧ୍ୟ ଅନ୍ୟ କେତେକ ଧର୍ମ ପରି ଏହା ସେମାନଙ୍କ ଭିତରେ ବ୍ୟବଧାନ ସୃଷ୍ଟି କରି ନ ଥିଲା, ତା'ର ବିବେଚନାରେ ପାର୍ଥିବ ବସ୍ତୁଜ୍ଞାନ ଥିଲା ଏକ ପ୍ରସ୍ତୁତି ଯାହା ମଣିଷକୁ ଉଠାଇ ନେଇଯାଏ ଆତ୍ମଜ୍ଞାନ ଓ ଭଗବାନଙ୍କ ଅଭିମୁଖେ ।

ସକଳ ଶାସ୍ତ୍ର ଋଷିମାନଙ୍କ ନାମରେ ଅନୁମୋଦନ ପାଇଥିଲେ । ସେଇ ଋଷିମାନେ ଆଚାର୍ଯ୍ୟ ନାମରେ ପରିଚିତ ଥିଲେ, କେବଳ ଅଧ୍ୟାତ୍ମ ସତ୍ୟ ଓ ଦର୍ଶନର ଆଚାର୍ଯ୍ୟ ନୁହେଁ —

ଏଇଠି ଆମେ ଲକ୍ଷ୍ୟ କରିପାରୁ ଯେ ସକଳ ଭାରତୀୟ ଦର୍ଶନର, ନ୍ୟାୟ ବା ତର୍କ ଶାସ୍ତ୍ରର, ବୈଶେଷିକ ଦର୍ଶନର, ପରମାଣୁ ତତ୍ତ୍ୱର ସର୍ବୋଚ୍ଚ ପରମ ସୁର ଓ ଚରମ ଲକ୍ଷ୍ୟ ଥିଲା ଅଧ୍ୟାତ୍ମଜ୍ଞାନ ଓ ମୁକ୍ତି – ସେମାନେ ମଧ୍ୟ ଶିଳ୍ପକଳା, ସାମାଜିକ, ରାଜନୈତିକ ଏବଂ ସାମରିକ, ଭୌତିକ, ନୈତିକ ଆଦି ସକଳ ବିଜ୍ଞାନର ଶିକ୍ଷାଦାତା ଥିଲେ । ଏବଂ ପ୍ରତ୍ୟେକ ଶିକ୍ଷକ ତା'ର ଯୋଗ୍ୟତା ଅନୁଯାୟୀ ଏକ ଗୁରୁ କିଂବା ଆଚାର୍ଯ୍ୟ ରୂପରେ ମାନବାତ୍ମାର ଏକ ପଥପ୍ରଦର୍ଶକ କିଂବା ଉପଦେଷ୍ଟା ରୂପେ ସମ୍ମାନ ଲାଭ କରୁଥିଲେ । ସମସ୍ତ ଜ୍ଞାନ ଗୁଚ୍ଛା ହୋଇ ଗୋଟିଏ ପରାଜ୍ଞାନରେ ପରିଣତ ହୋଇଥିଲା ଏବଂ କ୍ରମଶଃ ତାହା ଊର୍ଦ୍ଧ୍ୱଗାମୀ ହୋଇ ଚାଲିଥିଲା ଏକ ପରମ ଜ୍ଞାନ ଆଡ଼କୁ ।

*

ପ୍ରାଚୀନ ମନର ପ୍ରସାରତା ନେଇ ଭାରତୀୟ ନୀତି-ଶାସ୍ତ୍ରର ପଦ୍ଧତି ଥିଲା ଖୁବ୍ ଉଦାର । ଯଦିଓ ତା'ର ଥିଲା ତପସ୍ୟାର ବର୍ଦ୍ଧିଷ୍ଣୁଭାବ; ଥିଲା ଏକ ନିର୍ଦ୍ଦିଷ୍ଟ କଠୋରତା, ତଥାପି ମଣିଷର ସୌନ୍ଦର୍ଯ୍ୟବୋଧମୟ ପ୍ରକୃତି ଉପରେ କିଂବା ସୁଖ ଓ ଭୋଗ ବିଳାସୀ ସତ୍ତା ଉପରେ ଏହା କୌଣସି ନିଷେଧାଦେଶ ଜାରି କରି ନ ଥିଲା ବା ପ୍ରବଳଭାବେ ନିରୁତ୍ସାହିତ କରି ନ ଥିଲା । ସକଳ ପ୍ରକାରର ଓ ସକଳ ସ୍ତରର ସୌନ୍ଦର୍ଯ୍ୟବୋଧକୁ ଚରିତାର୍ଥ କରିବା ଥିଲା ଭାରତୀୟ ସଂସ୍କୃତିର ଏକ ବିଶେଷ ଅଙ୍ଗ । କାବ୍ୟ, ନାଟକ, ଗୀତ, ନୃତ୍ୟ, ସଙ୍ଗୀତ, ଛୋଟ ବଡ଼ ଧରଣର ଶିଳ୍ପକଳା – ଏସବୁ ଋଷିମାନଙ୍କର ଅନୁମୋଦନରେ ଆତ୍ମାନୁଶୀଳନର ଯନ୍ତ୍ରରୂପେ ବିବେଚିତ ହେଉଥିଲା ।

*

ଏକ ମହାନ୍ ସଂସ୍କୃତିର ଲକ୍ଷ୍ୟ ହେଲା, ମଣିଷ ଯାହା ନୁହେଁ ତାକୁ ସେଇପରି ଏକ ଊର୍ଦ୍ଧ୍ୱତର ସ୍ତରକୁ ଉନ୍ନୀତ କରିବା; ତାକୁ ଜ୍ଞାନ ଅଭିମୁଖେ ଚାଳିତ କରିବା ଯଦିଓ ତା'ର ଆରମ୍ଭ ଅତଳସ୍ପର୍ଶୀ ଅଜ୍ଞତାରୁ; ତାକୁ ଯୁକ୍ତି ଓ ବିଚାର ସମ୍ମତଭାବେ ଜୀବନ ପଥରେ ଚାଲିବାକୁ ଶିକ୍ଷାଦେବା ଯଦିଓ ସେ ଅତି ବେଶୀ ଅବିଚାର ଓ ଅଯୁକ୍ତି ଭିତରେହିଁ ଚାଲେ; ତାକୁ ଚଳିବାକୁ ଶିକ୍ଷାଦେବା ମଙ୍ଗଳ ଓ ଐକ୍ୟର ବିଧାନ ଅନୁସାରେ ଯଦିଓ ତା'ର ଜୀବନ ବର୍ତ୍ତମାନ ଅମଙ୍ଗଳ ଓ ଅନୈକ୍ୟରେ ଭରା; ସୌନ୍ଦର୍ଯ୍ୟ ଓ ସମନ୍ୱୟର ବିଧାନ ଅନୁସାରେ ତାକୁ ଚଳିବାକୁ ଶିକ୍ଷା ଦେବା ଯଦିଓ ବର୍ତ୍ତମାନ ତା'ର ପ୍ରାକୃତ ଜୀବନ ହେଉଛି ସମନ୍ୱୟ ବିହୀନ ଓ ବର୍ବରତାର ଆବର୍ତ୍ତରେ ପୂର୍ଣ୍ଣ; ଶେଷରେ ତାହାକୁ ଚଳିବାକୁ ଶିକ୍ଷାଦେବା ଆତ୍ମାର ଉଚ୍ଚ ବିଧାନ ଅନୁସାରେ ଯଦିଓ ବର୍ତ୍ତମାନ ସେ ଅହଂ-ଭାବଗ୍ରସ୍ତ, ଜଡ଼ଗ୍ରସ୍ତ, ଆଧ୍ୟାତ୍ମିକତାର କୌଣସି ଚିହ୍ନ ତା'ଠାରେ ନାହିଁ, ଯଦିଓ ଶରୀରମୟ ସତ୍ତାର ଦାବି ତା' ପାଖରେ ଓ ବାସନାରେ ଏହା ନିମଗ୍ନ ।

ଯଦି କୌଣସି ସଭ୍ୟତାରେ ଏଥିରୁ ଗୋଟିଏ ହେଲେ ଲକ୍ଷ୍ୟ ନ ଥାଏ, ତା'ହେଲେ ତାହାକୁ ସଂସ୍କୃତି କୁହାଯିବ ନାହିଁ, ଏବଂ ଏହା ନିଶ୍ଚିତ ଯେ ତାହା କେବେହେଲେ ଏକ ବିଶାଳ ଓ ମହାନ୍ ସଂସ୍କୃତି ନୁହେଁ । କିନ୍ତୁ ଏହିସବୁ ଲକ୍ଷ୍ୟ ଭିତରୁ ଶେଷ ଲକ୍ଷ୍ୟଟିକୁ ପ୍ରାଚୀନ ଭାରତରେ ଶ୍ରେଷ୍ଠ ବୋଲି ଧରା ଯାଇଥିଲା; କାରଣ ଏହାରି ଭିତରେହିଁ ଅନ୍ୟ ସମସ୍ତ ଲକ୍ଷ୍ୟ ଅନ୍ତର୍ଭୁକ୍ତ ଏବଂ ଅନ୍ୟ ସମସ୍ତ ଲକ୍ଷ୍ୟକୁ ଏହି ଲକ୍ଷ୍ୟ ଅତିକ୍ରମ କରିଯାଇଛି । ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଯତ୍ନ କରିବା ଅର୍ଥ ଜାତିର ଜୀବନକୁ ମହତ୍ତର କରି ଗଢ଼ିବା; ଏହାକୁ ନେଇ ଆଦୌ ଚେଷ୍ଟା ନ କରିବା ଅପେକ୍ଷା ବରଂ ଚେଷ୍ଟା କରି ବିଫଳ ହେବାହିଁ ଶ୍ରେୟସ୍କର; ଏବଂ ଏଥିରେ ଆଂଶିକ ସଫଳତା ମଧ୍ୟ ମାନବ ଜୀବନର ଭବିଷ୍ୟତ୍ ସମ୍ଭାବନା ପାଇଁ ଏକ ବିରାଟ ଅବଦାନ ।

(The Foundation of Indian Culture, pp. 166 - 67, 168 - 69, 172 - 73) ✤



ହେ ଭାରତବର୍ଷ, ହେ ଆଲୋକ ଓ ଆଧ୍ୟାତ୍ମିକ ଜ୍ଞାନର ଦେଶ ! ପୃଥିବୀରେ ତୁମର ଯଥାର୍ଥ କର୍ମସାଧନ ନିମନ୍ତେ ଜାଗ୍ରତ୍ ହୁଅ, ପୃଥିବୀକୁ ଏକତା ଏବଂ ସୌଷମ୍ୟର ମାର୍ଗ ପ୍ରଦର୍ଶନ କର ।

(୨୩ ସେପ୍ଟେମ୍ବର, ୧୯୬୭)

ଶ୍ରୀମା।

ଆଧ୍ୟାତ୍ମିକ ସାମର୍ଥ୍ୟ

ଶ୍ରୀମା

ଶିଷ୍ୟ : ମା', ଯାହା ଭିତରେ ବିଶେଷ କିଛି ଆଧ୍ୟାତ୍ମିକ ସାମର୍ଥ୍ୟ ନାହିଁ, ସେପରି ବ୍ୟକ୍ତି ଏହି କାମଟିରେ କିପରି ସର୍ବୋତ୍ତମ ସହଯୋଗ କରିପାରେ ?

ଶ୍ରୀମା : ମୁଁ ଜାଣେନା, କାହା ସଂପର୍କରେ ଏପରି କୁହାଯାଇପାରେ ଯେ ତା'ର ଅଧିକ ବା କମ୍ ଆଧ୍ୟାତ୍ମିକ ସାମର୍ଥ୍ୟ ଅଛି ବୋଲି । କଥାଟି ଏପରି ନୁହେଁ ।

ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ହେଲେ ଆବଶ୍ୟକ ହେଲା ଚେତନାର ଓଲଟିଯିବା । ମାନସିକ କ୍ଷେତ୍ରରେ କାହାର କ'ଣ ସାମର୍ଥ୍ୟ ବା ସମ୍ଭାବନା ଅଛି ତାହା ସହିତ କୌଣସି ଭାବରେ ବି ଏହି ଜିନିଷଟିର ତୁଳନା କରାଯାଇ ପାରିବ ନାହିଁ । କୌଣସି ଲୋକ ସଂପର୍କରେ କୁହାଯାଇପାରେ ଯେ ତା'ର ବିଶେଷ କିଛି ମାନସିକ, ପ୍ରାଣିକ ବା ଦୈହିକ ସାମର୍ଥ୍ୟ ନାହିଁ, ତା'ର ସମ୍ଭାବନା ଖୁବ୍ ସୀମିତ; ଏବଂ ଏପରି କ୍ଷେତ୍ରରେ ପଚରା ଯାଇପାରେ ଏହି ସାମର୍ଥ୍ୟଗୁଡ଼ିକୁ କିପରି ବିକଶିତ କରାଯାଇ ପାରେ, ଅର୍ଥାତ୍ କିପରି ନୂତନ ସାମର୍ଥ୍ୟସବୁ ଅର୍ଜନ କରାଯାଇ ପାରେ, ଯାହାକି ବରଂ କଷ୍ଟସାଧ୍ୟ । କିନ୍ତୁ ଆଧ୍ୟାତ୍ମିକ ଜୀବନ ଯାପନର ଅର୍ଥ ହେଉଛି ନିଜ ଭିତରେ ଅନ୍ୟ ଏକ ଜଗତ୍ ପ୍ରତି ନିଜକୁ ଖୋଲିଦେବା । ଏହା ହେଉଛି ନିଜର ଚେତନାକୁ ପୂରା ଓଲଟାଇ ଦେବା । ସାଧାରଣ ମାନୁଷୀ ଚେତନା, ଏପରିକି ଖୁବ୍ ଉନ୍ନତ ଲୋକମାନଙ୍କ ଭିତରେ, ଏପରିକି ବିରାଟ ପ୍ରତିଭା ଓ ବିପୁଳ ଉପଲବ୍ଧି ଥିବା ଲୋକମାନଙ୍କ ଭିତରେ ମଧ୍ୟ ଚେତନାର ଗତିବୃତ୍ତିଟି ହୋଇଥାଏ ବହିର୍ମୁଖୀ – ସମସ୍ତ ଶକ୍ତି ଚାଳିତ ହୋଇଥାଏ ବାହାର ଆଡ଼କୁ, ସମଗ୍ର ଚେତନା ପ୍ରସାରିତ ହୋଇଥାଏ ବାହାର ଆଡ଼େ, ଏବଂ ଯଦି ବି ତହିଁରୁ କିଛି ଅନ୍ତର୍ମୁଖୀ ହୋଇଥାଏ, ତାହା ହୋଇଥାଏ ଖୁବ୍ ସାମାନ୍ୟ, ଖୁବ୍ ବିରଳ ଖୁବ୍ ଆଂଶିକ ଏବଂ ତାହା ମଧ୍ୟ ବିଶେଷ କୌଣସି ପରିସ୍ଥିତି ବା ଉଗ୍ର କୌଣସି ଆଘାତର ଚାପରେହିଁ ଘଟିଥାଏ । ଜୀବନ ଏହିସବୁ ଆଘାତ ଦେଇଥାଏ ଠିକ୍ ଏହି ଉଦ୍ଦେଶ୍ୟ ରଖି ଯେ ଚେତନାର ବହିର୍ମୁଖୀ ଗତିବୃତ୍ତି ଯେପରି ଟିକେ ଓଲଟିଯାଇ ଅନ୍ତର୍ମୁଖୀ ହେଉ ।

କିନ୍ତୁ ଯେଉଁମାନେ ଆଧ୍ୟାତ୍ମିକ ଜୀବନ ଯାପନ କରିଥାଆନ୍ତି, ସେମାନଙ୍କର ସମସ୍ତଙ୍କର ସେହି ଗୋଟିଏ ସମାନ ଅନୁଭୂତି ହୋଇଥାଏ ଯେ ସେମାନଙ୍କର ସତ୍ତା ଭିତରେ କିଛି ହଠାତ୍ ଓଲଟି ଗଲା, କୁହାଯାଇପାରେ ଅଚାନକ ଭାବରେ କିଛିର ପୂରା ଓଲଟ ପାଲଟ ହୋଇଗଲା; କେତେକ ସମୟରେ ଏହା ପୂରା ଭିତର ଆଡ଼କୁ ଏବଂ ତହିଁ ସଙ୍ଗରେ ମଧ୍ୟ ଉପର ଆଡ଼କୁ, ଭିତରୁ ଉପର ଆଡ଼କୁ ଓଲଟିଗଲା,— କିନ୍ତୁ ଏହା ବାହ୍ୟସ୍ଥ 'ଉପର' ନୁହେଁ, ଏହା ଭିତରର ଗଭୀରରେହିଁ, ସ୍ଥୂଳଭାବରେ ଉଚ୍ଚତା ସଂପର୍କରେ ଆମର ଯାହା ଧାରଣା, ଏହା ତାହାଠାରୁ ଭିନ୍ନ କିଛି । ଆକ୍ଷରିକ ଭାବରେହିଁ କିଛି ଓଲଟି ଯାଏ । ଏକ ନିଷ୍ପତ୍ତିମୂଳକ ଅନୁଭୂତି ଆସିଥାଏ, ଜୀବନ ସଂପର୍କରେ ଦୃଷ୍ଟିକୋଣ, ଜୀବନକୁ ଦେଖିବାର ରୀତି, ଏହା ସଂପର୍କରେ ରହିଥିବା ଆମର ସମସ୍ତ ମନୋଭାବ ହଠାତ୍ ବଦଳିଯାଏ, ଏବଂ କେତେକ କ୍ଷେତ୍ରରେ ପୂରା ନିର୍ଦ୍ଦିଷ୍ଟ ଓ ନିଷ୍ପତ୍ତିମୂଳକ ଭାବରେ, ପୂରା ଅପରିବର୍ତ୍ତନୀୟ ଭାବରେ ବଦଳି ଯାଏ ।

ଏବଂ ଯେତେବେଳେ ଜଣେ ଆଧ୍ୟାତ୍ମିକ ଜୀବନ ଓ ସତ୍ୟ ଦିଗରେ ନିଜର ମୋଡ଼ ଫେରାଏ, ସେ ଦିବ୍ୟ ଅନନ୍ତ ଓ ଶାଶ୍ୱତକୁ ସ୍ପର୍ଶ କରେ ଏବଂ ସେତେବେଳେ ଆଉ ଅଧିକତର ବା ନ୍ୟୂନତର ସାମର୍ଥ୍ୟ ଓ ସମ୍ଭାବନାର କୌଣସି ପ୍ରଶ୍ନ ଉଠି ନପାରେ । ଆଧ୍ୟାତ୍ମିକ ଜୀବନ ସଂପର୍କରେ କେବଳ ଏକ ମାନସିକ ଧାରଣାହିଁ ଏପରି କହିପାରେ ଯେ ଆଧ୍ୟାତ୍ମିକ ଭାବରେ ଜୀବନଯାପନ ପାଇଁ ଜଣକର ଅଧିକ ବା କମ୍ ସାମର୍ଥ୍ୟ ଅଛି; କିନ୍ତୁ ଏହା ଆଦୌ ଏକ ଯଥାଯଥ ଉକ୍ତି ନୁହେଁ । କେବଳ ଏତିକି କୁହାଯାଇପାରେ ଯେ ଚେତନାର ସେହି ବୃତ୍ତାନ୍ତ ଓ ସାମଗ୍ରିକ ଓଲଟି ଯିବା ପାଇଁ କିଏ କେତେ ଅଧିକ ବା କମ୍ ପ୍ରସ୍ତୁତ ଅଛନ୍ତି । ବାସ୍ତବରେ ସାଧାରଣ କାର୍ଯ୍ୟକଳାପରୁ ନିଜକୁ ପ୍ରତ୍ୟାହାର କରିନେଇ ଆଧ୍ୟାତ୍ମିକ ଜୀବନର ସନ୍ଧାନରେ ବାହାରି ପଡ଼ିବା ପାଇଁ କାହାର କେତେ ମାନସିକ ସାମର୍ଥ୍ୟ ଅଛି, କେବଳ ତାହାରହିଁ ପରିମାପ କରାଯାଇପାରେ ।

କିନ୍ତୁ ଯେପର୍ଯ୍ୟନ୍ତ ଜଣେ କେବଳ ମାନସିକ କ୍ଷେତ୍ରରେ ରହିଥାଏ ତଥା ସେହି ଅବସ୍ଥାରେହିଁ, ଚେତନାର ସେହି ସ୍ତରରେ ସେହିପରି ରହିଥାଏ, ସେପର୍ଯ୍ୟନ୍ତ ସେ ଅନ୍ୟମାନଙ୍କ ପାଇଁ ବିଶେଷ କିଛି କରିପାରିବ ନାହିଁ, ସାଧାରଣ ଭାବରେ ଜୀବନ ପାଇଁ ନୁହେଁ ବା ବିଶେଷ କୌଣସି ବ୍ୟକ୍ତି ପାଇଁ ନୁହେଁ; କାରଣ ତା' ନିଜ ଭିତରେ କୌଣସି ନିଶ୍ଚିତତା ନାହିଁ, ତାହାର ନିଜର

କୌଣସି ନିଷ୍ପତ୍ତିମୂଳକ ଅନୁଭୂତି ନାହିଁ, ତାହାର ଚେତନା ଆଧ୍ୟାତ୍ମିକ ଜଗତରେ ପ୍ରତିଷ୍ଠିତ ହୋଇ ନାହିଁ; କେବଳ ଏତିକି କୁହାଯାଇ ପାରେ ଯେ ତା'ର କାମଗୁଡ଼ିକ କେବଳ ମାନସିକ କ୍ରିୟାକଳାପ, ଯାହାର ଭଲ ଦିଗ ବି ରହିଛି ଓ ମନ୍ଦ ଦିଗ ବି ରହିଛି, କିନ୍ତୁ ତହିଁରେ ବିଶେଷ କିଛି ଶକ୍ତି ନାହିଁ, ଅନ୍ତତଃ ଆଧ୍ୟାତ୍ମିକ ଭାବରେ ସଂକ୍ରାମିତ କରାଇବାର ସେହି ଶକ୍ତି ନାହିଁ, ଯାହାକି ଏକମାତ୍ର ଯଥାର୍ଥ ଫଳପ୍ରଦ ଶକ୍ତି ।

ଏକମାତ୍ର ଯେଉଁ ଜିନିଷଟି ଯଥାର୍ଥ ଭାବରେ ଫଳପ୍ରଦ ତା' ହେଉଛି ଜଣେ ସ୍ୱୟଂ ଯେଉଁ ଚେତନାରେ ବାସ କରୁଥାଏ, ଚେତନାର ସେହି ଅବସ୍ଥାକୁ ଅନ୍ୟମାନଙ୍କ ଭିତରେ ସଂଚାରିତ କରିବାର ସମ୍ଭାବନା ଓ କ୍ଷମତା । କିନ୍ତୁ ସେହି ଶକ୍ତି ବା କ୍ଷମତାକୁ କେହି ଉଦ୍ଭାବନ କରିପାରିବ ନାହିଁ । ଏହାକୁ କେହି ଅନୁକରଣ କରିପାରିବ ନାହିଁ ବା ଏହା ରହିଛି ବୋଲି ଖାଲି ମନେହେବା ଭଳିଆ ଜିନିଷ ଏହା ନୁହେଁ । ଏହା କେବଳ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିଥାଏ ଯେତେବେଳେ ଜଣେ ନିଜେ ଚେତନାର ସେହି ଅବସ୍ଥାରେ ପ୍ରତିଷ୍ଠିତ ହୁଏ, ଯେତେବେଳେ ଜଣେ ସେହି ଚେତନା ଭିତରେହିଁ ବାସ କରେ, ତହିଁରେ ବାସ କରିବା ପାଇଁ ଖାଲି ଚେଷ୍ଟା କରୁ ନଥାଏ, – ଯେତେବେଳେ ଜଣେ ସେହିଠାରେ ପହଞ୍ଚି ଯାଇଥାଏ । ଏବଂ ସେହି କାରଣରୁହିଁ ଯେଉଁମାନେ ଯଥାର୍ଥରେ ଆଧ୍ୟାତ୍ମିକ ଜୀବନରେ ବାସ କରୁଥାଆନ୍ତି, ସେମାନଙ୍କୁ କୌଣସି ଛଳନା ଦ୍ୱାରା ଠକାଇ ଦେଇ ହେବ ନାହିଁ । ଆଧ୍ୟାତ୍ମିକ ଜୀବନର ଅନୁକରଣ କରି ସେହିସବୁ ଲୋକମାନଙ୍କ ଭିତରେ ଭ୍ରମ ସୃଷ୍ଟି କରାଯାଇପାରେ, ଯେଉଁମାନେ ତଥାପି କେବଳ ମନରେ ବାସ କରୁଥାଆନ୍ତି, କିନ୍ତୁ ଯେଉଁମାନେ ନିଜ ଭିତରେ ଚେତନାର ଏହି ଓଲଟିଯିବାର ଉପଲବ୍ଧି ଲାଭ କରିଛନ୍ତି, ବାହ୍ୟସତ୍ତା ସହିତ ଯେଉଁମାନଙ୍କ ସଂପର୍କ ସଂପୂର୍ଣ୍ଣ ଭିନ୍ନ ଧରଣର, ସେମାନଙ୍କୁ କେବେହେଲେ ଭ୍ରମରେ ପକାଇ ଠକି ଦେଇ ହେବ ନାହିଁ ଏବଂ ସେମାନେ କେବେହେଲେ କୌଣସି ଭୁଲ୍ କରିପାରିବେ ନାହିଁ ।

ଏହି ଲୋକମାନଙ୍କୁ ମାନସିକ ସତ୍ତାରେ ବାସ କରୁଥିବା ଲୋକମାନେ ଠିକ୍ ବୁଝିପାରନ୍ତି ନାହିଁ । ଯେପର୍ଯ୍ୟନ୍ତ ଜଣେ ମାନସିକ ଚେତନାରେ ରହିଥିବ, ଏପରିକି ତାହା ସର୍ବୋଚ୍ଚ ପର୍ଯ୍ୟାୟର ହେଲେ ମଧ୍ୟ, ଏବଂ ଯଦି ସେ ଆଧ୍ୟାତ୍ମିକ ଜୀବନକୁ କେବଳ ବାହାରୁ ଦେଖୁଥିବ ତା'ହେଲେ ସେ ତା'ର ମାନସିକ କ୍ଷମତା ଦ୍ୱାରାହିଁ ତାହାର ବିଚାର କରୁଥିବ, ଏବଂ ସେହିସବୁ ମାନସିକ ଅଭ୍ୟାସର ବଶବର୍ତ୍ତୀ ହୋଇ ରହିଥିବ ଯାହା ଖୋଜୁଥାଏ, ଭୁଲ୍ କରୁଥାଏ, ସଂଶୋଧନ କରୁଥାଏ, ଅଗ୍ରଗତି କରୁଥାଏ ଏବଂ ପୁଣି ଥରେ ଭୁଲ୍ କରୁଥାଏ; ଏବଂ ସେ ଭାବି ବସେ ଯେ ଯେଉଁମାନେ ଆଧ୍ୟାତ୍ମିକ ଜୀବନ ଯାପନ କରୁଛନ୍ତି ସେମାନେ ମଧ୍ୟ ସେହିଭଳି ଅସାମର୍ଥ୍ୟ ଭୋଗୁ ଥାଆନ୍ତି, କିନ୍ତୁ ଏହା ଏକ ବିରାଟ ଭୁଲ୍ ।

ଯେତେବେଳେ ସତ୍ତା ଓଲଟି ଯାଏ, ସେତେବେଳେ ଏସବୁର ସମାପ୍ତି ଘଟେ । ସେତେବେଳେ ଜଣେ ଆଉ ଖୋଜେ ନାହିଁ, ସେ ଦେଖେ, ବିଚାର ଅନୁମାନ ଦ୍ୱାରା କିଛି ନିର୍ଣ୍ଣୟ କରେ ନାହିଁ, ସେ ସତ୍ୟଟି ପୂରା ଜାଣେ । ସେ ଆଉ ଅଣ୍ଡାଳି ହୁଏ ନାହିଁ, ଲକ୍ଷ୍ୟ ପଥରେ ସିଧା ଆଗେଇ ଯାଏ ଏବଂ ଯେତେବେଳେ ଜଣେ ଆହୁରି ଆଗକୁ ଯାଇଥାଏ, ଆଉ ଟିକେ ଆଗକୁ ଯାଇଥାଏ, ସେତେବେଳେ ସେ ସେହି ପରମ ସତ୍ୟକୁ ଜାଣେ, ଅନୁଭବ କରେ ଓ ତହିଁରେ ବାସ କରେ; ସେ ଏହା ଉପଲବ୍ଧି କରେ ଯେ କେବଳ ପରମ ଦିବ୍ୟ ସତ୍ୟହିଁ କ୍ରିୟା କରୁଛି ଓ ମାନବ ସତ୍ତାମାନଙ୍କ ମାଧ୍ୟମରେ ଏକମାତ୍ର ପରମ ଈଶ୍ୱରହିଁ ସଂକଳ୍ପ କରୁଛନ୍ତି, ଜାଣୁଛନ୍ତି ଓ କାର୍ଯ୍ୟ-ସଂପନ୍ନ କରୁଛନ୍ତି । ତେଣୁ ସେଠାରେ ଭୁଲ୍‌ର କୌଣସି ସମ୍ଭାବନା ମଧ୍ୟ କିପରି ରହିବ ? ଭଗବାନ୍ ଯାହା କରନ୍ତି, ତାହା ସେ କରନ୍ତି କାରଣ ସେ ତାହା କରିବା ପାଇଁ ଇଚ୍ଛା କରନ୍ତି ।

ଆମର ଭ୍ରମପୂର୍ଣ୍ଣ ଦୃଷ୍ଟିରେ ସେଗୁଡ଼ିକ ହୁଏତ ଅଗମ୍ୟ ବା ଅବୋଧ କ୍ରିୟା ହୋଇ ପାରିଥାଏ, କିନ୍ତୁ ସେଗୁଡ଼ିକର ଏକ ଅର୍ଥ ଓ ଲକ୍ଷ୍ୟ ରହିଥାଏ ଏବଂ ଯେଉଁ ଦିଗରେ ତାହା ଆଗେଇ ନେବା ଉଚିତ, ସେହି ଦିଗରେହିଁ ତାହା ଆଗେଇ ନେଇଥାଏ ।

(ନିରବତା)

ଯଦି କେହି ଆନ୍ତରିକ ଭାବରେ ଅନ୍ୟମାନଙ୍କୁ ଓ ଜଗତକୁ ସାହାଯ୍ୟ କରିବାକୁ ଚାହେଁ, ତା' ହେଲେ ସେ ସର୍ବୋତ୍ତମ ଯେଉଁ କାମ କରିପାରିବ, ତା' ହେଉଛି ସେ ଅନ୍ୟମାନଙ୍କୁ ଯାହା ହେବା ପାଇଁ ଚାହେଁ ସେ ନିଜେ ତାହାହିଁ ହୋଇଉଠିବା – କେବଳ ଏକ ଦୃଷ୍ଟାନ୍ତ ରୂପେ ନୁହେଁ, ବରଂ ସେତେବେଳେ ସେ ହୋଇଉଠେ ଶକ୍ତି ବିକିରଣର ଏକ କେନ୍ଦ୍ର ଏବଂ ସେ ସ୍ୱୟଂ ସେହିପରି ହୋଇ ରହିଥିବା ଫଳରେ ତା'ର ସେହି ଅସ୍ତିତ୍ୱହିଁ ବାକି ସମସ୍ତ ଦୁନିଆକୁ ବାଧକରେ ରୂପାନ୍ତରର ପଥରେ ଆଗେଇଯିବା ପାଇଁ ।

(Bulletin, Aug. 2006, p. 43 - 47) ✤

ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ

ଶ୍ରୀଅରବିନ୍ଦ

ଏହି ବିଶ୍ୱଜଗତରେ ମନୁଷ୍ୟ ନିଜକୁ ସାବ୍ୟସ୍ତ ବା ପ୍ରତିଷ୍ଠିତ କରିବ – ଏହାହିଁ ତାହାର ପ୍ରଥମ କାମ । କିନ୍ତୁ ତହିଁ ସଙ୍ଗେ ସଙ୍ଗେ ସେ ନିଜକୁ ବିବର୍ତ୍ତିତ କରିବ ଓ ଶେଷରେ ନିଜକୁ ଅତିକ୍ରମ କରିଯିବ – ଏହା ମଧ୍ୟ ତା'ର ଉଦ୍ଦିଷ୍ଟ ଲକ୍ଷ୍ୟ । ନିଜର ଆଂଶିକ ସତ୍ତାକୁ ସେ ଏକ ପୂର୍ଣ୍ଣସତ୍ତାରେ ପ୍ରସାରିତ କରିଦେବ, ନିଜର ଆଂଶିକ ଚେତନାକୁ ଏକ ପୂର୍ଣ୍ଣ ଚେତନାରେ ପରିଣତ କରିବ । ପାରିପାର୍ଶ୍ୱିକ ପରିବେଶ ଉପରେ ନିଜର କର୍ତ୍ତୃତ୍ୱକୁ ପ୍ରତିଷ୍ଠିତ କରିବା ସଙ୍ଗେ ସଙ୍ଗେ ସେ ମଧ୍ୟ ମିଳିତ ହେବ ସମଗ୍ର ବିଶ୍ୱ ସଙ୍ଗରେ, ସମଗ୍ର ବିଶ୍ୱକୁ ସମନ୍ୱିତ ଓ ସୌଷମ୍ୟମଣ୍ଡିତ କରିବା ଦିଗରେ ଆଗେଇଯିବ । ନିଜ ବ୍ୟକ୍ତିତ୍ୱର ମହତ୍ତ୍ୱ ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ସେହି ବ୍ୟକ୍ତିତ୍ୱକୁ ସଂପ୍ରସାରିତ କରିବାକୁ ହେବ ବିଶ୍ୱାତ୍ମା ଓ ବିଶ୍ୱ ଜୀବନର ଆଧ୍ୟାତ୍ମିକ ଆନନ୍ଦ ଭିତରକୁ । ନିଜର ଏକ ରୂପାନ୍ତର ଘଟାଇ, ନିଜର ମନୋଗତ ଭୂମିରେ ଯାହାକିଛି ଅଜ୍ଞାନମୟ, ଭ୍ରାନ୍ତ, ପ୍ରମାଦପୂର୍ଣ୍ଣ ଓ ତମସାବୃତ ହୋଇ ରହିଛି ସେଗୁଡ଼ିକୁ ସଂଶୋଧିତ, ମାର୍ଜିତ ଓ ବିଶୁଦ୍ଧ କରି ତାହାକୁ ଚୂଡ଼ାନ୍ତଭାବେ ପହଞ୍ଚିବାକୁ ହେବ ଜ୍ଞାନ, ସଂକଳ୍ପ, ଆବେଗ, ଅନୁଭବ, କର୍ମ ଓ ଚରିତ୍ରରେ ଏକ ମୁକ୍ତ, ଉଦାର, ପ୍ରସାରିତ, ସୌଷମ୍ୟ ଏବଂ ଜ୍ୟୋତିର୍ମୟ ଅବସ୍ଥାରେ । ଏହି ସମସ୍ତହିଁ ମନୁଷ୍ୟ ପ୍ରକୃତି ଭିତରେ ଅତି ସ୍ପଷ୍ଟ ଅଭିପ୍ରାୟ ରୂପେ ନିହିତ ହୋଇ ରହିଛି । ସୃଜନାତ୍ମିକା ମହାଶକ୍ତି ମନୁଷ୍ୟର ବୁଦ୍ଧିକୁ ଏହି ଆଦର୍ଶ ଦ୍ୱାରାହିଁ ଅନୁପ୍ରାଣିତ କରି ରଖିଛି, ତା'ର ମନ ଓ ପ୍ରାଣର ଉପାଦାନ ଭିତରେ ଏହି ପ୍ରୟୋଜନୀୟତାଟିକୁ ରୋପଣ କରି ରଖିଛି । କିନ୍ତୁ ଏହା କେବଳ ସମ୍ପନ୍ନ ହୋଇପାରିବ ଏକ ବୃହତ୍ତର ସତ୍ତା ଓ ବୃହତ୍ତର ଚେତନା ଭିତରକୁ ମଣିଷର ବିକାଶ ଓ ଅଭିବୃଦ୍ଧିର ପ୍ରବେଶ ଦ୍ୱାରା, ଆତ୍ମପ୍ରସାରଣ ଓ ଆତ୍ମପୂର୍ଣ୍ଣତା ଦ୍ୱାରା; ବର୍ତ୍ତମାନ ସେ ତା'ର ଆପାତ ଓ ଜାଗତିକ ପ୍ରକୃତିରେ ଆଂଶିକ ଓ ଅସ୍ଥାୟୀ ଭାବରେ ଯାହା ହୋଇରହିଛି ତାହାକୁ ଅତିକ୍ରମ କରି ଆତ୍ମ-ବିବର୍ତ୍ତନ ଦ୍ୱାରା ତାକୁ ନିଜର ସେହି ପୂର୍ଣ୍ଣ ସ୍ୱରୂପରେ ପହଞ୍ଚିବାକୁ ହେବ, ଯାହା ତାହାର ଗୋପନ ଆତ୍ମା ଓ ସତ୍ତାର ନିଗୂଢ଼ ସତ୍ୟ । ତାହାର ଆତ୍ମା ଓ ଚିନ୍ମୟତା ଭିତରେ ସେହି ପରିପୂର୍ଣ୍ଣତାଟି ପ୍ରଚ୍ଛନ୍ନ ହୋଇରହିଛି ଏବଂ ସେହି କାରଣରୁହିଁ ତାହା ଅବଶ୍ୟ ତା'ର ଅଭିବ୍ୟକ୍ତ ଜୀବନରେ ନିଶ୍ଚୟ ପ୍ରକଟିତ ହେବ । ଏହି ଜଗତରେ ଯେ ମଣିଷର ସୃଷ୍ଟି ହୋଇଛି, ତାହା ପଛରେ ଏହି ମୂଳ ଉଦ୍ଦେଶ୍ୟଟି ନିହିତ ହୋଇରହିଛି । ଏହି ଆଶା ଓ ସମ୍ଭାବନାହିଁ ବିଶ୍ୱଜାଗତିକ ଯାବତୀୟ ପ୍ରତିଭାସ ମଧ୍ୟରେ ଓ ପୃଥିବୀପୃଷ୍ଠରେ ମନୁଷ୍ୟ ଜୀବନର ଯାଥାର୍ଥ୍ୟ ପ୍ରତିପାଦନ କରେ । ବାହାରୁ ଦେଖିଲେ ମନୁଷ୍ୟ କେବଳ କ୍ଷଣିକ ଲାଗି ଆସି ପୁଣି କୁଆଡ଼େ ମିଳାଇ ଯାଉଥିବା ଏକ ଅକିଞ୍ଚନ ଜୀବ ପରି ପ୍ରତୀତ ହୁଏ । ନିଜର ଜଡ଼ ଶରୀରଟା ଭିତରେ ସେ ସତେଅବା ଆବଦ୍ଧ ହୋଇରହିଛି । ଏକ ଅତି ସୀମାବଦ୍ଧ ମନର କ୍ଷୁଦ୍ରାୟତନ ଭିତରେ ବନ୍ଦି ହୋଇରହିଛି । ସେହି ବାହ୍ୟ ଓ ଆପାତ ମଣିଷକୁ ଅନ୍ତରର ସେହି ଯଥାର୍ଥ ମାନବରେ ପରିଣତ ହେବାକୁ ହେବ । ବର୍ତ୍ତମାନ ସେ ଯେପରି ନାନା ଚାପ ଭିତରେ ନିଜର ତଥା ଅବସ୍ଥାର ଅଧୀନ ହୋଇରହିଛି ସେଭଳି ନରହି ସେ ହେବ ନିଜର ତଥା ନିଜ ପରିବେଶର ପ୍ରଭୁ, ସେ ନିଜ ସତ୍ତାରେ ହୋଇଉଠିବ ବିଶ୍ୱପୁରୁଷ । କମ୍ ଦାର୍ଶନିକ ଭାଷା ଓ ଏକ ଅଧିକ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାଷାରେ କହିଲେ ଏବେଯାଏଁ ପ୍ରକୃତିର ଅଧୀନ ହୋଇ ରହିଥିବା ମଣିଷକୁ ବିବର୍ତ୍ତିତ ହେବାକୁ ହେବ ଏକ ଦିବ୍ୟମାନବରେ । ମୃତ୍ୟୁର ସନ୍ତାନ ହୋଇ ରହିବାକୁ ବାଧ୍ୟ ହେଉଥିବା ମନୁଷ୍ୟକୁ ଉପଲବ୍ଧି କରିବାକୁ ହେବ ସେ ଅମୃତର ସନ୍ତାନ ବୋଲି । ଏହି କାରଣରୁହିଁ ମାନବ ଜନ୍ମକୁ ବିବର୍ତ୍ତନ କ୍ରମରେ ଏକ ସୁନିଶ୍ଚିତ ମୋଡ଼ ଓ ପୃଥିବୀ ପ୍ରକୃତିରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସୋପାନ ବୋଲି କୁହାଯାଇପାରେ ।

ଏଥିରୁ ସଙ୍ଗେ ସଙ୍ଗେ ଏହି ସିଦ୍ଧାନ୍ତ ଆସୁଛି ଯେ ଏଥିପାଇଁ ଆମର ଯେଉଁ ଜ୍ଞାନରେ ପହଞ୍ଚିବା ଆବଶ୍ୟକ, ତାହା କୌଣସି ମାନସିକ ବୁଦ୍ଧିର ସତ୍ୟ ନୁହେଁ, ନିଜ ସମ୍ପର୍କରେ ଓ ବସ୍ତୁଗୁଡ଼ିକ ସମ୍ପର୍କରେ କେବଳ ଏକ ଯଥାର୍ଥ ବିଶ୍ୱାସ ରଖିବା ନୁହେଁ ବା ଯଥାର୍ଥ ମତପୋଷଣ ବା ତଥ୍ୟାନୁସନ୍ଧାନ ନୁହେଁ – କାରଣ ଏଗୁଡ଼ିକ ହେଉଛି ଜ୍ଞାନ ସମ୍ପର୍କରେ ବାହ୍ୟ ଓ ଉପୁରିଆ ମନର ଧାରଣା ମାତ୍ର । ଭଗବାନଙ୍କ ସମ୍ପର୍କରେ, ନିଜ ସମ୍ପର୍କରେ ବା ଜଗତ୍ ସମ୍ପର୍କରେ ଏକ ମାନସିକ ଧାରଣାରେ ପହଞ୍ଚିବା ବୁଦ୍ଧି ପାଇଁ ଏକ ଉତ୍ତମ ଲକ୍ଷ୍ୟ ହୋଇପାରେ, କିନ୍ତୁ ଆତ୍ମା ଲାଗି

ତାହା ଆଦୌ ଯଥେଷ୍ଟ ନୁହେଁ, ଏହା ଆମକୁ ଅନନ୍ତଙ୍କର ସଚେତ ସନ୍ତାନରେ ପରିଣତ କରି ଦେଇପାରିବ ନାହିଁ । ଭାରତର ପ୍ରାଚୀନ ବିଚାରଧାରାରେ ଜ୍ଞାନ କହିଲେ ଏପରି ଏକ ଚେତନାକୁ ବୁଝାଉଥିଲା ଯାହାକି ଏକ ସିଧାସଳଖ ପ୍ରତ୍ୟକ୍ଷ ଭିତରେ, ଆତ୍ମ-ଅନୁଭୂତି ଭିତରେ ସର୍ବୋଚ୍ଚ ସତ୍ୟକୁ ଲାଭ କରିଛି । ଆମେ ଯେ ପ୍ରକୃତ ଜ୍ଞାନ ଲାଭ କରିଛୁ ତା'ର ଲକ୍ଷଣ ହେଲା ଆମେ ଯାହାକୁ ସର୍ବୋଚ୍ଚ ବୋଲି ଜାଣୁ, ଯେତେବେଳେ ଆମେ ସ୍ୱୟଂ ତାହାହିଁ ହୋଇ ଉଠିବୁ । ସେହି କାରଣରୁ ସତ୍ୟ ଓ ଔଚିତ୍ୟବୋଧ ସମ୍ପର୍କରେ ଆମର ବୁଦ୍ଧିଗତ ଧାରଣା ସହ ଯେତେଦୂର ସମ୍ଭବ ଖାପ ଖୁଆଇ ଆମର ବାସ୍ତବ ଜୀବନ ଓ କର୍ମକୁ ରୂପ ଦେବା ବା ଏକ ସଫଳ ବ୍ୟାବହାରିକ ଜ୍ଞାନ ନେଇ ନୈତିକ ବା ପ୍ରାଣିକ ପୂର୍ଣ୍ଣତା ପଥରେ ଚାଲିବା — ଏଗୁଡ଼ିକ କେବେହେଲେ ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ ବା ହୋଇପାରିବ ନାହିଁ । ଆମର ଲକ୍ଷ୍ୟ ହେବା ଉଚିତ ଆମର ଯଥାର୍ଥ ସତ୍ତାରେ, ଆମର ଆତ୍ମ-ସତ୍ତାରେ, ପରମ ଅସ୍ତିତ୍ୱ ଓ ବିଶ୍ୱଜୀବନର ସତ୍ତାରେ; ସଚ୍ଚିଦାନନ୍ଦଙ୍କ ସତ୍ତାରେ ବିକଶିତ ଓ ପରିଣତ ହୋଇଉଠିବା ।

ଆମର ସମଗ୍ର ଅସ୍ତିତ୍ୱ ନିର୍ଭର କରୁଛି ସେହି ପରମ ଅସ୍ତିତ୍ୱ ଉପରେ, ଆମ ଭିତରେ ସେହି ପରମ ସତ୍ୟହିଁ ବିବର୍ତ୍ତିତ ହେଉଛି; ଆମେ ସେହି ଦିବ୍ୟ-ଅସ୍ତିତ୍ୱରହିଁ ଏକ ସତ୍ତା, ସେହି ଦିବ୍ୟ ଚେତନାରହିଁ ଏକ ଚେତନା, ସେହି ସଚେତ ଦିବ୍ୟ ଶକ୍ତିରହିଁ ଏକ ଶକ୍ତି । ସେହି ଦିବ୍ୟ-ଆନନ୍ଦରୁ ଜନ୍ମ ନେଇଥିବା ସତ୍ତାର ଆନନ୍ଦ, ଚେତନାର ଆନନ୍ଦ, ଶକ୍ତିର ଆନନ୍ଦ ଦିଗରେ ଅଭିମୁଖୀ ହୋଇ ରହିଥିବା ଏକ ସଂକଳ୍ପ ହେଉଛୁ ଆମେ । ଆମ ଅସ୍ତିତ୍ୱର ଏହାହିଁ ହେଉଛି ମୂଳତତ୍ତ୍ୱ । ମାତ୍ର ଆମ ଜୀବନର ଉପରି ଭାଗରେ ଏହିସବୁର ଯେଉଁ ରୂପାୟଣ ହୋଇଛି, ସେହି ରୂପାୟଣଗୁଡ଼ିକ ଆମେ ସେହି ପରମ ଅସ୍ତିତ୍ୱ ବୋଲି କହିପାରିବା ନାହିଁ । ଏଠାରେ ଅଜ୍ଞାନର ଭାଷାରେ ତାହା ଯଥାର୍ଥ ଜିନିଷର ଏକ ଭୁଲ୍ ଅନୁବାଦ ମାତ୍ର । ଆମର 'ମୁଁ' କେବେହେଲେ ସେହି ଆଧ୍ୟାତ୍ମିକ ଦିବ୍ୟସତ୍ତା ନୁହେଁ ଯେକି ସେହି ପରମ ଦିବ୍ୟ-ଅସ୍ତିତ୍ୱ ଉପରେ ଦୃଷ୍ଟି ନିକ୍ଷେପ କରି କହିବ ସେହି ଦିବ୍ୟସତ୍ୟହିଁ ମୁଁ; ଆମର ମନୋଭୂମି ସେହି ଆଧ୍ୟାତ୍ମିକ ଚେତନା ନୁହେଁ, ଆମର ସଂକଳ୍ପ ଦିବ୍ୟ ଚେତନାର ସେହି ସାମର୍ଥ୍ୟ ନୁହେଁ, ଆମର ଦୁଃଖ ଓ ସୁଖ, ଏପରିକି ଆମର ଶୀର୍ଷତମ ଆନନ୍ଦ ଓ ଉଲ୍ଲାସ ସତ୍ତାର ସେହି ପରମ ଆନନ୍ଦ ନୁହେଁ । ବାହ୍ୟ ଉପରିଭାଗରେ ଆମେ ରହିଛୁ ତଥାପି ଏକ ଅହଂ ହୋଇ ଯାହା ଆତ୍ମାର ରୂପ ନେବାକୁ ଚାହୁଁଛି, ଏକ ଅଜ୍ଞାନତା ହୋଇ ଯାହା ଜ୍ଞାନରେ ପରିଣତ ହେବାକୁ ଚାହୁଁଛି, ଏକ ସଂକଳ୍ପ ହୋଇ ଯାହା ଯଥାର୍ଥ ଶକ୍ତି ଲାଭ ପାଇଁ ଆୟାସ କରିଚାଲିଛି, ଏକ କାମନା ହୋଇ ଯାହା ଅସ୍ତିତ୍ୱର ଆନନ୍ଦ ଅନ୍ୱେଷଣ କରିଚାଲିଛି । ଜଣେ ଅର୍ଦ୍ଧ-ଅନ୍ଧ ଦ୍ରଷ୍ଟା ଆତ୍ମାକୁ ଜାଣି ନଥିଲେ ମଧ୍ୟ ଆତ୍ମାର ବର୍ଣ୍ଣନା କରିବାକୁ ଯାଇ ଯେଉଁ ଅନୁପ୍ରେରଣାର ବାଣୀ ଉଚ୍ଚାରଣ କରିଥିଲେ, ତାହାକୁ ଟିକିଏ ବୁଲାଇ କରି ଆମେ କହିପାରୁ ଯେ ଆମ ନିଜକୁ ଅତିକ୍ରମ କରିହିଁ ଆମ ନିଜକୁ ଲାଭ କରିପାରିବା, ଏହି କଷ୍ଟସାଧ୍ୟ ଓ ବିପଜ୍ଜନକ ଆବଶ୍ୟକତାଟିକୁ ଆମ ଉପରେ ଲଦି ଦିଆଯାଇଛି, ନିଜ ଉପରେ ଏକ ଅଦୃଶ୍ୟ ରାଜମୁକୁଟ ବହନ କରୁଥିବା ଏକ କ୍ରୁଶକୁ ଆଣି ଆମ ଉପରେ ଲଦି ଦିଆଯାଇଛି । ସତ୍ତାର ନିମ୍ନଦେଶରେ ଥିବା ନିଶ୍ଚେତନାର ସେହି ଅନ୍ଧକାରମୟ ସ୍ଫିଙ୍କ୍ସ ବା ପ୍ରହେଳିକା ମଣିଷକୁ ତା'ର ଯଥାର୍ଥ ସ୍ୱଭାବର ରହସ୍ୟ ସମ୍ପର୍କରେ ପ୍ରଶ୍ନ କରି ଉତ୍ତର ପାଇବା ଲାଗି ଅପେକ୍ଷା କରି ରହିଛି, ଗଭୀରରେ ଓ ଊର୍ଦ୍ଧ୍ୱସତ୍ତାର ଦେଶରେ ଥିବା ଅନନ୍ତ ଚେତନା ଓ ଶାଶ୍ୱତ ପ୍ରଜ୍ଞାର ଆବରଣ ପରିହିତା ଜ୍ୟୋତିର୍ମୟୀ ସ୍ଫିଙ୍କ୍ସ ବା ପ୍ରହେଳିକା ଏକ ଅବୋଧ ଦିବ୍ୟମାୟାର ବେଶରେ ତା'ର ସମ୍ମୁଖୀନ ହୋଇ ରହିଛି । ତେଣୁ ଅହଂକୁ ଅତିକ୍ରମ କରି ଆମ ନିଜର ଯଥାର୍ଥ ଆତ୍ମା ହୋଇଉଠିବା, ଆମ ଯଥାର୍ଥ ସତ୍ତା ସମ୍ପର୍କରେ ସଚେତନ ହେବା, ତାହାକୁ ଅଧିକାର କରିବା ଏବଂ ସତ୍ତାର ସେହି ଯଥାର୍ଥ ଆନନ୍ଦଟିକୁ ନିଜସ୍ୱ ସମ୍ପଦ ରୂପେ ଲାଭ କରିବା — ଏହାହିଁ ହେଉଛି ଇହ ଜଗତରେ ଆମ ଜୀବନର ଚରମ ଅର୍ଥ ଓ ଆମ ବ୍ୟକ୍ତିଗତ ଓ ପାର୍ଥିବ ଅସ୍ତିତ୍ୱର ଗୋପନ ମର୍ମ ।

(CWSA, Vol. 21 - 22, pp. 711 - 713) ✣



ଆଗାମୀ କାଲିର ପୂର୍ଣ୍ଣ ସିଦ୍ଧିରେ ପହଞ୍ଚିବା ପର୍ଯ୍ୟନ୍ତ ଆମେ ବିରାମହୀନ ଭାବରେ ଆରୋହଣ କରି ଚାଲିବୁ ସୋପାନରୁ ସୋପାନକୁ, ସତ୍ୟରୁ ସତ୍ୟକୁ ।

— ଶ୍ରୀମା

ଏକ ମହାନ୍ ଦୁଃସାହସିକ ଅଭିଯାନ ପାଇଁ ଆହ୍ୱାନ

ଶ୍ରୀମା

ଦୁଃସାହସିକ ଅଭିଯାନକୁ ଭଲ ପାଉଥିବା ଲୋକମାନେ ଅଛନ୍ତି । ମୋର ଏହି ଆହ୍ୱାନ ସେଇମାନଙ୍କ ପାଇଁ । ମୁଁ ସେମାନଙ୍କୁ କୁହେ, ''ଏହି ମହାନ୍ ଦୁଃସାହସିକ ଅଭିଯାନ ପାଇଁ ମୁଁ ତୁମକୁ ଆମନ୍ତ୍ରଣ ଜଣାଉଛି ।''

ଆମ ଆଗରୁ ଅନ୍ୟମାନେ ଯାହା କରି ଯାଇଛନ୍ତି ଆଧ୍ୟାତ୍ମିକ ଭାବରେ ତାହାର ପୁନରାବୃତ୍ତି କରିବାର ପ୍ରଶ୍ନ ଉଠୁ ନାହିଁ, ସେମାନେ ଯେଉଁଠି ଶେଷ କରିଛନ୍ତି ତାହା ପରେହିଁ ଆମର ଅଭିଯାନର ଆରମ୍ଭ । ଏହା ହେଉଛି ଏକ ନୂତନ ସୃଷ୍ଟିର ପ୍ରଶ୍ନ, ସଂପୂର୍ଣ୍ଣ ନୂତନ, କ'ଣ ଘଟିବ ତାହା ଆଗରୁ କେହି ଦେଖି ନାହିଁ, କେଉଁ ସମ୍ଭାବ୍ୟ ବିପଦ, କେଉଁ ପ୍ରକାର ବାଧା-ବିଘ୍ନସବୁ ରହିଛି କେହି ଜାଣି ନାହିଁ,— ଏହା ବାସ୍ତବରେ ଏକ ଦୁଃସାହସିକ ଅଭିଯାନ । ଏହାର ଲକ୍ଷ୍ୟ ସୁନିଶ୍ଚିତ ବିଜୟ, କିନ୍ତୁ ପଥ ଅଜଣା । ଅନାବିଷ୍କୃତ, ଅଜଣା ଓ ଅଚିହ୍ନା ଭିତରେ ପାଦ ପରେ ପାଦ ପକାଇ ପଥର ସନ୍ଧାନ କରିବାକୁ ହେବ । ଏହା ଏପରି ଏକ ଅଭିଯାନ ବର୍ତ୍ତମାନର ଏହି ବିଶ୍ୱରେ ଆଗରୁ ଏହା କେବେ ବି ହୋଇ ନାହିଁ, ପରେ ବି ସେହି ଏକା ଭାବରେ ଆଉ କେବେ ବି ହେବ ନାହିଁ । ଯଦି ଏଥିପାଇଁ ତୁମର ଆଗ୍ରହ ଅଛି ... ତା'ହେଲେ ଚାଲ ଏହି ଅଭିଯାନ ଆରମ୍ଭ କରି ଦେବା । କାଲି ତୁମର କ'ଣ ହେବ, ତୁମ ପାଇଁ କ'ଣ ଘଟିବ — ମୁଁ ଜାଣେନା, ମୁଁ ତାହା କହିପାରିବି ନାହିଁ ।

ଆଗରୁ ଯାହାକିଛି ଦେଖା ଯାଇଛି, ନିର୍ଣ୍ଣୟ କରାଯାଇଛି, ଯାହା କିଛି କଳ୍ପନା କରାଯାଇଛି, ଯାହା କିଛି ଗଠନ କରାଯାଇଛି ସେସବୁକୁ ବାଦ୍ ଦେବାକୁ ହେବ, ଛାଡ଼ି ଆସିବାକୁ ହେବ, ଆମକୁ ଆଗେଇ ଯିବାକୁ ହେବ ଅଜଣାର ସନ୍ଧାନରେ, ଅଜଣା ଭିତରକୁ । ଯାହାକିଛି ଘଟୁନା କାହିଁକି । ବାସ୍ । ...

ଗୋଟିଏ ସମୟ ଆସେ ଯେତେବେଳେ ଜୀବନ ତା'ର ବର୍ତ୍ତମାନ ସ୍ୱରୂପରେ, ମାନବ-ଚେତନା ତା'ର ବର୍ତ୍ତମାନ ସ୍ୱରୂପରେ ଏପରି ଲାଗେ ଯାହାକୁ ସହ୍ୟ କରିବା ସଂପୂର୍ଣ୍ଣ ଅସମ୍ଭବ ବୋଲି ମନେହୁଏ । ଏହା ଆଣି ଦିଏ ଏକ ପ୍ରକାର ଭୟାନକ ବିତୃଷ୍ଣା, ଭୀଷଣ ବିରକ୍ତି । ଆମେ କହୁ ''ନା, ଏହା ତାହା ନୁହେଁ, ଏହା ତାହା ନୁହେଁ, ଏହା ଏପରି ହୋଇ ନ ପାରେ, ଏପରିଭାବେ ଏହା ଚାଲିପାରିବ ନାହିଁ ।'' ବାସ୍, ଯେତେବେଳେ ଏହିପରି ଅବସ୍ଥା ଆସେ ସେତେବେଳେ ଯଦି ଚାହଁ ନିଜର ଯାହାକିଛି ଅଛି, ନିଜର ସମସ୍ତ ଉଦ୍ୟମ, ସମସ୍ତ ଶକ୍ତି, ସମସ୍ତ ଜୀବନ ଓ ସମଗ୍ର ସତ୍ତାକୁ ଏକାଠି କରି ଏକାବେଳେ ନିକ୍ଷେପ କରି ଦେବାକୁ ହେବ ଏହି ସୁଯୋଗ ପଛରେ, ଅପର ପାର୍ଶ୍ୱକୁ ଅତିକ୍ରମ କରିଯିବା ପାଇଁ ମିଳିଥିବା ଏହି ଅସାଧାରଣ ସୁଯୋଗ ଓ ସମ୍ଭାବନା ପଛରେ, ତେବେ ଏହି ଯେଉଁ ନୂତନ ପଥ ତୁମକୁ ଅନ୍ୟ ଏକ ସତ୍ୟ, ଅନ୍ୟ ଏକ ରାଜ୍ୟକୁ ନେଇଯିବ, ତହିଁରେ ପାଦ ରଖିବା କେଡ଼େ ସ୍ୱସ୍ତିକର, କେଡ଼େ ଆଶ୍ୱାସନାମୟ ନ ହେବ ! ବିରାଟ ବୋଝସବୁକୁ ପଛରେ ପକାଇଦେଇ, ସବୁ ଭାରରୁ ନିଜକୁ ମୁକ୍ତ କରି ଦେଇ ଯେତେବେଳେ ତୁମେ ସେହି ଲମ୍ଫ ପ୍ରଦାନ କରିବାକୁ ସକ୍ଷମ ହୁଅ, ସେଥିପାଇଁ ଯେତେ କଷ୍ଟ ସ୍ୱୀକାର କରିବାକୁ ହେଲେ ମଧ୍ୟ ତାହା ବାଞ୍ଛନୀୟ । ମୁଁ ସମସ୍ୟାଟିକୁ ଏହିପରି ଭାବରେହିଁ ଦେଖିଛି ।

ବାସ୍ତବରେ ଏହାହିଁ ସବୁଠାରୁ ମହିମମୟ ଦୁଃସାହସିକ ଅଭିଯାନ । ଯାହା ଭିତରେ ଦୁଃସାହସିକ ଅଭିଯାନ ପାଇଁ ଆବଶ୍ୟକ ଯଥାର୍ଥ ମନୋଭାବରୁ ଏତେ ଟିକିଏ ମଧ୍ୟ ଥିବ, ସବୁକିଛି ପାଇବା ପାଇଁ ସେ ସବୁକିଛିକୁ ପଣ ଲଗାଇବାକୁ ପ୍ରସ୍ତୁତ ହୋଇଯିବ । ...

ବର୍ତ୍ତମାନ, ଏହି ମୁହୂର୍ତ୍ତରେ ଆମେ ରହିଛେ ପୃଥିବୀ ଇତିହାସର ପୁଣି ଥରେ ଏକ ନିଷ୍ପତ୍ତିମୂଳକ ମୋଡ଼ ପରିବର୍ତ୍ତନର ସମୟରେ । ସବୁ ଦିଗରୁ ମୋତେ ପ୍ରଶ୍ନ ହେଉଛି, ''କ'ଣ ଘଟିବାକୁ ଯାଉଛି ?'' ସବୁଆଡ଼େ ରହିଛି ଏକ ପ୍ରକାର ବେଦନା, ପ୍ରତ୍ୟାଶା ଓ ଭୟ । ''କ'ଣ ଘଟିବାକୁ ଯାଉଛି ?'' ଏହାର ଉତ୍ତର ମାତ୍ର ଗୋଟିଏ ''ଯଦି କେବଳ ମଣିଷ ଆଧ୍ୟାତ୍ମିକ ରୂପାନ୍ତର ପାଇଁ ସମ୍ମତି ଦିଏ ।''

ଏବଂ ସମ୍ଭବତଃ ଏହା ଯଥେଷ୍ଟ ହେବ ଯଦି କେଇଜଣ ବ୍ୟକ୍ତି ଶୁଦ୍ଧ ସୁବର୍ଣ୍ଣ ହୋଇ ଉଠନ୍ତି, କାରଣ ଘଟଣାର ପ୍ରବାହକୁ ବଦଳାଇ ଦେବାକୁ ଏହାହିଁ ଯଥେଷ୍ଟ ହେବ ... ଆମେ ଏହି ପ୍ରୟୋଜନୀୟତାର ସମ୍ମୁଖୀନ ହୋଇଛୁ ଅତ୍ୟନ୍ତ ଜରୁରୀ ଭାବରେ ।

ଏହି ସାହସ, ଏହି ବୀରତ୍ୱ ଯାହା ଭଗବାନ୍ ଆମଠାରୁ

ଚାହାନ୍ତି ତାହାକୁ ନିଜର ବାଧାବିଘ୍ନ, ନିଜର ଅପୂର୍ଣ୍ଣତା, ନିଜର ଅଜ୍ଞାନତାକୁ ଦୂର କରିବାର ସଂଗ୍ରାମରେ କାହିଁକି ବିନିଯୋଗ ନ କରିବା ? କାହିଁକି ଆନ୍ତର ଶୁଦ୍ଧତାର ଅଗ୍ନିକୁଣ୍ଡକୁ ବୀରତ୍ୱର ସହିତ ସମ୍ମୁଖୀନ ହେବା ନାହିଁ, ଯାହା ଫଳରେ ପୁଣିଥରେ ଆଉ ସେହିସବୁ ଭୟାବହ ବ୍ୟାପକ ଧ୍ୱଂସ ଭିତରଦେଇ ଯିବାକୁ ହେବ ନାହିଁ ଯାହାକି ପୂରା ଗୋଟାଏ ଗୋଟାଏ ସଭ୍ୟତାକୁ ଗାଢ଼ ଅନ୍ଧକାର ଭିତରେ ବୁଡ଼ାଇ ଦିଏ ।

ଆମ ଆଗରେ ଏହାହିଁ ସମସ୍ୟା । ପ୍ରତ୍ୟେକଙ୍କୁ ଏହାର ସମାଧାନ କରିବାକୁ ହେବ ତା'ର ନିଜସ୍ୱ ଧାରାରେ ।

ଲୋକମାନେ ଯେପରି ନିଦ୍ରାଭିଭୂତ, ସେମାନଙ୍କର ସବୁକିଛି ବିସ୍ମରଣ ହୋଇଯାଏ, ସେମାନେ ଜୀବନକୁ ନିଅନ୍ତି ଅତି ସହଜ ଭାବରେ – ସେମାନେ ଭୁଲି ଯାଆନ୍ତି, ସବୁ ସମୟରେ ଭୁଲି ଯାଆନ୍ତି ... କିନ୍ତୁ ଆମେ ଯଦି ସ୍ମରଣ ରଖନ୍ତୁ ଯେ ଆମେମାନେ ଏକ ଅସାଧାରଣ ମୁହୂର୍ତ୍ତରେ, ଏକ ଅନନ୍ୟ ସମୟରେ ବାସ କରୁଛୁ, ଆମ ପାଇଁ ଏହି ମହାନ୍ ସୌଭାଗ୍ୟ, ଏହି ଅମୂଲ୍ୟ ସୁଯୋଗ ପହଞ୍ଚିଛି ଯେ ଆମେ ଏକ ନୂତନ ଜଗତର ଜନ୍ମଲଗ୍ନରେ ଉପସ୍ଥିତ ରହିଛେ, ତା'ହେଲେ ଆମର ଅଗ୍ରଗତି ପଥରେ ଯହାକିଛି ବାଧାବିଘ୍ନ, ଯାହାକିଛି ପ୍ରତିବନ୍ଧକ ରହିଛି, ସେସବୁକୁ ଅତି ସହଜରେ ଅତିକ୍ରମ କରି ଯାଆନ୍ତେ ।

ତେଣୁ ମନେହୁଏ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ବିଷୟଟିକୁ ମନେରଖିବା, ଏପରିକି ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ବୋଧଗମ୍ୟ ଅନୁଭୂତି ମିଳେ ନାହିଁ ସେତେବେଳେ ମଧ୍ୟ ଏହାର ନିଶ୍ଚିତତା ସଂପର୍କରେ ନିଃସନ୍ଦେହ ହେବା, ଏହାର ସତ୍ୟ ଉପରେ ଦୃଢ଼ ବିଶ୍ୱାସ ରଖିବା । ଏହାକୁ ସବୁବେଳେ ସ୍ମରଣ ରଖିବାକୁ ହେବ, ବାରଂବାର, ନିରନ୍ତର ମନେ ପକାଇବାକୁ ହେବ, ନିଦ୍ରା ଯିବ ଏହାର ଧାରଣା ସହ, ଜାଗ୍ରତ୍ ହେବ ଏହାର ପ୍ରତ୍ୟାଶା ସହ, ନିଜର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ ଏହି ମହାନ୍ ସତ୍ୟର ପ୍ରଚ୍ଛଦପଟରେ, ଏହାର ସମର୍ଥନରେ ନିରନ୍ତର ପୁଷ୍ଟ ହୋଇ, ଏହି ମହାନ୍ ସତ୍ୟ ହେଉଛି ଯେ ଆମେ ଏକ ନୂତନ ଜଗତର ଜନ୍ମଲାଭକୁ ଅବଲୋକନ କରୁଛେ ।

ଆମେ ଏଥିରେ ଅଂଶ ଗ୍ରହଣ କରିପାରୁ, ଆମେ ସ୍ୱୟଂ ଏହି ନୂତନ ଜଗତ୍ ହୋଇ ଉଠିପାରୁ । ଏବଂ ଯଥାର୍ଥରେ, ଯେତେବେଳେ ଆମର ଏହି ଅପୂର୍ବ ପରମ ସୁଯୋଗ ରହିଛି, ଏହା ଲାଭ କରିବା ନିମନ୍ତେ ସବୁକିଛି ତ୍ୟାଗ କରିବା ପାଇଁ ଆମେ ପ୍ରସ୍ତୁତ ହୋଇ ଉଠିବା ଉଚିତ ।

(The Great Adventure
A Diary for All Times, pp. 1 - 4) ✣

What I see is the world of tomorrow, but the world of yesterday is still alive and will still live for some time. Let the old arrangements go on so long as they are alive.

Upon earth, the changes are slow to come.
Do not worry – and keep hope for the future.

– The Mother

ମୁଁ ଯାହା ଦେଖୁଛି ତାହା ହେଉଛି ଆଗାମୀ କାଲିର ଜଗତ୍, କିନ୍ତୁ ଗତକାଲିର ଜଗତ୍ ତଥାପି ଜୀବିତ ରହିଛି ଓ କିଛି ସମୟ ପାଇଁ ଜୀବିତ ରହିବ । ଜୀବିତ ରହିଥିବା ପର୍ଯ୍ୟନ୍ତ ପୁରାତନ ବ୍ୟବସ୍ଥା ସେହିପରି ରହିଚାଲୁ ।

ପୃଥିବୀପୃଷ୍ଠରେ ପରିବର୍ତ୍ତନ ଆସେ ମନ୍ଥର ଗତିରେ ।
ବ୍ୟସ୍ତ ହୁଅ ନାହିଁ – ଭବିଷ୍ୟତ୍ ପାଇଁ ଆଶା ରଖ ।

– ଶ୍ରୀମା

ଧମ୍ମପଦ

(୧୫)

(ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଝିମ ନିକାୟ, ସଂୟୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଲୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଲୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢୁଥିଲେ । ମୂଳ ପାଲି ଶ୍ଲୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଲୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଲୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ ''Commentaries surle Dhammapada'' ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁଷ୍ଠୁ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

ଏକାଦଶ ଅଧ୍ୟାୟ

ଜରାବଗ୍ଗୋ (ଜରାବର୍ଗ)

(୧)

କୋନୁ ହାସୋ କିମାନନ୍ଦୋ ନିଚ୍ଚଂ ପଜ୍ଜଲିତେ ସତି ।
ଅନ୍ଧକାରେନ ଓନଦ୍ଧା ପଦୀପଂ ନ ଗବେସ୍‌ସଥ ॥

(Why this laughter ? Why this merriment ? When there is always this fire that consumes you are enveloped in darkness, and you do not seek the light.)

କାହିଁକି ଏ ହସ ? କି ସକାଶେ ଏହି ଉଲ୍ଲାସ ? ତୁମେ ଯେତେବେଳେ ଦୁଃଖରାଶିରୂପକ ଅଗ୍ନି ଦ୍ୱାରା ତାପିତ ହେଉଥିବା

ଅବସ୍ଥାରେ ଅନ୍ଧକାରାଚ୍ଛନ୍ନ ହୋଇ ରହିଛ, ତେବେ ମଧ୍ୟ ଆଲୋକର ସନ୍ଧାନ କରୁନା ।

(୨)

ପସ୍ସ ଚିତ୍ତକତଂ ବିମ୍ବଂ ଅରୁକାୟଂ ସମୁସ୍ସିତଂ ।
ଆତୁରଂ ବହୁସଙ୍କପ୍ପଂ ୟସ୍ସ ନତ୍ଥି ଧୁବଂ ଠିତି ॥

(Look at this decorated image, the body full of sores, a heaped mass, diseased, full of vagaries with no stable status.)

ସଜ୍ଜିତ, କ୍ଷତସଂକୁଳ, ସ୍ତୂପୀକୃତ, ବ୍ୟାଧିପୀଡ଼ିତ, ଚିତ୍ତଭ୍ରମପୂର୍ଣ୍ଣ ଏହି ଦେହ ପ୍ରତି ଦୃଷ୍ଟିପାତ କର । ଏହାର ସ୍ଥାୟୀ ଅସ୍ତିତ୍ୱ ନାହିଁ ।

(୩)

ପରିଜିଣ୍ଣମିଦଂ ରୂପଂ ରୋଗନିଡ୍ଡଂ ପଭଙ୍ଗୁରଂ ।
ଭିଜ୍ଜତୀ ପୂତିସନ୍ଦେହୋ ମରଣନ୍ତଂ ହି ଜୀବିତଂ ॥

(This form is decrepit, given to diseases, a mass of corruption it breaks up – life ends in death.)

ଏହି ଦେହ କ୍ଷୟଶୀଳ, ଏହା ରୋଗର ଆଳୟ, ବିକାରପୁଞ୍ଜିତ ଏବଂ ଏହା ଧ୍ୱଂସ ଲାଭ କରେ – ଜୀବନ ମରଣରେ ଅବସିତ ହୁଏ ।

(୪)

ୟାନି'ମାନି ଅପତ୍ଥାନି ଅଲାବୂନେବ ସାରଦେ ।
କାପୋତକାନି ଅଟ୍ଠୀନି ତାନି ଦିସ୍ୱାନ କା ରତି ॥

(What lure can there be at the sight of these bones white as dove feather, that are thrown away like gourds in autumn !)

ଶରତ କାଳର ଲାଉ ପରି ନିରର୍ଥକ ଏବଂ କପୋତର ପକ୍ଷ ସଦୃଶ ସେହି ଧବଳ ଅସ୍ଥିସକଳ ଦେଖିଲେ ଆନନ୍ଦର ସ୍ଥାନ କେଉଁଠି ?

(୫)

ଅଟ୍ଠୀନଂ ନଗରଂ କତଂ ମଂସଲୋହିତଲେପନଂ ।
ୟତ୍ଥ ଜରା ଚ ମଚ୍ଚୁ ଚ ମାନୋ ମକ୍ଖୋ ଚ ଓହିତୋ ॥

(A fortress has been made of bones and it is plastered with flesh and blood. Age and death, pride and deceit are installed there.)

ମାଂସ ଓ ରକ୍ତର ଅବଲେପନରେ ଆଚ୍ଛାଦିତ ଅସ୍ଥିନିର୍ମିତ ଏହି ଦୁର୍ଗ – ଏହା ଜରା ଓ ମୃତ୍ୟୁ, ଗର୍ବ ଓ କପଟତାର ଆସ୍ଥାନ ।

(୬)

ଜୀରନ୍ତି ବେ ରାଜରଥା ସୁଚିତ୍ତା
ଅଥୋ ସରୀରମ୍ପି ଜରଂ ଉପେତି ।
ସତଂ ଚ ଧମ୍ମୋ ନ ଜରଂ ଉପେତି
ସନ୍ତୋ ହବେ ସବ୍ଭି ପବେଦୟନ୍ତି ॥

(Even the gaudy regal chariots wear out. Age reaches the body too. But Truth and Righteousness do not age; they are passed on from sage to sage.)

ରାଜାଙ୍କର ସୁଚିତ୍ରିତ ରଥ କାଳକ୍ରମେ ଜୀର୍ଣ୍ଣ ହୁଏ । ମନୁଷ୍ୟ-ଦେହ ମଧ୍ୟ ସେହିପରି ବାର୍ଦ୍ଧକ୍ୟ ପ୍ରାପ୍ତ ହୁଏ । କିନ୍ତୁ ସତ୍ୟ ଓ ସାଧୁତା ଜରାର ଅତୀତ; ପ୍ରାଜ୍ଞ ବ୍ୟକ୍ତିଗଣଙ୍କ ମଧ୍ୟରେ ଏହା ସଞ୍ଜୀବିତ ଥାଏ ।

(୭)

ଅପ୍‌ପସ୍‌ସୁତାୟଂ ପୁରିସୋ ବଲିବଦ୍ଦୋ'ବ ଜୀରତି
ମଂସାନି ତସ୍‌ସ ବଡ୍‌ଢନ୍ତି ପଞ୍ଞା ତସ୍‌ସ ନ ବଡ୍‌ଢତି ॥

(A man with little knowledge grows old like an ox. His flesh increases, his intelligence does not.)

ଜ୍ଞାନହୀନ ପୁରୁଷ ବଳୀବର୍ଦ ପରି ବୃଦ୍ଧିପ୍ରାପ୍ତ ହୁଏ, ତାହାର ମାଂସ ବର୍ଦ୍ଧିତ ହୁଏ, ପ୍ରଜ୍ଞା ବର୍ଦ୍ଧିତ ହୁଏ ନାହିଁ ।

(୮)

ଅନେକ ଜାତି ସଂସାରଂ ସନ୍ଧାବିସ୍‌ସାମ ଅନିର୍‌ବିସାଂ,
ଗହକାରକମ୍‌ ଗବେଷନ୍ତୋ, ଦୁଃଖାଜାତି ପୁନପ୍‌ପୁନଂ ।

(Through many a birth in *samsara* have I wondered in vain, seeking the builder of this house. Repeated birth is indeed suffering.)

ସଂସାରରେ ଅନେକ ଥର ଜନ୍ମ ନେଇ ମୁଁ ବୃଥାରେ ଏହି ଗୃହ ନିର୍ମାତାଙ୍କୁ ଅନୁସନ୍ଧାନ କରୁଥିଲି । ପୁନର୍ଜନ୍ମର ଏହି ଚକ୍ର ଅବଶ୍ୟ ଦୁଃଖକାରକ ଅଟେ ।

(୯)

ଗହକାରକ ! ଦିଟ୍‌ଠୋସି ପୁନ ଗେହଂ ନ କାହସି ।
ସବ୍‌ବା ତେ ଫାସୁକା ଭଗ୍‌ଗା ଗହକୂଟଂ ବିସଙ୍ଖିତଂ ।
ବିସଙ୍ଖାରଗତଂ ଚିତ୍ତଂ ତଣ୍‌ହାନଂ ଖୟମଜ୍‌ଝଗା ॥

(I have found thee, O maker of the house ! Thou wilt not build me a house again. All the beams are broken, the top dome has toppled down. The mind is freed of all its obscure innate movements; desires have ended.)

ହେ ଗୃହକାରକ ! ମୁଁ ତୁମ୍ଭଙ୍କୁ ଦେଖିସାରିଛି । ଆଉ ତୁମେ ମୋ ପାଇଁ ଗୃହ ନିର୍ମାଣ କରିପାରିବ ନାହିଁ । ସବୁ ରୁଅ ଭାଙ୍ଗିଗଲାଣି, ଘରର ମଥାନ ନଷ୍ଟ ହେଲାଣି । ଯାବତୀୟ ସ୍ୱାଭାବିକ ଅନ୍ଧପ୍ରବାହରୁ ମନ ମୁକ୍ତ; ତୃଷ୍ଣା କ୍ଷୟପ୍ରାପ୍ତ ।

(୧୦)

ଅଚରିତ୍ୱା ବ୍ରହ୍ମଚରିୟଂ ଅଲଦ୍ଧା ୟୋବ୍‌ବନେ ଧନଂ ।
ଜିଣ୍ଣକୋଂଚା'ବ ଝାୟନ୍ତି ଖୀଣମଚ୍ଛେ'ବ ପଲ୍ଲଲେ ॥

(If you have not led a life of self-control, if you have not acquired wealth in your youth, you will perish like an old heron in a pond emptied of fish.)

ତୁମେ ଯଦି ବ୍ରହ୍ମଚର୍ଯ୍ୟର ଆଚରଣ ନ କରିଥାଅ, ଯୌବନରେ ଧନ ଉପାର୍ଜନ ନ କରିଥାଅ, ତେବେ ତୁମେ ମତ୍ସ୍ୟହୀନ ସରୋବରରେ ବୃଦ୍ଧ ବକ ପରି ବିନାଶ ପ୍ରାପ୍ତ ହେବ ।

(୧୧)

ଅଚରିତ୍ୱା ବ୍ରହ୍ମଚରିୟଂ ଅଲଦ୍ଧା ୟୋବ୍‌ବଣେ ଧନଂ ।
ସେନ୍ତି ଚାପାତିଖୀଣା'ବ ପୁରାଣାନି ଅନୁତ୍‌ଥୁନଂ ॥

(If you have not led a life of self-control, if you have not acquired wealth in your youth, you will lie like a worn-out bow lamenting over the past.)

ତୁମେ ଯଦି ବ୍ରହ୍ମଚର୍ଯ୍ୟର ଆଚରଣ ନ କରିଥାଅ, ଯୌବନରେ ଧନ ଉପାର୍ଜନ ନ କରିଥାଅ, ତେବେ ତୁମେ ଅତୀତର ଅନୁଶୋଚନାପୂର୍ବକ ଅତି ଜୀର୍ଣ୍ଣ ଧନୁ ପରି ପଡ଼ିରହିବ ।

ଶ୍ରୀମା'ଙ୍କ ଭାଷ୍ୟ :

ଏପରି ଗୋଟିଏ ଧ୍ରୁବ ସତ୍ୟ ଅଛି ଯାହା ଏଠାରେ ସ୍ପଷ୍ଟ ଭାବରେ ଉଲ୍ଲିଖିତ ହୋଇ ନାହିଁ; କିନ୍ତୁ ତାହାର ଗୁରୁତ୍ୱ ଅନ୍ୟାନ୍ୟ ବିଷୟ ଅପେକ୍ଷା ଊଣା ନୁହେଁ । ବିଷୟଟି ହେଲା ଏହି ଯେ ଏପରି ବାର୍ଦ୍ଧକ୍ୟ ଅଛି ଯାହା ବୟସର ବୃଦ୍ଧି ଅପେକ୍ଷା ଅଧିକ ବିପଜ୍ଜନକ ଓ ଅଧିକ ବାସ୍ତବ । ଏହା କ୍ରମୋନ୍ନତି ଓ ଅଗ୍ରଗତିର ଅସାମର୍ଥ୍ୟ ।

ଯେଉଁ ସମୟରେ ତୁମର କ୍ରମୋନ୍ନତି ଓ ଅଗ୍ରଗତିର ପ୍ରୟାସ ତୁମେ ସ୍ଥଗିତ ରଖ, ନିଜକୁ ଉନ୍ନତତର ଅବସ୍ଥାକୁ ଉନ୍ନୀତ କରିବାର ଉଦ୍ୟମରୁ, ନିଜର ଉତ୍କର୍ଷ ଓ ଊର୍ଦ୍ଧ୍ୱଗତିର ପ୍ରଚେଷ୍ଟାରୁ ନିବୃତ୍ତ ହୁଅ, ନିଜର ରୂପାନ୍ତର ସାଧନ କାର୍ଯ୍ୟରୁ ବିରତ ହୁଅ, ସେତେବେଳେ ତୁମେ ପ୍ରକୃତରେ ବାର୍ଦ୍ଧକ୍ୟ ପ୍ରାପ୍ତ ହୁଅ, ଅର୍ଥାତ୍ ତୁମେ ମୃତ୍ୟୁ ଦିଗକୁ ଗତି କର ।

ଏପରି ଯୁବକମାନେ ଅଛନ୍ତି ଯେଉଁମାନେ ବୃଦ୍ଧ ଏବଂ ଏପରି ବୃଦ୍ଧଲୋକ ଅଛନ୍ତି ଯେଉଁମାନେ ଯୁବକ । ଯଦି ତୁମେ ତୁମ ମଧ୍ୟରେ ଅଗ୍ରଗତି ଓ ରୂପାନ୍ତର ସାଧନାର ଅଗ୍ନିଶିଖା ଧାରଣ କରିଥାଅ, ଯଦି ତୁମେ ସତର୍କ ପଦକ୍ଷେପ ସହିତ କ୍ରମୋନ୍ନତି ଉଦ୍ଦେଶ୍ୟରେ ଯାବତୀୟ ପ୍ରତିକୂଳ ବିଷୟ ପରିହାର କରିବାକୁ ପ୍ରସ୍ତୁତ ଥାଅ, ଯଦି ତୁମେ ନୂତନ ପ୍ରଗତି, ନୂତନ ଉତ୍କର୍ଷ, ନୂତନ ରୂପାନ୍ତର ଆଡ଼କୁ ସର୍ବଦା ଉନ୍ମୁଖ ରହିଥାଅ, ତାହାହେଲେ ଅକ୍ଷୟ ଯୌବନ ପ୍ରାପ୍ତ ହେବ । କିନ୍ତୁ ତୁମେ ଯେଉଁ କାର୍ଯ୍ୟ ସମ୍ପାଦନ କରିଛ, ତହିଁରେ ସନ୍ତୁଷ୍ଟ ହୋଇ ତୁମେ ଯଦି ବସିରୁହ, ତୁମର ଯଦି ଏପରି ଧାରଣା ହୁଏ ଯେ ତୁମେ ଲକ୍ଷ୍ୟରେ ଉପନୀତ ହୋଇଛ ଏବଂ ତୁମର ପରିଶ୍ରମର ଫଳ ଉପଭୋଗ କରିବା ବ୍ୟତୀତ ତୁମର ଆଉ କିଛି କରିବାର ନାହିଁ, ତାହାହେଲେ ଜାଣିବ ଯେ ତୁମର ଶରୀରର ଅର୍ଦ୍ଧେକରୁ ଅଧିକ ତୁମର କବର (ସମାଧି ସ୍ଥାନ) ମଧ୍ୟରେ ରହିଛି, ଅର୍ଥାତ୍ ଏହାହିଁ ଜରାଜୀର୍ଣ୍ଣ ଅବସ୍ଥା ଓ ଏହାହିଁ ପ୍ରକୃତ ମୃତ୍ୟୁ ।

ଯେଉଁ କାର୍ଯ୍ୟ ଏପର୍ଯ୍ୟନ୍ତ ବାକି ରହିଛି, ତାହା ତୁଳନାରେ ଯେଉଁ କାର୍ଯ୍ୟ ସମ୍ପାଦିତ ହୋଇଛି, ତାହା ନଗଣ୍ୟ ।

ପଛକୁ ଦୃଷ୍ଟି ଦିଅ ନାହିଁ । ସମ୍ମୁଖକୁ ଦୃଷ୍ଟିପାତ କର, ସର୍ବଦା ଆଗକୁ ଦେଖ, ସର୍ବଦା ଆଗୁସାର ହୁଅ ।

(କ୍ରମଶଃ)

("Mother's Commentary on the Dhammapada"
''ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ'',
ପୃଷ୍ଠା : ୧୦୧ - ୧୦୬)
ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ ✤

ଭଗବାନ୍ ସବୁକିଛି କରିଦେଇ ପାରିବେ,– ହୃଦୟ ଓ ପ୍ରକୃତି ପରିଶୁଦ୍ଧ ହୋଇପାରିବ, ଆନ୍ତର ଚେତନା ଜାଗ୍ରତ୍ ହୋଇପାରିବ, ଅବଗୁଣ୍ଠନ ଅପସାରିତ ହୋଇପାରିବ – ଯଦି ଆସ୍ଥା ଓ ନିର୍ଭରତାର ସହ ବ୍ୟକ୍ତି ଭଗବାନଙ୍କୁ ନିଜକୁ ଅର୍ପଣ କରିଦିଏ । ଏହା ଯଦି ଅବିଳମ୍ବେ ପୂର୍ଣ୍ଣଭାବେ କରିବା ସମ୍ଭବ ନ ହୁଏ, ତେବେ ଯେତେ ଅଧିକ ଏହା କରାଯାଏ, ସେତେ ଅଧିକ ଆନ୍ତର ସାହାଯ୍ୟ ଓ ପରିଚାଳନା ଆସେ ଓ ଭିତରେ ଭାଗବତ ଅନୁଭୂତି ବୃଦ୍ଧିପାଏ । ତର୍କଶୀଳ ମନ ଯଦି କମ୍ ସକ୍ରିୟ ହୁଏ ଏବଂ ବିନମ୍ରତା ଓ ସମର୍ପଣର ସଂକଳ୍ପ ବୃଦ୍ଧି ପାଏ, ତା'ହେଲେ ଏହି କାର୍ଯ୍ୟଟି ପୂର୍ଣ୍ଣରୂପେ ସମ୍ଭବ ହୁଏ । କେବଳ ଏତିକି ଛଡ଼ା ଆଉ କୌଣସି ସାମର୍ଥ୍ୟ ଓ ତପସ୍ୟା ଆବଶ୍ୟକ ହୁଏ ନାହିଁ ।

(Letters on Yoga – II, p. 69) – ଶ୍ରୀଅରବିନ୍ଦ

ବନ୍ଦେ ମାତରମ୍

ଶ୍ରୀଅରବିନ୍ଦ

ରାଓଲ୍‌ପିଣ୍ଡିର ଯନ୍ତ୍ରଣା ଜର୍ଜରିତମାନେ

ଯେଉଁ ଶାସନତନ୍ତ୍ର ଭାରତବର୍ଷରେ ବିକାଶୋନ୍ମୁଖୀ ଜାତୀୟ ଉନ୍ମାଦନାକୁ ନଷ୍ଟଭ୍ରଷ୍ଟ କରିବାର ସବୁଠୁ ଫଳପ୍ରଦ ପନ୍ଥା ରୂପେ ବଳପ୍ରୟୋଗର ନିର୍ଣ୍ଣୟ ନେଇଛି ତାହା ମଧ୍ୟ ବିଚାର ବିଭାଗୀୟ ପ୍ରଶାସନର ସଂସ୍ଥାକୁ ନିଜ ସୁବିଧା ମୁତାବକ ବ୍ୟବହାର କରିବ । ପୂର୍ବବର୍ତ୍ତୀ ଘଟଣାଗୁଡ଼ିକରେ ଆମେ ଦେଖି ଆସିଛୁ ଯେ ବ୍ରିଟିଶ ପ୍ରଶାସନ ଦ୍ୱାରା ବିଧିବଦ୍ଧ ଭାବେ ପ୍ରଣୀତ ସକାରାତ୍ମକ ଆଇନଗୁଡ଼ିକର ଏକ ବିଶେଷ ଅଂଶର ଉଦ୍ଦେଶ୍ୟ ହେଉଛି ତାହା ସର୍ବସାଧାରଣଙ୍କର ସ୍ୱଚ୍ଛନ୍ଦ ମଣିଷତ୍ୱକୁ ଯେତିକି ଦମନ କରିବ ସେତିକି ପରିମାଣର ସୁରକ୍ଷା ସେମାନଙ୍କର ଅଧିକାର ଓ ସ୍ୱାର୍ଥକୁ ଦେଇ ପାରିବ ନାହିଁ । ଗୋଟିଏ ଲୋକପ୍ରିୟ ପ୍ରବାଦ ରହିଛି ଯେ ଦଣ୍ଡବିଧି ଆଇନ ଅନୁଯାୟୀ ଜଣେ ମଣିଷର ପ୍ରତିଟି କର୍ମକୁ ଗୋଟିଏ ଗୋଟିଏ ଅପରାଧ ରୂପେ ଗଣ୍ୟ କରାଯାଇପାରେ । ଗୋଟିଏ ବିଜିତ ରାଷ୍ଟ୍ରରେ ଅନେକ ସ୍ୱାଭାବିକ କାର୍ଯ୍ୟକଳାପ ପାଇଁ ଶାସ୍ତି ବିଧାନର ଏହି ଯେଉଁ ପ୍ରଚେଷ୍ଟା ଚାଲିଛି ତାହା ସରକାରୀ ଢାଞ୍ଚାରେ ପ୍ରଣୀତ ବ୍ରିଟିଶ ଆଇନର ଅସଲ ମର୍ମଟିକୁ ଦୀର୍ଘଦିନ ଆଗରୁ ଆଣି ଆମକୁ ଉପଲବ୍ଧ କରାଇବାର ଥିଲା । କିନ୍ତୁ ତା' ପରିବର୍ତ୍ତେ ଆମେ ଏକ ନିର୍ବୋଧର ନନ୍ଦନ ବନ ଭିତରେ ବଞ୍ଚି ଆସିଛୁ ଆଉ ତା' ସହିତ ପରାଧୀନ ଜାତିମାନଙ୍କୁ 'ଶାସନ କରିବା' ନିମନ୍ତେ ବ୍ରିଟିଶ ପ୍ରତିଭାର ନିଦର୍ଶନ ଦେବାକୁ ଯେଉଁ ଶୈଳୀରେ ବିଦେଶୀ ଅନୁଷ୍ଠାନ ଓ ବ୍ୟବସାୟ ସଂସ୍ଥାଗୁଡ଼ିକ କାର୍ଯ୍ୟ କରି ଚାଲିଛନ୍ତି ସେଥିପ୍ରତି ଆଖିବୁଜି ଦେଇ, ଏକ ଜିଦ୍‌ଖୋର ମନୋଭାବରେ, ଆମେ ସେଇମାନଙ୍କ ପାଖକୁହିଁ ଧାଁଦଉଡ଼ କରି ଲାଗିଛୁ ଆପଣାର ନିରାପତ୍ତା ପାଇଁ । ଯେଉଁଠି ବିଦେଶୀର ସ୍ୱାର୍ଥ ବିରୋଧରେ ସଂଘଟିତ ସକଳ ବୋଧଗମ୍ୟ ଅପରାଧଗୁଡ଼ିକୁ ସାଧାରଣ ଆଇନ ସୁରକ୍ଷା ଦିଏ ନାହିଁ ସେ କ୍ଷେତ୍ରରେ ଅଳ୍ପଦିନ ତଳେ ଆମେ ଯାହା ଦେଖିଛୁ କିଛି ଅବାଞ୍ଛନୀୟ କାର୍ଯ୍ୟକଳାପଗୁଡ଼ିକରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ କେତେ କେତେ ଅଧ୍ୟାଦେଶ ଓ ଅତ୍ୟାଚାରଧର୍ମୀ ଆଇନମାନ ଅନାୟାସରେ ଉଦ୍ଭାବିତ ହୋଇ ପାରୁଛି । ଏହି ଭଳି ଶାସନତାନ୍ତ୍ରିକ ସଂସ୍ଥା ମନ୍ଥର ଗତିରେ ହେଉ ଅବା ଦ୍ରୁତ ଗତିରେ ପେଷଣ କରି ଚାଲିଛି, କିନ୍ତୁ ପେଷିବାଟାହିଁ ତା'ର ଲକ୍ଷ୍ୟ । ଘଟଣାଗୁଡ଼ିକର ଗତାନୁଗତିକ ପ୍ରବାହ ଭିତରେ ଏହାର ବିଷମୟ ପରିଣତି ସମ୍ପର୍କରେ ଆମେ ହଠାତ୍ ସଚେତନ ହୋଇ ପାରୁନୁ; କିନ୍ତୁ ଶାସନତନ୍ତ୍ର ଯେତେବେଳେ କୌଣସି ପ୍ରତିକୂଳ ଶକ୍ତି କିଂବା ସ୍ୱାର୍ଥ ସହିତ ମୁହାଁମୁହିଁ ହୋଇଯାଏ ସେତେବେଳେ ତାହା ଖୋଦ୍ ସବୁପ୍ରକାରର ଅନୈତିକ ପରିଣାମକୁ ବରଣ କରି ଆଣୁଥିବା ତା'ର ଦମନଲୀଳା ଭିତରେ ନିଜକୁ ଲିପ୍ତ ରଖିବା ପାଇଁ ତତ୍ପର ହୋଇଉଠେ । ଏଇ ଦୃଷ୍ଟିରୁ ବିଚାର କଲେ ତଥାକଥିତ ରାଓଲପିଣ୍ଡି ଦଙ୍ଗା କ୍ଷେତ୍ରରେ ଅଭୂତପୂର୍ବ ଏବଂ ''ମାନବଜାତିକୁ ହତଚକିତ'' କଲା ଭଳି କାର୍ଯ୍ୟ ହିସାବରେ ବର୍ଣ୍ଣିତ ହେଉଥିବା ପୋଲିସର ହିଂସାମୁଖୀ କାଣ୍ଡ ତଥା ପୋଲିସର ଉଚ୍ଛୃଙ୍ଖଳତା ସ୍ୱାଭାବିକ ଥିଲା ଆଉ ସେଇଆହିଁ ଆଶା କରାଯାଉଥିଲା, ଏହାଛଡ଼ା ଆଉ ଅଧିକ କିଛି ନୁହଁ । ଯନ୍ତ୍ରଣା ଜର୍ଜରିତ ମହାନ୍ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଅନ୍ତର ଭରି ସମବେଦନାକୁ ଅନୁପ୍ରେରିତ କରୁଥିବା ପୋଲିସ ଅତ୍ୟାଚାରର ସେଇ କାହାଣୀଗୁଡ଼ିକରେ ତିଳାର୍ଦ୍ଧେ ସେମିତି କିଛି ନୂତନତା ନାହିଁ । ବର୍ତ୍ତମାନ ବିଚାରର ସମ୍ମୁଖୀନ ହୋଇଥିବା ଅଭିଯୁକ୍ତ ଦଙ୍ଗାକାରୀମାନଙ୍କର ଦାରୁଣ ଦୁର୍ଦ୍ଦଶା ଦେଖି 'ପତ୍ରିକା' ଅତ୍ୟନ୍ତ ପ୍ରଭାବିତ ହୋଇ ପଡ଼ିଛି; ଆଉ ଦରଦୀଭାବ ବିଗଳିତ ଅବସ୍ଥାରେ ଲର୍ଡ଼ ମିଣ୍ଟୋଙ୍କୁ ଆବେଦନ କରିଛି ଯିଏ ଆମ ବନ୍ଧୁ ଅନୁସାରେ ସେମାନଙ୍କୁ ରକ୍ଷା କରିବା ପାଇଁ ହେଉଛନ୍ତି ''ଦୟାର ମୂର୍ତ୍ତିମନ୍ତ ବିଗ୍ରହ'' । 'ପତ୍ରିକା' ଯେ ସବୁଠୁ ଉତ୍ତମ ଭାବ ପ୍ରଣୋଦିତ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । କିନ୍ତୁ ଆମ ବନ୍ଧୁ ଏକଥା ମନେ ରଖିବା ଉଚିତ ଯେ ଏ ଧରଣର କାତରତାପୂର୍ଣ୍ଣ ଭାବ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କର କୌଣସି ଉପକାର ସାଧନ କରିବା ଦୂରେ ଥାଉ ବରଂ ଆମର ଦୃଢ଼ ମନୋବଳ ତଥା ସମୁନ୍ନତ ମନୋଭାବକୁ ନିରୁସାହିତ କରୁଛି । ଅଭିଯୁକ୍ତମାନଙ୍କର ଯାହା ପ୍ରତିକ୍ରିୟା, ଚରମ ପଦକ୍ଷେପ ତ ନିଆ ସରିଲାଣି ଆଉ ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନି । ସେମାନଙ୍କୁ ନିଶ୍ଚୟ କ୍ଲେଶ ବରଣ କରିବାକୁ ପଡ଼ିବ । ବର୍ତ୍ତମାନ ସେମାନଙ୍କର ଏକମାତ୍ର ଧ୍ୟାନ ରହିଲା ଏହିଭଳି ଯନ୍ତ୍ରଣା ଭିତର ଦେଇ ସେମାନଙ୍କର ଆତ୍ମବଳିଦାନ ଯେପରି ଦେଶବାସୀମାନଙ୍କ ପାଇଁ ଗୋଟିଏ ଶକ୍ତି

ଓ ଉନ୍ମାଦନାର ଉତ୍ସ ହୋଇଉଠେ । ଅଭିଯୋଗର ବିଚାର ଚାଲୁଥିବା ସମୟରେ ଯଦି ସେମାନଙ୍କର ବୀରତ୍ୱପୂର୍ଣ୍ଣ ତଥା ମାନବୋଚିତ ଆଚରଣ ଯୋଗୁଁ ଆଉ ଗୋଟିଏ ଦଣ୍ଡାଦେଶଜନିତ ଭୟାବହ ପରିଣାମର ସମ୍ମୁଖୀନ ହେବାକୁ ପଡ଼େ ଏବଂ ସେଥିନିମନ୍ତେ ସେମାନଙ୍କ ତତ୍ପରତା ଅନ୍ୟମାନଙ୍କ ହୃଦୟରେ ସାହସ ସଞ୍ଚାର କରୁଥାଏ ତା'ହେଲେ କେବଳ ଏତିକି କୁହାଯିବ ଯେ ସେମାନଙ୍କର ଯନ୍ତ୍ରଣା ଆଦୌ ବ୍ୟର୍ଥ ହୋଇନି । ନଚେତ୍ ହିସାବ ଖାତାରେ ଜମାରାଶିର ସ୍ୱୀକୃତି ସପକ୍ଷରେ ବିଶେଷ କିଛି ରହିବ ନାହିଁ । ଏପରି ସମୟରେ ସାମ୍ୟାଦିକର କର୍ତ୍ତବ୍ୟ ହେଉଛି ଶହୀଦ ବରଣ କରୁଥିବା ବ୍ୟକ୍ତିମାନଙ୍କର ସ୍ନାୟୁଗୁଡ଼ିକୁ ଶକ୍ତିଶାଳୀ କରି ରଖିବା ପାଇଁ ପ୍ରୟାସ କରିବା କିନ୍ତୁ ସେମାନଙ୍କ ସ୍ୱରୂପକୁ ଅବମାନନା କିଂବା ମନୋବଳକୁ କ୍ଷୁଣ୍ଣ କଲା ପରି କୌଣସି ଅପମାନଜନକ ମନ୍ତବ୍ୟ ଦେଇ ରାଷ୍ଟ୍ର ପ୍ରତି ସେମାନଙ୍କ ଦ୍ୱାରା ସମ୍ପନ୍ନ ମହୋପକାରର ପୁଣ୍ୟଫଳଗୁଡ଼ିକ କାଢ଼ି ଆଣିବା ନୁହଁ । ଏହିଭଳି ଏକ ଲଗ୍ନରେ କ୍ଲେଶ ଭୋଗୁଥିବା ବ୍ୟକ୍ତିଟି ସମ୍ପର୍କରେ ସର୍ବସାଧାରଣଙ୍କ ମନୋଭାବରେ ପ୍ରତିକ୍ରିୟା ସୃଷ୍ଟି ହୁଏ ଆଉ ସେମାନଙ୍କ ଯନ୍ତ୍ରଣାର ବିବରଣୀ ପ୍ରାପ୍ତ ହେଲା ପରେ ଆମେ ଯଦି ଦୁର୍ବଳତାକୁ ପ୍ରଶ୍ରୟ ଦେଉ ତା'ହେଲେ ଆମେ ଗୋଟିଏ ଖରାପ ଦୃଷ୍ଟାନ୍ତ ସେମାନଙ୍କ ପାଇଁ ରଖି ଦେଇଛୁ ବୋଲି ଧରି ନେବାକୁ ହେବ । ଖାଲି ଦୁଃଖ ଓ ଅନୁକମ୍ପାଜନିତ ଅନୁଭବର ବଶବର୍ତ୍ତୀ ହୋଇ ନୁହଁ କିନ୍ତୁ ଏକ ନିରପେକ୍ଷ ଏବଂ ସାର୍ବଜନିକ ଏଇ ବିଚାରର ବେଶ୍ ମର୍ଯ୍ୟାଦାପୂର୍ଣ୍ଣ ପ୍ରହସନର ନେପଥ୍ୟରେ ଯାହାସବୁ ଚାଲିଛି ତା'ର କେବଳ ନିହାତି ଅମଙ୍ଗଳସୂଚକ ଓ ଗୁରୁତ୍ୱପୂର୍ଣ୍ଣ ଆଭାସଗୁଡ଼ିକ ଦ୍ୱାରା ମଧ୍ୟ ଆମେ ବିଚଳିତ ହୋଇ ପଡ଼ିଛୁ, ଏଇ ଦୁର୍ବୋଧ୍ୟ ଅବସ୍ଥା ଚକ୍ରରେ ।

କିନ୍ତୁ ନାରୀସୁଲଭ ଭାବପ୍ରବଣତାକୁ ପ୍ରକାଶ କରିବାର ବେଳ ଇଏ ନୁହେଁ । ଶାସକବର୍ଗଙ୍କ ଭିତରେ ଅନୁକମ୍ପାକୁ ଜାଗ୍ରତ୍ କରି ତୋଳିବା ଯେମିତି ନିଷ୍ପ୍ରୟୋଜନ ସେମିତି ଆମ ପୌରୁଷ ଓ ଆମ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଏହା ହେଉଛି ମୂଲ୍ୟହୀନ ଏବଂ ସାମୁଦ୍ରିକ ଦସ୍ୟୁମାନଙ୍କର ରୁକ୍ଷ ଆଉ ଉପର ଠାଉରିଆ ସଭ୍ୟ ଏଇ ଦାୟାଦମାନଙ୍କ ଭିତରେ ଏହା ଆମମାନଙ୍କ ପ୍ରତି ଏକ ଗଭୀର ବିଦ୍ୱେଷକୁ ଉଦ୍ରେକ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଉଦ୍ଧତପଣର କେବଳ ଅଭିବୃଦ୍ଧି ସାଧନ କରିପାରେ । ଯଦି ଆମମାନଙ୍କର ଦୁଃଖ ଓ ଅନୁକମ୍ପା ପ୍ରକାଶ କରିବା କଥା ତା'ହେଲେ ସେଇ ନିର୍ଯାତିତମାନଙ୍କୁ କିଂବା ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କୁ ମହତ୍ତ୍ୱପୂର୍ଣ୍ଣ ସହାୟତା ଆକାରରେ ତାହା ଦିଆଯାଉ । ଯଦି ଆତ୍ମମାନଙ୍କର ଯେକୌଣସି ପ୍ରକାରେ ପ୍ରାର୍ଥନା କରିବାକୁ ଥାଏ, ତା'ହେଲେ କୌଣସି 'ସମବେଦନାସମ୍ପନ୍ନ' ଅତ୍ୟାଚାରୀ ଶାସକର ଉଦାର ବ୍ୟକ୍ତିତ୍ୱର ସ୍ୱରୂପକୁ ନୁହଁ କିନ୍ତୁ ମହାଶକ୍ତିର ମଙ୍ଗଳମୟୀ ନୈର୍ବ୍ୟକ୍ତିକତ୍ୱକୁ ପ୍ରାର୍ଥନା କରିବା ଯିଏ ଗଢ଼େ ଆଉ ଭାଙ୍ଗେ କେତେ କେତେ ରାଜା ମହାରାଜା, ଲାଟ ବଡ଼ଲାଟ, ରାଜ୍ୟ ଆଉ ସାମ୍ରାଜ୍ୟ । ତାଙ୍କୁହିଁ ପ୍ରାର୍ଥନା କରିବା ଚାଲ, ରାଓଲ୍‌ପିଣ୍ଡିରେ ଥିବା ଆମ ଭ୍ରାତୃବୃନ୍ଦଙ୍କୁ ବଜ୍ର କଠୋର ଓ ଆନନ୍ଦ ଉଦ୍‌ବେଳିତ ଅନ୍ତର ଆଉ ଏକ ଅବିଚଳିତ ସାହସ ସେ ପ୍ରଦାନ କରନ୍ତୁ ଯାହା ଫଳରେ ସେମାନଙ୍କ ମୋକଦ୍ଦମାର ବିଚାର ଚାଲିଥିବା ସମୟରେ ସେମାନେ ଯେପରି କୌଣସି ତୁଚ୍ଛ କାର୍ଯ୍ୟ କରି ନବସନ୍ତି କିଂବା ସେଇ ସ୍ମରଣୀୟ ଦୃଶ୍ୟାଙ୍କକୁ ଧରି କୌଣସି ହୀନ ଅଭିପ୍ରାୟ ପୋଷଣ ନକରନ୍ତି ଏବଂ ଆମର ଯେତେବେଳେ ସେଇ ପାଳି ପଡ଼ିବ ଦେଶ ପାଇଁ ଅନୁରୂପ ଏହି ପ୍ରକାର କ୍ଲେଶଗୁଡ଼ିକ ଭୋଗିବାକୁ କିଂବା ଖରାପ ପରିସ୍ଥିତିର ସମ୍ମୁଖୀନ ହେବାକୁ, ଆମେ ନିଜେ ତାକୁ ସହନ କରି ଚାଲିବା ଯାହାଫଳରେ ଆମରି ଯନ୍ତ୍ରଣା ଭିତର ଦେଇ ଏ ଦେଶର ହିତ ସାଧନ ହୋଇ ପାରିବ । ଏହାହିଁ ଆମର ଏକମାତ୍ର ପ୍ରାର୍ଥନା ଯାହା ଆମ ରାଷ୍ଟ୍ରର ଏଇ ନୂତନ ଜନ୍ମ ବାସରରେ ଆମ ପକ୍ଷରେ ସମୁଚିତ ହେବ । କାରଣ ଆମ ଦେଶ ଯେତେ ସବୁ ଯନ୍ତ୍ରଣା ସହ୍ୟ କରିଛି କିଂବା ଏହା ପରେ ଯେତେ ଯନ୍ତ୍ରଣା ଭୋଗିବ ତାହା ହେଉଛି ଗୋଟିଏ ସ୍ୱାଧୀନ ତଥା ପୁନରୁଜ୍ଜୀବିତ ଭାରତବର୍ଷର ପ୍ରସବ ବେଦନା ।

[ବନ୍ଦେ ମାତରମ୍, ଜୁନ୍ ୧୮, ୧୯୦୭]

ଦେଶାତ୍ମବୋଧର ମୁଖ୍ୟ ପୋଷକ

ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ପ୍ରାଚ୍ୟ ସଭ୍ୟତାର ଶ୍ରେଷ୍ଠତ୍ୱକୁ ସ୍ୱୀକାର କରନ୍ତି, ଯେଉଁମାନେ ଏହାର ମାନବିକ ଏବଂ ସାମାଜିକ ଦିଗଟିକୁ ମାନ୍ୟତା ଦିଅନ୍ତି, ଯେଉଁମାନେ ଆଧ୍ୟାତ୍ମିକ କ୍ଷେତ୍ରରେ ଏହାର ପ୍ରାଧାନ୍ୟ ବିସ୍ତାରକାରୀ ବିଲକ୍ଷଣ ପ୍ରତି ଆଖି ବୁଜି ଦିଅନ୍ତିନି, ଯେଉଁମାନେ ଏହା ଭିତରେ ଉଗ୍ର ଭୌତିକବାଦର ଅନୁପସ୍ଥିତିକୁ ଦେଖି ପ୍ରଶଂସାମୁଖର ହୋଇ ଉଠନ୍ତି, ଯେଉଁ ପଛାର ଆଶ୍ରୟରେ ଏହା ବିଭିନ୍ନ ଗୋଷ୍ଠୀମାନଙ୍କର ସ୍ୱାର୍ଥ ସ୍ୱାର୍ଥ ଭିତରେ ସନ୍ତୁଳନ ରକ୍ଷା କରି ପାରିଛି ବୋଲି ତା'ର ଯେଉଁମାନେ ଗୁଣଗାନ କରନ୍ତି ।

ଏହା ମଣିଷ ଜାତିର ଅଧିକ ସମୁଚ୍ଚ ଆବଶ୍ୟକତା ପ୍ରତି ବେଶ୍ ଅଧିକ ଧ୍ୟାନ ଦିଏ ବୋଲି ଯେଉଁମାନେ ସଦା ସଚେତନ ରହି ଆସିଛନ୍ତି । କିନ୍ତୁ କେବେ ବି ସେମାନଙ୍କ ମଧ୍ୟରେ ସ୍ୱଦେଶବତ୍ସଳତା ଏକ ପ୍ରାଣବନ୍ତ ତଥା ହୃଦୟସ୍ପର୍ଶୀ ଆବେଗ ରୂପେ ପ୍ରସ୍ଫୁଟିତ ହୋଇ ପାରେନି । ନିଜ ଦେଶ ପ୍ରତି, ତା'ର ସାହିତ୍ୟ, ତା'ର ପରମ୍ପରାଗୁଡ଼ିକ ପ୍ରତି, ତା'ର ନାନାବିଧ ପ୍ରଥା ଏବଂ ରୀତିନୀତିଗୁଡ଼ିକ ପ୍ରତି ପ୍ରତ୍ୟେକ ମଣିଷର ଯେଉଁ ସହଜାତ ଅନୁରକ୍ତି ରହିଛି ତାକୁ ବାଦ୍ ଦେଲେ ଗୋଟିଏ ଜାତୀୟ ସଭ୍ୟତାର ସ୍ୱୀକୃତ ଉତ୍କର୍ଷ ମଧ୍ୟରେ ନିହିତ ରହିଛି ସ୍ୱଦେଶବତ୍ସଳତାର ଏକ ଅତିରିକ୍ତ ଉଦ୍ଦୀପନା । ଯଦି ବ୍ରିଟେନ(Britons)ର ଅଧିବାସୀମାନେ ଇଂଲଣ୍ଡର ସକଳ ଦୋଷତ୍ରୁଟି ସତ୍ତ୍ୱେ ତାକୁ ଭଲପାଇ ପାରୁଛନ୍ତି, ଆମେ ଭାରତବର୍ଷକୁ ଭଲ ପାଇବାରେ କାହିଁକି ବ୍ୟର୍ଥ ମନୋରଥ ହୋଇ ପଡ଼ିବୁ ଯାହାର ଦୋଷ ଦୁର୍ବଳତାଗୁଡ଼ିକ ହ୍ରାସ କରି କରି ସର୍ବନିମ୍ନ ସ୍ତରକୁ ଖସେଇ ଆଣି ରଖାଯାଇଥିଲା ବିଦେଶୀ ଶକ୍ତିର ବିଜୟ ପରେ ସମୁଦାୟ ସମାଜ ବିଶୃଙ୍ଖଳିତ ଅବସ୍ଥା ଭିତରେ ନିପତିତ ହେଲା ପର୍ଯ୍ୟନ୍ତ ? ସମଗ୍ର ବିଶ୍ୱରେ ଏଭଳି ଗୋଟିଏ ସଭ୍ୟତାର ବୈଜୟନ୍ତୀକୁ ଧାରଣ କରିବାର ସହଜାତ ଆକାଙ୍କ୍ଷା ଦ୍ୱାରା ପ୍ରଭାବିତ ହେବା ପରିବର୍ତ୍ତେ ଆମେ ନିଜ ସ୍ୱଦେଶୀ ବାସସ୍ଥଳୀରେ ଥାଇ ତା'ର ଅଖଣ୍ଡତାକୁ ବଳବତ୍ତର ରଖିବା ପାଇଁ ଅସମର୍ଥ ହୋଇ ଯାଇଛୁ । ଏହା ହେଉଛି ଏକ ଉତ୍ତର ଦାୟିତ୍ୱ ପ୍ରତି ବିଶ୍ୱାସଘାତକତା । ଏହା ସବୁଠାରୁ କଦର୍ଯ୍ୟ ଧରଣର ଗୋଟିଏ ଅଯୋଗ୍ୟତା । ପୂର୍ବଜମାନଙ୍କଠାରୁ ପ୍ରାପ୍ତ ଏଭଳି ମୂଲ୍ୟବାନ୍ ବିଭବରେ ଆମେ ଆଉ କିଛି ସଂଯୋଗ କରିବା ପାଇଁ ତ ସମର୍ଥ ହୋଇନୁ; ବରଂ ଆମେମାନେ ସ୍ୱୟଂ ନିଜକୁ ଏବଂ ଅଦ୍ୟାବଧି ଅନାଗତ ଭାବୀ ଦାୟାଦଗଣଙ୍କୁ ସେମାନଙ୍କ ବିଧିସଙ୍ଗତ ଐତିହ୍ୟର ସମ୍ପୂର୍ଣ୍ଣ ଉପଭୋଗଠାରୁ ଦୂରେଇ ଦେଇଛୁ । କାରଣ ପ୍ରାଚୀ ସଭ୍ୟତା ଲୁପ୍ତ ହୋଇଯାଇ ନଥିଲେ ମଧ୍ୟ, ଏକ ଜୀବନୀ ଶକ୍ତି ଭାବେ ତିଷ୍ଠି ରହିଥିଲେ ସୁଦ୍ଧା ଏବେ ବି ଏହା ରହିଛି ଏକ ନିମଜ୍ଜିତ ଶକ୍ତି ଭାବରେ, ଆଉ ତା'ର ଅନ୍ତର୍ନିହିତ ଯୋଗ୍ୟତା ନାହିଁ ବୋଲି ଯେ ଏକଥା ଘଟିଛି ତା' ନୁହଁ, କିନ୍ତୁ ତା'ର ଅସଲ କାରଣଟି ହେଲା ଏହା ଏମିତି ଗୋଟିଏ ଗୋଷ୍ଠୀର ବ୍ୟକ୍ତିଙ୍କ ହାତରେ ସଅଁପି ଦିଆଯାଇଛି ଯେଉଁମାନଙ୍କର ତାଙ୍କ ନିଜ ଦ୍ରବ୍ୟଗୁଡ଼ିକ ପ୍ରତି ଆଦୌ କୌଣସି ଶ୍ରଦ୍ଧା ନାହିଁ । ଏଥିରୁ ମନେହୁଏ ସତେ ଯେମିତି ମାର୍ଗଦର୍ଶନ ପାଇଁ ଅବା ଅନୁପ୍ରାଣିତ କରିବା ପାଇଁ ସେମାନଙ୍କର ଅତୀତ ବୋଲି କିଛି ନାହିଁ । ସତେ ଯେମିତି ଅଲେଖା ସିଲଟିଏ ଧରି ସେମାନେ ପାଠ ଆରମ୍ଭ କରିଛନ୍ତି ଆଉ କଦର୍ଯ୍ୟ କଥା ହେଲା ଜଣେ ବିଦେଶୀ କୁଜି କବି (Poetaster)ତାଙ୍କ ଦେଶବାସୀମାନଙ୍କୁ ନିବେଦନ କରି କହୁଛନ୍ତି ''ଅଧା ସଇତାନ, ଅଧା ବାଳୁତ ବୋଲି ଭାବି'' ସେମାନଙ୍କର ଦାୟିତ୍ୱ ନେବାକୁ । ଆମମାନଙ୍କର ଆତ୍ମତୃପ୍ତିରେ ବ୍ୟାଘାତ ସୃଷ୍ଟି କରିବା ପାଇଁ ଏ ଧରଣର ଅପମାନ କ'ଣ ଯଥେଷ୍ଟ ନୁହେଁ ।

କୌଣସି ଭୌତିକ ହିତ ସାଧନର ଦ୍ୱାହି ଦେଇ ଆମେ ତ କିଛି ନିବେଦନ କରୁନୁ । ଏ ପ୍ରକାର ଅମାନବୀୟ କାର୍ଯ୍ୟ ସମ୍ପାଦନ ନିମନ୍ତେ ପାର୍ଥିବ ଲାଭର କୌଣସି ଅଭିଳାଷ ଗୋଟିଏ ଜାତିର ପ୍ରାଣରେ ସାହସ ସଞ୍ଚାର କରି ପାରିବନି । ଯାହା ସମ୍ଭବ ହୁଏ କେବଳ ଯେତେବେଳେ ସେ ଉଦ୍‌ଗ୍ରୀବ ହୋଇ ଉଠେ ଅଦମ୍ୟ ଆଶା ନେଇ ନିଜ ଅତୀତର ଗରିମା ଓ ଗୌରବକୁ ଅକ୍ଷୁଣ୍ଣ ରଖିବା ନିମନ୍ତେ । ଏକଥା ଆମକୁ ନିଶ୍ଚୟ ଉପଲବ୍ଧି କରିବାକୁ ପଡ଼ିବ ଯେ ଆମେ ହେଉଛୁ ମହାନ୍ ଏବଂ ଗୌରବରେ ଭରା, ଆମେ ଯେ ସ୍ୱାଭିମାନୀ ଆଉ ମହତ୍ ଏବଂ ସ୍ୱେଚ୍ଛାକୃତ ସାଷ୍ଟାଙ୍ଗ ପ୍ରଣିପାତ ମାଧ୍ୟମରେ ଆମକୁ ଧୂଳିରେ ମିଶେଇ ଦିଆ ହେଇଛି । ଧନ ଦୌଲତ ଆଉ ସମୃଦ୍ଧିର କୌଣସି ଭୌତିକ ଆଦର୍ଶ କେବେ ବି ଗୋଟିଏ ରାଷ୍ଟ୍ରକୁ ଗଢ଼ି ପାରିନି । କିନ୍ତୁ ଯେତେବେଳେ ସମ୍ମାନବୋଧରେ ଆଞ୍ଚ ଆସିଛି, ଯେତେବେଳେ ମହାନତାର ଚେତନା ପୁନର୍ଜାଗରିତ ହୋଇ ଉଠିଛି, ସେତିକିବେଳେ ଆଉ ଠିକ୍ ସେତିକିବେଳେ ହିଁ କେବଳ ଏକ ପତନୋନ୍ମୁଖୀ ରାଷ୍ଟ୍ରର ବିକ୍ଷିପ୍ତ ଅଙ୍ଗଗୁଡ଼ିକ ଏକାଠି ଛନ୍ଦାଛନ୍ଦି ହୋଇ ଯାଇଛନ୍ତି ଗୋଟିଏ ଶକ୍ତିମାନ୍ ନୈତିକ ପ୍ରବେଗର ଚତୁଃପାର୍ଶ୍ୱକୁ ଘେରି ।

ବିଜିତ ରାଷ୍ଟ୍ରକୁ ପ୍ରୋତ୍ସାହନରେ କ'ଣ ଦିଆ ଯାଇପାରେ ତାହା ରାଜନୈତିକ ମନୀଷୀମାନେ ବର୍ତ୍ତମାନ ବିଚାର କରୁଛନ୍ତି ? ଏଇ ସାମ୍ରାଜ୍ୟବାଦୀ ଭାବପ୍ରବଣତାର ଅର୍ଥ କ'ଣ ଯାହା ''ବର୍ତ୍ତମାନ ପ୍ରତିଟି ଇଂରେଜର ବକ୍ଷରେ ଆଧିପତ୍ୟ ବିସ୍ତାର କରି ଦେଇଛି ପ୍ରବଳ ମାତ୍ରାରେ'' ? ଜଣେ ଲେଖକଙ୍କର ଉକ୍ତି ଅନୁସାରେ ''ଆମେମାନେ ସ୍ୱୟଂ ଯଦି ଗୁରୁତ୍ୱ ସହକାରେ ନିଜକୁ ଏହି ପ୍ରଶ୍ନଟି ପଚାରୁ'' ଆମ ''ସାମ୍ରାଜ୍ୟର ସଂପ୍ରସାରଣରେ ଆମେ କାହିଁକି ଗୌରାବାନ୍ୱିତ ହୋଇ ଉଠୁ, ଏହାର ଉତ୍ତରରେ କୁହାଯାଇପାରେ : ଆଂଶିକ କାରଣ ସ୍ୱରୂପ ଆମେ ଭାବି ନେଉ ଯେ ଆମର ସମୃଦ୍ଧିଗୁଡ଼ିକରେ କିଛି ଯୋଡ଼ି ହୋଇଯାଇଛି,

କ୍ଷମତା ଓ ଆଧିପତ୍ୟର ବୋଧଟିକକ ଆମେ ବେଶ୍ ଉପଭୋଗ କରୁ, ପୁରାତନ ପରମ୍ପରାକୁ ଜାବୁଡ଼ି ଧରିଛୁ, ଆଉ ଇତିହାସର ମହାନ୍ କୀର୍ତ୍ତିରାଜିକୁ ସ୍ମୃତି ଭିତରେ ସାଇତି ରଖି ଦେଇଛୁ; କିନ୍ତୁ ସନ୍ତୋଷର ଏ ସମସ୍ତ ତତ୍ତ୍ୱଗୁଡ଼ିକର ସୀମା ଆର ପାରିରେ ଆଉ ଉର୍ଦ୍ଧ୍ୱକୁ ଆରୋହଣ କରି ଆମେ ଅନୁଭବ କରୁ ଯେ ବ୍ରିଟିଶ ସାମ୍ରାଜ୍ୟ ବ୍ୟାପୀ ନ୍ୟାୟ ବିଚାରର, ବ୍ୟକ୍ତିଗତ ସ୍ୱାଧୀନତାର ଏବଂ ଧର୍ମଗତ ସହନଶୀଳତାର ସେଇ ସମସ୍ତ ଚିନ୍ତାଧାରାଗୁଡ଼ିକୁ ଆମେ ବଳବତ୍ତର କରି ରଖିଛୁ ଯାହା ହେଉଛି ଶହ ଶହ ବର୍ଷର ସାନ୍ନିଧାନିକ ସଂଘର୍ଷର ପରିଣାମ ।'' ବ୍ରିଟେନ୍ ଅଧିବାସୀର ଆତ୍ମବଡ଼ିମା ସୁଦୃଢ଼ କି ଦୁର୍ବଳ ଭିତ୍ତି ଉପରେ ପ୍ରତିଷ୍ଠିତ ସେକଥା ଆମେ ଏଠି ଆଲୋଚନା କରିବା ପାଇଁ ବ୍ୟସ୍ତ ହୋଇ ପଡୁନୁ; କିନ୍ତୁ ସଠିକ ଅବା ଭୁଲ୍‌ବଶତଃ ଏଇ ଭାବପ୍ରବଣତା ତାକୁ ଗ୍ରାସ କରିଯାଇଛି ଆଉ ଏହାର କବଳରେ ପଡ଼ି ସେ ଆଜି ଦୁର୍ଜୟ ହୋଇ ଉଠିଛି । ମିଲ୍ (Mill)ଙ୍କ ଠାରେ ଆମେମାନେ ଉକ୍ତ ସ୍ୱଷ୍ଟୀକରଣ ଦେଖିବାକୁ ପାଉ । ସିଜ୍‌ଉଇକ୍ (Sidgwick) ମଧ୍ୟ ତାଙ୍କ ''ରାଜନୀତିର ମୂଳତତ୍ତ୍ୱ'' (Elements of Politics) ପୁସ୍ତକରେ ସେଇ ସ୍ୱର ଝଙ୍କାର ତୋଳିଛନ୍ତି । ସେ କହିଛନ୍ତି, ''ପାର୍ଥିବ ସୁଖସ୍ୱାଚ୍ଛନ୍ଦ୍ୟ ବ୍ୟତୀତ ଯଥାର୍ଥ ବିଜୟରେ ଯେଉଁ ନ୍ୟାୟସଙ୍ଗତ ଆବେଗଭରା ସନ୍ତୋଷ ଟିକକ ମିଳିଥାଏ ତାକୁ ହିସାବକୁ ନେବା ଉଚିତ । ଏତାଦୃଶ ଆତ୍ମାଭିମାନଗୁଡ଼ିକ ହେଉଛି ଯଥାର୍ଥ ଯାହାକୁ ଗୋଟିଏ ସଭ୍ୟ ସମାଜର ସଂସ୍କୃତିସମ୍ପନ୍ନ ସଭ୍ୟମାନେ ଅନୁଭବ କରନ୍ତି କ୍ଷମତା ଆଧିପତ୍ୟର କଲ୍ୟାଣକାରକ ପ୍ରୟୋଗ ଭିତର ଦେଇ ଏବଂ ନିଜ ରାଷ୍ଟ୍ରର ସ୍ୱତନ୍ତ୍ର ପରିଚୟ ଥାଇ ସବୁଠୁ ଉନ୍ନତ ଶ୍ରେଣୀର ସଭ୍ୟତାକୁ ପ୍ରସାରିତ କରିବା ସକାଶେ ନ୍ୟସ୍ତ ମହାନ୍ ଗୁରୁ-ଦାୟିତ୍ୱର ସମ୍ପାଦନ ମାଧ୍ୟମରେ ଆଉ ସ୍ୱଦେଶ ବତ୍ସଳତାର ଆକୁଳ ଆବେଗଠାରୁ ଅବିଚ୍ଛେଦ୍ୟ – ଅପେକ୍ଷାକୃତ କମ୍ ଉନ୍ନତ ହୋଇଥିଲେ ସୁଦ୍ଧା, – ଗୋଟିଏ ଅଧିକ ତୀବ୍ର ପରିତୃପ୍ତି ଭିତରେ, ଯାହା ହୁଏ ଅଭିବ୍ୟକ୍ତ ତା'ର ଭାଷା ଓ ସାହିତ୍ୟକୁ ଆଧାର କରି ଏବଂ ତା'ର ସ୍ୱାଦଗୁଡ଼ିକୁ ହସ୍ତଗତ କରିବାର ଓ ତା' ପ୍ରଥାଗୁଡ଼ିକର ଅନୁସରଣ କରିବାର ଆକୁଳତା ଭିତର ଦେଇ, ଯାହାକୁ ସମ୍ଭବତଃ ତା'ର ସୁଦୀର୍ଘ ସମୟ ବ୍ୟାପୀ ଶାସନ ଅଧିକରୁ ଅଧିକ ଅବିଶ୍ରାନ୍ତ ଧାରାରେ ଏମିତି ସୃଷ୍ଟି କରି ଚାଲିଥିବ, ବିଶେଷ କରି, ଯେବେ ସେଇ ଶାସନ ମଙ୍ଗଳକାରକ ହୋଇଥାଏ ।''

ଏହିପରି ସିଜ୍‌ଉଇକ୍ (Sidgwick)ଙ୍କ ଉକ୍ତି ଅନୁସାରେ ଆଧ୍ୟାତ୍ମିକ ସଂପ୍ରସାରଣର ଆକାଙ୍କ୍ଷା ଭିତରେ ଭୌତିକ ସଂପ୍ରସାରଣର ସୂତ୍ରପାତ ହୁଏ ଆଉ ଇତିହାସ ମଧ୍ୟ ଏଇ ଦୃଢ଼ ଦାବୀଟିକୁ ସମର୍ଥନ କରେ । କିନ୍ତୁ ଭାରତ କାହିଁକି ତା'ହେଲେ ବିଶ୍ୱ ଭିତରେ ପ୍ରଥମ ଶକ୍ତି ହିସାବରେ ସ୍ୱୀକୃତି ଲାଭ ନ କରିବ ? ଆଉ କେଉଁ ଦେଶର ନିର୍ବିବାଦ ଅଧିକାର ରହିଛି ପୃଥିବୀରେ ଆଧ୍ୟାତ୍ମିକ ପ୍ରଭାବ ଜାହିର କରିବା ପାଇଁ ? ଏହି କାର୍ଯ୍ୟକ୍ରମର ଭିତ୍ତି ଉପରେହିଁ ଆରମ୍ଭ ହୋଇଥିଲା ବିବେକାନନ୍ଦଙ୍କର ଅଭିଯାନ । ଭାରତକୁ ତା' ନିଜ ଆଧ୍ୟାତ୍ମିକତା ସମ୍ପର୍କରେ ସଚେତନ କରି ଦିଆଯାଇପାରିବ ତା'ର ଆଧ୍ୟାତ୍ମିକ ମହିମାର ଅଖଣ୍ଡ ଆଧିପତ୍ୟ ବିସ୍ତାରକାରୀ ଏକ ଚେତନା ବଳରେ । ସକଳ ଦେଶାତ୍ମବୋଧର ମୁଖ୍ୟ ପରିପୋଷକ ହେଉଛି ଏହି ମହିମାର ବୋଧ । ଏହାହିଁ କେବଳ ପରିସମାପ୍ତି ଘଟାଇ ପାରିବ ସମସ୍ତ ପ୍ରକାରର ଆତ୍ମଗ୍ଲାନିର ଏବଂ ସୃଷ୍ଟି କରି ଚାଲିବ ଗୋଟିଏ ଦେଦୀପ୍ୟମାନ ଆକାଙ୍କ୍ଷା ସେଇ ଅବଲୁପ୍ତ ଭିତ୍ତିର ପୁନରୁଦ୍ଧାର ପାଇଁ ।

[ବନ୍ଦେ ମାତରମ୍, ଜୁନ୍ ୧୯, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

ଅତୀତର ପରମ୍ପରାଗୁଡ଼ିକ ସେହି ଅତୀତରେ ସେମାନଙ୍କ ନିଜ ସ୍ଥାନରେ ଅତୀବ ମହାନ୍, କିନ୍ତୁ ଆମେ ଆହୁରି ଅଧିକ ଆଗକୁ ନଯାଇ କାହିଁକି କେବଳ ସେହିଗୁଡ଼ିକରହିଁ ପୁନରାବୃତ୍ତି କରୁଥିବା – ଏହାର କୌଣସି ଅର୍ଥ ମୁଁ ଦେଖୁ ନାହିଁ । ପୃଥିବୀରେ ଚେତନାର ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ମହାନ୍ ଅତୀତ ଆହୁରି ଅଧିକତର ମହାନ୍ ଭବିଷ୍ୟତ୍ ଦ୍ୱାରା ଅନୁସୃତ ହେବା ଉଚିତ ।

– ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦ

ଡକ୍‌ଟର ସି. ଆର. ରେଡ୍ଡୀ*

ମାନନୀୟ ଚାନ୍ସେଲର୍ ମହୋଦୟ,

ଏଇ ଯେଉଁ ଜାତୀୟ ପୁରସ୍କାରର ବ୍ୟବସ୍ଥା ଆମେ କରିଛୁ, ଏହାର ଉଦ୍ଦେଶ୍ୟ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ସଦସ୍ୟବୃନ୍ଦ ଏବଂ ସମସାମୟିକ ଭାରତର ଯେଉଁମାନେ ଶ୍ରେଷ୍ଠ ବ୍ୟକ୍ତି – ଯେଉଁମାନଙ୍କ ପ୍ରେରଣାଦାୟକ ବ୍ୟକ୍ତିତ୍ୱର ପ୍ରଭାବ ଦ୍ୱାରା ଇତିହାସ ରଚିତ ହୁଏ ଏବଂ ଯେଉଁମାନେ ଇତିହାସରେ ବଞ୍ଚି ରହନ୍ତି ସ୍ଥାୟୀ ଜ୍ୟୋତିଃ ସଦୃଶ, ଯେଉଁ ଜ୍ୟୋତିଃ ଚତୁର୍ଦିଗରୁ ଆଚ୍ଛାଦିତ ହୋଇ ରହିଥିବା ଘନାୟମାନ ଅନ୍ଧକାର ମଧ୍ୟରେ ବି ଆମକୁ ପଥ ପ୍ରଦର୍ଶନ କରାଏ – ସେଇ ଦୁଇପକ୍ଷଙ୍କ ମଧ୍ୟରେ ଏକ ପରିଚୟ ଓ ଯୋଗାଯୋଗ ଆଣିଦେବା । ସୁତରାଂ ଏହାହିଁ ଯଦି ଆମର ଉଦ୍ଦେଶ୍ୟ ହୋଇଥାଏ, ତା'ହେଲେ ଆମେ ଆଜି ଆମ ସାର୍ଥକତାର ଶୀର୍ଷରେ ପହଞ୍ଚିଛୁ, ଯେହେତୁ ଶ୍ରୀଅରବିନ୍ଦ ଅନୁଗ୍ରହ କରି ଆମର ଏ ଅର୍ଘ୍ୟ ଗ୍ରହଣ କରିବାକୁ ଅଙ୍ଗୀକାର କରିଛନ୍ତି । ଏହା ପ୍ରଦାନ କରି ଆମେ ତାଙ୍କୁ ପୁରସ୍କୃତ କରିବାକୁ ଯାଉ ନାହୁଁ, ବରଂ ଏକ ସବିନୟ ଅର୍ଘ୍ୟ ଅର୍ପଣ କରୁଛୁ । ମନୁଷ୍ୟ ସମାଜ ପାଇଁ ଶ୍ରୀଅରବିନ୍ଦଙ୍କର ଅବଦାନର ମହନୀୟତା ଯଦି ଆମର ଏଇ ଶ୍ରଦ୍ଧା ନିବେଦନରେ ସୂଚିତ ହୁଏ, ତେବେ ତାଙ୍କର ଏହାକୁ ଗ୍ରହଣ କରିବାକୁ ସମ୍ମତ ହେବାହିଁ ଆନ୍ଧ୍ର ବିଶ୍ୱ-ବିଦ୍ୟାଳୟ ପକ୍ଷରେ ଶ୍ରେଷ୍ଠ ସୌଭାଗ୍ୟ ଓ ଆଶୀର୍ବାଦ ବୋଲି ମନେ କରୁଛୁ ।

ଅଧୁନାତନ ଯୁଗର ଶ୍ରେଷ୍ଠତମ ଏକକ ପ୍ରତିଭା ରୂପେ ଶ୍ରୀଅରବିନ୍ଦଙ୍କୁ ମୁଁ ଭକ୍ତିପୂତ ବିନମ୍ର ଚିତ୍ତରେ ଅଗ୍ରପୂଜ୍ୟ ରୂପେ ବରଣ କରୁଛି । ରାଷ୍ଟ୍ରର ବୀର ଜନନାୟକମାନଙ୍କ ଅପେକ୍ଷା ମଧ୍ୟ ତାଙ୍କର ଆସନ ମହତ୍ତର । ମାନବଜାତିର ତ୍ରାଣକର୍ତ୍ତାମାନଙ୍କ ମଧ୍ୟରେ ଅନ୍ୟତମ ଯିଏକି ସର୍ବକାଳର, ସର୍ବଜାତିର, ଆପଣାର – 'ସନାତନ' ନାମରେ ଯେଉଁମାନେ ପରିଚିତ ହୋଇ ଆସିଛନ୍ତି, ସେମାନେ ନିଜର ସାକ୍ଷାତ୍ ଶାଶ୍ୱତ ଉପସ୍ଥିତିର ପ୍ରଭାବ ଦ୍ୱାରା ଆମ ଜୀବନଧାରାକୁ ସଂଜୀବିତ କରି ଆସିଛନ୍ତି, ସେ ବିଷୟରେ ଆମେ ସଚେତନ ଥାଉ ଅବା ନଥାଉ ।

ହିନ୍ଦୁ ସଂସ୍କୃତିରେ ଋଷି ପରମ୍ପରାହିଁ ସବୁଠାରୁ ଗୌରବୋଜ୍ଜ୍ୱଳ ତଥା ଅମୂଲ୍ୟ ସମ୍ପଦ । ଏହାର ଉତ୍ସ କେଉଁ ସୁପ୍ରାଚୀନ କାଳର ଗହନ-ଗଭୀରରେ ବିସ୍ମୃତ, କିନ୍ତୁ ଯାହାର ପ୍ରବାହଧାରା ଏବେ ବି ଅବ୍ୟାହତ । ଅନନ୍ତ କାଳ ଯାଏଁ ଏଇ ମହତ୍ ସ୍ରୋତ ବହି ଚାଲିବ, ଯେତେବେଳ ଯାଏଁ ଏହା ଶାଶ୍ୱତରେ ମିଳିତ ନ ହୋଇଛି । ବୈଦିକ ଯୁଗରୁ ପୁରୁଷ ପୁରୁଷ ଧରି ଆମର ଏଇ ପରମ୍ପରା ଗଢ଼ି ଚାଲିଛି । ଉପନିଷଦ୍ ଯୁଗର ଋଷିଗଣଙ୍କ ପରେ ମହାବୀର, ତପ୍‌ରେ ଆସିଲେ ସିଦ୍ଧାର୍ଥ ଗୌତମ, ମାନବିକତାର ସାର୍ଥକ ବିକଚ କୁସୁମ ଭଳି ପରିପୂର୍ଣ୍ଣତାକୁ ସମନ୍ୱିତ କରି ଧରାପୃଷ୍ଠରୁ ସ୍ୱର୍ଗର ଉଚ୍ଚତମ ଶୀର୍ଷ ଯାଏଁ ଉଠିଯାଇଛି ଯାହାଙ୍କର କୀର୍ତ୍ତି । ଏବଂ ତା'ପରେ ନାନକ, ଶିବାଜିଙ୍କୁ ଅନୁପ୍ରାଣିତ କରିଥିବା ରାମଦାସ ତଥା ଆମ୍ଭମାନଙ୍କର ଏଇ ଯୁଗରେ ଦୟାନନ୍ଦ ସରସ୍ୱତୀ, ଶ୍ରୀରାମକୃଷ୍ଣ ପରମହଂସ, ରମଣମହର୍ଷି ଏବଂ ଆମେ ଆଜି ଯାହାଙ୍କୁ ଜାତୀୟ ପୁରସ୍କାରରେ ଭୂଷିତ କରିବାକୁ ଯାଉଛୁ, ସେହି ଶ୍ରୀଅରବିନ୍ଦଙ୍କ ପର୍ଯ୍ୟନ୍ତ ।

ଜନୈକ ମହାନ୍ ଫରାସୀ ମନୀଷୀ ଶ୍ରୀଅରବିନ୍ଦଙ୍କୁ ଏଇ ଋଷି-ପରମ୍ପରାର ସର୍ବଶେଷ ଋଷି ବୋଲି ସମ୍ମାନିତ କରିଛନ୍ତି ।

---

* ୧୯୪୮ ମସିହା ଡିସେମ୍ବର ୧୧ ତାରିଖରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଶ୍ରୀଅରବିନ୍ଦଙ୍କୁ ଯେଉଁ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲା, ତାହାର ନାମ ଥିଲା : 'କାଟାମାଞ୍ଚି ରାମଲିଙ୍ଗ ଜାତୀୟ ପୁରସ୍କାର' । ଏଇ ଅନନ୍ୟ ପୁରସ୍କାରଟି ସ୍ୱାଧୀନତା ପରବର୍ତ୍ତୀ ସମୟର ଶ୍ରେଷ୍ଠ ପୁରସ୍କାର ଥିଲା, ଯାହା ଗୃହୀତ ହୋଇଥିଲା ଶ୍ରୀଅରବିନ୍ଦଙ୍କ ଦ୍ୱାରା । ପରବର୍ତ୍ତୀ କାଳରେ ଏହା ଆଉ କାହାରିକୁ ଅର୍ପଣ କରାଯାଇ ନାହିଁ । ସେଇ ଉପଲକ୍ଷ୍ୟରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ଶ୍ରୀଯୁକ୍ତ ସି. ଆର. ରେଡ୍ଡୀ ଯେଉଁ ଉଦ୍‌ଭାଷଣ ଦେଇଥିଲେ ତାହା ଏହି ପ୍ରବନ୍ଧର କଥାବସ୍ତୁ । ସୌଭାଗ୍ୟର ବିଷୟ ଏଇ ଯେ ଏହାକୁ ଅର୍ଘ୍ୟ ରୂପେ ଶ୍ରୀଅରବିନ୍ଦଙ୍କୁ ନିବେଦନ କରାଗଲା ଯାହା ଗ୍ରହଣ କରିବାକୁ ସେ ସ୍ୱୀକୃତ ହେଲେ ।

– ସଂପାଦକ

କାଳ ଦୃଷ୍ଟିରୁ ଦେଖିଲେ ସେ ଆମର ନିକଟତମ; ମୃତ୍ୟୁ ଓ ଶୋକ ଜର୍ଜରିତ ଏ ଜଗତରେ ଋଷିମାନେ ହେଉଛନ୍ତି ଅମୃତ ଆନନ୍ଦର ବ୍ୟକ୍ତିସତ୍ତା ଏବଂ ଯୁଗେ ଯୁଗେ ସେମାନେ ସୁଦୂର ପ୍ରସାରୀ ଜ୍ୟୋତିର୍ମୟ ଉଦ୍ଭାସର ସ୍ପନ୍ଦନ ଦେଇ ଆମକୁ ସଂଜୀବିତ କରୁଛନ୍ତି ସେଇସବୁ ଜ୍ୟୋତିଷ୍କମାନଙ୍କ ଭଳି – ଯାହାଙ୍କୁ ଜ୍ୟୋତିର୍ବିଦ୍‌ମାନେ ନୈସର୍ଗିକ ଲୋକର 'ବତିଘର' ବୋଲି ଆଖ୍ୟା ଦେଇଛନ୍ତି ।

ଶ୍ରୀଅରବିନ୍ଦ ତାଙ୍କ ପ୍ରତିଭାର ବିପୁଳତା ଓ ବ୍ୟାପକତାରେ ସୀମାତିକ୍ରମ କରିଛନ୍ତି । ଏକାଧାରରେ ସେ କବି, ନାଟ୍ୟକାର, ଦାର୍ଶନିକ, ସମାଲୋଚକ, ଶାସ୍ତ୍ର-ବ୍ୟାଖ୍ୟାକାର ଏବଂ ବେଦ ତଥା ଗୀତାର ଓ ଭାରତର ଅତ୍ୟୁତ୍କୃଷ୍ଟ ଗାଥା ତଥା ଉପାଖ୍ୟାନଗୁଡ଼ିକର ବିଶଦ ଭାଷ୍ୟକାର । ପୁନରାୟ ଏତତ୍ ବ୍ୟତୀତ ସେ ଏ ସମସ୍ତର ଊର୍ଦ୍ଧ୍ୱରେ ଅନ୍ୟ କିଛି – ଏପରି ଏକ ମହାନ୍ ଆତ୍ମା ଯିଏ ବିଶ୍ୱାତ୍ମାଙ୍କ ସହ ଏକାତ୍ମତା ଲାଭ କରିଛନ୍ତି ଓ ସାଧନାର ଗଭୀରତା ମଧ୍ୟରୁ ଐଶ୍ୱର୍ଯ୍ୟମାନ ତୋଳି ଆଣିଛନ୍ତି ଯାହା ଅମୂଲ୍ୟ ଓ ପ୍ରୋଜ୍ଜ୍ୱଳ । ମାତ୍ର ଶ୍ରୀଅରବିନ୍ଦଙ୍କର ଏଇ ବହୁବିଧ ବିଭାବ ଭାବନା, ପ୍ରେରଣା ଓ ଉଦ୍ଦେଶ୍ୟ ଭିତରେ ବିଦ୍ୟମାନ ଏକ ସ୍ୱାଭାବିକ ସଂହତି । ସେଗୁଡ଼ିକ ଯେପରି ତାଙ୍କ ନିଜ ଭିତରେ ଥିବା ଅସୀମ ଶାଶ୍ୱତର ବିବିଧ ପର୍ଯ୍ୟାୟର ପ୍ରତିଫଳନ ।

ଶ୍ରୀଅରବିନ୍ଦଙ୍କ ବର୍ଷଭିତ୍ତିକ ଜୀବନ ପଞ୍ଜିକା ଏଠାରେ ମୁଁ ଉପସ୍ଥାପନ କରିବାକୁ ଯାଉ ନାହିଁ । ଆମର ପ୍ରାଧ୍ୟାପକ ଶ୍ରୀନିବାସ ଆୟେଙ୍ଗାର ମହାଶୟଙ୍କ ଲିଖିତ ଶ୍ରୀଅରବିନ୍ଦଙ୍କ ଅନୁପମ ଜୀବନୀ ଗ୍ରନ୍ଥ ରହିଛି ଆମ ସମସ୍ତଙ୍କର ପ୍ରଣିଧାନ ନିମନ୍ତେ – ଗ୍ରନ୍ଥଟିର ରଚନାଶୈଳୀ ଏତେ ଚିତ୍ତାକର୍ଷକ ଓ ଶକ୍ତିଶାଳୀ ଯେ ଇଂରାଜୀ ସାହିତ୍ୟ-କ୍ଷେତ୍ରରେ ଏହା ମହତ୍ତ୍ୱପୂର୍ଣ୍ଣ ଶ୍ରେଷ୍ଠ କୃତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସମ୍ଭବତଃ ଶ୍ରୀଅରବିନ୍ଦଙ୍କର ନିଜସ୍ୱ ଆଲୋକର ପ୍ରତିଫଳନରେ ମୁଁ ନିଜେ ଉଦ୍ଭାସିତ ହୋଇ ଉଠିବାର କ୍ଷୁଦ୍ର କ୍ଷମତୀୟ ଲାଳସା ପ୍ରେରିତ ହୋଇ କହିବାକୁ ଯାଉଛି ଯେ ଆମେ ଉଭୟେ କେମ୍ବ୍ରିଜର ଅନ୍ତେବାସୀ, ଅବଶ୍ୟ ସେ ମୋର ପୂର୍ବଗାମୀ ଥିଲେ ଏବଂ ବରୋଦା କଲେଜରେ ଉପାଧ୍ୟକ୍ଷ ରୂପେ ମୁଁ ତାଙ୍କର ଆସନରେ ଉପସ୍ଥାପିତ ହୋଇଥିଲି । ତାଙ୍କୁ, ତାଙ୍କର ପୂର୍ବାଶ୍ରମରେ ଜାଣିବାର ସୌଭାଗ୍ୟ ମୋର ହୋଇଛି, ଯଦିବା ତାହା ଅତି ସାମାନ୍ୟ । ଆମ ଦୁଇଜଣଙ୍କର କେତେ ଜଣ ସମାନ ଆତ୍ମୀୟ-ବନ୍ଧୁ ଥିଲେ; ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ସୁବୋଧ ମଲ୍ଲିକ । ବରୋଦା କଲେଜର ଅଧ୍ୟକ୍ଷ Mr. A. B. Clark ଥରେ ମୋତେ କହିଲେ, ''ତା'ହେଲେ ତୁମେ ଅରବିନ୍ଦ ଘୋଷଙ୍କୁ ଭେଟିଛ ? ତାଙ୍କ ଚକ୍ଷୁଦୁଇଟିକୁ ଲକ୍ଷ୍ୟ କରିଛ ? ସେ ଦୁଇଟିରେ କେମିତି ଏକ ଅଲୌକିକ ଅଗ୍ନି ଓ ଆଲୋକ ରହିଛି, ସେଗୁଡ଼ିକ ଯେପରି ସେପାରକୁ ଭେଦ କରୁଛି ।'' ତା'ପରେ ସେ ପୁଣି ମନ୍ତବ୍ୟ କଲେ, ''ଯଦି ଜୋନ୍-ଅଫ୍-ଆର୍କ ସ୍ୱର୍ଗୀୟ ବାଣୀ ଶୁଣୁଥିଲେ, ଅରବିନ୍ଦ ନିଶ୍ଚୟ ହୁଏତ ସ୍ୱର୍ଗୀୟ ଦୃଶ୍ୟାବଳୀ ଦେଖୁଥିବେ ।'' କ୍ଲାର୍କ ସାହେବ ଥିଲେ ବସ୍ତୁବାଦୀମାନଙ୍କ ଭିତରେ ବି ବସ୍ତୁବାଦୀ । ସେଭଳି ସଂସାର-ମୁଖୀ କିନ୍ତୁ ଚମତ୍କାର ଲୋକଟି କେମିତି ଯେ ଏଭଳି ଆଭାସ ପାଇଥିଲେ,– ଏହା ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗେ; ବିଶେଷ କରି ସେତେବେଳ ଯାଏଁ ଏହିସବୁ ପ୍ରଭା ପ୍ରଚ୍ଛନ୍ନ, ଅପ୍ରକଟ ଥିଲା । ମାତ୍ର କେବେ କେବେ କ'ଣ କଳାମେଘ ଭିତରୁ ବିଦ୍ୟୁତ୍‌ର ଝଲକ ମୁହୂର୍ତ୍ତକ ପାଇଁ ପ୍ରକଟିତ ହୋଇ ଆଖି ଝଲସାଇ ଦିଏ ନାହିଁ ! ଆଲିପୁର ଜେଲରେ ଶ୍ରୀଅରବିନ୍ଦଙ୍କୁ ନିର୍ଜନ ସେଲ୍ କକ୍ଷରେ ରଖାଯାଇଥିଲା, ସେଠାରେ ସେ ବର୍ଷେକାଳ ନୀରବ ଧ୍ୟାନରେ ମଗ୍ନ ଥିଲେ, ସେଇଠାରେହିଁ ତାଙ୍କ ଜୀବନର ମୋଡ଼ ବଦଳି ଗଲା । ବ୍ରିଟିଶ ସରକାର ତାଙ୍କ କାୟାକୁ ବନ୍ଦୀ କଲା ସିନା, ଆତ୍ମାକୁ ତାଙ୍କର ମୁକ୍ତ କରିଦେଲା । ଅବଶ୍ୟ ସେମାନଙ୍କ ଉଦ୍ଦେଶ୍ୟ ସେପରି ନଥିଲା । ତେବେ ଆମର ସର୍ବୋତ୍ତମ କୃତି ବୋଲି ଆମେ ଯାହାକୁ ମନେକରୁ, ତାହା ପ୍ରାୟଶଃ ଆମର ଅଜାଣତରେ, କଦବା କ୍ୱଚିତ୍ ସ୍ୱାଭାବିକ ଭାବେ ହୋଇଥାଏ । ଶରୀରର ବନ୍ଦିତ୍ୱ, ଅଥଚ ଆତ୍ମ-ପୁରୁଷର ମୁକ୍ତିହିଁ ତାଙ୍କ କାରାଜୀବନର ଅଦ୍ଭୁତ ପରିଣତି – ଏହାହିଁ ବିଚିତ୍ର ! ଏଇଠାରେହିଁ ତାଙ୍କର ଅତୀନ୍ଦ୍ରିୟ ଉପଲବ୍ଧିଟି* ଘଟିଥିଲା ଏବଂ ଯେଉଁଥିରେ ତାଙ୍କର ଶାଶ୍ୱତ ସତ୍ୟର ପ୍ରତ୍ୟକ୍ଷ ଅନୁଭବ ହେଲା, ଯାହା ଆମ ସ୍ଫୁଟ-ତତ୍ତ୍ୱର ସିଦ୍ଧାନ୍ତ ଅନୁଯାୟୀ ଚିରକାଳ ଧରି ବିଦ୍ୟମାନ ତଥା ବ୍ୟୋମାକାଶରେ ନିତ୍ୟ ଭାସମାନ ରହି ଏ ବିଶ୍ୱଭୁବନକୁ ଆବେଷ୍ଟନ କରି ରହିଛି । ଆତ୍ମୋପଲବ୍ଧିର ଆରମ୍ଭ ପର୍ବରେ ସେ ପଣ୍ଡିଚେରୀକୁ ଚାଲିଆସିଲେ ୧୯୧୦

---

* ଭାରତ ମାଟିରେ ପାଦଦେବା ମୁହୂର୍ତ୍ତରେହିଁ ଏଇ ପ୍ରକାର ଅଲୌକିକ ଉପଲବ୍ଧି ଘଟିବା ତାଙ୍କର ଆରମ୍ଭ ହୋଇଥିଲା । ବରୋଦାରେ ଲେଲେଙ୍କ ସହ ସାଧନାରତ ଥିଲାବେଳେ ତାଙ୍କର ମହାନ୍ ଉପଲବ୍ଧି ଘଟିଲା ଯାହା ଥିଲା ଅଦ୍ୱୈତ-ଭିତ୍ତିକ ।

ମସିହାରେ । ତେବେ କୌଣସି ଋଷି କ'ଣ କେବେ ଅବସର ନେଇ ପାରନ୍ତି ? ହୁଏତ ସିଏ ଶାରୀରିକଭାବେ କର୍ମକ୍ଷେତ୍ରରୁ ଅବସର ନେଇ ପାରନ୍ତି; ଅନେକ ସମୟରେ କର୍ମକ୍ଷେତ୍ରରୁ ଏଇ ଅବସର ଗ୍ରହଣ ସାଧକର ସୁ-ଉଚ୍ଚ ସ୍ୱର୍ଗାଭିମୁଖରେ ଆତ୍ମ-ଉତ୍ତରଣ ତଥା ସୂକ୍ଷ୍ମଭାବେ ବିଶ୍ୱ-ପରିକ୍ରମଣ ପର୍ବର ମୁଖବନ୍ଧ ଭଳି । ତାଙ୍କର ଭୌତିକ ସତ୍ତା ପଣ୍ଡିଚେରୀରେ ଅବସ୍ଥାନ କରୁଥିଲେ ବି ତାଙ୍କର ପ୍ରଭାବ – ତାହାର ସୀମାକୁ କ'ଣ ଦେଶ ଓ କାଳର ଅବଧି ମଧ୍ୟରେ ବାନ୍ଧି ପାରିବା ? ଆଉ ତାଙ୍କର ଆଶ୍ରମ, ତାହା ଯେପରି ସମଗ୍ର ପୃଥିବୀରେ ବିକିରଣ କରୁଥିବା ଏକ ଜ୍ୟୋତିଃ କେନ୍ଦ୍ର: ଯେଉଁଠିକୁ ଜାତି ଓ ଦେଶ ନିର୍ବିଶେଷରେ ନାନା ଦେଶର ଅନୁରାଗୀ ଭକ୍ତ ତଥା ଚିନ୍ତାଶୀଳ ମାନବ ଆକର୍ଷିତ ହୋଇ ଆସୁଛନ୍ତି । ବୟସର ଦୃଷ୍ଟିରୁ ଦେଖିଲେ (୧୯୪୮ ମସିହା ବେଳକୁ) ତାଙ୍କର ବୟଃକ୍ରମ ଛଅସ୍ତରି ବର୍ଷ, କିନ୍ତୁ ଯଥାର୍ଥରେ କାଳ ତାଙ୍କୁ ସ୍ପର୍ଶ କରି ପାରି ନାହିଁ କିଂବା ପୃଥିବୀ ଅବା ପାର୍ଥିବ ମଳିନତା ତାଙ୍କୁ ଛୁଇଁ ପାରି ନାହିଁ । ତାଙ୍କର ଅନ୍ତରାତ୍ମା ଜ୍ୟୋତିଷ୍ମ ଭଳି ଓ ତାହା ସବୁଥିରୁ ପୃଥକ୍ ଓ ସ୍ୱତନ୍ତ୍ର ।

ଶ୍ରୀଅରବିନ୍ଦଙ୍କଠାରେ ସାହିତ୍ୟ, ତତ୍ତ୍ୱ-ଦର୍ଶନ ଏବଂ ଉପଲବ୍ଧିର ସାଧନା, ଯେପରି ଏ ସମସ୍ତ ପରସ୍ପରର ସହଯୋଗିତା ତଥା ସଙ୍ଗତି ରକ୍ଷା କରି ଧରାପୃଷ୍ଠରୁ ସ୍ୱର୍ଗାଭିମୁଖେ ଊର୍ଦ୍ଧ୍ୱାୟନରେ ଚାଲିଛନ୍ତି । କେ. ଆର୍. ଆୟେଙ୍ଗାର ମହାଶୟଙ୍କର ଚମତ୍କାର ସଂକ୍ଷିପ୍ତ ଭାଷାରେ କୁହାଯାଇଛି : ''ତାଙ୍କଠାରେ ଦ୍ରଷ୍ଟା ହୋଇଛନ୍ତି ବାସ୍ତବର ସମ୍ମୁଖୀନ; କବି ଗାନ କରିଛନ୍ତି ତାଙ୍କର ସମାଧିସ୍ଥ ମହିମମୟ ବ୍ୟାପ୍ତିର ବର୍ଣ୍ଣନା; ଦାର୍ଶନିକ ତାଙ୍କର ଅନ୍ତର୍ଦର୍ଶନକୁ ବ୍ୟାଖ୍ୟା କରିବାକୁ ସଚେଷ୍ଟ ଯୌକ୍ତିକ ମାର୍ଗ ନେଇଛନ୍ତି; ଯୋଗୀ ମାନବ-ଚେତନାର ଆକାଙ୍କ୍ଷିତ ପରିବର୍ତ୍ତନରେ ଉପନୀତ ହେବା ପାଇଁ ଏକ ପଦ୍ଧତି ତଥା ବହୁବିଧ ସାଧନବିଶିଷ୍ଟ ଏକ ଉପାୟ ଆମ ଆଗରେ ରଖି ଦେଇଛନ୍ତି; ସମାଜ-ବିଜ୍ଞାନୀ ଆଗାମୀ କାଲିର ଜଗତକୁ ଗଠନ କରିବା ପାଇଁ ଅର୍ଥପୂର୍ଣ୍ଣ ଇଙ୍ଗିତ ଓ ସୂଚନାମାନ ଆଙ୍କି ଦେଇଛନ୍ତି; ଏବଂ ସୃଜନଶୀଳ ସମାଲୋଚକ, 'ଭାବିଯୁଗର କାବ୍ୟ'ର ଛନ୍ଦ-ଧ୍ୱନିକୁ ଅନୁଭବ କରି ନେଇ 'ନବୀନ' କବି କେମିତି ଭାବେ ମୌଳିକ ଆଧ୍ୟାତ୍ମିକତାର ଡେଣାରେ ଭରାଦେଇ ଉଡ଼ିଚାଲିବ ଆଉ ଆତ୍ମାର ଅମୋଘ ଛନ୍ଦସବୁକୁ ଭାଷାରେ ରୂପାୟଣ କରିବ – ସେ କଥା ସେ ବର୍ଣ୍ଣନା କରିଛନ୍ତି ।''

କବି ହିସାବରେ ଶ୍ରୀଅରବିନ୍ଦଙ୍କ ସ୍ଥାନ ବହୁ ଊର୍ଦ୍ଧ୍ୱରେ । ଛନ୍ଦଶାସ୍ତ୍ର ଦୃଷ୍ଟିରୁ ଅତିକଠିନ ଯେଉଁ କାବ୍ୟଛନ୍ଦ Blank Verse, ଯାହା ଅପରିଣତ ହାତରେ ପୂରାପୂରି ଗଦ୍ୟ ଭଳି ହୋଇ ଉଠିବାର ଆଶଙ୍କା ରହିଛି, ସେଇ ଛନ୍ଦଶୈଳୀକୁ ଆପଣାର ନିଜସ୍ୱ ଢଙ୍ଗରେ ଏକ ଉଚ୍ଚତମ ଅନନ୍ୟ ମାଧ୍ୟମ ରୂପେ ନେଇ ସେ 'ଉର୍ବଶୀ', 'ପ୍ରେମ ଓ ମୃତ୍ୟୁ' ଏବଂ 'ସାବିତ୍ରୀ' – ଏକ ଗାଥା ଓ ପ୍ରତୀକ ଇତ୍ୟାଦି କାବ୍ୟକୁ ଇଂରାଜୀ ସାହିତ୍ୟରେ ଲାଳିତ୍ୟ ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଅତୁଳନୀୟ ଅବଦାନ ଭାବେ ରଖିଛନ୍ତି । ହେକ୍ସାମିଟର୍ ଛନ୍ଦ ଯେଉଁ କ୍ଲାସିକାଲ୍ ଛନ୍ଦକୁ ଆଧୁନିକ କାବ୍ୟଭୂମିରେ ରୋପଣ କରିବା କଷ୍ଟସାଧ୍ୟ, ସେଥିରେ ସେ ଛନ୍ଦୋବନ୍ଧିତ 'ଅହନା' ଓ 'ଇଲିୟନ' ଭଳି ଅତ୍ୟୁତ୍କୃଷ୍ଟ ରଚନା ସୃଷ୍ଟି କରିଛନ୍ତି । 'ସାବିତ୍ରୀ' ଏବେ ପର୍ଯ୍ୟନ୍ତ ଉଚ୍ଚତା ତଥା କଳେବରରେ ବିକଶିତ ହୋଇଚାଲିଛି, ସୌନ୍ଦର୍ଯ୍ୟ ଓ ଲାବଣ୍ୟର ପରିପୂର୍ଣ୍ଣତାରେ ପହଞ୍ଚି ନାହିଁ ଏବଂ ସେଇଟି ଯେତେବେଳେ ପୂର୍ଣ୍ଣାବୟବ ଲାଭ କରିବ ସେତେବେଳେ ମହାଭାରତର ଏଇ ଅମର ଉପାଖ୍ୟାନଟି ନୂତନ ବର୍ଣ୍ଣଶୋଭା, ନୂତନ ଜୀବନରେ ସ୍ପନ୍ଦିତ ହେବ ଓ ନୂତନ ଆକର୍ଷଣ ନେଇ ଉଦ୍ଭାସିତ ହେବ ।

ଶ୍ରୀଅରବିନ୍ଦ ତାଙ୍କର ସମାଲୋଚନାମୂଳକ ଅଧିକାଂଶ ରଚନାରେ, ବେଦ ଓ ଗୀତାର ବ୍ୟାଖ୍ୟାରେ ତାଙ୍କର ବିପୁଳ ତଥ୍ୟାନୁସନ୍ଧାନ, କବିସୁଲଭ ସମ୍ବୋଧି, ଦାର୍ଶନିକର ଅନ୍ତର୍ଜ୍ଞାନ ସହିତ ଆର୍ଷ ଦୃଷ୍ଟିକୁ ସମ୍ମିଳିତ କରିଛନ୍ତି । ତାଙ୍କର ଏକ ବାର୍ତ୍ତା ବିଶ୍ୱ-ଜାତିସଂଘକୁ ଅନୁପ୍ରାଣିତ କରିବାକୁ ସକ୍ଷମ ଏବଂ ସେଥିରେ ଆଧ୍ୟାତ୍ମିକ ଭିତ୍ତିଭୂମି ଓ ଆଶା ସଂଯୋଜିତ କରିପାରେ; ସେଇଟି ଏଠାରେ ଉଦ୍ଧୃତ : ''ନାନା ବିବିଧତା ଭିତରୁହିଁ ବିବର୍ତ୍ତନ ଯାତ୍ରାରମ୍ଭ କରେ ସରଳରୁ ନେଇ ବହୁଧା ଜଟିଳ ଐକ୍ୟ ଅଭିମୁଖରେ । ମାନବଜାତି ଐକ୍ୟ-ପ୍ରତିଷ୍ଠା ଦିଗରେହିଁ ଗତି କରୁଛି ଏବଂ ଦିନେ ନା ଦିନେ ଏହା ସେଇଠାରେ ଉପନୀତ ହେବ ।'' ଏଇ ଉକ୍ତି ଯଥା : 'ଜଟିଳ ଐକ୍ୟ' ଅତି ସୁନ୍ଦର ଗୋଟିଏ କଥା ଯାହା ସୁଦୂରଲଭ୍ୟ ଆଶା ଓ ଆଶ୍ୱାସନାର ରଶ୍ମିରେଖା । ଯଦ୍ୟପି ଅଧୁନା ଆମେ ଜଟିଳତାର ଅତିଶୟ ଭାରରେ ବିହ୍ୱଳ ଏବଂ ଆଣବିକ ବୋମାର ପ୍ରଳୟଙ୍କର ଚାପ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଐକ୍ୟର ସନ୍ନିକଟରେ ପହଞ୍ଚି ପାରିବୁ ବୋଲି ଭାବି ପାରୁ ନାହୁଁ ।

ଶ୍ରୀଅରବିନ୍ଦଙ୍କର ବିଶ୍ୱାସ ଥିଲା ସଂଗତିପୂର୍ଣ୍ଣ ବହୁଧା ବୈଚିତ୍ର୍ୟର ଭିତର ଦେଇ ବିବର୍ତ୍ତନ ଧୀର ତଥା ସୁସ୍ଥ ଗତିରେ

ନିଶ୍ଚିତ ଭାବେ ମାନବ-ଐକ୍ୟରେ ଉପନୀତ ହେବ; ତାଙ୍କର ଏଇ ଆସ୍ଥା ଏତେ ଦୃଢ଼ ଯେ ବାହାରର ରୂଢ଼ କଠୋର ଘଟନାବଳୀ ତାହାକୁ ଖର୍ବ କରିପାରିବ ନାହିଁ କି ତା'ର ପ୍ରତିବନ୍ଧକ ହୋଇପାରିବ ନାହିଁ । ପରନ୍ତୁ, ଏହି ବିଶ୍ୱାସ ଏପରି ଦୃଢ଼ ଯାହା ଘଟଣାପ୍ରବାହକୁ ଆପଣା ଆୟତ୍ତ ମଧ୍ୟକୁ ଆଣି, ସେସବୁକୁ ଆପଣା ହୃଦୟର ଅଭିଳାଷ ଅନୁରୂପ ସଜାଡ଼ି ପୁନର୍ଗଠନ କରି ଚାଲିବ । ସେ ସେଇସବୁ ମହାପୁରୁଷମାନଙ୍କ ମଧ୍ୟରୁ ଅନ୍ୟତମ, ଯିଏ ବର୍ତ୍ତମାନ ସମୟକୁ ଏକ ମଧ୍ୟବର୍ତ୍ତିକାଳୀନ ଅସ୍ଥାୟୀ ମୁହୂର୍ତ୍ତ ରୂପେ ଗଣନା କରନ୍ତି – ସେଇ ମୁହୂର୍ତ୍ତ ଯାହା ମନୁଷ୍ୟର ଭାବୀକାଳର ଆଶା-ଭରସାକୁ ବାଟ ଓଗାଳିବାକୁ ଅକ୍ଷମ ।

ଶ୍ରୀଅରବିନ୍ଦଙ୍କୁ କେବଳ ଜଣେ ସାହିତ୍ୟିକ ଅବା ଦାର୍ଶନିକ ଭାବେ ଅନନ୍ୟ ବ୍ୟକ୍ତିତ୍ୱ ବୋଲି କହିଲେ ପର୍ଯ୍ୟାପ୍ତ ହେବ ନାହିଁ, ବରଂ ଊର୍ଦ୍ଧ୍ୱସ୍ଥ ଜ୍ୟୋତିଃରେ ଭାସ୍ୱର ହୋଇ ଯୋଗୀ ରୂପେ ପରଲୋକର ଐଶ୍ୱର୍ଯ୍ୟର ଆନନ୍ଦମୟ ବିପୁଳତାକୁ ଅକାତରେ ଇହଲୋକରେ ବିକୀର୍ଣ୍ଣ କରି ଚାଲିଛନ୍ତି ସିଏ । ସେ ହେଉଛନ୍ତି 'ଦିବ୍ୟଜୀବନ'ର ଉଦ୍‌ଗାତା ତଥା ମନ୍ତ୍ରଦାତା । ତାଙ୍କଠାରେ ଏହାର ଉପଲବ୍ଧି ଘଟିଛି, ଏହା କେବଳ ତାଙ୍କ ମନର ଧାରଣା ମାତ୍ର ନୁହେଁ । ଅନ୍ୟମାନେ ମଧ୍ୟ ସେଇ ଉପଲବ୍ଧିରେ ପହଞ୍ଚି ପାରନ୍ତି । ତାଙ୍କ ଅଧ୍ୟାତ୍ମ-ଅନ୍ୱେଷଣା ଯେଉଁ ମହାନ୍ ଲକ୍ଷ୍ୟରେ ପହଞ୍ଚିବାରେ ସଫଳ ହୋଇଛି, ତାହାର ସ୍ୱରୂପ ବିଷୟରେ ସେ ଚିତ୍ତରଂଜନ ଦାସଙ୍କୁ, ଯିଏ ଆଲିପୁର ମାମଲାରେ ତାଙ୍କ ପକ୍ଷରୁ ଲଢ଼ିଥିଲେ, ଏହିପରି ଲେଖିଥିଲେ : 'ମୁଁ କ୍ରମଶଃ ଅଧିକରୁ ଅଧିକ ପରିଷ୍କାର ଭାବେ ଦେଖି ସାରିଲିଣି ଯେ ମଣିଷ ସର୍ବଦା ଏଇ ବୃଥା ଚକ୍ରାବର୍ତ୍ତର ପଥରେ ନିଷ୍ଫଳ ଯାତ୍ରାରେ ଘୂରି ଘୂରି କେବେ ହେଲେ ବି ଏଥିରୁ ନିଷ୍କୃତି ପାଇବ ନାହିଁ, ସେତେବେଳ ଯାଏଁ ଏପରି ଚାଲିବ, ଯେତେବେଳ ଯାଏଁ ଅନ୍ୟ ଏକ ପ୍ରତିଷ୍ଠ ଭୂମିକୁ ସେ ଉନ୍ନୀତ ନ ହୋଇଛି । ଆମ ସତ୍ତାର ବର୍ତ୍ତମାନର କରଣସବୁକୁ – ବୁଦ୍ଧି, ପ୍ରାଣ, ମନ ତଥା ଦେହକୁ ଏଇ ମହାନ୍ ରୂପାନ୍ତର ସକାଶେ କି ପ୍ରକାର ସତ୍ୟଧର୍ମୀ ଓ ପୂର୍ଣ୍ଣାଙ୍ଗ ମାଧ୍ୟମ ରୂପେ ନିଆଯାଇ ପାରିବ ? ଏଇ ସମସ୍ୟାଟିକୁ ମୁଁ ଏତେଦିନ ଧରି ମୋର ନିଜସ୍ୱ ଅଭିଜ୍ଞତା ଉପରେ ପର୍ଯ୍ୟବେକ୍ଷଣ କରିଛି, ଏବଂ ତା' ଫଳରେ ମୁଁ ଏକ ନିଶ୍ଚିତ ଭିତ୍ତି ତଥା ବୃହତ୍ତର ଜ୍ଞାନ ଲାଭ କରି ସେଇ ଅଜ୍ଞାତ ରହସ୍ୟ ଉପରେ କିଛି ପରିମାଣରେ କର୍ତ୍ତୃତ୍ୱର ଅଧିକାରୀ ହୋଇଛି ।'

ସେ ତାଙ୍କର ତତ୍ତ୍ୱ ଉପସ୍ଥାପିତ କରିଛନ୍ତି 'ଦିବ୍ୟ-ଜୀବନ' ଗ୍ରନ୍ଥରେ; ସେଇଟି ମନୁଷ୍ୟର ଚିନ୍ତା ଓ ଅଭୀପ୍ସାର ଇତିହାସରେ ଏକ ସ୍ମରଣଯୋଗ୍ୟ କୀର୍ତ୍ତିସ୍ତମ୍ଭ, ଯାହାର ରଚନା ସମ୍ବନ୍ଧରେ ସାର୍ ଫ୍ରାନ୍ସିସ୍ ୟଙ୍ଗ ହଜ୍‌ବାଣ୍ଡ୍ ଘୋଷଣା କରିଛନ୍ତି : 'ମୋ ଜୀବନକାଳ ମଧ୍ୟରେ ଯେତେ ଗ୍ରନ୍ଥ ପ୍ରକାଶିତ ହୋଇଛି, ସେଗୁଡ଼ିକ ମଧ୍ୟରେ ଏଇ ଗ୍ରନ୍ଥଟି ସର୍ବଶ୍ରେଷ୍ଠ' । ପିଥାଗୋରସ୍ ସ୍ୱର୍ଗଲୋକର ସଂଗୀତର କଥା କହିଛନ୍ତି, କିନ୍ତୁ ଏଇଥିରେ ରହିଛି ମାନବଜାତିର ସଂଗୀତ, ସେ ସଂଗୀତରେ ବିଷାଦର ଧ୍ୱନି ନାହିଁ, ବରଂ ଏହା ସ୍ୱର୍ଗାଭିମୁଖରେ ଏକ ଆରୋହଣ । ଶ୍ରୀଅରବିନ୍ଦ ବିଶ୍ୱାସ କରନ୍ତି ଯେ ଆମ ସତ୍ତାର ଉଚ୍ଚତର ପର୍ଯ୍ୟାୟକୁ ଆମେ ବିବର୍ତ୍ତିତ ହୋଇଯିବୁ ଏବଂ ଏଇ ବିବର୍ତ୍ତନ ଆମର ବର୍ତ୍ତମାନର ଅସ୍ତିତ୍ୱରେ ଥିବା ଯାବତୀୟ ସୀମାବଦ୍ଧତା ଆଉ ଦୁଃଖଯନ୍ତ୍ରଣାକୁ ଅତିକ୍ରମ କରି ଯିବାରେ ଆମକୁ ସମର୍ଥ କରାଇବ ଆଉ ଏପରି ଏକ ଜଗତ୍ ମଧ୍ୟକୁ ବାଟ କଢ଼ାଇନେବ ଯାହାର ଗତିପ୍ରକୃତି ସମଶାନ୍ତ ଓ ପରିଶୁଦ୍ଧ – ସେ ଜୀବନ ହୋଇଥିବ ସୁସଙ୍ଗତିପୂର୍ଣ୍ଣ ତଥା ଆନନ୍ଦମୟ । ବିବର୍ତ୍ତନର ଏଇ ପ୍ରକ୍ରିୟାଟି ସ୍ୱତଃସ୍ଫୂର୍ତ୍ତଭାବେ ବାସ୍ତବ । ଏବେ ଏହା ସର୍ବତ୍ର କାର୍ଯ୍ୟରତ, ଏବଂ ସ୍ୱୀୟ କାର୍ଯ୍ୟକାରିତାରେ ସଂପୂର୍ଣ୍ଣ ନ ହେବାଯାଏଁ ଏହାର ବିରାମ ନାହିଁ । କାଳକ୍ରମେ ମନୁଷ୍ୟ ଉପନୀତ ହେବ '**ନବଜୀବନ**'ରେ, ଯେଉଁଠି ବେଦନା ଓ ଯନ୍ତ୍ରଣାର ସ୍ଥିତି ନାହିଁ, ନାହିଁ ମୃତ୍ୟୁର ଦଂଶନ ।

ଶ୍ରୀଅରବିନ୍ଦ ଆମର ନୈରାଶ୍ୟକୁ ଦୂର କରିଛନ୍ତି ଏକ ନିଶ୍ଚିତ ଆଗମନୀର ବରାଭୟ ଦେଇ । ଆମମାନଙ୍କର ଏଇ ମରଜଗତରେ ସେ **ଅମର**, ଆଣି ଦେଇଛନ୍ତି ଅମୃତତ୍ୱର ଅଭୟ ଆଶ୍ୱାସନା । ହେ ଶ୍ରୀଅରବିନ୍ଦ ! ଏ ଜଗତ୍ ଆପଣଙ୍କୁ ଏକାନ୍ତଭାବେ କାମନା କରେ ଏବଂ ସେଇ ହେତୁରୁହିଁ ଆପଣ ଆମମାନଙ୍କ ଭିତରେ ରହିଛନ୍ତି ।

ଚାନ୍ସେଲର୍ ମହାଶୟ ! ମୋର ଆପଣଙ୍କୁ ଅନୁରୋଧ ଯେ ଏଇ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ତରଫରୁ ଅନୁଗ୍ରହପୂର୍ବକ ଶ୍ରୀଅରବିନ୍ଦଙ୍କୁ ଏଇ **ଜାତୀୟ ପୁରସ୍କାର**ଟି ଅର୍ପଣ କରନ୍ତୁ; ମୋର ଅଯୋଗ୍ୟତା ସତ୍ତ୍ୱେ ବି ସୌଭାଗ୍ୟ କ୍ରମେ ମୋ ନାମ ଏଥି ସହିତ ସଂପୃକ୍ତ, ସ୍ୱୟଂ ଶ୍ରୀଅରବିନ୍ଦ ଏଠାରେ ଅନୁପସ୍ଥିତ ଥିବା ସତ୍ତ୍ୱେ ବି ଏଇ ଅର୍ଘ୍ୟ ତାଙ୍କ ଉଦ୍ଦେଶ୍ୟରେ । ମୋର ସନ୍ଦେହ ହେଉଛି ଏଇ 'ଅନୁପସ୍ଥିତ' ଶବ୍ଦଟି ଏଠାରେ ଯଥାର୍ଥରେ କେତେଦୂର ପ୍ରଯୁଜ୍ୟ । ଶ୍ରୀଅରବିନ୍ଦ ଯଦ୍ୟପି କଠୋର ତଥା ଏକାନ୍ତ ଜୀବନଯାପନ କରନ୍ତି, କଦବା କ୍ୱଚିତ୍ ଲୋକଙ୍କ

ସାକ୍ଷାତରେ ଆସନ୍ତି ବା ଲୋକଙ୍କୁ ଦର୍ଶନ ଦିଅନ୍ତି, ତଥାପି ପୃଥିବୀର ନାନା ପ୍ରାନ୍ତର ସହସ୍ର ସଂଖ୍ୟାରେ ଭକ୍ତ, ଅନୁଗାମୀ ତାଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଅନୁଭବ କରନ୍ତି । ସେ ଏ ପାର୍ଥିବ ଜଗତର ନୁହନ୍ତି ଓ ଏଇ ପାର୍ଥିବ ବାୟୁମଣ୍ଡଳ ତାଙ୍କୁ ଛୁଇଁ ନାହିଁ, ତେବେ ବି ସ୍ୱର୍ଗ ଧରାକୁ ଘେରି ରଖିବା ପରି ସେ ଆମ ସମସ୍ତଙ୍କୁ ଆବୋରି ରହିଛନ୍ତି । ସୁତରାଂ, ଚାନ୍ସେଲର୍ ମହାଶୟ, ଆପଣ ଯଦି ମୋର ବକ୍ତବ୍ୟକୁ ବାହୁଲ୍ୟ ମନେ ନକରନ୍ତି, ତା'ହେଲେ ଏଇ 'କାଟାମାଞ୍ଚି ରାମଲିଙ୍ଗ ରେଡ୍ଡୀ ଜାତୀୟ ପୁରସ୍କାର'ରେ ଶ୍ରୀଅରବିନ୍ଦଙ୍କୁ ଭୂଷିତ କରି ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରନ୍ତୁ ଓ ତା'ଦ୍ୱାରା ନିଜେ ମଧ୍ୟ ଧନ୍ୟ ହୁଅନ୍ତୁ । ✣

(୧୯୬୬ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପ୍ରେସ୍‌ରୁ ପ୍ରକାଶିତ ଶ୍ରୀନିବାସ ଆୟେଙ୍ଗାର୍‌ଙ୍କ ଦ୍ୱାରା ସମ୍ପାଦିତ C. R. Reddy ଙ୍କର 'Essays & Addresses'ରୁ ଗୃହୀତ ।)

ଶ୍ରୀଅରବିନ୍ଦ ଭବିଷ୍ୟତର ସମ୍ପଦ; ଭବିଷ୍ୟତର ବାର୍ତ୍ତାବହ । ଦିବ୍ୟପରମଇଚ୍ଛାଙ୍କ ଦ୍ୱାରା ଅଭିପ୍ରେତ ହୋଇ ରହିଥିବା ଏକ ଗୌରବମୟ ଭବିଷ୍ୟତର ଉପଲବ୍ଧିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆମକୁ ଯେଉଁ ମାର୍ଗରେ ଯିବାକୁ ହେବ, ସିଏ ସେହି ମାର୍ଗଟିକୁ ଏବେ ମଧ୍ୟ ଦେଖାଇ ଦେଉଛନ୍ତି ।

ସମଗ୍ର ମାନବଜାତିର ଅଗ୍ରଗତି ଏବଂ ଭାରତର ସେହି ଆଲୋକମୟ ନିୟତିକୁ ସମ୍ଭବ କରିବାର କାର୍ଯ୍ୟରେ ଯେଉଁମାନେ ସହଯୋଗ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ଏକ ଅତୀନ୍ଦ୍ରିୟଦର୍ଶୀ ଅଭୀପ୍ସା ଏବଂ ଏକ ସନ୍ଦୀପିତ କର୍ମ-ଯୋଜନାରେ ପରସ୍ପର ସହିତ ସମ୍ମିଳିତ ହୋଇ ଆସିବାକୁ ପଡ଼ିବ ।

୧୫ ଅଗଷ୍ଟ, ୧୯୭୧

*

ଅତିମାନସ ଜଗତଟି ଯେ ପ୍ରକୃତରେ ସମ୍ଭବ ହେବାକୁ ଯାଉଛି, ତାହାରି ଘୋଷଣା କରିବା ଲାଗି ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ । ସିଏ ଯେ କେବଳ ସେହି ଅଭିବ୍ୟକ୍ତିଟିର ଘୋଷଣା କରିଥିଲେ ତା' ନୁହେଁ, ମାତ୍ର ଅତିମାନସ ଶକ୍ତିକୁ ଆଂଶିକ ଭାବରେ ନିଜ ଜୀବନରେ ମଧ୍ୟ ମୂର୍ତ୍ତ କରି ପାରିଥିଲେ, ଏବଂ ସେହି ଜଗତଟିକୁ ଅଭିବ୍ୟକ୍ତ କରି ପାରିବା ସକାଶେ ପ୍ରସ୍ତୁତ ହେବା ଲାଗି ଆମକୁ କ'ଣ ସବୁ କରିବାକୁ ପଡ଼ିବ, ଦୃଷ୍ଟାନ୍ତ ଦ୍ୱାରା ତାହା ଦେଖାଇ ଦେଇଥିଲେ । ସିଏ ଆମକୁ ଯାହାସବୁ କହିଛନ୍ତି, ତାହାର ଅଧ୍ୟୟନ କରିବା ଏବଂ ତାଙ୍କର ଦୃଷ୍ଟାନ୍ତଟିର ଅନୁସରଣ କରିବା ପାଇଁ ପ୍ରୟାସ କରିବା ତଥା ନୂତନ ଅଭିବ୍ୟକ୍ତିଟି ନିମନ୍ତେ ଆପଣାକୁ ପ୍ରସ୍ତୁତ କରିବା – ଆମ ଲାଗି ଏହାହିଁ ସର୍ବୋତ୍ତମ କାର୍ଯ୍ୟ ।

ଏହାରି ଦ୍ୱାରାହିଁ ଆମେ ଜୀବନର ଯଥାର୍ଥ ବୋଧଟିକୁ ଲାଭ କରି ପାରିବା ଏବଂ ତାହା ଯାବତୀୟ ପ୍ରତିବନ୍ଧକକୁ ଅତିକ୍ରମ କରିଯିବା ସକାଶେ ଆମକୁ ଅବଶ୍ୟ ସାହାଯ୍ୟ କରିବ ।

ତେଣୁ, ଆମେ ସେହି ନୂତନ ସୃଜନ ଲାଗି ଜୀବନ ବଞ୍ଚିବା ଏବଂ ତରୁଣ ତଥା ଅଗ୍ରଗତିକାମୀ ହୋଇ ରହିବା ସଙ୍ଗେ ସଙ୍ଗେ ଆପଣାକୁ ଅଧିକରୁ ଅଧିକ ଶକ୍ତିଶାଳୀ କରି ଗଢ଼ିବା ।

୩୦ ଜାନୁଆରୀ, ୧୯୭୨ – ଶ୍ରୀମା

ଲୋକୋତ୍ତର ଚେତନାର କବିତା*

ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆପଣଙ୍କର ଏପରି ସନ୍ଦେହ କାହିଁକି ଯେ ଊର୍ଦ୍ଧ୍ୱତର, ମାନସୋତ୍ତର ଚେତନାରେ ରହି ସେଠାରୁ ସାହିତ୍ୟ ସୃଷ୍ଟି କରିବାର ସମ୍ଭାବନା ରହିପାରେ କି ? ଅବଶ୍ୟ ଏପରି ଭୂମି ରହିଛି ଯେଉଁଠି କେବଳ ସାହିତ୍ୟ-ସୃଷ୍ଟି କାହିଁକି, ଅନ୍ୟ କୌଣସି ପ୍ରକାର ସୃଷ୍ଟିହିଁ ସମ୍ଭବପର ନୁହେଁ – ସେ ଭୂମିଟି ହେଉଛି ନିର୍ବିକଳ୍ପ ସମାଧି, ଅକ୍ଷର ବ୍ରହ୍ମ, ନିର୍ବାଣ ଓ ଲୟର ସ୍ଥାନ । କିନ୍ତୁ ସେ ସ୍ଥିତିକୁ ଛାଡ଼ିଦେଲେ, ଯେଉଁଠାରୁ କିଛି ବି ସୃଜନ ସମ୍ଭବ ହୋଇଛି, ସେଠାରେ ସାହିତ୍ୟ ସୃଷ୍ଟିର ଅବକାଶ ନିଶ୍ଚୟ ରହିଛି । ସାହିତ୍ୟ କ'ଣ ? ସତ୍ୟର, ସୌନ୍ଦର୍ଯ୍ୟର ରୂପ – ବାକ୍ୟର ଆଧାର ଭିତର ଦେଇ । ଏଇ ଯେଉଁ ସୁନ୍ଦର ବାଙ୍‌ମୟ ରୂପ – ତାହା ଯେ ଖାଲି ନିମ୍ନତର ସତ୍ୟର ବସ୍ତୁ ହେବ, ତାହା ନୁହେଁ, ବରଂ ଊର୍ଦ୍ଧ୍ୱତର ସତ୍ୟର ରୂପ ସତ୍ୟ ହୋଇ ପ୍ରକଟ ହୋଇ ପାରିବ । ଆପଣ ହୁଏତ ପଚାରି ବସିବେ – ମର୍ତ୍ତ୍ୟ, ମାନୁଷୀ ବାକ୍ୟ ଅମର୍ତ୍ତ୍ୟ ଅମାନୁଷୀ ସତ୍ୟକୁ ତଥା ସୌନ୍ଦର୍ଯ୍ୟକୁ ପ୍ରକାଶ କରିବାକୁ କେତେଦୂର ସକ୍ଷମ ହୋଇପାରିବ ? ମୋର ଯେତେଦୂର ମନେ ହୁଏ ମନୁଷ୍ୟର ଭାଷା ଯେତେ ବି ଅସମ୍ପୂର୍ଣ୍ଣ, ସୀମାବଦ୍ଧ ହେଉନା କାହିଁକି, ଯଦି ବାକ୍-ବ୍ରହ୍ମ ବୋଲି ଏକ ବସ୍ତୁ ରହିଅଛି – ଶିଳ୍ପୀର ହାତବାଜି ସେହି ଊର୍ଦ୍ଧ୍ୱତର ସତ୍ୟ ଓ ସୌନ୍ଦର୍ଯ୍ୟର ମାନୁଷୀ ଭାଷାରେ ରୂପାନ୍ତର ଘଟିଥାଏ ଯାହା ଫଳରେ ଅଲୌକିକ ଲୋକସକଳ ଧରା ପଡ଼ିଯାଏ । କବିର କବିତ୍ୱର ପରଖ ଏହିଠାରେହିଁ ।

ଆପଣ ଉଚ୍ଚତର ଚେତନାର କବିତା କେମିତି, ତା'ର ଉଦାହରଣ ଚାହିଁଛନ୍ତି । କାହିଁକି ଗୀତା କ'ଣ, ଉପନିଷଦ୍ କ'ଣ ? ଉପନିଷଦ୍‌ର ମନ୍ତ୍ରଟିଏ :

''ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି ।'' (୧)

ଏହା କ'ଣ ଲୋକୋତ୍ତର ଚେତନାର କଥା, ଲୋକୋତ୍ତର କବିତ୍ୱର ବିଷୟ ନୁହେଁ କି ? ଗୀତାର –

''... ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ –''(୨)

ବୁଝିପାରେ ନାହିଁ – ଏହି କବିତ୍ୱ କାହାର ପ୍ରାଣ-ମନକୁ ଉଦ୍‌ବେଳିତ କରି ନ ପକାଏ ? କିଂବା ଧରନ୍ତୁ ବାଇବେଲର –

"And the Spirit of God moved
upon the face of waters."

ଏଠାରେ ବି ଲୋକାୟତ୍ତ ଚେତନାର କଥା କୁହାଯାଇ ନାହିଁ, ତଥାପି କବିତ୍ୱ କ'ଣ କମ୍ ରହିଛି ? ଇଂରାଜୀ କାବ୍ୟରେ Blake ଏହି ଊର୍ଦ୍ଧ୍ୱତର (କିଂବା ଗଭୀରତର) Domain of Consciousnessର କବିତା ଆଣି ଦେଇଛନ୍ତି । ଏପରିକି କୁହାଯାଇପାରେ, ଏହି ଊର୍ଦ୍ଧ୍ୱତର ରାଜ୍ୟରେ ସର୍ବତୋଭାବରେ ଉନ୍ନୀତ ନହେଲେ ବି ବହୁ କବିଙ୍କ ମଧ୍ୟରେ ଏହି ରାଜ୍ୟର ଆଭାସ, ଇଙ୍ଗିତ, ପ୍ରତିଚ୍ଛାୟା ସେମାନଙ୍କର ରଚନାର ବହୁ ସ୍ଥାନରେ ଦେଖିବାକୁ ମିଳେ । ତେବେ ଏଠାରେ ମନେ ରଖିବା ଦରକାର ଯେ higer domain ବୋଲି ବିଶେଷ କୌଣସି ଲୋକକୁ ବୁଝାଏ ନାହିଁ । ମନର ପରପାରରେ ଅତିମାନସ ଲୋକ ଅନେକ ରହିଛି ସ୍ତର ପରେ ସ୍ତର ହୋଇ – ଋଗ୍‌ବେଦର ଭାଷାରେ କହିଲେ – ସାନୁର ଉପରେ ସାନୁ କ୍ରମାଗତ ଊର୍ଦ୍ଧ୍ୱ ଦିଗରେ ଉଠି ଚାଲିଛନ୍ତି ଏବଂ ଏହିସବୁ ପ୍ରତ୍ୟେକଟି ଲୋକର ନିଜସ୍ୱ ସତ୍ୟ, ନିଜସ୍ୱ ସୌନ୍ଦର୍ଯ୍ୟ ରହିଛି ଏବଂ ତାହା ବିଭିନ୍ନ ଭାବରେ ବିଭିନ୍ନ କବିଙ୍କ ଭିତର ଦେଇ ରୂପ ଗ୍ରହଣ କରିପାରେ । ଜିନିଷଟି ଯେତେ ଗଭୀରର ବା ଯେତେ ସୁନ୍ଦରର ଅଥବା ଯେତେ ଅନ୍ତରାଳର ହୋଇଥିବ, ସାଧାରଣ ମଣିଷଙ୍କ ପକ୍ଷରେ ତାହା ସେତେ ଦୁରୂହ ହୋଇଉଠେ ବୁଝିବା ସକାଶେ । ତା'ଛଡ଼ା ଅନେକ କବି ରହିଛନ୍ତି ଯେଉଁମାନଙ୍କ ହାତରେ ଏହି ଦୁରୂହତା ଯଥାସମ୍ଭବ ସହଜ ହୋଇ ଧରାଦିଏ, ପୁଣି ସେହିପରି କେହି କେହି କବି ରହିଛନ୍ତି ଯେଉଁମାନଙ୍କ ହାତରେ ଦୁରୂହ ବିଷୟଟି ଆହୁରି ଦୁରୂହତର ହୋଇ ପ୍ରକାଶ ପାଏ ।

ଆପଣ ଯେଉଁ ଅନ୍ୟ ପ୍ରଶ୍ନଟି କରିଛନ୍ତି ସେଇଟି ହେଉଛି

---

* କୌଣସି ଜଣେ ବନ୍ଧୁଙ୍କ ପତ୍ରର ଉତ୍ତରରେ ଲିଖିତ ।

(୧) ଶ୍ୱେତାଶ୍ୱେତର ଉପନିଷଦ୍ (୬/୧୪), ମୁଣ୍ଡକ ଉପନିଷଦ୍ (୨, ୨/୧୦)

(୨) ଭଗବଦ୍‌ଗୀତା (୯/୩୩)

ଏହିସବୁ ଦୁରଧିଗମ୍ୟ ଚେତନାର କାବ୍ୟସୃଷ୍ଟିର ମଧ୍ୟକୁ ଆମେ ପଶି ପାରିବା କି, ଏସବୁ ଆଦୌ ଆମର ବୋଧଗମ୍ୟ ହେବ କି ? ପଚାରୁଛି : ଉପନିଷଦ୍‌ର ବିଷୟବସ୍ତୁ ଆମର ବୋଧଗମ୍ୟ କି ନୁହେଁ — କାବ୍ୟ ହିସାବରେ ? ଫଳତଃ, ଠିକ୍ କରିବାକୁ ହେବ — ''ଆମେ ବା ଆମର'' କହିଲେ କାହା ବିଷୟରେ କୁହାଯାଉଛି, କାବ୍ୟର ରସ ଆସ୍ୱାଦନ କରିବାକୁ ହେଲେ ସେଇପରି ଶିକ୍ଷା ଦରକାର, ସାଧନା ଦରକାର, ହୃଦୟ-ବୃତ୍ତିର ଅନୁଶୀଳନ ସୌକୁମାର୍ଯ୍ୟ ଦରକାର । ଯେକୌଣସି କବିର ସୃଷ୍ଟିକୁ ବୁଝିବାକୁ ହେଲେ, ହୃଦୟଙ୍ଗମ କରିବାକୁ ହେଲେ, କବିର ସେଇ ଲୋକ ମଧ୍ୟକୁ ପ୍ରବେଶ କରିବାକୁ ହେବ । ଊର୍ଦ୍ଧ୍ୱତର ଚେତନାର କାବ୍ୟକୁ ସମ୍ୟକ୍ ବୁଝିବାକୁ, ହୃଦୟଙ୍ଗମ କରିବାକୁ ବସିଲେ, ଊର୍ଦ୍ଧ୍ୱତର ଚେତନାର ସହିତ ପ୍ରଥମେ ସଂଯୋଗ ସ୍ଥାପନ କରିବାକୁ ହେବ । ଏଇ ସଂଯୋଗର ଅଭାବରୁ ଇଂଲଣ୍ଡରେ ଲେଖକ ବ୍ଲେକ୍ ଏତେଦିନ ଧରି ଅପାଙ୍‌କ୍ତେୟ ହୋଇ ପଡ଼ିଥିଲେ । ଅଳ୍ପ କେତେଜଣ ଗୁଣୀ ମାତ୍ର ଏଇ ସଂଯୋଗର ସୂତ୍ରଟିକୁ ଧରି ପାରିଥିଲେ, ସେମାନଙ୍କ ମାଧ୍ୟମରେ ବ୍ଲେକ୍ ପୁଣି ସର୍ବଜନ-ସମାଦୃତ ହୋଇପାରିଲେ । ତେବେ, ଏହାଛଡ଼ା ବହୁଜନଙ୍କର ବୋଧଗମ୍ୟ ନହେଲେ ମଧ୍ୟ ସେଥିରେ ଶିଳ୍ପର ମର୍ଯ୍ୟାଦା କମିଯାଏ ନାହିଁ । ଭଗବାନଙ୍କୁ ବେଶୀଭାଗ ଲୋକ ଦେଖି ନାହାନ୍ତି, ଉପଲବ୍ଧି କରି ନାହାନ୍ତି, ସମାଦର କରି ନାହାନ୍ତି — ଭଗବାନ୍ ତ ସେସବୁ ଦ୍ୱାରା ଅସିଦ୍ଧ ହୋଇଯାଇ ନାହାନ୍ତି, ଭଗବାନଙ୍କର ସୌନ୍ଦର୍ଯ୍ୟ ତା'ଫଳରେ କିଛି ମ୍ଳାନ ହୋଇଯାଇ ନାହିଁ ।

ଆପଣ କହିପାରନ୍ତି ଏ ପ୍ରକାର esoteric, hermetic ଗୁହ୍ୟ ବା 'କୌଳ' କବିତ୍ୱର ସାର୍ଥକତା କ'ଣ ? ବହୁଜନଙ୍କର ପ୍ରୀତିବିଧାନ ଯିଏ କରିପାରିବ ନାହିଁ, ତା'ର ରହିବା, ନ ରହିବା ଦୁଇଟାଯାକ ସମାନ କଥା । Mute inglorious Milton ମାନଙ୍କ ଦ୍ୱାରା ଅଥବା ଯେଉଁ ସୌନ୍ଦର୍ଯ୍ୟ ''ବୃନ୍ତହୀନ ପୁଷ୍ପସମ ଆପଣାରେ ଆପଣେ ବିକଶି''— ଏଇଭଳି କବିତା ନେଇ ଆମର କାମ କ'ଣ ? ଏଠାରେ ମନେ ରଖିବାକୁ ହେବ ଯେ ''ଆମର'' ଦୃଷ୍ଟିଭଙ୍ଗୀ ''ଆମ ପାଖରେ'' ଯୁକ୍ତିଯୁକ୍ତ ଯାହା, ତା'ଛଡ଼ା 'ସେମାନଙ୍କର' ମଧ୍ୟ ବି ତ ଗୋଟିଏ ଦୃଷ୍ଟିଭଙ୍ଗୀ ରହିଛି — କେବେହେଲେ ବି ଯଦି 'ସେମାନଙ୍କ' ଭଳି ନହୋଇ ପାରିବା ବା ହୋଇ ଉଠିବାକୁ ଚେଷ୍ଟା ନ କରିବା — ପରିଣାମରେ କାହାର ଊଣା ହେବ, କିଏ କ୍ଷତିଗ୍ରସ୍ତ ହେବ ?

ଆପଣଙ୍କ ଶେଷ ପ୍ରଶ୍ନ ହେଉଛି — ଉଚ୍ଚତର ଚେତନାର ସାହିତ୍ୟ କ'ଣ ସାହିତ୍ୟ ହିସାବରେ ନିମ୍ନତର ଚେତନାର ସାହିତ୍ୟ ଅପେକ୍ଷା ମୂଲ୍ୟରେ, ମର୍ଯ୍ୟାଦାରେ ଶ୍ରେଷ୍ଠ ହେବ ? ଏହାର ଉତ୍ତରରେ ମୁଁ କହିବି — ଅବଶ୍ୟ, ସବୁକ୍ଷେତ୍ରରେ ତାହା ନୁହେଁ । ସାହିତ୍ୟ ଆଗେ ସାହିତ୍ୟ ହେବା ବାଞ୍ଛନୀୟ,— ତାହା ଉଚ୍ଚତର ଚେତନା ସ୍ତରରୁ ଆସୁ ବା ନିମ୍ନତର ଚେତନାରୁ ଆସିଥାଉନା କାହିଁକି । ଉଚ୍ଚତର ଚେତନା ଯଦି ଖାଲି ଉଚ୍ଚତର ବିଷୟବସ୍ତୁ ଦେବ, ଅଥଚ ତହିଁରେ ଅଭାବ ରହିଥିବ ଉଚ୍ଚତର ପ୍ରକାଶଭଙ୍ଗୀର, ତେବେ ଶିଳ୍ପ ହିସାବରେ ତାହାକୁ ଉଚ୍ଚତର ମର୍ଯ୍ୟାଦା ଦିଆଯାଇ ପାରିବ ନାହିଁ । 'ବ୍ରହ୍ମ ସତ୍ୟଂ ଜଗତ୍ ମିଥ୍ୟା'— କଥାଟି ମହାକାବ୍ୟ, ଚରମ ଉପଲବ୍ଧିର କଥା ହୋଇପାରେ, ମାତ୍ର କବିତ୍ୱ ହିସାବରେ ମୁଁ ପସନ୍ଦ କରିବି ଏଇ କବିତାର ପାଦଟିକୁ :

"Take, O take those lips away –"

ତେବେ ଉଚ୍ଚତର ଚେତନାର କଥା ଯଦି ବାଙ୍‌ମୟ ହୋଇଉଠେ ଉଚ୍ଚତର ଭଙ୍ଗୀରେ, ତା'ହେଲେ ସେ କ୍ଷେତ୍ରରେ ତାକୁ କହିବାକୁ ହେବ : 'ସୋନେପେ ସୁହାଗା', ଅର୍ଥାତ୍ ସୁନାକୁ ଅଧିକ ଖାଣ୍ଟି ଶୁଦ୍ଧ କରିବା ପାଇଁ ତରଳାଇବା ବେଳେ ସେଥିରେ ସୁହାଗାକୁ ମିଶା ଯାଇଛି । ଋଷିମାତ୍ରେ ଯେ କବି ହେବେ, ଏପରି କଥା ଦୃଢ଼ତାର ସହ କହିହେବ ନାହିଁ, ଠିକ୍ ଯେପରି କୁହାଯାଇ ପାରିବ ନାହିଁ ଯେ କବିମାତ୍ରେହିଁ ଋଷି ହେବେ (ଏଠି ମୁଁ ସାଧାରଣ ପ୍ରଚଳିତ ଅର୍ଥରେ କବି ଓ ଋଷି — ଦୁଇଟି ଶବ୍ଦକୁ ଗ୍ରହଣ କରିଛି) । ମାନସୋତ୍ତର ଲୋକର ଅନୁଭୂତି ଯାହାର ଅଛି, ତାଙ୍କୁ ଋଷି କହିପାରୁ, କିନ୍ତୁ ସେ ଅନୁଭୂତିକୁ ଯେତେବେଳେ ସେ ମାନସୋତ୍ତର ଭାଷାରେ ଓ ଭଙ୍ଗୀରେ ପ୍ରକାଶ କରିପାରନ୍ତି ସେତେବେଳେ ଯାଇ ତାଙ୍କୁ କବି ବୋଲି କହି ପାରିବା ।

କଥା କହୁ କହୁ ଏକ ପ୍ରବନ୍ଧ ହୋଇ ଉଠିଲାଣି । ତେବେ ଏହା ଦ୍ୱାରା ଆପଣଙ୍କର ସାହିତ୍ୟ ବୁଝିବାର ସମସ୍ୟାଟିର ସମାଧାନ ହେଲା କି ନାହିଁ ଜାଣେ ନାହିଁ ।

ଅନୁବାଦ : କୃଷ୍ଣାଦେବୀ ✤

ଅଷ୍ଟମ ସୂକ୍ତ, ଅଗ୍ନିଙ୍କ ପ୍ରତି

ଶ୍ରୀଅରବିନ୍ଦ

ସେ ଦିବ୍ୟ ସଂକଳ୍ପ, ବୈଶ୍ୱ ଲକ୍ଷ୍ୟର ଚରିତାର୍ଥକ
ରଗ୍‌ବେଦ, ମଣ୍ଡଳ-୫, ସୂକ୍ତ-୮, ଋଷି – ଇଷ ଆତ୍ରେୟ

[ପ୍ରାଚୀନତମ କାଳରୁ ଯେଉଁ ମହାନ୍ ପ୍ରୟାସ ଓ ଅଭୀପ୍ସା ନିରନ୍ତର ହୋଇଆସିଛି ତାହାକୁ ଘୋଷଣା କରିବା ସହିତ ଋଷି ଏଠାରେ ସେହି ଦିବ୍ୟ 'ସଂକଳ୍ପ'ର ଦେବତାଙ୍କୁ ସ୍ତୁତି କରୁଛନ୍ତି, ଯିଏ ଆମ ମଧ୍ୟରେ ନିହିତ, ଘନିଷ୍ଠ ଭାବେ ବିଦ୍ୟମାନ, ଯଜ୍ଞର ପୁରୋହିତ, ଏହି ନିବାସର ପ୍ରଭୁ, ଯିଏ ଏହି ବିଶ୍ୱଗତ ପ୍ରବୃତ୍ତିକୁ ଏହାର ସକଳ ବିବିଧତା ସହିତ ଚରିତାର୍ଥ କରିଥା'ନ୍ତି ଏବଂ ଯିଏ କର୍ମ ଓ ଜ୍ଞାନ ଉଭୟକୁ ଉତ୍‌ପ୍ରେରିତ କରି ଏହାକୁ ଲକ୍ଷ୍ୟ ପଥରେ ନେଇଯାଆନ୍ତି ।]

ତ୍ୱାମଗ୍ନ ରତାୟବଃ ସମୀଧିରେ ପ୍ରତ୍ନଂ ପ୍ରତ୍ନାସ ଊତୟେ ସହସ୍କୃତ ।
ପୁରୁଷ୍ଟନ୍ଦ୍ରଂ ୟଜତଂ ବିଶ୍ୱଧାୟସଂ ଦମୂନସଂ ଗୃହପତିଂ ବରେଣ୍ୟମ୍ ॥୧॥

ହେ ଦିବ୍ୟ ସଂକଳ୍ପ [ଅଗ୍ନେ], ତୁମେ ଯିଏକି ଶକ୍ତି ଦ୍ୱାରା ରଚିତ ହୋଇଛ [ସହସ୍କୃତ] ! ପୁରାତନ ଶକ୍ତି ସ୍ୱରୂପ ତୁମକୁ [ପ୍ରତ୍ନଂ ତ୍ୱାମ୍] 'ସତ୍ୟ'ର ପ୍ରାଚୀନ ଅଭୀପ୍ସୁଗଣ [ରତାୟବଃ ପ୍ରତ୍ନାସଃ] ପୂର୍ଣ୍ଣରୂପେ ପ୍ରଜ୍ୱଳିତ କରିଛନ୍ତି [ସମ୍-ଇଧିରେ], ଯାହା ଫଳରେ ସେମାନେ ନିଜ ସତ୍ତାରେ ସେହି ଦେବଙ୍କୁ ବିକଶିତ କରିବେ [ଊତୟେ],– ଯିଏ ଯଜ୍ଞର ଦେବ [ୟଜତମ୍], ବହୁବିଧ ଆନନ୍ଦର ଅଧିକାରୀ ହେତୁ ଯିଏ ସମଗ୍ରକୁ ପ୍ରତିଷ୍ଠା କରିଛନ୍ତି[୧] [ପୁରୁଷ୍ଟନ୍ଦ୍ରଂ ବିଶ୍ୱଧାୟସମ୍], ଯିଏ ଆମ ମଧ୍ୟରେ ଚିର ଅଧିବାସୀ [ଦମୂନସମ୍], ଯିଏ ଗୃହର ସ୍ୱାମୀ [ଗୃହପତିମ୍], ପରମକାଙ୍କ୍ଷିତ ସହବାସୀ [ବରେଣ୍ୟମ୍] ।

ତ୍ୱାମଗ୍ନେ ଅତିଥିଂ ପୂର୍ବ୍ୟଂ ବିଶଃ ଶୋଚିଷ୍କେଶଂ ଗୃହପତିଂ ନି ଷେଦିରେ ।
ବୃହତ୍‌କେତୁଂ ପୁରୁରୂପଂ ଧନସ୍କୃତଂ ସୁଶର୍ମାଣଂ ସ୍ୱବସଂ ଜରଦ୍ୱିଷମ୍ ॥୨॥

ହେ ଦିବ୍ୟ ସଂକଳ୍ପ [ଅଗ୍ନେ], ଲୋକମାନେ [ବିଶଃ] ପରମ ଅତିଥି ତଥା ଆଲୋକ-ଜଟାଧାରୀ ଗୃହପତି ତୁମକୁ [ପୂର୍ବ୍ୟମ୍[୨] ଅତିଥିଂ ଶୋଚିଷ୍କେଶଂ ଗୃହପତିଂ ତ୍ୱାମ୍] ଆଧାର ରୂପେ ଗ୍ରହଣ କରିଛନ୍ତି [ନି ଷେଦିରେ], କାରଣ ତୁମେ ହେଉଛ ବିରାଟ ଦୃଷ୍ଟିଧାରୀ [ବୃହତ୍‌କେତୁମ୍] ତଥା ବିବିଧ ରୂପ ବିଶିଷ୍ଟ [ପୁରୁରୂପମ୍] ଏବଂ ଆମ ଧନସମ୍ପଦର ସାରସ୍ୱରୂପ [ଧନସ୍କୃତମ୍], ତୁମେ ହେଉଛ ସୁଶାନ୍ତି [ସୁଶର୍ମାଣମ୍], ପୂର୍ଣ୍ଣସତ୍ତା [ସ୍ୱବସମ୍], ବିଦ୍ୱେଷୀମାନଙ୍କର ବିନାଶସ୍ୱରୂପ [ଜରଦ୍ୱିଷମ୍][୩] ।

ତ୍ୱାମଗ୍ନେ ମାନୁଷୀରୀଳତେ ବିଶୋ ହୋତ୍ରାବିଦଂ ବିବିଚିଂ ରତ୍ନଧାତମମ୍ ।
ଗୁହା ସନ୍ତଂ ସୁଭଗ ବିଶ୍ୱଦର୍ଶତଂ ତୁବିଷ୍ୱଣସଂ ସୁୟଜଂ ଘୃତଶ୍ରିୟମ୍ ॥୩॥

ହେ ଦିବ୍ୟ ସଂକଳ୍ପ [ଅଗ୍ନେ], ଯଜ୍ଞଶକ୍ତିଗୁଡ଼ିକର ଜ୍ଞାତା[୪] [ହୋତ୍ରାବିଦମ୍], ଯଥାର୍ଥ ବିବେଚନ ଶକ୍ତିଧାରୀ [ବିବିଚିମ୍], ଆମ ନିମନ୍ତେ ଆନନ୍ଦର ଉତ୍ତମ ଧର୍ତ୍ତା [ରତ୍ନଧାତମମ୍] ତୁମକୁ [ତ୍ୱାମ୍] ମାନୁଷ ପ୍ରଜାଗଣ [ମାନୁଷୀଃ ବିଶଃ] ନିଜର ଉପାସନାର ସହ ତୁମକୁ ପ୍ରାପ୍ତ ହେବାକୁ ଚାହୁଁଛନ୍ତି [ଈଳତେ]; ହେ ସୁଭୋକ୍ତା [ସୁଭଗ], ତୁମେ ଆମର ଗୂଢ଼ ସତ୍ତାରେ ଆସୀନ [ଗୁହା

---

(୧) ଅଥବା, ଯିଏ ସମଗ୍ରର ପରିପୋଷକ ।

(୨) ''ପ୍ରଥମ'', ଅର୍ଥାତ୍, ଆଦି ଓ ପରମ ।

(୩) ଏହି ବିରୁଦ୍ଧଶକ୍ତିଗଣ ଆମ ସତ୍ତାର ଐକ୍ୟ ଓ ସମଗ୍ରତାକୁ ଭାଙ୍ଗିଦେବାକୁ ଚେଷ୍ଟା କରନ୍ତି, ଏମାନଙ୍କଠାରୁ ସେହି ସମ୍ପଦରାଜିକୁ ପୁଣି ଉଦ୍ଧାର କରି ଆଣିବାକୁ ହେବ ଯାହା ଯଥାର୍ଥରେ ଆମରି ଜିନିଷ,– ଏମାନେ ମାନବୀୟ ଶତ୍ରୁ ନୁହନ୍ତି ।

(୪) ଅଥବା, ଆହୁତି ଦାନର ବିଧିବିଧାନକୁ ଯିଏ ଜାଣନ୍ତି ।

ସନ୍ତମ୍], ବିଶ୍ୱଦୃଷ୍ଟିରେ ତୁମେ ଅବଲୋକନ କରୁଛ [ବିଶ୍ୱଦର୍ଶତମ୍], ତୁମ ସ୍ୱନକୁ ପ୍ରଚୁରଭାବେ ତୁମେ ଅଜାଡ଼ି ଦେଉଛ [ତୁବି-ସ୍ୱନସମ୍], ତୁମେ ସୁଯାଜ୍ଞିକ [ସୁୟଜମ୍], ବିଶୁଦ୍ଧତାର ମହିମାରେ ତୁମେ ଭାସ୍ୱର [ଘୃତ ଶ୍ରିୟମ୍]।

ତ୍ୱାମଗ୍ନେ ଧର୍ଣସିଂ ବିଶ୍ୱଧା ବୟଂ ଗୀର୍ଭିର୍ଗୃଣନ୍ତୋ ନମସୋପ ସେଦିମ।
ସ ନୋ ଜୁଷସ୍ୱ ସମିଧାନୋ ଅଙ୍ଗିରୋ ଦେବୋ ମର୍ତସ୍ୟ ୟଶସା ସୁଦୀତିଭିଃ ॥୪॥

ହେ ଦିବ୍ୟ ସଂକଳ୍ପ [ଅଗ୍ନେ], ତୁମେ ବିଷୟଗୁଡ଼ିକର ବିଶ୍ୱାତ୍ମକତା ବିଧାନ ସହ ସେଗୁଡ଼ିକୁ ଧାରଣ କରିଛ [ବିଶ୍ୱଧା ଧର୍ଣସିମ୍], ଆମେ [ବୟମ୍] ତୁମକୁ [ତ୍ୱାମ୍] ଆମର ସମର୍ପଣସ୍ୱରୂପ ନମନ ସହ [ନମସା] ତୁମର ନିକଟବର୍ତ୍ତୀ ହେଉଛୁ [ଉପ ସେଦିମ] ଏବଂ ବାକ୍ ଦ୍ୱାରା ତୁମକୁ ବ୍ୟକ୍ତ କରୁଛୁ [ଗୀର୍ଭିଃ ଗୃଣନ୍ତଃ]; ହେ ମହର୍ଷି [ଅଙ୍ଗିରଃ], ମର୍ତ୍ୟମାନଙ୍କ ବିଜୟରେ[୪] [ମର୍ତସ୍ୟ ୟଶସା], ତାହାର ସୁଷ୍ଠୁ ପ୍ରଦୀପନରେ ପ୍ରଜ୍ୱଳିତ ହୋଇଉଠୁଥିବା [ସୁଦୀତିଭିଃ ସମିଧାନଃ] ତୁମେ ଜଣେ ଦେବତା [ଦେବଃ], ତୁମେ ଆମକୁ ସ୍ୱୀକାର କର ତଥା ଆମର ସଂଲଗ୍ନ ହୋଇ ରୁହ [ସଃ ନଃ ଜୁଷସ୍ୱ]।

ତ୍ୱମଗ୍ନେ ପୁରୁରୂପୋ ବିଶେ ବିଶେ ବୟୋ ଦଧାସି ପ୍ରଥ୍ୟା ପୁରୁଷ୍ଟୁତ।
ପୁରୁଣ୍ୟନ୍ନା ସହସା ବି ରାଜସି ତ୍ୱିଷିଃ ସା ତେ ତିତ୍ୱିଷାଣସ୍ୟ ନାଧୃଷେ ॥୫॥

ବହୁବିଧ ସ୍ତୁତିରେ ଅଭିସ୍ତୁତ ହେ ଦିବ୍ୟ ସଂକଳ୍ପ [ପୁରୁଷ୍ଟୁତ ଅଗ୍ନେ], ପ୍ରତିମାନବ ଅନୁଯାୟୀ [ବିଶେ ବିଶେ] ତୁମେ ନାନାରୂପ ଧାରଣ କରିଥାଅ [ପୁରୁରୂପଃ] ଏବଂ ପୁରାକାଳୀନ ସ୍ଥିତି ଭଳି [ପ୍ରଥ୍ୟା] ତୁମେ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ତା'ର ବ୍ୟାପକ ଅଭିବ୍ୟକ୍ତି ପ୍ରତିଷ୍ଠା କରିଥାଅ [ବୟଃ ଦଧାସି]; ତୁମ ଖାଦ୍ୟସ୍ୱରୂପ ସକଳ ବସ୍ତୁକୁ [ପୁରୂଣି ଅନ୍ନା] ତୁମେ ନିଜ ଶକ୍ତିରେ ଦୀପ୍ତିମନ୍ତ କରୁଛ [ସହସା ବିରାଜସି] ଏବଂ ପ୍ରଖରଭାବେ ଜାଜ୍ୱଲ୍ୟମାନ ତୁମର ସେହି ଜ୍ୟୋତିକୁ [ତିତ୍ୱିଷାଣସ୍ୟ ତେ ସା ତ୍ୱିଷିଃ] କେହି ପ୍ରତିହତ କରିପାରିବ ନାହିଁ [ନ ଆଧୃଷେ]।

ତ୍ୱାମଗ୍ନେ ସମିଧାନଂ ୟବିଷ୍ଠ୍ୟ ଦେବା ଦୂତଂ ଚକ୍ରିରେ ହବ୍ୟବାହନମ୍।
ଉରୁଜ୍ରୟସଂ ଘୃତୟୋନିମାହୁତଂ ତ୍ୱେଷଂ ଚକ୍ଷୁର୍ଦଧ୍ରେ ଚୋଦୟନ୍ମତି ॥୬॥

ତରୁଣତମ ତେଜସ୍ୱୀ ଦେବ ହେ ଦିବ୍ୟ ସଂକଳ୍ପ [ୟବିଷ୍ଠ୍ୟ ଅଗ୍ନେ], ଦେବଗଣ ତୁମକୁ ସମିଦ୍ଧ କରି ମନୁଷ୍ୟର ଦୂତ କରିଛନ୍ତି [ଦେବାଃ ତ୍ୱାଂ ସମିଧାନଂ ଦୂତଂ ଚକ୍ରିରେ], ସେମାନଙ୍କ ହବ୍ୟ ବସ୍ତୁଗୁଡ଼ିକର ବାହକ କରିଛନ୍ତି [ହବ୍ୟବାହନଂ (ଚକ୍ରିରେ)]; ଶୀଘ୍ର ଗତିରେ ଯାହାର ଅଛି ବିଶାଳତା [ଉରୁଜ୍ରୟସମ୍], ଶୁଦ୍ଧତା ରୂପକ ଘୃତରୁ ଯାହାର ଜନ୍ମ [ଘୃତୟୋନିମ୍], ଆହୁତିର ଯିଏ ଗ୍ରହଣକାରୀ [ଆହୁତମ୍], ଏହିଭଳି ତୁମକୁ ସେମାନେ (ଦେବତାମାନେ) ତା' ମଧ୍ୟରେ (ମନୁଷ୍ୟ ମଧ୍ୟରେ) ତୀକ୍ଷ୍ଣ ତଥା ଆଗ୍ନେୟ ଚକ୍ଷୁରୂପେ ସ୍ଥାପନ କରିଛନ୍ତି [ତ୍ୱେଷଂ ଚକ୍ଷୁଃ ଦଧ୍ରେ] ଯିଏ ତା'ର ମତିକୁ ପ୍ରେରିତ କରିଥା'ନ୍ତି [ଚୋଦୟନ୍ମତି]।

ତ୍ୱାମଗ୍ନେ ପ୍ରଦିବ ଆହୁତଂ ଘୃତେଃ ସୁମ୍ନାୟବଃ ସୁଷମିଧା ସମୀଧ୍ରେ।
ସ ବାବୃଧାନ ଓଷଧୀଭିରୁକ୍ଷିତୋଽଭି କ୍ରୟାଂସି ପାର୍ଥିବା ବି ତିଷ୍ଠସେ ॥୭॥

ହେ ଦିବ୍ୟ ସଂକଳ୍ପ [ଅଗ୍ନେ], ଆନନ୍ଦାଭୀପ୍ସୁ ମନୁଷ୍ୟମାନେ [ସୁମ୍ନାୟବଃ] ତୁମକୁ [ତ୍ୱାମ୍] ପୂର୍ଣ୍ଣ ଜ୍ୱଳନର ସହ [ସୁଷମିଧା] ସମୁଜ୍ଜ୍ୱଳିତ କରିଛନ୍ତି [ସମୀଧ୍ରେ], ଦ୍ୟୌଃ ଅଭିମୁଖରେ[୫] [ପ୍ରଦିବଃ] ସେମାନେ ନିଜର ଶୁଦ୍ଧତାରୂପକ ଘୃତଧାରାଗୁଡ଼ିକ ଦ୍ୱାରା ତୁମକୁ ପରିପୁଷ୍ଟ କରିଛନ୍ତି [ଘୃତେଃ ଆହୁତମ୍]; ତେଣୁ ଅଭିବୃଦ୍ଧିଶୀଳ [ବାବୃଧାନଃ], ଉତ୍ତାପକୁ ଧାରଣ କରୁଥିବା ନିଜ ଅଭିବୃଦ୍ଧିଗୁଡ଼ିକ ଦ୍ୱାରା ବିସ୍ତାର ଲାଭ କରିଥିବା [ଓଷଧୀଭିଃ ଅଭି ଉକ୍ଷିତମ୍] ତୁମେ [ସଃ] ସକଳ ପାର୍ଥିବ ଜୀବନର ଦ୍ରୁତ ଗତିଶୀଳ ଗତିବୃତ୍ତି ମଧ୍ୟକୁ [ପାର୍ଥିବା କ୍ରୟାଂସି] ବ୍ୟାପକରୂପେ ପ୍ରବେଶ କରିଥାଅ [ବି ତିଷ୍ଠତେ]।

(କ୍ରମଶଃ)

[CWSA, Vol. 15, pp. 421-423] ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ✤

---

(୪) ସିଦ୍ଧିରେ, ଅଥବା ଗୌରବ ବା ମହିମାରେ।

(୫) ଦ୍ୟୌଃ ଓ ପୃଥିବୀ, ଶୁଦ୍ଧ ମାନସିକ ସତ୍ତା ଏବଂ ଭୌତିକ ଚେତନା।

ବିବର୍ତ୍ତନ

ଶ୍ରୀଅରବିନ୍ଦ

ପ୍ରବେଶି ଭବନେ ଏକ ଭାସ୍ୱର ନିଥର
ଦେଖିଲି ବିମ୍ବିତ ଯଥା ସ୍ଫଟିକ-ଦର୍ପଣେ
ପ୍ରାଚୀନ ଶକ୍ତି ଏକ ଆରୋହୁଛି ସର୍ପ-ସଞ୍ଚରଣେ
ମନ୍ଥରିତ ଘୂର୍ଣ୍ଣିପଥ ଯୁଗ-ଯୁଗାନ୍ତର ।

ଏ ପୃଥିବୀ ଲୀଳାଭୂମି ଆଗନ୍ତୁକ ଦେବତାର ଲାଗି
ମଣିଷ ମାତର ତହିଁ ଅର୍ଦ୍ଧତମ-ଜ୍ୟୋତିଃର ଇଙ୍ଗିତ
ଦିବ୍ୟ ଅଭିଗମନର, ଆପଣାକୁ ରଖି ଯା' ଗୁଣ୍ଠିତ
ନିଦ୍ରିତ ଜଡ଼ରୁ ଚାଲେ କ୍ଲେଶକର ଭାରେ ହୋଇ ଭାଗୀ
ଜ୍ଞାନହୀନ ଜୀବନ, ମୃତ୍ୟୁର ପରାପ୍‌ର ଜ୍ୟୋତିଃ ଅନୁସରି ।

ବିମୁକ୍ତ ମାନସ ସନ୍ତରିଲା ଜ୍ୟୋତିଃ-ପାରାବାର,
ଲଭିଲା ନିଷ୍କୃତି ପ୍ରାଣ ତା' ପଥର ମଳିନ ବିଷାଦ;
ଜଡ଼ରେ ଉଜ୍ଜ୍ୱଳି ଉଠେ ଦେଖିଲି ମୁଁ ଧାତ୍ରୀ ବିଭାବରୀ ।

ଅନୁଭବ କଲା ଆତ୍ମା ନିଃସୀମରେ ନିକ୍ଷିପ୍ତ ହେବାର
ରାଗ-ରକ୍ତ ହୃଦପଟ କାଳାତୀତ ବିଭୁ-ଆଶୀର୍ବାଦ ।

[ଶ୍ରୀଅରବିନ୍ଦଙ୍କ ରଚିତ **'Evolution'**
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✤



''କଳା ପାହାଡ଼ର ତୃଷ୍ଣା''

ଶ୍ରୀ ମନୋଜ ଦାସ

- **ନାସ୍ତିକର ଭବିଷ୍ୟତ୍ ଗତି କ'ଣ ?**
- **ଜଗନ୍ନାଥ ବିଗ୍ରହକୁ ଜାଳି ଦେବା ସମ୍ଭବ ହେଲା କେମିତି ?**

ପ୍ରଥମ ଜିଜ୍ଞାସୁ : *ମୁଁ ନାସ୍ତିକ । ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ ନାହିଁ କିଂବା ପରଲୋକରେ ବିଶ୍ୱାସ କରେ ନାହିଁ । ମୋର ଭବିଷ୍ୟତ୍ କ'ଣ ?*

ଉତ୍ତର : ଆପଣ ପରଲୋକରେ ବିଶ୍ୱାସ କରନ୍ତି । ସେଥିପାଇଁ ଭବିଷ୍ୟତ୍ କ'ଣ ବୋଲି ପ୍ରଶ୍ନ କରୁଛନ୍ତି – ଅବଶ୍ୟ ଆପଣଙ୍କ ବକ୍ତବ୍ୟରୁ ଆପଣ ମୃତ୍ୟୁ ପରବର୍ତ୍ତୀ ଭବିଷ୍ୟତ୍ କଥା କହୁଛନ୍ତି ବୋଲି ମୋର ଧାରଣା ହେଲା । ଠିକ୍ ? ଯଦି ଏହି ଜୀବନର ଭବିଷ୍ୟତ୍ କଥା କହୁଛନ୍ତି, ତେବେ ପ୍ରତିମୁହୂର୍ତ୍ତରେ ଆମେ ଭବିଷ୍ୟତକୁହିଁ ଆବିଷ୍କାର କରିଚାଲିଛୁ । ଗତକାଲି ପାଇଁ ଆଜି ଦିନଟି ଥିଲା ଭବିଷ୍ୟତ୍ ।

ଜିଜ୍ଞାସୁ : *ଭାବି ଦେଖୁଛି, ମୃତ୍ୟୁ ପର ଭବିଷ୍ୟତ୍ କଥାହିଁ ମୋ ମନରେ ଥିଲା ।*

ଉତ୍ତର : ସେ ଭବିଷ୍ୟତ୍ ଉଜ୍ଜ୍ୱଳ କି ଅନୁଜ୍ଜ୍ୱଳ, ସେକଥା ଆପଣ ଭଗବାନଙ୍କର ଅସ୍ତିତ୍ୱରେ ବିଶ୍ୱାସ କରୁଛନ୍ତି କି ନାହିଁ, ତାହା ଉପରେ ନିର୍ଭର କରେନା । ନିର୍ଭର କରେ ଆପଣଙ୍କ କର୍ମ ଉପରେ । ନା; ଆଖିଦୃଶିଆ, ସ୍ଥୂଳ କର୍ମ ଉପରେ ନୁହେଁ; କର୍ମରେ ଆପଣଙ୍କୁ ଯେଉଁ ଚେତନା ପ୍ରବୃତ୍ତ କରୁଛି, ତାହାରି ଗୁଣ ଉପରେ । ଭଗବାନଙ୍କ ଉପରେ ତଥାକଥିତ ବିଶ୍ୱାସ ରଖୁଥିବା ଲୋକେ ସମ୍ଭବତଃ ଇତିହାସରେ ସର୍ବାଧିକ ନିର୍ମମତାର ଦୃଷ୍ଟାନ୍ତ ରଖିଛନ୍ତି । ଭଗବାନଙ୍କ ନାମରେ ନରସଂହାର ହୁଏ – ଜନପଦ ପରେ ଜନପଦ, ସହର, ନଗର ଛାରଖାର କରି ଦିଆଯାଏ । ସେସବୁର ଦୃଷ୍ଟାନ୍ତ ଦେବାର କିବା ପ୍ରୟୋଜନ ! ସେଭଳି କର୍ମ ପଶ୍ଚାତରେ ପିଶାଚ ଶକ୍ତି କର୍ମରତ ଥାଏ, ଭଗବତ୍ ଶକ୍ତି ନୁହେଁ ନିଶ୍ଚୟ !

ଏଭଳି ମଣିଷ ଅଛନ୍ତି, ଯେଉଁମାନେ ଭଗବାନ୍ ଅଛନ୍ତି କି ନାହିଁ ସେସମ୍ପର୍କରେ ଚିନ୍ତା କରି ନଥା'ନ୍ତି; ହୁଏତ ସେ ଅଛନ୍ତି ବୋଲି ଧରି ନେଇଥା'ନ୍ତି ଅଭ୍ୟାସବଶତଃ – ଯେମିତି ପ୍ରତିବେଶୀ ଅଛନ୍ତି ବାଁପଟ ଘରେ; ଭଗବାନଟିଏ ଅଛନ୍ତି ଡାହାଣ ପଟ ମନ୍ଦିରରେ । ଏହାକୁ ଆପଣ ବିଶ୍ୱାସ କହିପାରନ୍ତି – ଯାନ୍ତ୍ରିକ, ଚିନ୍ତାଶୂନ୍ୟ ବିଶ୍ୱାସ – କିନ୍ତୁ ଆପଣ ଯେଉଁ ଅର୍ଥରେ ବିଶ୍ୱାସ, ଅବିଶ୍ୱାସ ପ୍ରସଙ୍ଗର ଅବତାରଣା କରୁଛନ୍ତି, ଏହା ସେ ପର୍ଯ୍ୟାୟରେ ଯିବ ନାହିଁ ।

ଯାହା କହୁଥିଲି, ଜଣେ ଭଗବାନ୍ ଥିବା ନଥିବା ସମ୍ପର୍କରେ ଚିନ୍ତା କରୁ ନଥାଇପାରେ, କିନ୍ତୁ ଏମନ୍ତ ଏକ ଚେତନାରେ ଥାଇପାରେ, ଯେଉଁଠି ଅନ୍ୟ ପ୍ରତି ତା'ର ଈର୍ଷା, ବିଦ୍ୱେଷ ନାହିଁ, ସାମାଜିକ ଉଚ୍ଚାଭିଳାଷ ନାହିଁ, କ୍ରୂର ସ୍ୱାର୍ଥାନ୍ଧତା ନାହିଁ । ଅର୍ଥାତ୍ ତା'ର ଚେତନା ଅପେକ୍ଷାକୃତ ପରିଚ୍ଛନ୍ନ । ପରଲୋକ ଅନ୍ତେ ସେ ଏମନ୍ତ ପରିବେଶରେ ପୁନର୍ଜନ୍ମ ନେବ, ଯେଉଁଠି ସେ ଚେତନାକୁ ଆହୁରି ଆଗକୁ ନେବାର ସୁଯୋଗ ଥିବ । ଏଠାରେ ସୁଯୋଗ ବୋଇଲେ ବାଧାବିଘ୍ନର ଅନୁପସ୍ଥିତି ନୁହେଁ । ବାଧାବିଘ୍ନ ରହିବ କିନ୍ତୁ ସେସବୁ ଅତିକ୍ରମ କରିବାର ଅବକାଶହିଁ ସୁଯୋଗ । ଯେଉଁ ସୁଯୋଗ ତାକୁ ଜୀବନର ପରମ ଲକ୍ଷ୍ୟ ଦିଗରେ ଆଉ ଟିକିଏ ଆଗେଇ ନେବ ।

ପ୍ରଶ୍ନଟିକୁ ଆଉ ଟିକିଏ ଗଭୀର ସ୍ତରରୁ ବିଚାର କରାଯାଉ । ଆମ ସାଧାରଣ ବାର୍ତ୍ତାଳାପ ସ୍ତରରୁ ଦେଖିଲେ ମୁଁ ଯାହା କହିବାକୁ ଯାଉଛି ତାହା ତାତ୍ତ୍ୱିକ ବା ଦାର୍ଶନିକ ମନେ ହୋଇପାରେ, କିନ୍ତୁ ସବୁ ପ୍ରଶ୍ନର ଉତ୍ତର ଅତି ସାଧାରଣ ବା ମାମୁଲି ସ୍ତରରେ ମିଳେନା ।

ନିରବତା ହେଲା ଶବ୍ଦର ଅନୁପସ୍ଥିତି । ଶବ୍ଦ ଥାଏ ବୋଲି ନିରବତାର ଅସ୍ତିତ୍ୱ ରହିଛି । ଆମେମାନେ ଏହା ବି କହିପାରୁ ନିରବତା ଥାଏ ବୋଲି ଶବ୍ଦର ଅସ୍ତିତ୍ୱ ଅନୁଭବ କରିହୁଏ । ନିରବତା ଶବ୍ଦର ପଟଭୂମି ହୋଇପାରେ; ଶବ୍ଦ ନିରବତାର ପଟଭୂମି ହୋଇପାରେ । ଆସ୍ତିକତା ନାସ୍ତିକତାର ପଟଭୂମି ହୋଇପାରେ, ନାସ୍ତିକତା ମଧ୍ୟ ଆସ୍ତିକତାର ପଟଭୂମି ହୋଇପାରେ । ପ୍ରକୃତ କଥା ହେଲା ଉପଲବ୍ଧି । ଏମନ୍ତ ଯୁକ୍ତିସବୁ ଉପଲବ୍ଧିର ବିକଳ୍ପ ହୋଇପାରିବେ ନାହିଁ ।

୨ୟ ଜିଜ୍ଞାସୁ : *ତେବେ ଉପଲବ୍ଧି ନହେବା ଯାଏଁ ବିଶ୍ୱାସ ସମ୍ଭବପର ନୁହେଁ ବୋଲି କହିବାକୁ ହେବ !*

ଉତ୍ତର : କିଏ କହିବ ଆପଣଙ୍କ ବିଶ୍ୱାସ ଉପଲବ୍ଧି-ସମ୍ଭୂତ ନୁହେଁ ? ଆପଣଙ୍କ କଳେବରଟିର ବୟସ ଆପଣ କହିଦେଇ ପାରିବେ । ଆପଣଙ୍କ ଚେତନାର ବୟସ କିନ୍ତୁ ଆପଣଙ୍କ ଜାତକରୁ ମିଳିବ ନାହିଁ । ଆମ ଜୀବନରେ ପୂର୍ବଜନ୍ମ ସମୂହର ଅଭିଜ୍ଞତା ଉପଲବ୍ଧିର ନିର୍ଯାସହିଁ ବିଶ୍ୱାସ ରୂପେ ପ୍ରକଟିତ ହୋଇଥାଇପାରେ ।

କଥା ହେଲା, ଯେତେବେଳେ ଆମ ଦୃଷ୍ଟିକୋଣର ବିକାଶ ହେବ, ତାହା ବ୍ୟାପକରୁ ବ୍ୟାପକତର ହେବ, ସେତେବେଳେ ଆମେ ଅନୁଭବ କରିବା ଏକ ମହାଶକ୍ତି ଏ ଚରାଚର ବିଶ୍ୱର ଆଧାର ତଥା ତାହାହିଁ ବିଶ୍ୱ ଭିତରେ କାର୍ଯ୍ୟରତ । ସେ ମହାଶକ୍ତିର କାର୍ଯ୍ୟକଳାପ ବିଚିତ୍ର । ଗୋଟାଏ ଘାସଫୁଲ ପଛରେ ମହାଶକ୍ତିର ଯେତିକି ଗୁଣଗତ ଉପସ୍ଥିତି ରହିଛି, ସମଗ୍ର ସୃଷ୍ଟି ପଛରେ ସେତିକି ମାତ୍ରାର ଗୁଣଗତ ଉପସ୍ଥିତି ରହିଛି । ସେ ମହାଶକ୍ତି ବିନା ସୂର୍ଯ୍ୟ ଓ ନକ୍ଷତ୍ରରାଶି ଯେମିତି ସମ୍ଭବପର ନୁହେଁ, ଘାସଫୁଲଟିଏ ମଧ୍ୟ ସେମିତି ସମ୍ଭବପର ନୁହେଁ ।

ତୃତୀୟ ଜିଜ୍ଞାସୁ : *ସୃଷ୍ଟିର ଉତ୍ସ ଆନନ୍ଦ । ସତ ?*

ଉତ୍ତର : ସତ ବା ମିଛ – ତା'ର ପ୍ରମାଣପତ୍ର ଦେବାକୁ ମୁଁ କିଏ ? ଆପଣ ଓ ମୁଁ ଆନନ୍ଦ ବୋଇଲେ କ'ଣ ବୁଝୁ, ତାହା ଉପରେ ଏହାର ଉତ୍ତର ନିର୍ଭର କରେ । ଗୋଟାଏ ବଗିଚା ଭିତରକୁ ଯାଆନ୍ତୁ । ଏକ ପରେ ଏକ ବିବିଧ ପୁଷ୍ପ ଉପରେ ଏକାଗ୍ର ହୁଅନ୍ତୁ । ସେ ସଂହତ ରୂପ, ସେ ପ୍ରଭା, ସେ କୋମଳତା – ସେସବୁ ପଛରେ ଯେଉଁ ଜୀବନ୍ତ ଶକ୍ତି, ସିଏ ବିନା ଆନନ୍ଦରେ ଏମିତି ସର୍ଜନା କରିବ କି ?

କେତେ ପ୍ରକାର ଫଳମୂଳ; କେଡ଼େ ବିଚିତ୍ର ସେସବୁର ଭିନ୍ନ ଭିନ୍ନ ସ୍ୱାଦ । ବିନା ଆନନ୍ଦରେ କିଏ ତା'ର ଯୋଜନା କରିବ ? କିଏ ମାଟି, ପାଣି, ପବନ ଭିତରେ ତା'ର ପ୍ରତିଶ୍ରୁତି ନିହିତ କରିବ ?

ଆପଣ ନିଜେ ଯଦି ନୂଆ ଘରଟିଏ ନିର୍ମାଣ କରିବାକୁ ଯାଉଥିବେ, ତେବେ ତାହା ଦୁଃଖ-ପ୍ରେରିତ ହୋଇ ଦୁଃଖ ପାଇବା ଆଶାରେ କରିବେ ନା ଆନନ୍ଦ ପ୍ରେରିତ ହୋଇ ଆନନ୍ଦ ପାଇବା ଆଶାରେ କରିବେ ? ଆନନ୍ଦର ବହୁ ରୂପ – ସନ୍ତୋଷ, ତୃପ୍ତି, ପୁଲକ ଇତ୍ୟାଦି ଇତ୍ୟାଦି । ଆପଣ ଯାହାକିଛି କରୁଛନ୍ତି, ସେସବୁରୁ ସନ୍ତୋଷ ପାଇବା ନିମନ୍ତେ ନା ଦୁଃଖ ପାଇବା ନିମନ୍ତେ କରୁଛନ୍ତି ? ସୃଷ୍ଟିର ଭିତ୍ତି ଆନନ୍ଦ – ଏହି ବୃହତ୍ତର ଅର୍ଥରେ – ସୃଷ୍ଟି ଭିତରେ ପ୍ରବାହିତ ମଧ୍ୟ ଆନନ୍ଦର ସଂଗୋପନ ଧାରା ।

ଭଗବାନଙ୍କର ଏକ ରୂପ ବା ପରିପ୍ରକାଶ ହେଲା ବିଶ୍ୱାସ । ଆପଣ ଯଦି ନାସ୍ତିକତାରେ ବିଶ୍ୱାସୀ, ସେହି ନାସ୍ତିକତାହିଁ ଆପଣଙ୍କର ଭଗବାନ୍ । ବିଶ୍ୱାସ ଏକ ଶକ୍ତି । ସବୁ ଶକ୍ତିର ଉତ୍ସ ଭଗବାନ୍ । ଆପଣ ଭଗବାନ୍ ବଦଳରେ ଅନ୍ୟ କୌଣସି ଶବ୍ଦ ବ୍ୟବହାର କରିପାରନ୍ତି । ସମସ୍ୟା ହେଲା, ଭଗବାନ୍, ଈଶ୍ୱର, ବ୍ରହ୍ମ – ଏ ସବୁ ଶବ୍ଦର କୌଣସି ସର୍ବଜନସମ୍ମତ ନିର୍ଦ୍ଦିଷ୍ଟ ଧାରଣା ନାହିଁ । ପ୍ରତ୍ୟେକେ ନିଜ ନିଜ ସାମାଜିକ, ପାରିବାରିକ ପ୍ରଭାବ, ନିଜ ନିଜ ବୋଧଶକ୍ତି, ନିଜ ନିଜ ସଂସ୍କାର ଓ ଗତାନୁଗତିକ ବଂଶଗତ ଧର୍ମବିଶ୍ୱାସ ଅନୁସାରେ ଭଗବାନଙ୍କର ଗୋଟାଏ ଗୋଟାଏ ଗୁଣ-ରୂପ ତାଲିକା କରି ନେଇଥା'ନ୍ତି ।

ଉପପ୍ରଶ୍ନ : *ସେଥିରେ ସମସ୍ୟା କ'ଣ ?*

ଉତ୍ତର : ସମସ୍ୟା ହେଲା, ପ୍ରତ୍ୟେକଙ୍କର ଧାରଣା ବା ଜ୍ଞାନ ଠିକ୍; ସେ ସମସ୍ତ ଧାରଣା ବା ଜ୍ଞାନ ଭଗବାନଙ୍କ ଅନ୍ତର୍ଭୁକ୍ତ ମଧ୍ୟ, କିନ୍ତୁ ଭଗବାନ୍ କୌଣସି ଜଣକର ଧାରଣା ଓ ଜ୍ଞାନ, ଅଥବା ସମସ୍ତଙ୍କର ସମଷ୍ଟିଗତ ଧାରଣା ଓ ଜ୍ଞାନ ଦ୍ୱାରା ସୀମିତ ନୁହନ୍ତି । ସେ ବ୍ୟକ୍ତିଗତ ଓ ବିଶ୍ୱଗତ ଠିକ୍, କିନ୍ତୁ ସେ ବିଶ୍ୱାତୀତ ମଧ୍ୟ । ଆମ ଚେତନା ଯେତିକି ମାତ୍ରାରେ ପ୍ରସାରିତ ହୋଇ ଚାଲିଥିବ, ତାଙ୍କ ସମ୍ପର୍କରେ ଧାରଣା ମଧ୍ୟ ସେତିକି ବ୍ୟାପ୍ତ ହୋଇ ଚାଲିଥିବ ।

ତୃତୀୟ ଜିଜ୍ଞାସୁ : *'ଭଗବାନ୍' କଥାଟି ସମ୍ପର୍କରେ ମୋର ଧାରଣା ବଦଳିଯିବା ଭଳି ଲାଗୁଛି ଯେ, କିନ୍ତୁ ...*

ଉତ୍ତର : ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣଙ୍କର, ମୋର ଧାରଣା ସହଜରେ ବଦଳେ ନାହିଁ । ଅନ୍ତତଃ ଯୁକ୍ତି ଦ୍ୱାରା ନୁହେଁ । ଆପାତତଃ ବଦଳିଯିବା ଭଳି ଲାଗୁଥିଲେ ମଧ୍ୟ କିଛି ସମୟ ଅଥବା କିଛି ଦିନ ପରେ ପୂର୍ବଧାରଣା ପ୍ରତ୍ୟାବର୍ତ୍ତନ କରିପାରେ ।

ଦ୍ୱିତୀୟ ଜିଜ୍ଞାସୁ : *ମୋ ବନ୍ଧୁଟି ଭଳି ମୁଁ ଅବଶ୍ୟ ନାସ୍ତିକ ନୁହେଁ । କିନ୍ତୁ ଥରେ ଥରେ ଭଗବାନଙ୍କ ଦୁରବସ୍ଥା ମୋତେ ଚିନ୍ତାରେ ପକାଏ । ସାମାନ୍ୟ ମଣିଷ କଳାପାହାଡ଼ ଆସି ଜଗନ୍ନାଥଙ୍କୁ ନେଇଯାଇ ଦାହ କରିଦେଲା ! ଜଗନ୍ନାଥ ମହାପ୍ରଭୁ ନିଜକୁ ରକ୍ଷା କରିପାରିଲେ ନାହିଁ ! ଆଉ ...*

ଉତ୍ତର : ଟିକିଏ ରୁହନ୍ତୁ; ଆମେ ଭୁଲିଯିବା ପୂର୍ବରୁ ଆପଣଙ୍କ ବକ୍ତବ୍ୟର ଦୁଇଟି ଶବ୍ଦ ସମ୍ପର୍କରେ ମୋତେ ସଂଶୋଧନୀ ପ୍ରସ୍ତାବ ରଖିବାର ଅନୁମତି ଦିଅନ୍ତୁ । କଳାପାହାଡ଼

ମଣିଷଟିଏ ଭାବରେ ସାମାନ୍ୟ ନିଶ୍ଚୟ – ଯେଉଁ ମଣିଷ ଜୟ ପରାଜୟ, ଜରାବ୍ୟାଧି ଓ ମୃତ୍ୟୁର ଅଧୀନ। କିନ୍ତୁ ମଣିଷକୁ ଆଧାର କରି ସେଭଳି ଧ୍ୱଂସାତ୍ମକ, ବର୍ବର ଏବଂ ପୈଶାଚିକ କର୍ମସବୁ ସଂପାଦିତ କରେ ଭଗବତ୍-ବିରୋଧୀ କୁଶକ୍ତି। ଯୁଗେ ଯୁଗେ ତାହା ସେ କରି ଆସିଛି। ମଣିଷ ତନୁ ଆଶ୍ରୟ କରି ଦିବ୍ୟଶକ୍ତି ମଧ୍ୟ ଶୁଭଙ୍କର ଏବଂ ଚେତନାର ଅଭିବୃଦ୍ଧିର ସହାୟକ କାର୍ଯ୍ୟ କରୁଥାଏ। ଦ୍ୱିତୀୟ କଥା ହେଲା, କଳାପାହାଡ଼ ମହାପ୍ରଭୁଙ୍କୁ ପୋଡ଼ି ନାହିଁ, ଏକ ମୂର୍ତ୍ତିକୁ ପୋଡ଼ିଛି।

ହେଲା, କ'ଣ କହୁଥିଲେ ଶେଷ କରନ୍ତୁ।

ଦ୍ୱିତୀୟ ଜିଜ୍ଞାସୁ : *ଅଧିକ କିଛି ନୁହେଁ; ମୋ ପ୍ରଶ୍ନର ଉତ୍ତର ଆପଣ ଦେଇ ସାରିଲେଣି। କଳାପାହାଡ଼ କେମିତି ଭଗବାନଙ୍କୁ ପୋଡ଼ିଦେଲା ଏବଂ ଭଗବାନ୍ ତାକୁ ସହ୍ୟ କଲେ, ଏହି କଥାଟି ମୋତେ ଆବାଲ୍ୟ ବିସ୍ମିତ କରୁଥାଏ।*

ଉତ୍ତର : ଭଗବାନଙ୍କୁ ପୋଡ଼ିବାକୁ ହେଲେ ଏ ଚରାଚର ବିଶ୍ୱ, ଏ ବ୍ରହ୍ମାଣ୍ଡ ବିଧ୍ୱସ୍ତ କରିବା ଲୋଡ଼ା। ସୂର୍ଯ୍ୟଙ୍କୁ ଲିଭାଇ ଦେବା ଲୋଡ଼ା, ସମସ୍ତ ଗ୍ରହ, ନକ୍ଷତ୍ରଙ୍କୁ ଚୁର୍‌ମାର୍ କରିଦେବା ଲୋଡ଼ା। ଅସୀମ ନୀଳ ଆକାଶକୁ ଜାଳିଦେବା ଲୋଡ଼ା।

ତୃତୀୟ ଜିଜ୍ଞାସୁ : *ତଥାପି ଆମେ ଭଗବାନ୍ ବୋଲି ପୂଜା କରୁଥିବା ବିଗ୍ରହକୁ ଜଣେ ଜାଳିଦେବ, ଭଗବାନ୍ କିଛି କରିବେ ନାହିଁ !*

ଉତ୍ତର : ବାସ୍ତବିକ, ମନେହୁଏ ଭଗବାନଙ୍କର ସେତିକି ଦାୟିତ୍ୱବୋଧ ନାହିଁ। କେଉଁଠାରେ ପଢ଼ିଥିଲି – ବାଳକଟିଏ ସନ୍ଧ୍ୟାବେଳେ ତା' ମାଆବାପାଙ୍କ ସହ ପ୍ରାୟ ସବୁଦିନ ମନ୍ଦିରକୁ ଯାଏ। ବର୍ଷକ ପରେ ହଠାତ୍ ଦିନେ ଦେଖାଗଲା, ସେ ଦିଅଁଙ୍କ ଆଗରେ ଚକା ପାରି ଧ୍ୟାନସ୍ଥ ହୋଇଯାଇଛି। ବିସ୍ମିତ ମାଆବାପା ଅପେକ୍ଷା କଲେ। କିଛି ସମୟ ପରେ ପୁଅ ଉଠିପଡ଼ି ସ୍ୱାଭାବିକ ଭାବରେ ଘରକୁ ଫେରିଲା।

ମାଆ ପଚାରିଲେ, 'କଥା କ'ଣ ? ଆଜି ତୁ କେମିତି ପ୍ରାର୍ଥନା ପାଇଁ ବସିଗଲୁ ?'

ପୁଅ ନିଷ୍କପଟରେ କହିଲା, 'ବର୍ଷକ ଭିତରେ ସମସ୍ତଙ୍କ କଥାବାର୍ତ୍ତାରୁ ଯାହା ବୁଝିଲି, କିଏ ଭଗବାନଙ୍କୁ ରୋଗମୁକ୍ତି ପାଇଁ, କିଏ ପୁତ୍ରଲାଭ ପାଇଁ, କିଏ ଦୀର୍ଘଜୀବନ ପାଇଁ, କିଏ ବା ସଂକଟରୁ ଉଦ୍ଧାର ପାଇଁ ପ୍ରାର୍ଥନା କରୁଛି। ମୁଁ ଭାବିଲି ...'

ପୁଅ ନୀରବ ରହନ୍ତେ ମାଆବାପା ସେ କ'ଣ ଭାବିଲା ତାହା ଜାଣିବାକୁ ଜିଗର କଲେ। ପୁଅ କହିଲା, 'ମୁଁ ଭଗବାନଙ୍କୁ ପ୍ରାର୍ଥନାରେ କହିଲି – ଦେଖ ଭଗବାନ୍, ତୁମେ ନିଜେ ଯେମିତି ମରି ନଯାଅ। ତୁମେ ମରିଗଲେ ଏତେ ଲୋକଙ୍କ କଥା କିଏ ବୁଝିବ ?'

କହିବା ବାହୁଲ୍ୟ, ଭଗବାନ୍ ବୋଇଲେ ଆମେ ଯଦି ଚରାଚର ପରିବ୍ୟାପ୍ତ ମହାଶକ୍ତି, ସୃଷ୍ଟିର ପ୍ରୟୋଜକ ଏବଂ ପରିଚାଳକ ମହାଚେତନାକୁ ବୁଝାଉଥିବୁଁ, ତେବେ ଜଗନ୍ନାଥ ରୂପକ ସେ ଭଗବାନଙ୍କର ମୃତ୍ୟୁ ନାହିଁ। ମୂର୍ତ୍ତି ଆପଣଙ୍କ ବିଶ୍ୱାସର ଆଧାର; ମୂର୍ତ୍ତି ତ ବାରଂବାର ନବକଳେବର ପରମ୍ପରାରେ ମଧ୍ୟ ସମାଧିସ୍ଥ ହୁଏ। ସେଥିରେ ଯଦି ଆପଣଙ୍କ ବିଶ୍ୱାସର ଅବସାନ ଘଟୁ ନାହିଁ, ଗୋଟାଏ ଦୁର୍ବୃତ୍ତ ସେ ମୂର୍ତ୍ତିକୁ ଜାଳିଦେଲେ ତାହା ଆପଣଙ୍କ ବିଶ୍ୱାସକୁ କାହିଁକି ମ୍ରିୟମାଣ କରିବ ? ଟିକିଏ ଦୃଷ୍ଟିକୋଣ ବଦଳାଇ ବିଚାର କଲେ, ବରଂ ବିସ୍ମିତ ମିଶ୍ରିତ ପୁଲକରେ ଆମ ମନ ଭରିଯିବ – ଭଗବାନ୍ କେଡ଼େ ମହତ୍ ଓ ଉଦାର ଯେ ସେ ଏଭଳି ଅତ୍ୟାଚାର ମଧ୍ୟ ବରଦାସ୍ତ କରିଯାଉଛନ୍ତି। ମଣିଷ ନିୟତ ଅନ୍ୟମାନଙ୍କ ଅଜାଣତରେ ଅଥବା କେବେ କେବେ ଆପଣା ଅଜାଣତରେ ନିଜ ଚେତନାରେହିଁ ଜଗନ୍ନାଥଙ୍କୁ ଜାଳି ଚାଲିଛି। ଯେତେବେଳେ ଜଣେ ବେପାରୀ ଜାଲ ଔଷଧ ବଜାରକୁ ଛାଡ଼ି ସହସ୍ର ରୋଗୀଙ୍କ ବିକଳତାର ବା ମୃତ୍ୟୁର କାରଣ ହୁଏ, ଯେତେବେଳେ ଜଣେ ଘିଅରେ ସାପଚର୍ବି ମିଶାଇ ଅଧିକ କିଛି ଲାଭ ଉଠାଏ, ଯେତେବେଳେ କମ୍ ଯୌତୁକ ଆଣିବାରୁ ଗୋଟାଏ ବଧୂକୁ ଜାଳି ଦିଆଯାଏ – ସେତେବେଳେ ଜଗନ୍ନାଥ ଦହନହିଁ ଚାଲିଥାଏ। ଆମେ ଏ ବିଷୟରେ ସଚେତନ ହେଲେ କଳାପାହାଡ଼ ପ୍ରତି ବରଂ କିୟତ୍ ଅନୁକମ୍ପା ଜାତ ହେବ।

ତୃତୀୟ ଜିଜ୍ଞାସୁ : *ଆମ ସଭିଙ୍କ ଭିତରେ ଟିକିଏ ଟିକିଏ କଳାପାହାଡ଼ ଅଛି ପରା !*

ଚତୁର୍ଥ ଜିଜ୍ଞାସୁ : *ମନେହୁଏ, ଆପଣଙ୍କ ଭିତରେ କଳାପାହାଡ଼ ପ୍ରତି ଅନୁକମ୍ପାହିଁ ଆପଣଙ୍କୁ 'କଳାପାହାଡ଼ର ତୃଷ୍ଣା' କବିତାଟି ପାଇଁ ପ୍ରେରଣା ଦେଇଛି।*

ଉତ୍ତର : ସତକଥା ପ୍ରାୟ ! ମୋତେ ବେଶ୍ ଆମୋଦିତ କରୁଥାଏ ଆମର ଜନପ୍ରିୟ ଲୋକଗୀତି; ''ଭଲା ରାମଚଣ୍ଡୀ ଭଲାରେ, କଳାପାହାଡ଼କୁ ଦୁଆରେ ବସାଇ ଭଲା ପାଣି ଆଣି ଗଲାରେ !'' ମୁଁ ଇତିହାସର କଳାପାହାଡ଼ କଥା କହୁ ନାହିଁ; କହୁଛି କିଂବଦନ୍ତୀର କଳାପାହାଡ଼ କଥା। ସେ ଥିଲା ଭୀଷଣ

ତୃଷାର୍ତ୍ତ; ତା' ନିଜ ଭିତରର ଦୁର୍ନିବାର ପ୍ରଶ୍ନର ଉତ୍ତର ପାଇବାର ତୃଷ୍ଣା । ସେ ଥିଲା ହିନ୍ଦୁ । ପ୍ରେମରେ ପଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲା । କିନ୍ତୁ ସେ ତା'ର ମୂଳ ଧର୍ମକୁ ଫେରିବାକୁ ବ୍ୟାକୁଳ । ସେ ଅଧିକାରରୁ ତାକୁ ବଞ୍ଚିତ କରିବାର ଅଧିକାର କାହାର ରହିଛି ? ଯେଉଁ ଦେବତାଙ୍କ ପ୍ରତିନିଧି ରୂପେ ପଣ୍ଡିତ ଓ ପୂଜକମାନେ ତାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି, ସେହି ଦେବତାର ମୂର୍ତ୍ତି ବିଦୀର୍ଣ୍ଣ କରି ସେ ଲୋଡ଼ିଛି ତା' ପ୍ରଶ୍ନର ଉତ୍ତର : ତା' ତୃଷ୍ଣାର ଅବସାନ ।

ଏହି ପର୍ଯ୍ୟାୟର କିଂବଦନ୍ତୀଟିଏ ତଥ୍ୟ ଦୃଷ୍ଟିରୁ ସତ୍ୟ କି ନୁହେଁ, ତାହା ଭିନ୍ନ ପ୍ରସଙ୍ଗ । କିନ୍ତୁ ଏସବୁର ସାମୂହିକ-ମନସ୍ତାତ୍ତ୍ୱିକ ତାତ୍ପର୍ଯ୍ୟ ଅପରିସୀମ । ତଥ୍ୟଗତ ନହେଲେ ମଧ୍ୟ ଏହା ଏକ ଭିନ୍ନ ସ୍ତରର ସତ୍ୟର ବାହକ । କଳାପାହାଡ଼ର ଜିଜ୍ଞାସା କ୍ରୋଧରେ, ପ୍ରତିହିଂସାରେ ପରିଣତ ହୋଇଥିଲା । ଏହା ନେତିବାଚକ ଧାରା । କ୍ରୋଧୀ ଏବଂ ପ୍ରତିହିଂସାପରାୟଣକୁ ଅଚିରେ କୁଶକ୍ତି ବା ଦୁଷ୍ଟଶକ୍ତି ଆୟତ୍ତ କରିନିଏ । ତେଣିକି ତା'ର ନିଜର କୌଣସି ବ୍ୟକ୍ତିତ୍ୱ ରହେ ନାହିଁ । ତା'ର ବିବେକ ମୂର୍ଚ୍ଛାହତ ହୋଇରହେ; ତେଜୀୟାନ୍ ହୁଏ ତା'ର ପ୍ରାଣଶକ୍ତି ଓ ରଣକୌଶଳ । ସେ ହୁଏ ଦୁର୍ଦ୍ଦାନ୍ତ; ହୁଏ ମାନବତାର କଳଙ୍କ । କିନ୍ତୁ ଯଦି ଜଣକର ଅଭିମାନ ଅହଂ ଏବଂ ଅହଙ୍କାର କବଳିତ ହେବା ପରିବର୍ତ୍ତେ ସତ୍ୟାନୁସନ୍ଧାନ ଦିଗରେ ପ୍ରବର୍ତ୍ତିତ ହୁଏ, ତେବେ ସେ ଭାଗ୍ୟବାନ୍ । ଜୀବନରେ କାହିଁକି ସଙ୍କଟ ଆସିଲା, ସେ ସଙ୍କଟ ଫଳରେ ତା' ଚେତନାରେ କିଭଳି ପ୍ରଗତି ସାଧନ ହେବାର ସମ୍ଭାବନା ରହିଛି, ଯଦି ବିନୟ ଓ ନମ୍ରତା ସହକାରେ ଜଣେ ସେହି ସ୍ୱସ୍ତିବାଚକ ଆତ୍ମ-ସନ୍ଧାନରେ ବ୍ୟାପୃତ ହୋଇପାରେ, ତେବେ ସେ ହେବ ବ୍ୟକ୍ତିଗତଭାବେ ଭାଗ୍ୟବାନ୍; ହେବ ମାନବତାର ଆଶୀର୍ବାଦ । ଅବଶ୍ୟ ସେ ପାଇଁ ଜଣକର ପୁନର୍ଜନ୍ମରେ ବିଶ୍ୱାସ, ଜନ୍ମ ପରେ ଜନ୍ମ ଧରି ଆତ୍ମ ଚେତନାର ବିକାଶରେ ବିଶ୍ୱାସ ଥିବା ପ୍ରାଥମିକ ଆବଶ୍ୟକତା ।

The present is the most important moment in life.

12 February, 1952 – The Mother

With best compliments from :

AUM SWASTIK FOODS

MAITAPUR, BALASORE, ODISHA

ଶ୍ରୀଅରବିନ୍ଦ ଏବଂ ପୃଥିବୀର ଭବିଷ୍ୟତ୍

ସତ୍‌ପ୍ରେମ

ବେଳେବେଳେ ଏକ ମହାନ୍ ଚିନ୍ତାଧାରା – ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନଥିବା ଯୁଗ ସମୂହ ପ୍ରତି ଦୃଷ୍ଟିପାତ କରେ, ଶକ୍ତିକୁ ତା'ର ଶାଶ୍ୱତ ପ୍ରବାହରେ ଧାରଣ କରେ ଏବଂ ପୃଥିବୀପୃଷ୍ଠକୁ ସେହି ଶକ୍ତିଶାଳୀ ଅଲୌକିକ ଦର୍ଶନକୁ ପ୍ରେରିତ କରେ, ଯାହାକି ଏକ ଶକ୍ତି ପରି, ସେ ଯାହା ଦେଖେ ତାହାକୁ ଜଡ଼ୀଭୂତ କରିବାକୁ ସମର୍ଥ ହୁଏ । ଏହି ବିଶ୍ୱଜଗତ ହେଉଛି ଗୋଟିଏ ଦିବ୍ୟ ଦର୍ଶନ, ଯାହା ନିଜର ସତ୍ୟ ମଧ୍ୟରେ ପ୍ରତିଭାତ ହୋଇଛି । ଏହାର ଅତୀତ ଏବଂ ଏହାର ବର୍ତ୍ତମାନ ସମୟ, ସମ୍ଭବତଃ କାଳର ଗଭୀରତା ମଧ୍ୟରେ ଥିବା କର୍ଦ୍ଦମର ସ୍ତର ସମୂହର ଧୀର ସଞ୍ଚୟର ବା ଏକ ଅସ୍ପଷ୍ଟ ଗତିବୃତ୍ତିର ପରିଣାମ ନୁହେଁ; ଯାହା ଧୀରେ ଧୀରେ ଆମକୁ ଗଢ଼ିଚାଲୁଛି, କେବଳ ଆମକୁ ଶ୍ୱାସରୁଦ୍ଧ କରିବା ପାଇଁ ଓ ବନ୍ଦୀ କରିବା ପାଇଁ । ଭବିଷ୍ୟତର ଏକ ଶକ୍ତିଶାଳୀ ସୁବର୍ଣ୍ଣ ଆକର୍ଷଣ ଆମକୁ, ଆମ ସବ୍ଦ୍ଧେ ଆକର୍ଷଣ କରିନେଇଛି, ଯେପରି ସୂର୍ଯ୍ୟ କର୍ଦ୍ଦମ ଭିତରୁ ପଦ୍ମକୁ ଆକର୍ଷିତ କରିନିଏ ଏବଂ ଆମର କର୍ଦ୍ଦମ ବା ଆମର ପ୍ରଚେଷ୍ଟା ବା ଆମର ବର୍ତ୍ତମାନର ସମସ୍ତ ବିଜୟ, ଯାହାକିଛି ସେ ପୂର୍ବରୁ ଦେଖିଥାଏ ବା ସୃଷ୍ଟି କରିଥାଏ, ତାହାଠାରୁ ମହତ୍ତର ଏକ ମହିମା ଆଡ଼କୁ ଆମକୁ ଚାଳିତ କରେ ।

ଶ୍ରୀଅରବିନ୍ଦହିଁ ଭବିଷ୍ୟତକୁ ବର୍ତ୍ତମାନ ମଧ୍ୟରେ ଜଡ଼ୀଭୂତ କରିବାର ଏହି ଶକ୍ତି ଓ ଦିବ୍ୟଦ୍ରଷ୍ଟା । ସେ ମୁହୂର୍ତ୍ତକ ମଧ୍ୟରେ ଯାହା ଦେଖିଥିଲେ ତାହାକୁ ଅନେକ ଯୁଗ ଓ ଲକ୍ଷ ଲକ୍ଷ ମନୁଷ୍ୟ ଅଜ୍ଞାତସାରରେ ସମ୍ପନ୍ନ କରିବେ । ସମସ୍ତେ ପୃଥିବୀର ବାୟୁମଣ୍ଡଳକୁ ଭେଦ କରିଥିବା ସେହି ଅଦୃଶ୍ୟ ସ୍ପନ୍ଦନକୁ ଅଜାଣତରେ ଖୋଜିବାକୁ ବାହାରି ପଡ଼ିଛନ୍ତି । ଯୁଗ ଯୁଗ ଧରି ମହାନ୍ ସତ୍ତାମାନେ ଅତୀତର ସମାଧିସ୍ଥଳରେ ସତ୍ୟର ଏକ ମହାପଥକୁ ଉନ୍ମୁକ୍ତ କରିବାକୁ ଆମ ନିକଟକୁ ଆସିଛନ୍ତି । ପ୍ରକୃତରେ ଏହି ସତ୍ତାମାନେହିଁ ଅତୀତର ମହାନ୍ ଧ୍ୱଂସକାରୀ । ସେମାନେ ଜ୍ଞାନର ତରବାରୀ ଧରି ଆସିଥା'ନ୍ତି ଓ ଆମର ଭଙ୍ଗୁର ସାମ୍ରାଜ୍ୟକୁ ଧୂଳିସାତ୍ କରି ଦିଅନ୍ତି ।

... ... ଶ୍ରୀଅରବିନ୍ଦଙ୍କୁ କିଛି ମୁଷ୍ଟିମେୟ ଲୋକ ଜାଣନ୍ତି; କିନ୍ତୁ ଯେତେବେଳେ ଆଜିର ବା ଗତକାଲିର ମହାମାନବମାନେ ସେମାନଙ୍କର ଧ୍ୱଂସସ୍ତୂପ ଭିତରେ ପୋତି ହୋଇଯିବେ, ସେତେବେଳେହିଁ ତାଙ୍କର ନାମ ପ୍ରତିଧ୍ୱନିତ ହେବ । ତାଙ୍କର କର୍ମ ଦାର୍ଶନିକମାନଙ୍କ ଦ୍ୱାରା ଆଲୋଚିତ ହୁଏ ଏବଂ କବିମାନଙ୍କ ଦ୍ୱାରା ପ୍ରଶଂସିତ ହୁଏ । ତାଙ୍କର ସମାଜତାତ୍ତ୍ୱିକ ଦୃଷ୍ଟିକୋଣ ଏବଂ ତାଙ୍କର ଯୋଗ ଉଚ୍ଚପ୍ରଶଂସିତ ହୁଏ । କିନ୍ତୁ ଶ୍ରୀଅରବିନ୍ଦ ହେଉଛନ୍ତି ଏକ ଜୀବନ୍ତ କର୍ମଧାରା, ଏକ ଶବ୍ଦ, ଯାହା ଅଭିବ୍ୟକ୍ତ ହୋଇଛି ଓ ଏବେ ମଧ୍ୟ ଉପଲବ୍ଧ ହେଉଛି । ଏବଂ ଶ୍ରୀଅରବିନ୍ଦ ଯେଉଁ ଶକ୍ତିର କ୍ରିୟାକୁ ଆରମ୍ଭ କରିଥିଲେ ତା'ର ପ୍ରଥମ ପ୍ରତିକ୍ରିୟାକୁ ଆମେ ପ୍ରତିଦିନ ଦେଖୁଛୁ, ଶହ ଶହ ପରିସ୍ଥିତି ମଧ୍ୟରେ ଯାହାସବୁ ପୃଥିବୀକୁ ବିଦୀର୍ଣ୍ଣ କରିବା ଭଳି ତା'ର ଗଠନକୁ ଚୂର୍ଣ୍ଣବିଚୂର୍ଣ୍ଣ କରିବା ଭଳି ମନେ ହେଉଛି । ଯେତେବେଳେ ଭାରତ ବ୍ରିଟିଶ ବିରୋଧରେ ସଂଗ୍ରାମ କରୁଥିଲା, ଶ୍ରୀଅରବିନ୍ଦ ଘୋଷଣା କରିଥିଲେ, ''ଏହା ବ୍ରିଟିଶ ସରକାରଙ୍କ ବିରୋଧରେ ବିଦ୍ରୋହ ନୁହେଁ, (ଯାହା କି ଆବଶ୍ୟକ) ଏହା ହେଉଛି ବସ୍ତୁତଃ ସମଗ୍ର ବିଶ୍ୱଗତ ପ୍ରକୃତି ବିରୋଧରେ ବିଦ୍ରୋହ ।''[୧] କାରଣ ସମସ୍ୟାଟି ମୌଳିକ । ଏହା ପୃଥିବୀ ପାଇଁ ଏକ ନୂତନ ଦର୍ଶନ ବା ତଥାକଥିତ ଆଲୋକ ଆଣିବାର ପ୍ରଶ୍ନ ନୁହେଁ । ଆମ ଜୀବନର କାରାଗାରକୁ ଅଧିକତର ବାସଯୋଗ୍ୟ କରିବାର ବା ମନୁଷ୍ୟକୁ ଅଧିକତର ଚମକପ୍ରଦ ଶକ୍ତିଦାନ କରିବାର ପ୍ରଶ୍ନ ମଧ୍ୟ ନୁହେଁ । ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ସୁସଜ୍ଜିତ ହୋଇ ମାନବୀୟ-ବାମନ ଶକ୍ତିହୀନ ଓ ପୀଡ଼ିତ ହୋଇ ରହିଯାଇଛି । ଆମେ ଚନ୍ଦ୍ରପୃଷ୍ଠକୁ ରକେଟ୍ ପଠାଉ, କିନ୍ତୁ ଆମେ ନିଜର ହୃଦୟ ସମ୍ବନ୍ଧରେ କିଛି ବି ଜାଣୁ ନାହିଁ । ଶ୍ରୀଅରବିନ୍ଦ କହିଥିଲେ, ''ଏହା ହେଉଛି ଏକ ନୂତନ ଭୌତିକ ପ୍ରକୃତି ସୃଷ୍ଟି କରିବାର ପ୍ରଶ୍ନ, ଯାହାକି ନୂତନ ବିବର୍ତ୍ତନରେ ଅତିମାନସ ସତ୍ତାର ବାସସ୍ଥଳ ହେବ ।''[୨] ସେ ଆହୁରି ବି କହିଥିଲେ, ''ମନୁଷ୍ୟର ଅପୂର୍ଣ୍ଣତା ପ୍ରକୃତିର ଶେଷକଥା ନୁହେଁ, କିନ୍ତୁ ତା'ର ପୂର୍ଣ୍ଣତା ବି ଆତ୍ମାର ଶିଖର ଦେଶ ନୁହେଁ ।''[୩] ମାନସିକ ମନୁଷ୍ୟର ପରେ, ଅର୍ଥାତ୍ ଆମ ପରେ ଅନ୍ୟ ଏକ ଜୀବସତ୍ତାର ଆବିର୍ଭାବର ସମ୍ଭାବନା ରହିଛି, ଯେ କି ବିବର୍ତ୍ତନର ଅଗ୍ରଣୀ ହେବ, ଯେପରି ମନୁଷ୍ୟ ଦିନେ ବାନରମାନଙ୍କ ବିବର୍ତ୍ତନର ଅଗ୍ରଣୀ ଥିଲା । ଶ୍ରୀଅରବିନ୍ଦ କହିଛନ୍ତି, ''ଯଦି କୁହାଯାଏ ମନୁଷ୍ୟ ହେଉଛି ଏପରି ଏକ ପରୀକ୍ଷାଗାର ଯେଉଁଠାରେ ପ୍ରକୃତି ମଣିଷକୁ ତିଆରି କରିଛି,

ମଣିଷ ମଧ୍ୟ ନିଜେ ଏକ ଚିନ୍ତାଶୀଳ ଓ ଜୀବନ୍ତ ପରୀକ୍ଷାଗାର ହୋଇପାରିବ, ଯେଉଁଥିରେ ଏବଂ ଯାହାର ସଚେତନ ସହଯୋଗ ଦ୍ୱାରା ସେ ଅତିମାନବ ବା ଦେବତାଙ୍କୁ ତିଆରି କରିବାକୁ ଚାହେଁ।''(୪) ସେହି ଅନ୍ୟ ସତ୍ତା, ଅତିମାନସ ସତ୍ତାକୁ କିପରି ତିଆରି କରିବାକୁ ହେବ, ତାହା କହିବା ପାଇଁ ଶ୍ରୀଅରବିନ୍ଦ ଆସିଥିଲେ, ଖାଲି କହିବା ପାଇଁ ନୁହେଁ, ପ୍ରକୃତରେ ଏହି ଭିନ୍ନ ସତ୍ତାଟିକୁ ତିଆରି କରିବା ପାଇଁ। ସେ ଭବିଷ୍ୟତର ଦ୍ୱାର ଖୋଲିବା ପାଇଁ, ପୃଥିବୀପୃଷ୍ଠରେ ବିବର୍ତ୍ତନର ଛନ୍ଦକୁ ତ୍ୱରାନ୍ୱିତ କରିବା ପାଇଁ ଆସିଥିଲେ। ନୂତନ ସ୍ପନ୍ଦନ ଯାହା ମାନସିକ ସ୍ପନ୍ଦନର ସ୍ଥାନ ଗ୍ରହଣ କରିବ – ଯେପରି କି ଗୋଟିଏ ଚିନ୍ତାଧାରା ଦିନେ ଆସିଲା ଓ ପଶୁମାନଙ୍କର ଦିନଲିପିରେ ଗୋଳମାଳ ସୃଷ୍ଟି କଲା – ଏବଂ ଏହି ସ୍ପନ୍ଦନହିଁ ଆମକୁ ମାନବୀୟ କାରାଗାରର ପ୍ରାଚୀରଗୁଡ଼ିକୁ ଭାଙ୍ଗି ପକାଇବାର ଶକ୍ତି ପ୍ରଦାନ କରିବ।

ବସ୍ତୁତଃ କାରାଗାରଟି ଭାଙ୍ଗିପଡୁଛି। ''ବିବର୍ତ୍ତନ ମଧ୍ୟରୁ ଯେଉଁସବୁ ବସ୍ତୁ ବହିଷ୍କୃତ ହେବେ, ସେହିସବୁର ଏକ ଶକ୍ତିଶାଳୀ ପୁନର୍ଜାଗରଣ ଦ୍ୱାରାହିଁ ବିବର୍ତ୍ତନର ଗୋଟିଏ ସ୍ତରର ସମାପ୍ତି ଚିହ୍ନିତ ହୋଇଥାଏ।''(୫) ଏହା ଶ୍ରୀଅରବିନ୍ଦ କହିଛନ୍ତି। ଆମେ ଆମ ଚାରି ପାଖରେ ଦେଖୁଛୁ ଏହି ପୁରାତନ ଗଠନଗୁଡ଼ିକର ଅତିଶୟ ଶକ୍ତିଶାଳୀ ବିସ୍ଫୋରଣ; ଆମର ସୀମାନ୍ତସବୁ, ଆମର ଗିର୍ଜା, ଆମର ନିୟମସବୁ, ଆମର ନୈତିକତା, ସବୁକିଛି ଚତୁର୍ଦିଗରୁ ଭାଙ୍ଗି ପଡୁଛି। ଆମେ ମନ୍ଦ, ଅନୈତିକ, ବିଧର୍ମୀ ହୋଇଥିବାରୁ କିଂବା ଆମେ ଯଥେଷ୍ଟ ଭାବରେ ଯୁକ୍ତିସମ୍ପନ୍ନ, ବିଜ୍ଞାନସମ୍ମତ ଓ ମାନବିକ ହୋଇ ନଥିବାରୁ ସେସବୁ ଭାଙ୍ଗିପଡୁ ନାହାନ୍ତି; ଭାଙ୍ଗି ପଡୁଛନ୍ତି କାରଣ ଆମେ ମନୁଷ୍ୟ ହେବାର ଓ ପୁରାତନ ଯାନ୍ତ୍ରିକତାର ଶେଷ ସୀମାରେ ପହଞ୍ଚିଗଲୁଣି। କାରଣ ଆମେ ଅନ୍ୟକିଛି ଆଡ଼କୁ ଯିବା ବାଟର ଏକ ମଧ୍ୟବର୍ତ୍ତୀ ସ୍ତରରେ ରହିଛୁ। ପୃଥିବୀ ଏକ ବୌଦ୍ଧିକ ସଙ୍କଟ ମଧ୍ୟଦେଇ ଯାଉ ନାହିଁ, ଏହା ଏକ 'ବିବର୍ତ୍ତନଗତ ସଙ୍କଟ' ମଧ୍ୟରେ ଯାଉଛି। ଆମେ ଏକ ଉତ୍କୃଷ୍ଟତର ବିଶ୍ୱଜଗତ ଆଡ଼କୁ ଯାଉ ନାହୁଁ କିଂବା ଏକ ନିକୃଷ୍ଟତର ଜଗତ୍ ଆଡ଼କୁ ମଧ୍ୟ ଯାଉ ନାହୁଁ। ତ୍ରେତୟା ଯୁଗରେ ଯେପରି ବାନର ବିଶ୍ୱ ଠାରୁ ମନୁଷ୍ୟ ବିଶ୍ୱ ସମ୍ପୂର୍ଣ୍ଣ ଭିନ୍ନ ଥିଲା, ସେହିପରି ମୌଳିକ ଭାବରେ ଭିନ୍ନ ଏକ ଜଗତ୍ ଭିତରକୁ ରୂପାନ୍ତରିତ ହେବାର ମଧ୍ୟଭାଗରେ ଆମେ ରହିଛୁ। ଆମେ ଆମର ଦେଶ ଛାଡୁଛୁ, ଯାଯାବର ହେଉଛୁ। ଆମେ ଡ୍ରଗ୍‌ର ଦୁଃସାହସିକ ଅଭିଯାନର ଅନ୍ୱେଷଣରେ ବାହାରୁଛୁ। ଆମେ ଏଠାରେ ହରତାଳ କରୁଛୁ, ସଂସ୍କାର କରୁଛୁ, ବିପ୍ଳବ ଓ ପ୍ରତିବିପ୍ଳବ ଆରମ୍ଭ କରୁଛୁ। କିନ୍ତୁ ଏହା କେବଳ ଆପାତ ପ୍ରତୀତି ମାତ୍ର, ପ୍ରକୃତରେ ଆମେ ଏସବୁ କରୁ ନାହୁଁ। ଆମେ ଆମର ଅଜ୍ଞାତସାରରେ ଏକ ନୂତନ ସତ୍ତାକୁ ଅନ୍ୱେଷଣ କରୁଛୁ। ଆମେ ମାନବୀୟ ବିପ୍ଳବର ମଧ୍ୟଭାଗରେ ରହିଛୁ।

ଶ୍ରୀଅରବିନ୍ଦ ଆମକୁ ଚାବିଟି ଦେଇଛନ୍ତି। ବୋଧହୁଏ ଆମ ନିଜର ବିବର୍ତ୍ତନର ତାତ୍ପର୍ଯ୍ୟ ଆମକୁ ଏଡ଼ାଇ ଯାଉଛି। କାରଣ ଯାହାକିଛି ଅଛି ଆମେ ତାହାକୁହିଁ ମାର୍ଜିତ କରିବାକୁ, ଉନ୍ନତ କରିବାକୁ, ଊର୍ଦ୍ଧ୍ୱାୟିତ କରିବାକୁ ଚାହୁଁ। କିନ୍ତୁ ବୋଧହୁଏ ବାନର ମଧ୍ୟ ମନୁଷ୍ୟକୁ ସୃଷ୍ଟି କରିଥିବା ନିଜର ବିବର୍ତ୍ତନରେ ସେହି ଏକାପ୍ରକାରର ଭୁଲ୍ କରିଥିବ। ବୋଧହୁଏ ସେ ଏକ ଅତି-ବାନର ହେବାକୁ ଚାହିଁଥିବ, ଚାହିଁଥିବ ତା'ଠାରୁ ନିପୁଣତର ଗଛ ଚଢ଼ାଳି, ନିପୁଣତର ଶିକାରୀ ଓ ଦୌଡ଼ାଳି ହେବାକୁ, ସଂକ୍ଷେପରେ କହିଲେ ଅଧିକତର ଚଞ୍ଚଳତା ଓ ଦୁଷ୍ଟବୁଦ୍ଧିସମ୍ପନ୍ନ ବାନର ହେବାକୁ ଚାହିଁଥିବ। ନିତ୍‌ସେଙ୍କ ସହିତ ଆମେମାନେ ମଧ୍ୟ ଏକ 'ଅତିମାନବ' ଚାହିଁଥିଲୁ, ଯେ କି ମନୁଷ୍ୟକୁ ବିଶାଳତର କରିବା ବ୍ୟତୀତ ଆଉ ଅଧିକ କିଛି କରି ନଥା'ନ୍ତା। ଆଧ୍ୟାତ୍ମିକ ବୁଦ୍ଧିସମ୍ପନ୍ନ ବ୍ୟକ୍ତିମାନେ ଜଣେ ଅତି-ସନ୍ଥକୁ ଚାହାନ୍ତି, ଯେ କି ସଦ୍‌ଗୁଣ ଓ ପ୍ରଜ୍ଞାରେ ଅଧିକତର ସମୃଦ୍ଧ; କିନ୍ତୁ ଆମେ ମାନବୀୟ ସଦ୍‌ଗୁଣ ଓ ପ୍ରଜ୍ଞା ଚାହୁଁ ନାହୁଁ। ଏପରିକି ଏସବୁକୁ ଯଦି ସେମାନଙ୍କର ଚରମ ଶିଖରକୁ ଉଠାଇ ନିଆଯାଏ, ସେସବୁ ସେହି ପୁରାତନ ଦାରିଦ୍ର୍ୟ ଉପରେ ସୁନାରଙ୍ଗ ଢଳେଇ କରିବା ଭଳି ହୁଏ – ଯାହାକି ଆମର ଦୀର୍ଘ ସମୟର ଦୁର୍ଦ୍ଦଶାର ମହିମାନ୍ୱିତ ଅପରପାର୍ଶ୍ୱ। ଶ୍ରୀଅରବିନ୍ଦ କହିଛନ୍ତି, ''ମନୁଷ୍ୟ ନିଜର ସ୍ୱାଭାବିକ ଶୀର୍ଷସ୍ଥାନକୁ ଉନ୍ନୀତ ହେବା ଅତିମାନବତ୍ୱ ନୁହେଁ କିଂବା ଏକ ଉନ୍ନତତର ମାନବିକ ମହତ୍ତ୍ୱ, ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ପ୍ରତିଭା, ସାଧୁତା, ପ୍ରେମ, ପବିତ୍ରତା ବା ପୂର୍ଣ୍ଣତା ମଧ୍ୟ ନୁହେଁ।''(୬) ଏହା ଅନ୍ୟକିଛି, ଅସ୍ତିତ୍ୱର ଅନ୍ୟ ଏକ ସ୍ପନ୍ଦନ, ଅନ୍ୟ ଏକ ଚେତନା।

କିନ୍ତୁ ଯଦି ମନୁଷ୍ୟର ଶିଖରଦେଶରେ ଏହି ନୂତନ ଚେତନା ମିଳିବ ନାହିଁ ତେବେ ତାହା କେଉଁଠାରେ ମିଳିବ ? ଏହା ସ୍ୱାଭାବିକ ଯେ ଆମେ ମାନସ-ଚକ୍ରରେ ପ୍ରବେଶ କରିବା ପରଠାରୁ ଆମର ଯେଉଁ ଅଂଶଟିକୁ ସବୁଠାରୁ ବେଶୀ ଅବହେଳା କରିଛୁ, ସେହି ଶରୀର ମଧ୍ୟରେ ହିଁ ଏହା ମିଳିବ। ଶରୀର ହିଁ

ଆମର ଆଧାର, ଆମର ବିବର୍ତ୍ତନଗତ ଭିତ୍ତିଭୂମି, ସେହି ପୁରାତନ ସଞ୍ଚୟ, ଯାହା ନିକଟକୁ ଆମେ ନିଶ୍ଚୟ ବାରଂବାର ଫେରିଯିବା ଏବଂ ଯାହାକି ଯନ୍ତ୍ରଣା, ବାର୍ଦ୍ଧକ୍ୟ ଓ ମୃତ୍ୟୁ ମାଧ୍ୟମରେ ଆମର ମନୋଯୋଗକୁ ଆକର୍ଷଣ କରୁଛି । 'ଏହି ଅପୂର୍ଣ୍ଣତା ମଧ୍ୟରେହିଁ' ଶ୍ରୀଅରବିନ୍ଦ ଆମକୁ ଆଶ୍ୱାସନା ଦେଇଛନ୍ତି, ଯେଉଁଠି ରହିଛି ଆମର ଉଚ୍ଚତର ଓ ଅଧିକତର ବହୁମୁଖୀ ପୂର୍ଣ୍ଣତାର ପ୍ରେରଣା, ଏହା ସେହି ଶେଷ ସୀମାବଦ୍ଧତାକୁ ଧାରଣ କରିଛି, ଯାହା ପରମ ଅସୀମତାକୁ ଆସ୍ପୃହା କରୁଛି । ଭଗବାନ୍ ଏହି ପଙ୍କ ମଧ୍ୟରେ ଆବଦ୍ଧ । ଏହି ସତ୍ୟହିଁ କାରାଗାରଟିକୁ ଭାଙ୍ଗି ଦେବାର ଆବଶ୍ୟକତାକୁ ଆମ ଉପରେ ଆରୋପ କରୁଛି ।''(୭)

ଏହା ହେଉଛି ସେହି ପୁରୁଣା ରୋଗ, ଯାହା କେବେ ବି ଆରୋଗ୍ୟ ହୁଏ ନାହିଁ । ଏହାର ମୂଳ କେବେ ବି ପରିବର୍ତ୍ତିତ ହୁଏ ନାହିଁ । ଆମର ଦୁର୍ଦ୍ଦଶାର ଏହି ଅନ୍ଧକାରାଚ୍ଛନ୍ନ ଛାଞ୍ଚ, ଲିମରସ୍ (lemurs)ର ସମୟରେ ଯେପରି ଥିଲା, ଏବେ ମଧ୍ୟ ତା'ଠାରୁ ଭିନ୍ନ ହୋଇଯାଇ ନାହିଁ । ଶାରୀରିକ ଉପାଦାନ ବି ପରିବର୍ତ୍ତିତ ହେବା, ରୂପାନ୍ତର ହେବା ଦରକାର, ନହେଲେ ଏହା ତାହା ଉପରେ ଜବରଦସ୍ତ ଲଦା ହୋଇ ଯାଉଥିବା ସମସ୍ତ ମାନବିକ ଓ ଅତିମାନବିକ କଳକୌଶଳକୁ ନଷ୍ଟ କରିଦେବ । ଏହି ଶରୀର, ଏହି ଶାରୀରିକ ଜୀବକୋଷଗତ ଉପାଦାନରେହିଁ 'ସର୍ବକ୍ଷମଶକ୍ତି'(୮) ନିହିତ ଅଛି । ନିହିତ ଅଛି ଏକ ମୂଳ ଚେତନା, ଯାହାକି ମାନସିକ ଓ ଆଧ୍ୟାତ୍ମିକ ବିଶାଳତାକୁ ଯେପରି ଧାରଣ କରିଛି, ଠିକ୍ ସେହିପରି ସକଳ ଆଲୋକ ଓ ସକଳ ଅସୀମତାକୁ ମଧ୍ୟ ଧାରଣ କରିଛି । କାରଣ ବାସ୍ତବରେ ସବୁକିଛିହିଁ ଭଗବାନ୍, ଏବଂ ଯଦି ଏହି ବିଶ୍ୱଜଗତର ପ୍ରଭୁ ଏକ କ୍ଷୁଦ୍ର ଜୀବକୋଷ ଭିତରେ ବିଦ୍ୟମାନ ନାହାନ୍ତି, ତେବେ ସେ କେଉଁଠାରେ ବି ନାହାନ୍ତି । ଏହି ମୌଳିକ ଅନ୍ଧକାରାଚ୍ଛନ୍ନ ଜୀବକୋଷର କାରାଗାରକୁହିଁ ଆମେ ଭାଙ୍ଗି ପକାଇବା ଏବଂ ଯେତେବେଳଯାଏଁ ଆମେ ଏହାକୁ ଭାଙ୍ଗି ଦେଇ ନାହୁଁ ଆମେ ବୃଥାରେ ଆମର ମାନସିକ କାରାଗାରର ସୁବର୍ଣ୍ଣ ବା ଲୌହ ବୃତ୍ତ ଭିତରେ ଘୂରୁଥିବା ପ୍ରକୃତିର ଏହି ନିୟମଗୁଡ଼ିକ ଯାହାକୁ ତୁମେ ବୃଡ଼ାନ୍ତ ବୋଲି ଆଖ୍ୟା ଦେଉଛ ତାହା କେବଳ ପ୍ରକୃତି ଦ୍ୱାରା ପ୍ରତିଷ୍ଠିତ ଏକ ଭାରସାମ୍ୟ ମାତ୍ର । ଏହା କେବଳ ଗୋଟିଏ ଖାତ, ଯାହା ଭିତରେ କାମ କରି କେତେକ ନିର୍ଦ୍ଦିଷ୍ଟ ପରିଣାମ କରିବାରେ ପ୍ରକୃତି ଅଭ୍ୟସ୍ତ । କିନ୍ତୁ ତୁମେ ଯଦି ଚେତନାର ପରିବର୍ତ୍ତନ କରିବ ତେବେ ସେହି ଖାତଟି ମଧ୍ୟ ପରିବର୍ତ୍ତିତ ହୋଇଯିବ ।(୯)

ଏହି ନୂତନ ଅଭିଯାନ ଉଦ୍ଦେଶ୍ୟରେହିଁ ଶ୍ରୀଅରବିନ୍ଦ ଆମକୁ ଆହ୍ୱାନ କରୁଛନ୍ତି – ମନୁଷ୍ୟର 'ଅଜ୍ଞଣା' ଅଭିମୁଖରେ ଏହି ଅଭିଯାନ । ଆମେ ଏହାକୁ ଭଲପାଉ ବା ନପାଉ, ସମଗ୍ର ପୃଥିବୀ ଏକ ନୂତନ ଖାତ ଭିତରକୁ ଯାଉଛି । କିନ୍ତୁ ଆମେ କାହିଁକି ତାକୁ ଭଲପାଇବା ନାହିଁ ? ଆମେ କାହିଁକି ଏହି ମହାନ୍, ଅଭୂତପୂର୍ବ ଅଭିଯାନରେ ସହଯୋଗ କରିବା ନାହିଁ ?

ସେହି ଏକହିଁ ପୁରାତନ ଗଳ୍ପକୁ ହଜାର ହଜାର ଥର ପୁନରାବୃତ୍ତି କରିବା ପରିବର୍ତ୍ତେ ଯେଉଁ ବିଭ୍ରାନ୍ତିକର ସ୍ୱର୍ଗ ସବୁ କେବେ ମଧ୍ୟ ଆମର ତୃଷ୍ଣା ନିବାରଣ କରିପାରିବେ ନାହିଁ କିଂବା ସେହି ଅନ୍ୟ ଜାଗତିକ ନନ୍ଦନକାନନ ସବୁ ଯାହା ଆମର ପୃଥିବୀକୁ ଆମର ଶରୀର ସହିତ ପଚିଶଢ଼ି ଯିବାକୁ ଛାଡ଼ିଦିଅନ୍ତି, ସେସବୁକୁ ଅନୁଧାବନ କରିବା ପରିବର୍ତ୍ତେ ଆମେ କାହିଁକି ବିବର୍ତ୍ତନରେ ସହଯୋଗ କରିବା ନାହିଁ ? ''ତେବେ ଜୀବନ କାହିଁକି ଆରମ୍ଭ ହେଲା, ଯଦି କେବଳ ତାହା ଭିତରୁ ବହିର୍ଗତ ହେବାକୁ ହେବ ?'' ଶ୍ରୀମା, ଯେ କି ଶ୍ରୀଅରବିନ୍ଦଙ୍କର କର୍ମଧାରାକୁ ଅଗ୍ରସର କରାଇଛନ୍ତି ସେ କହିଥିଲେ, ''ଏତେ ବେଶୀ ସଂଘର୍ଷ କରିବାରେ, ଯନ୍ତ୍ରଣା ଭୋଗ କରିବାରେ କ'ଣ ଲାଭ, ଲାଭ କ'ଣ ଏପରି କିଛି ସୃଷ୍ଟି କରିବାରେ, ଅନ୍ତତଃ ବାହାରୁ ଦେଖିଲେ ଯାହା ଏତେ ବେଶୀ ଦୁଃଖଦାୟକ, ଏତେ ନାଟକୀୟ ଦେଖାଯାଉଛି, ଯଦି ଏହା ମଧ୍ୟରୁ ବାହାରି ଉର୍ଦ୍ଧ୍ୱକୁ ଆରୋହଣ କରିବାକୁ ଶିକ୍ଷା କରିବା ନିହାତି ଆବଶ୍ୟକ ? – ତେବେ ତ ମୂଳରୁ ଆରମ୍ଭ ନ କରିଥିଲେ ଭଲ ହୋଇଥା'ନ୍ତା । ବିବର୍ତ୍ତନ ଏକ କଷ୍ଟକର ପଥ ନୁହେଁ, ଯାହାକି ଆମକୁ କିଛିଟା ଆହତ ଅବସ୍ଥାରେ ଆରମ୍ଭ ସ୍ଥଳକୁ ଫେରାଇ ନିଏ । ବରଂ ଏହାର ଉଦ୍ଦେଶ୍ୟ ହେଉଛି ସୃଷ୍ଟିକୁ ଅସ୍ତିତ୍ୱର ଆନନ୍ଦ, ଅସ୍ତିତ୍ୱର ସୌନ୍ଦର୍ଯ୍ୟ, ଅସ୍ତିତ୍ୱର ମହିମା, ଏକ ଦିବ୍ୟ ଜୀବନର ଗରିମା ଦାନ କରିବା ଏବଂ ଏହି ଆନନ୍ଦ, ଏହି ସୌନ୍ଦର୍ଯ୍ୟ, ଏହି ମହିମାର ଏକ ନିରବଚ୍ଛିନ୍ନ ପ୍ରଗତିଶୀଳ ଅଭିବୃଦ୍ଧି କରିବା । ତା'ହେଲେହିଁ ସବୁକିଛିର ତାତ୍ପର୍ଯ୍ୟ ରହିବ ।''(୧୦)

ଏହି ଶରୀର, ଏହି ଅନ୍ଧକାରାଚ୍ଛନ୍ନ ଭାରବାହୀ ପଶୁ, ଯାହା ମଧ୍ୟରେ ଆମେ ବାସ କରୁ ତାହା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ପରୀକ୍ଷାର କ୍ଷେତ୍ର, ଯେଉଁ ଯୋଗ କି ସମୁଦାୟ ପୃଥିବୀର ଯୋଗ । ଏକଥା ବୁଝି ହେଉଛି ଯେ ଆମର ଲକ୍ଷ ଲକ୍ଷ ଦୁର୍ଦ୍ଦଶା ମଧ୍ୟରେ ବି ଜଣେ ବ୍ୟକ୍ତି ଯଦି ଏହି ବିବର୍ତ୍ତନଗତ ଲମ୍ଫ ପ୍ରଦାନ ସହିତ, ଆଗାମୀ ଯୁଗର ରୂପାନ୍ତର ସହିତ

ସହଯୋଗ କରେ, ତେବେ ପୃଥିବୀପୃଷ୍ଠରେ ଏକ ମୌଳିକ ପରିବର୍ତ୍ତନ ଘଟିବ । ସେତେବେଳେ ଶରୀର ମଧ୍ୟରେ ଅବତୀର୍ଣ୍ଣ ସର୍ବଶକ୍ତିମାନ୍ ପରମାତ୍ମାଙ୍କର ଉଜ୍ଜ୍ୱଳତା ଆଗରେ ଯେଉଁସବୁ ତଥାକଥିତ ଶକ୍ତିଗୁଡ଼ିକ ଯୋଗୁଁ ଆମେ ନିଜକୁ ମହିମାନ୍ୱିତ କରୁଛୁ ସେସବୁ ପିଲାଖେଳ ଭଳି ମନେ ହେବ । ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ ଏହା ସମ୍ଭବପର । ଏହା କେବଳ ସମ୍ଭବପର ନୁହେଁ, ଏହା ନିଶ୍ଚୟ ସମ୍ପନ୍ନ ହେବ । ଏହା ବର୍ତ୍ତମାନ ସମ୍ପନ୍ନ ହେଉଛି ମଧ୍ୟ ଏବଂ ଏହା ମନୁଷ୍ୟଜାତିର ନିଜର ସୀମାବଦ୍ଧତାକୁ ଅତିକ୍ରମ କରିବାର ଏକ ଉଜ୍ଜ୍ୱଳ ପ୍ରଚେଷ୍ଟା ଉପରେ ଯେତେ ନିର୍ଭର କରେ ନାହିଁ – କାରଣ ତା'ର ଅର୍ଥ ହେଉଛି ଆମର ନିଜର ମାନବିକ ଶକ୍ତିକୁ, ସେହି ଶକ୍ତିରୁ ନିଜକୁ ମୁକ୍ତ କରିବା ପାଇଁ ବ୍ୟବହାର କରିବା – ଏହା ସେତେ ବେଶୀ ନିର୍ଭର କରେ ପୃଥିବୀର ଏକ ଆହ୍ୱାନ ଉପରେ, ଏକ ସଚେତନ ଚିତ୍କାର ଉପରେ, ଏହି ନୂତନ ପ୍ରଜାତିର ଆଗମନ ଉଦ୍ଦେଶ୍ୟରେ, ଯେଉଁ ସତ୍ତାକୁ ଏହି ପୃଥିବୀ ନିଜ ମଧ୍ୟରେ ଧାରଣ କରିଛି । ଆମର ହୃଦୟ ମଧ୍ୟରେ ସବୁକିଛି ରହିଛି – ସେହି ପରମ ଉତ୍ସ, ଯାହା ପରମ ଶକ୍ତି ମଧ୍ୟ, କିନ୍ତୁ ଆମେ ତାଙ୍କୁ ଆମର ଏହି କଂକ୍ରିଟ୍‌ର ଜଙ୍ଗଲ ମଧ୍ୟକୁ ଆହ୍ୱାନ କରିବାକୁ ହେବ । ଆମେ ଆମମାନଙ୍କର ନିଜସ୍ୱ ଉଦ୍ଦେଶ୍ୟକୁ ବୁଝିବା ଉଚିତ । ପୃଥିବୀର ବହୁକଣ୍ଠର ଚିତ୍କାର, ଏହାର କୋଟି କୋଟି ମନୁଷ୍ୟଙ୍କର ଚିତ୍କାର, ଯେଉଁମାନେ ଏହି ମାନବିକ ପରିସ୍ଥିତିକୁ ଆଉ ସହ୍ୟ କରିପାରୁ ନାହାନ୍ତି, ଯେଉଁମାନେ ଆଉ ସେମାନଙ୍କର କାରାଗାରକୁ ଗ୍ରହଣ କରିପାରୁ ନାହାନ୍ତି – ସେମାନଙ୍କର ଚିତ୍କାର ଏଥିରେ ନିଶ୍ଚୟ ଏକ ଫାଟ ସୃଷ୍ଟି କରିବ, ଯାହା ମଧ୍ୟ ଦେଇ ଏକ ନୂତନ ସ୍ପନ୍ଦନ ଉଛୁଳି ପଡ଼ିବ । ତା'ପରେ ସେହି ସମସ୍ତ ନିୟମ, ଯାହା ଅନିବାର୍ଯ୍ୟ ମନେ ହୁଅନ୍ତି, ଯାହା ଆମକୁ ବଂଶକ୍ରମ ଓ ବିଜ୍ଞାନର ଖାତ ମଧ୍ୟରେ ଆବଦ୍ଧ କରିଦିଏ, ସବୁକିଛି ଭାଙ୍ଗି ପଡ଼ିବ 'ସେହି ସୂର୍ଯ୍ୟ ନେତ୍ର ଶିଶୁମାନଙ୍କର'[୧୧] ଆନନ୍ଦ ସମ୍ମୁଖରେ । ଶ୍ରୀମା କହିଛନ୍ତି, ''ମୃତ୍ୟୁଠାରୁ କିଛି ବି ଆଶା କର ନାହିଁ, ଜୀବନହିଁ ତୁମର ମୋକ୍ଷ, ଜୀବନରେ ହିଁ ଆମେ ନିଜକୁ ରୂପାନ୍ତରିତ କରିବା । ଏହି ପୃଥିବୀରେ ହିଁ ଆମେମାନେ ଅଗ୍ରଗତି କରିବା । ଏହି ପୃଥିବୀରେହିଁ ଆମର ଲକ୍ଷ୍ୟ ସାଧନ ହେବ, ଏହି ଶରୀର ମଧ୍ୟରେହିଁ ବିଜୟ ଲାଭ ହେବ ।''[୧୨]

ଶ୍ରୀଅରବିନ୍ଦ କହିଛନ୍ତି : ''ଜାଗତିକ ବୁଦ୍ଧି ଯେପରି ତୁମର କର୍ଣ୍ଣ ନିକଟରେ ଚୁପ୍ ଚୁପ୍ କଥା ନକହେ, କାରଣ ଏହା ଆଶାତୀତର ମୁହୂର୍ତ୍ତ ।''[୧୩]

ଅନୁବାଦ : ମମତା ଦାଶ ✤

ତଥ୍ୟ-ନିର୍ଦ୍ଦେଶିକା

(୧) A. B. Purani, Evening Talks, p. 37;

(୨) On Himself, XXVI, p. 112;

(୩) The Life Divine, XIX, p. 763;

(୪) The Life Divine, XVIII, p. 3;

(୫) The Ideal of the Karmayogin, III, p. 347;

(୬) The Hour of God, XVII, p. 7;

(୭) Dillip K. Roy, 'Sri Aurobindo Came to Me', p. 415;

(୮) Savitri, p. 370;

(୯) A. B. Purani, Evening Talks, p. 82;

(୧୦) Questions and Asnwers, November 12, 1958;

(୧୧) Savitri, p. 343;

(୧୨) Comments on the Dhammapada;

(୧୩) The Hour of God, SABCL Vol. 17, p. 1.

ଶିକ୍ଷା ଓ ସଭ୍ୟତା

ଶ୍ରୀ ପ୍ରପତ୍ତି

ଶିକ୍ଷାର ଗୁଣ ଓ ଧର୍ମ ଉପରେ ସଭ୍ୟତାର ଗୁଣ ଓ ଧର୍ମ ନିର୍ଭର କରେ । ଏକମାତ୍ର ଯଥାର୍ଥ ଶିକ୍ଷାର ବିକାଶ ଓ ପ୍ରସାର ଦ୍ୱାରା ମନୁଷ୍ୟକୁ ସଭ୍ୟ, ଶିକ୍ଷିତ, ସୁରୁଚିସମ୍ପନ୍ନ ଓ ଉନ୍ନତ କରାଯାଇପାରେ । କୌଣସି ଜାତିର ମହାନ୍ ସଭ୍ୟତା ଓ ସଂସ୍କୃତିର ଛାପ ସେହି ସମୟରେ ପ୍ରଚଳିତ ଶିକ୍ଷାରେ ପ୍ରତିଫଳିତ ହୋଇଥାଏ । ଅନ୍ୟପକ୍ଷରେ ଶିକ୍ଷାର ଉଚ୍ଚତମ ମାନ, ଆଦର୍ଶ ଓ ଲକ୍ଷ୍ୟ ଉପରେ ସଭ୍ୟତା ଓ ସଂସ୍କୃତିର ସ୍ୱରୂପ ନିରୂପିତ ହୁଏ ।

ଏକଥା କହିବା ଅନାବଶ୍ୟକ ଯେ ଆମ୍ଭମାନଙ୍କ ଦେଶ ବର୍ତ୍ତମାନ ସକଳ ପ୍ରକାର ସଙ୍କଟ ମଧ୍ୟରେ ଶିକ୍ଷା-ସଙ୍କଟର ମଧ୍ୟ ସମ୍ମୁଖୀନ ହୋଇଛି । ଶିକ୍ଷାର ଆଦର୍ଶ ଓ ଲକ୍ଷ୍ୟ ଏବଂ ଜାତୀୟ ଜୀବନରେ ତାହାର ପ୍ରୟୋଗ ଏବଂ ସେଥି ନିମିତ୍ତ ଯଥାର୍ଥରେ ଉଦ୍ୟମ ପ୍ରତି କୌଣସି ବିଶେଷ ଆସ୍ପୃହା ଦେଖାଯାଉ ନାହିଁ । ବହୁ ବିଶିଷ୍ଟ ବ୍ୟକ୍ତି ଏ ସମ୍ବନ୍ଧରେ ଆଲୋଚନା କରୁଛନ୍ତି ସତ୍ୟ, ମାତ୍ର କାର୍ଯ୍ୟତଃ ସେମାନେ କିଛି ବି କରୁ ନାହାନ୍ତି । ୧୯୬୬ ମସିହା ମାର୍ଚ୍ଚ ୧୭ ତାରିଖ ଦିନ ରାଷ୍ଟ୍ରପତି ରାଧାକୃଷ୍ଣନ୍ ଲେଡ଼ି ହାର୍ଡ଼ିଞ୍ଜ୍ ମେଡ଼ିକାଲ କଲେଜର ଜୁବିଲି ଉତ୍ସବରେ ଭାଷଣ ଦେଇ କହିଲେ ଯେ ଜାତୀୟ ଓ ଆନ୍ତର୍ଜାତୀୟ ସମସ୍ୟାର ସମାଧାନ ତଥା ଦେଶରୁ ହିଂସା, ଦ୍ୱେଷ, ହତ୍ୟା, ଦଙ୍ଗା ଇତ୍ୟାଦି ଦୂର କରିବାକୁ ହେଲେ ମନୁଷ୍ୟକୁ ସୁସଭ୍ୟ ହେବାକୁ ହେବ । ଯଥାର୍ଥରେ ସଭ୍ୟ ଏବଂ ଉନ୍ନତ ହେବାର ଅର୍ଥ ଯଥାର୍ଥ ଶିକ୍ଷାଲାଭ କରିବା । ଶିକ୍ଷାର ଲକ୍ଷ୍ୟ ସମ୍ବନ୍ଧରେ ରାଷ୍ଟ୍ରପତି ଘୋଷଣା କଲେ, "... education should not overlook the nature of man. An individual had to be mentally sound, spiritually correct, and physically fit in order to be civilized. Each individual had to realise that there was a spark of the Divine in him or her, if there were no realisation then the individual became exiled."

(The Statesman, Calcutta, Saturday, 19.3.66)

ଅର୍ଥାତ୍, ''... ଶିକ୍ଷା ମନୁଷ୍ୟର ପ୍ରକୃତି ପ୍ରତି ଦୃଷ୍ଟିପାତ କରିବା ଉଚିତ । ବ୍ୟକ୍ତି-ବିଶେଷକୁ ସଭ୍ୟ ହେବାକୁ ହେଲେ ମାନସିକ ସୁସ୍ଥତା, ଆଧ୍ୟାତ୍ମିକ ଯଥାର୍ଥବୋଧ ଏବଂ ଶାରୀରିକ ସବଳତା ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତିକୁ ଉପଲବ୍ଧି କରିବାକୁ ହେବ ଯେ ତାହା ମଧ୍ୟରେ ଭଗବାନଙ୍କ ଦିବ୍ୟ ସ୍ଫୁଲିଙ୍ଗ ରହିଛି, ଏବଂ ଯଦି ଏହି ଉପଲବ୍ଧି ନଆସେ ତେବେ ବ୍ୟକ୍ତି ନିଜ ନିକଟରେ 'ବିଦେଶୀ' ହୋଇଉଠେ ।''

ଯଥାର୍ଥରେ କହିବାକୁ ଗଲେ ଶିକ୍ଷାର ସର୍ବୋତ୍ତମ ଉଦ୍ଦେଶ୍ୟ ହେଲା ମାନବ-ସତ୍ତାର ସର୍ବବିଧ ଓ ପୂର୍ଣ୍ଣାଙ୍ଗ ବିକାଶ – ଶରୀର, ମନ, ପ୍ରାଣ ଓ ଆତ୍ମାର ଯଥାର୍ଥ ଅଭିବ୍ୟକ୍ତି, ପରିପୁଷ୍ଟି ଏବଂ ଉନ୍ନୟନ ।

ଏଠାରେ ଲକ୍ଷ୍ୟ କରିବାର କଥା ଯେ ଶ୍ରୀମାଶ୍ରୀଅରବିନ୍ଦ ଶିକ୍ଷାର ଏହି ପୂର୍ଣ୍ଣାଙ୍ଗ ଆଦର୍ଶକୁ ଦୀର୍ଘ ଚାଳିଶ ବର୍ଷ ଧରି ଦେଶ ସମ୍ମୁଖରେ ରଖିଛନ୍ତି ଏବଂ ଏହାକୁ କାର୍ଯ୍ୟରେ ପରିଣତ କରିବା ନିମିତ୍ତ ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଏପର୍ଯ୍ୟନ୍ତ ଏହି ଶିକ୍ଷା ଜାତୀୟ ସରକାରଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଆକର୍ଷଣ କରିପାରି ନାହିଁ । ଯେଉଁମାନେ ଏହି ଆଦର୍ଶକୁ ମଧ୍ୟେ ମଧ୍ୟେ ସ୍ୱ ସ୍ୱ ଭାଷଣରେ ଉଲ୍ଲେଖ କରୁଛନ୍ତି, ସେମାନେ ଯେ ଏ ଦିଗରେ କିଛି ଚାକ୍ଷୁଷ କାର୍ଯ୍ୟାନୁଷ୍ଠାନ କରିଛନ୍ତି ତାହା ମଧ୍ୟ ନୁହେଁ, ଏପରି ଏକ ଶିକ୍ଷାକେନ୍ଦ୍ରର ଅଭିବୃଦ୍ଧି ଦିଗରେ ଯେ ସେମାନେ ସହାୟତା କରୁଛନ୍ତି, ତାହା ମଧ୍ୟ ନୁହେଁ । ଏସବୁ ସତ୍ତ୍ୱେ ଆଜି ସର୍ବୋଚ୍ଚ ସ୍ତରରେ ଶିକ୍ଷାର ଏହି ମାନ ଯେ ସ୍ୱୀକୃତ ହେଉଛି, ଏହାହିଁ ଆନନ୍ଦର ବିଷୟ ।

ବିଶୃଙ୍ଖଳା ଓ ବିକ୍ଷୋଭ :

ବିଶୃଙ୍ଖଳା, ବିକ୍ଷୋଭ, ବ୍ୟସ୍ତତା ଓ ବିପର୍ଯ୍ୟୟ ଆଜି ସର୍ବବ୍ୟାପୀ । ଯେଉଁମାନେ ଏହି ପୃଥିବୀବ୍ୟାପୀ ବିକ୍ଷୋଭର ଗଭୀର ଅନ୍ତର୍ନିହିତ କାରଣ ଓ ଉଦ୍ଦେଶ୍ୟ ବୁଝି ନପାରି କେବଳ ଏହାର ବାହ୍ୟ ରୂପ ଓ ଅଭିବ୍ୟକ୍ତିକୁ ବୁଝିବାକୁ ଚାହୁଁଛନ୍ତି, ସେମାନଙ୍କର ଦୃଷ୍ଟିଭଙ୍ଗୀ ସଂକୀର୍ଣ୍ଣ, ସୀମାବଦ୍ଧ ଏବଂ ଅଗଭୀର । ଆଜି ସାମାଜିକ, ଜାତୀୟ ବା ଆନ୍ତର୍ଜାତୀୟ କ୍ଷେତ୍ରରେ କୌଣସି ପ୍ରକାର ଶୃଙ୍ଖଳା, ନିୟମନ, ସତ୍ୟାସତ୍ୟର ବିଚାର ବା ଯଥାର୍ଥବୋଧ ଅଛି ବୋଲି ମନେ ହୁଏ ନାହିଁ । ବହୁ ବର୍ଷ ପୂର୍ବରୁ

ମାନବ ସମାଜ ମଧ୍ୟରୁ ଧର୍ମ ଓ ନୈତିକତାର ପ୍ରଭାବ ଧୀରେ ଧୀରେ କମିଯାଇ ଶେଷରେ ଏହାର ପ୍ରଭାବ 'ଶୂନ୍ୟ' (zero) ହୋଇ ଯାଇଛି । ଅନ୍ୟ କଥାରେ କହିଲେ, ଧର୍ମ ଓ ନୈତିକତା ଯାହା ଉଚ୍ଚତର ମାନବଗୋଷ୍ଠୀ ସୃଷ୍ଟି କରିବାରେ ସହାୟତା କରେ, ଯାହା ମନୁଷ୍ୟ ମଧ୍ୟସ୍ଥ ସଦ୍‌ବୃତ୍ତି, ସଦ୍‌ଭାବକୁ ଜାଗ୍ରତ୍ କରି ମନୁଷ୍ୟକୁ ଶାଳୀନ, ରୁଚିସମ୍ପନ୍ନ ଏବଂ ମାର୍ଜିତ ହେବାକୁ ସାହାଯ୍ୟ କରେ ସେଥିରୁ ମନୁଷ୍ୟ ମୁକ୍ତ ହୋଇ ପଶୁଧର୍ମୀ, ବାସ୍ତବଧର୍ମୀ ହୋଇଉଠିଛି । ବାହ୍ୟ ଜୀବନରେ ସକଳ ପ୍ରକାର ଉନ୍ନତି, ବିକାଶ ଓ ପ୍ରସାରଣ ଥାଇ ମଧ୍ୟ ଆନ୍ତର ଜୀବନରେ ମନୁଷ୍ୟ ପଙ୍ଗୁ, ନିର୍ବୋଧ ଓ ଅନ୍ଧ ହୋଇପଡ଼ିଛି । ମାନବଗୋଷ୍ଠୀର ଅନ୍ତରକୁ ଦେଖିଲେ ତାହା ମୁହ୍ୟମାନ, ଦିଗ୍‌ଭ୍ରାନ୍ତ ଓ ପଥହରା ପରି ସ୍ପଷ୍ଟ ବୋଧ ହେଉଛି । ଭିତରେ ଖଣ୍ଡତା, ସଂକୀର୍ଣ୍ଣତା, ବିକ୍ଷୋଭ, ଦ୍ୱନ୍ଦ୍ୱ ଭରି ରହିଥିବା ବେଳେ ବାହାରେ କୌଣସି ପ୍ରକାର ଶାନ୍ତି, ସମତା ଓ ଐକ୍ୟ ସ୍ଥାପନ କରିବା ନିମିତ୍ତ ଚେଷ୍ଟା କରିବା କେବଳ ମୂର୍ଖତା ମାତ୍ର ।

ଏହି ବିଶୃଙ୍ଖଳାର ମୁଖ୍ୟ କାରଣ ଏହି ଯେ ଆମ୍ଭେମାନେ ଆଜି ଗୋଟିଏ ଯୁଗ ସନ୍ଧିକ୍ଷଣରେ ପହଞ୍ଚିଛୁ । ଗୋଟାଏ ଯୁଗର ଅବସାନ ହେବ ଏବଂ ଅନ୍ୟ ଗୋଟିଏ ଯୁଗର ଆରମ୍ଭ ହେବ । ବୁଦ୍ଧିବାଦୀ, ବିଶ୍ଳେଷଣଶୀଳ, ବିଭକ୍ତିବାଦୀ ମନର ଚରମ ବିକାଶ ଘଟିଛି, ତଥାପି ମନୁଷ୍ୟର ବିଭିନ୍ନ ସମସ୍ୟାର ସମାଧାନ ହୋଇ ନାହିଁ । ମନୁଷ୍ୟ ପଶୁତ୍ୱ ଏବଂ ଦିବ୍ୟତ୍ୱର ମିଶ୍ରଣରେ ଗଢ଼ା । ମନର ବିକାଶ ଓ ପରିଣତି ଏହି ମଧ୍ୟବର୍ତ୍ତୀ ସ୍ତରରେ । ମନର ଚେତନା ପୂର୍ଣ୍ଣ ଜ୍ଞାନଯୁକ୍ତ ନୁହେଁ, ସୁତରାଂ ଏହା ସର୍ବଦାହିଁ ଝାପ୍‌ସା ଆଲୋକରେ କାର୍ଯ୍ୟ କରେ ଏବଂ ଯଥାର୍ଥ ପଥ ପାଏ ନାହିଁ । ମନର ଊର୍ଦ୍ଧ୍ୱରେ ଏକ ସର୍ବଜ୍ଞାନମୟ, ସର୍ବଶକ୍ତିଯୁକ୍ତ ଦିବ୍ୟ ଚେତନା ରହିଅଛି । ଏହି ଚେତନାର ପ୍ରକାଶ ବିବର୍ତ୍ତନଧାରାରେ ନିଶ୍ଚୟହିଁ ସମ୍ଭବ । ଏହି ଚେତନାକୁ ଶ୍ରୀଅରବିନ୍ଦ 'ଅତିମାନସ' ଦିବ୍ୟ ଚେତନା ବୋଲି ଉଲ୍ଲେଖ କରିଛନ୍ତି । ମାନବଗୋଷ୍ଠୀ ମଧ୍ୟରେ ଏହି ଚେତନା କାର୍ଯ୍ୟକାରୀ ହେଲେ ମାନବର ଦୃଷ୍ଟି ପ୍ରସାରିତ ହେବା ସଙ୍ଗେ ସଙ୍ଗେ ତା'ର ପ୍ରକୃତିଗତ ରୂପାନ୍ତର ଘଟିବ । ଯଦି ଯଥାର୍ଥରେ ଆମ୍ଭେମାନେ କୌଣସି ସ୍ଥାୟୀ ସମାଧାନ ଚାହୁଁ ତେବେ ଏହା ବ୍ୟତୀତ ଅନ୍ୟ କୌଣସି ସମାଧାନ ନାହିଁ ।

ଶ୍ରୀଅରବିନ୍ଦ ସ୍ୱୀୟ ଅଖଣ୍ଡ ଓ ଦୁରଧିଗମ୍ୟ ତପସ୍ୟା ବଳରେ ଏହି ପୃଥିବୀପୃଷ୍ଠରେ ଅତିମାନସ ଦିବ୍ୟଶକ୍ତି ଅବତରଣ କରାଇ ଆଣିଛନ୍ତି । ସେହି ଶକ୍ତି ପୃଥିବୀପୃଷ୍ଠରେ ଏକ ନୂତନ ଜଗତର ପ୍ରତିଷ୍ଠା ନିମିତ୍ତ କ୍ରିୟାଶୀଳ ହେଉଛି । ଏହି ଶକ୍ତିର ଅବତରଣ ଓ କ୍ରିୟା ଫଳରେ ପୁରାତନ ଜଗତର ଶକ୍ତିରାଜି ସହ ସଙ୍ଘର୍ଷ ସୃଷ୍ଟି ହୋଇଛି । ନୂତନ ଶକ୍ତି ଓ ନୂତନ ଜଗତ୍ ପ୍ରତିଷ୍ଠିତ ହୋଇ ନାହିଁ, ପୁରାତନ ଜଗତ୍ ଓ ତାହାର ଶକ୍ତିରାଜି ପୂର୍ଣ୍ଣରୂପେ ନିଜ ସ୍ଥାନ ଛାଡ଼ି ଚାଲିଯାଇ ନାହିଁ । ଏହିପରି ଏକ ଯୁଗ ସନ୍ଧିକ୍ଷଣରେ ମନୁଷ୍ୟ-ଚେତନା ପଥଭ୍ରଷ୍ଟ ଓ ଦିଗ୍‌ଭ୍ରାନ୍ତ ହେବା ସ୍ୱାଭାବିକ । ଏହି ସମୟରେ ନାନା ପ୍ରକାର ବିକ୍ଷୋଭ, ଦ୍ୱନ୍ଦ୍ୱ, ବିଶୃଙ୍ଖଳା ଓ ବିପର୍ଯ୍ୟୟ ଦେଖାଦେବା ଆଦୌ ଅସ୍ୱାଭାବିକ ନୁହେଁ । ମନୁଷ୍ୟ ମଧ୍ୟରେ ଘୋର ନୈରାଶ୍ୟ ଓ ହତାଶା ଦେଖା ଦେଇଛି, ସକଳ ପ୍ରକାର ସୁଖସ୍ୱାଚ୍ଛନ୍ଦ୍ୟ, ଭୋଗ ଓ ତୃପ୍ତି ମଧ୍ୟରେ ଥାଇ ବି ଗୋଟାଏ ଏପରି ଅସହ୍ୟ ଓ ଦୁର୍ବିଷହ 'ଅଭାବବୋଧ' ଦେଖା ଦେଇଛି ଯାହାର ନିରାକରଣ ଅତ୍ୟନ୍ତ କଠିନ । ବହୁ ବ୍ୟକ୍ତି ବହୁ ସ୍ଥଳରେ ଚିନ୍ତା କରିବାକୁ ତଥା ଉପଲବ୍ଧି କରିବାକୁ ଆରମ୍ଭ କରୁଛନ୍ତି ଗୋଟାଏ 'ଅଜ୍ଞାତ' ଓ 'ଅବୋଧ' ଅଭାବ; ଯାହା ଯୋଗୁଁ ଜୀବନଯାପନ ସମ୍ପୂର୍ଣ୍ଣ ନିରର୍ଥକ । ଯୁକ୍ତି, ବୁଦ୍ଧି ଓ ମନର ପ୍ରଭାବ ପ୍ରାଣଶକ୍ତି ଉପରୁ କମି ଯାଇଛି । ମନୁଷ୍ୟ 'ସ୍ୱଧର୍ମ' ଓ 'ସ୍ୱଭାବ'ରୁ ବିଚ୍ୟୁତ ହୋଇ ନାନା ଅସତ୍ କାର୍ଯ୍ୟ, ଅପକର୍ମ ଓ ପାପରେ ଲିପ୍ତ ହେଉଛି । ମନୁଷ୍ୟର ଚକ୍ଷୁ ସମ୍ମୁଖରେ ଏପରି ଭଣ୍ଡାମି, ଶଠତା, ନିର୍ଲଜ୍ଜ ଶାଳୀନତାହୀନ ନିରର୍ଥକ କ୍ରିୟା ଦେଖା ଦେଉଛି ଯାହାର ମୂଳଉତ୍ସ ଖୋଜି ପାଇବା ଏକେବାରେ ଅସମ୍ଭବ । ବିଶେଷ କରି ଯୁବ ଓ ଛାତ୍ର-ସମାଜ ମଧ୍ୟରେ ଦେଖା ଦେଇଛି ଚରମ ଔଦ୍ଧତ୍ୟ, ଗୁଣ୍ଡାମି, ମୂର୍ଖତା ଓ ଅତି କୁତ୍ସିତ କର୍ମ । ବିଶ୍ୱାସ, ଶ୍ରଦ୍ଧା, ଭକ୍ତି, ଜ୍ଞାନ, ନମ୍ରତା, ଶାଳୀନତା ଆଦି ସଦ୍‌ଗୁଣଚୟର ପରାଭବ ଘଟିଛି । ଛାତ୍ର ଓ ଯୁବ-ସମାଜର ନାନା ପ୍ରକାର ଉଦ୍ଭଟ ଓ ଅଜବ କ୍ରିୟାକର୍ମ ଦେଖି ମହାମତି ଦାର୍ଶନିକ ନିତ୍‌ସେ (Nietzsche)ଙ୍କ ବାଣୀ ମନରେ ଉଠୁଛି; "All the gods are dead" । ''ସବୁ ଦେବତାଙ୍କର ମୃତ୍ୟୁ ଘଟିଅଛି ।'' ନ୍ୟାୟ, ଧର୍ମ, ଶାନ୍ତି, ସମତା, ସମନ୍ୱୟ, ଶ୍ରଦ୍ଧା, ଜ୍ଞାନ, ନମ୍ରତା ଆଦି ସକଳ ଦୈବୀ ଗୁଣରୁ ମନୁଷ୍ୟ ଓହରି ଯାଇଛି । ଏହା ଏକ ଘୋର ଦୁର୍ଦ୍ଦିନ ଓ ଅନ୍ଧକାରର ସମୟ ।

କେବଳ ଏତିକି ନୁହେଁ, ଏହି ବିକ୍ଷୋଭ ଓ ବିଶୃଙ୍ଖଳାର ପଶ୍ଚାତରେ ଅନ୍ୟ ଏକ ସୂକ୍ଷ୍ମ ଓ ଅଦୃଶ୍ୟ କାରଣ ମଧ୍ୟ ରହିଛି । ଗୋଟିଏ ଦିଗରୁ ଏହି ସମୟ ଯେପରି ନାନା ଝଡ଼ଝଞ୍ଝା ଓ ବାତ୍ୟାପୂର୍ଣ୍ଣ, ପଥ ବହୁ ବିପଦସଙ୍କୁଳ ଓ ଅନ୍ଧକାରମୟ,

ସେହିପରି ଅନ୍ୟ ଦିଗରୁ ଏହାହିଁ ଦେବ ମୁହୂର୍ତ୍ତ, ଦିବ୍ୟ-ସୃଷ୍ଟିର ପ୍ରକାଶ ଓ ଅଭିବ୍ୟକ୍ତିର ପ୍ରତ୍ୟୁଷ । ଆଉ ମଧ୍ୟ ଏହି ସଙ୍ଘର୍ଷରତ ଶକ୍ତିରାଜିର ବିଭୀଷିକାମୟ ଘୋର ଅନ୍ଧକାର ରାତ୍ରିରେ ମହାଶକ୍ତିଙ୍କର ଆବିର୍ଭାବ ଘଟେ ବୋଲି ତନ୍ତ୍ରରେ ଲିଖିତ ଅଛି । ଏହି ଦେବମୁହୂର୍ତ୍ତରେ ବାହ୍ୟ ବିଶୃଙ୍ଖଳା, ଦ୍ୱନ୍ଦ୍ୱ ଓ ଅରାଜକତା ସଙ୍ଗେ ସଙ୍ଗେ ଅଭ୍ୟନ୍ତରରେ ଗୋଟାଏ ପ୍ରଜ୍ୱଳ, ଶୁଭ୍ର, ନିର୍ମଳ ଓ ଅନନ୍ତ ସାମର୍ଥ୍ୟଯୁକ୍ତ, ଦିବ୍ୟ-ଅଗ୍ନିଯୁକ୍ତ ସଂକଳ୍ପ ଫୁଟି ଉଠୁଛି । ଏହି ସକଳ ସାମର୍ଥ୍ୟଯୁକ୍ତ ଦିବ୍ୟ-ସଙ୍କଳ୍ପ ସକଳ ବାଧାବିଘ୍ନକୁ ଧ୍ୱଂସ କରି ପ୍ରକାଶିତ ହେବା ଅନିବାର୍ଯ୍ୟ । କିନ୍ତୁ ପରିସ୍ଥିତିକୁ ଆହୁରି କଠୋର, ଜଟିଳ ଓ ବିଶୃଙ୍ଖଳାଯୁକ୍ତ କରିବା ନିମିତ୍ତ, ଏହି ନୂତନ ଅଭିବ୍ୟକ୍ତି ପଥରେ ସକଳ ବାଧାବିଘ୍ନ ସୃଷ୍ଟି କରିବା ନିମିତ୍ତ ପ୍ରାଣଲୋକରୁ ବହୁ ପ୍ରାଣସତ୍ତା (Vital Beings) ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହୋଇ ବିଶୃଙ୍ଖଳା ଓ ବିପର୍ଯ୍ୟୟକୁ ଶତଗୁଣ ବଢ଼ାଇ ଦେଇଛନ୍ତି । ନୂତନ ସୃଷ୍ଟି ଓ ବିଧାନ ପ୍ରତିଷ୍ଠା ପଥରେ ଏହି ସକଳ ଭଗବତ୍ ବିରୋଧୀ ବିଦ୍ରୋହୀ ଅନ୍ଧକାରମୟ ଆସୁରିକ ଶକ୍ତିଗଣ ଘୋର ପ୍ରତିବନ୍ଧକ ରୂପେ ଛିଡ଼ା ହେଉଛନ୍ତି । ସେମାନେ କେବେ ବି ଭାଗବତ ରାଜ୍ୟ ପୃଥିବୀପୃଷ୍ଠରେ ପ୍ରତିଷ୍ଠା ହେବାକୁ ଦେବେ ନାହିଁ । କ୍ଷୁଦ୍ରବୁଦ୍ଧି, ଦୁର୍ବଳ ମନୁଷ୍ୟକୁ ଆୟତ୍ତ କରି ନାନା ବିଭ୍ରାଟ ଓ ତାଣ୍ଡବଲୀଳା ସୃଷ୍ଟି କରି ଭାଗବତ ଓ ଆଲୋକର ଦ୍ୱାରକୁ ରୁଦ୍ଧ କରିବାକୁ ସତତ ଚେଷ୍ଟା କରୁଛନ୍ତି । ଅନ୍ଧକାର ଓ ଆସୁରିକ ଶକ୍ତିର ବଳରେ ବଳୀୟାନ୍ ହୋଇ ଦୁର୍ଦ୍ଧର୍ଷ ଶକ୍ତିଚୟ ପୃଥିବୀପୃଷ୍ଠରୁ ନ୍ୟାୟ, ଧର୍ମ ଓ ବିଚାର-ଜ୍ଞାନର ଦୀପକୁ ଲିଭାଇ ଦେବାକୁ ବସିଛନ୍ତି ।

ଏହି ସଙ୍କଟ, ଦ୍ୱନ୍ଦ୍ୱ ଓ ସଂଘର୍ଷ ମଧ୍ୟରେ କେବେ କେବେ ଏହି ଆସୁରିକ ଶକ୍ତିଚୟର ବିଜୟ ହେଉଛି । ଆଉ ଏକଥା କହିବା ଅନାବଶ୍ୟକ ଯେ ସାଧାରଣ ମନୁଷ୍ୟ ଏକେବାରେ ହତବୁଦ୍ଧି ହୋଇ ପଡ଼ିଛି । ଚତୁର୍ଦ୍ଦିଗରେ ବୈଷମ୍ୟ, ବୈପରୀତ୍ୟ, ଅନିଶ୍ଚୟତା, ଅସାମଞ୍ଜସ୍ୟ ଦେଖା ଦେଇଛି ଏବଂ ପୂର୍ବନିର୍ଦ୍ଦିଷ୍ଟ ଭାରସାମ୍ୟ (balance) ଭାଙ୍ଗି ଚୁରମାର ହୋଇ ଗଲାଣି । ସାମାଜିକ ଓ ଗୋଷ୍ଠୀବଦ୍ଧ ଜୀବନର ମୂଳ-ଚେର ପର୍ଯ୍ୟନ୍ତ ଉପୁଡ଼ି ଯାଇଛି ଏବଂ ଏକ ଦୟନୀୟ କରୁଣ ଅସହାୟତାରେ ମନୁଷ୍ୟର ହୃଦୟ ବିଦୀର୍ଣ୍ଣ, ହତାଶ ଓ ବିଷାକ୍ତ ହୋଇ ପଡ଼ିଛି । ଅଜ୍ଞାତସାରରେ ଏହି ଘୋର ଘନ ଅନ୍ଧକାର ମଧ୍ୟରୁ ଗୋଟିଏ ଗଭୀର ଆକୁତି ଓ ପ୍ରାର୍ଥନାର କ୍ଷୀଣ ସ୍ୱର ଉଠିବ, ''କେହି ଯଦି ଆମକୁ ରକ୍ଷା କରିନ୍ତା !'' ''କେହି ଯଦି ଅବତୀର୍ଣ୍ଣ ହୋଇ ଏ ପୃଥିବୀକୁ ଦୁଷ୍ଟ ଓ ରାକ୍ଷସ ଶକ୍ତିର ତାଣ୍ଡବର ନୃତ୍ୟରୁ ଉଦ୍ଧାର କରନ୍ତା !''

ଏହି ଦୁଃସମୟରେ ଭଗବାନଙ୍କର ସେହି ମହାନ୍ ପ୍ରତିଶ୍ରୁତିର କଥା ମନରେ ଉଠୁଛି :

''ୟଦା ୟଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।''

ଏହି ପ୍ରତିଶ୍ରୁତି କେବଳ ଗୋଟାଏ ଆସ୍ଫାଳନ ନୁହେଁ, ସାମର୍ଥ୍ୟବିହୀନ ଘୋଷଣା ନୁହେଁ, ଏହା ଯୁଗ ସନ୍ଧିକ୍ଷଣରେ ଏକ ସ୍ୱାଭାବିକ ବିଧିନିର୍ଦ୍ଧାରିତ, ଅନିବାର୍ଯ୍ୟ, ଅବଶ୍ୟମ୍ଭାବୀ ଘଟଣା । ଶ୍ରୀଅରବିନ୍ଦ କହୁଛନ୍ତି – "The supramental change is a thing decreed and inevitable in the evolution of the earth-consciousness; for its upward ascent is not ended and mind is not its last summit." (CWSA, Vol. 32, Page. 26)

ଅର୍ଥାତ୍, ''ଅତିମାନସ ରୂପାନ୍ତର ନିୟତିନିର୍ଦ୍ଦିଷ୍ଟ ହୋଇଛି, ପାର୍ଥିବ ଚୈତନ୍ୟର କ୍ରମ-ବିବର୍ତ୍ତନରେ ତାହା ହେବା ଅନିବାର୍ଯ୍ୟ; କାରଣ ଏହି ଚେତନାର ଊର୍ଦ୍ଧ୍ୱମୁଖୀ ଗତି ଶେଷ ହୋଇ ନାହିଁ ଏବଂ ମନ ତାହାର ସର୍ବୋଚ୍ଚ ଶିଖର ନୁହେଁ ।''

ପୁନଶ୍ଚ ଶ୍ରୀଅରବିନ୍ଦ ଦୃଢ଼ଭାବେ ଅନ୍ୟତ୍ର ଘୋଷଣା କରୁଛନ୍ତି, ''ଭଗବାନ୍ ବାସ୍ତବରେ ଏବଂ ଯଥାର୍ଥରେ କିଛି ଘଟାଇବାକୁ ଚାହାନ୍ତି କି ନାହିଁ, ଏ ସମ୍ବନ୍ଧରେ ମୁଁ ଏତିକି ମାତ୍ର କହିପାରେ ଯେ ଏପରି କିଛି ଘଟାଇବା ଭଗବାନଙ୍କର ନିଶ୍ଚୟହିଁ ଅଭିପ୍ରାୟ । ମୁଁ ପୂର୍ଣ୍ଣ ନିଶ୍ଚିତ ରୂପେ ଜାଣେ ଯେ ଅତିମାନସ ଗୋଟିଏ ସତ୍ୟ ଏବଂ ତାହାର ଆବିର୍ଭାବ ବସ୍ତୁର ଧାରାରେ ଅନିବାର୍ଯ୍ୟ । ପ୍ରଶ୍ନ ହେଲା, କେବେ ଓ କେଉଁ ପ୍ରକାରରେ । କିନ୍ତୁ ଏ ପ୍ରଶ୍ନ ବି ଊର୍ଦ୍ଧ୍ୱରୁ କୌଣସିଠାରୁ ମୀମାଂସିତ ଓ ପୂର୍ବ-ନିର୍ଦ୍ଧାରିତ ହୋଇଅଛି । ତେବେ ଇହଲୋକରେ ଯୁଦ୍ଧମାନ ଶକ୍ତିରାଜିର ନିର୍ମମ ଘାତପ୍ରତିଘାତ ମଧ୍ୟରେ ଏହାର ନିଷ୍ପତ୍ତି ହେଉଅଛି । କାରଣ ଏହି ପାର୍ଥିବ ଜଗତରେ ପ୍ରାକ୍-ନିର୍ଦ୍ଧାରିତ ପରିଣାମ ଏପର୍ଯ୍ୟନ୍ତ ଅପ୍ରଘଟ ଏବଂ ଯାହା ଆମ୍ଭମାନଙ୍କର ଦୃଷ୍ଟିଗୋଚର ହୁଏ ତାହା ହେଲା ଏହି ଯେ ସମ୍ଭାବନାରାଜି ଓ ଶକ୍ତିଚୟଙ୍କର ଘୂର୍ଣ୍ଣାବର୍ତ୍ତ ଗୋଟାଏ କିଛି କରିବାକୁ ଚେଷ୍ଟା କରୁଅଛି ଯାହା ମାନବ ଦୃଷ୍ଟିର ବାହାରେ । ଏତିକି ମାତ୍ର ନିଶ୍ଚିତ ଯେ ବହୁତଗୁଡ଼ିଏ ଜୀବାତ୍ମା ପ୍ରେରିତ ହୋଇ ଅଛନ୍ତି ଏହି ଆବିର୍ଭାବ ଅବିଳମ୍ବେ ଘଟାଇବା ନିମିତ୍ତ । ଏହାହିଁ ବର୍ତ୍ତମାନର ଅବସ୍ଥା ।

ବର୍ତ୍ତମାନ ଆବିର୍ଭାବ ଘଟିବ – ଏହାହିଁ ମୋର ବିଶ୍ୱାସ ଓ ସଙ୍କଳ୍ପ ।''

କିନ୍ତୁ 'ଅତିମାନସ'ର ଅବତରଣ ଆଜି ସମ୍ଭାବନାର ବସ୍ତୁ ନୁହେଁ, ତାହା ପୃଥିବୀପୃଷ୍ଠରେ କ୍ରିୟାଶୀଳ ହେଉଛି ଏବଂ ଭଗବାନ୍ ତାଙ୍କର ପ୍ରତିଶ୍ରୁତି ପୂର୍ଣ୍ଣ କରିଛନ୍ତି । ୧୯୫୬ ମସିହା ୨୪ ଅପ୍ରେଲର ଶ୍ରୀମା'ଙ୍କ ବାଣୀରେ ଏହା ସୁସ୍ପଷ୍ଟ : ''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ ଗୋଟାଏ ସମ୍ଭାବନା ହୋଇ ନାହିଁ । ଏହା ଗୋଟିଏ ଜୀବନ୍ତ ଓ ବାସ୍ତବ ସତ୍ୟ । ଆଜି ଏଠାରେ ଏହା କାର୍ଯ୍ୟ କରୁଅଛି ଏବଂ ଦିନ ଆସିବ ଯେତେବେଳେ ଅତି ଅନ୍ଧ, ଅତି ଅଜ୍ଞାନ, ଅତି ମୂର୍ଖ ଏହାକୁ ସ୍ୱୀକାର କରିବାକୁ ବାଧ ହେବେ ।'' ଏହାକୁ ସ୍ୱୀକାର ଓ ପ୍ରତିଷ୍ଠା କରିବା ଦ୍ୱାରାହିଁ ଜଗତରୁ ଦୁଃଖ-ଦ୍ୱନ୍ଦ୍ୱ ଓ ଶୋକ ଦୂର ହେବ ।

କିନ୍ତୁ ଏହି ପ୍ରସଙ୍ଗରେ ଆହୁରି ଗୋଟିଏ ବିଷୟ ମଧ୍ୟ ଉଲ୍ଲେଖ କରିବା ଉଚିତ । ସେସବୁକୁ ବିଶେଷ ରୂପେ ଆଲୋଚନା କରିବାର ଅବକାଶ ଏଠାରେ ନାହିଁ । ଅତୀତରେ ସକଳ ଆଧ୍ୟାତ୍ମିକ ସାଧନାର ଗତି ଥିଲା ଊର୍ଦ୍ଧ୍ୱମୁଖୀ; ଲକ୍ଷ୍ୟ ଥିଲା ଜରା-ରୋଗ-ମୃତ୍ୟୁଶୀଳ ଅନ୍ଧକାରମୟ ଜଡ଼ତା ମଧ୍ୟରୁ ମୁକ୍ତି, ମୋକ୍ଷ ବା ଗୋଲୋକ, ବୈକୁଣ୍ଠ ଇତ୍ୟାଦି ଧାମରେ ଭଗବାନଙ୍କର ନିତ୍ୟ ସାନ୍ନିଧ୍ୟ ଲାଭ । ପରିଣାମରେ କେତେକ ଆତ୍ମା ମୁକ୍ତ ହୋଇଗଲେ, ଅବତାର ଆସି ସମଗ୍ର ପୃଥିବୀରେ ଦୁଷ୍ଟକୁ ଧ୍ୱଂସ ଓ ବିନାଶ କରି ଧର୍ମ-ରାଜ୍ୟ ସ୍ଥାପନ କଲେ । କିନ୍ତୁ ଏହା ଦ୍ୱାରା ଅନ୍ଧକାରର ଉଦ୍‌ଗମସ୍ଥଳ 'ନିଶ୍ଚେତନା'ର ରୂପାନ୍ତର ଘଟେ ନାହିଁ । ସେହି ନିଶ୍ଚେତନାରୁ ଉଦ୍ଭବ ଆସୁରିକ ଶକ୍ତିଚୟ ପୁନର୍ବାର ଜ୍ୟୋତି ଓ ଜ୍ଞାନକୁ ଗର୍ଭସାତ୍ କରି ମନୁଷ୍ୟକୁ ଦିଗ୍‌ଭ୍ରାନ୍ତ କରି ଚାଲନ୍ତି । କୌଣସି ବସ୍ତୁକୁ ଧ୍ୱଂସ କଲେ, ବିତାଡ଼ିତ କଲେ ବା ଦୂରେଇ ରଖିଲେ ତାହା କିଛି ସମୟ ପରେ ପୁନର୍ବାର ଜନ୍ମଲାଭ କରେ, ଫେରି ଆସେ ଏବଂ ପୁନରାୟ ନିଜର ଆଧିପତ୍ୟ ବିସ୍ତାର କରେ । ବ୍ୟକ୍ତିଗତଭାବେ କିଛି ବ୍ୟକ୍ତି ସାଧନା ଦ୍ୱାରା ରୋଗ ଓ ମୃତ୍ୟୁ ଉପରେ ବିଜୟ ହାସଲ କରିପାରନ୍ତି, ଏହି ଅର୍ଥରେ ଯେ ସେଥିରୁ ସେମାନେ ନିଜକୁ ମୁକ୍ତ ରଖିପାରନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ମୃତ୍ୟୁ ଓ ଶୋକ ଧରାପୃଷ୍ଠରୁ ପଳାୟନ କରିଛି । ଏହା ପରିବର୍ତ୍ତେ ଶ୍ରୀମାଶ୍ରୀଅରବିନ୍ଦ କହୁଛନ୍ତି ଯେ ଅନ୍ଧକାର ଶକ୍ତିଚୟର ମୂଳଉତ୍ସକୁ ରୂପାନ୍ତରିତ କରିବାକୁ ହେବ । ଅସୁର ଓ ରାକ୍ଷସଙ୍କୁ ଧ୍ୱଂସ ଓ ହତ୍ୟା ନକରି ତାଙ୍କୁ ତାଙ୍କରି ସର୍ତ୍ତାନୁସାରେ ଗ୍ରହଣ କରି ରୂପାନ୍ତର କରିବାକୁ ହେବ । ରାକ୍ଷସ ଓ ଦୁଷ୍ଟଗଣଙ୍କୁ କୋପ ଦୃଷ୍ଟିରେ ତରଳାଇ ଦେବା ସହଜ କଥା, ଏକ ନିମିଷକରେ ତାହା ସମ୍ଭବ ହେବ, ମାତ୍ର ଏ ଯୁଗର ତପସ୍ୟା ହେଲା ସେହି ରାକ୍ଷସ ଓ ଦୁଷ୍ଟଗଣଙ୍କୁ (ଯେଉଁମାନେ ଅବଶ୍ୟ କିଛି ସ୍ୱୀକୃତି ଦେବେ) ରୂପାନ୍ତର କରିବା, ପରିବର୍ତ୍ତନ କରିବା । ଯେପରି ମନୁଷ୍ୟର ମନ, ପ୍ରାଣ, ଶରୀରର ବନ୍ଧନରୁ ମୁକ୍ତ ହୋଇ ମୁକ୍ତିଲାଭ କରିବା ସହଜ, କିନ୍ତୁ ଦେହ-ପ୍ରାଣ-ମନର ରୂପାନ୍ତର ସାଧନ କରିବା ଅଧିକ କଷ୍ଟସାଧ୍ୟ ଓ ବହୁ ଉଦ୍ୟମ ସାପେକ୍ଷ । ଏଥିପାଇଁ ଅଧିକ ସମୟ ଦେବାକୁ ହେବ ଓ ଅଧିକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ହେବ । ସୁତରାଂ ବର୍ତ୍ତମାନର ବିଶୃଙ୍ଖଳା, ଦ୍ୱନ୍ଦ୍ୱ ଓ ବିକ୍ଷୋଭ ମଧ୍ୟରୁ ଆମକୁ ପଳାୟନ କରିବାକୁ ହେବ ନାହିଁ, ବରଂ ସେହି ବିଶୃଙ୍ଖଳା ଓ ବିକ୍ଷୋଭର ସୂତ୍ରଗୁଡ଼ିକୁ ଆବିଷ୍କାର କରି ତାହାର ରୂପାନ୍ତର ସାଧନ କରିବାକୁ ହେବ । ଏହି ପଥ ବ୍ୟତୀତ ଦ୍ୱିତୀୟ ମାର୍ଗ ନାହିଁ ଏବଂ ବର୍ତ୍ତମାନର ବିକ୍ଷୋଭ ଓ ବିଶୃଙ୍ଖଳାରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଲା ନିଜ ଜୀବନ ଓ କର୍ମକୁ ଦିବ୍ୟ ଅତିମାନସ ଶକ୍ତି ହସ୍ତରେ ଯଥାର୍ଥରେ ଅର୍ପଣ କରି ସାଧନା ପଥରେ ଅଗ୍ରସର ହେବା । ଯେଉଁ ବିକ୍ଷୋଭ ଓ ବିଶୃଙ୍ଖଳା ଦେଖା ଦେଇଛି ତାହାହିଁ ଶାନ୍ତି, ଶୃଙ୍ଖଳା, ସ୍ଥୈର୍ଯ୍ୟ ଓ ସମତା ପ୍ରଦାନ କରିବାର ସୁଯୋଗରେ ପରିଣତ ହେବ । ସେଥିପାଇଁ ଏହି ବିକ୍ଷୋଭ ଓ ବିଶୃଙ୍ଖଳା ଅସହ୍ୟ ହେଲେହେଁ ଏହାହିଁ ଆଣିଦେବ ନବଜନ୍ମ, ବରଂ ଏହି ବିଧ୍ୱଂସ, ବିଲୟର ରୂପାନ୍ତର ମଧ୍ୟରୁ ଉତ୍‌ଥିତ ହେବ ଏକ ନୂତନ ସୃଷ୍ଟି, ନୂତନ ଜଗତ୍, ନୂତନ ମାନବ-ସମାଜ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୬୪ - ୬୮) ✤



ଆମ ନିଜକୁ ଅତିକ୍ରମ କରିବା ପାଇଁ ପ୍ରଚେଷ୍ଟାର ମାତ୍ରାରେହିଁ ରହିଛି ଆମର ଯାହାକିଛି ମୂଲ୍ୟ ଏବଂ ଆମ ନିଜକୁ ଅତିକ୍ରମ କରିଯିବାର ଅର୍ଥ ହେଉଛି ଭଗବାନଙ୍କୁ ଲାଭ କରିବା ।

– ଶ୍ରୀମା

ଶ୍ରୀମଦ୍‌ଭଗବଦ୍‌ଗୀତା

(ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ)

[ପୂର୍ବାଭାଷ : ଭାରତୀୟ ସଂସ୍କୃତି ଏବଂ ଅଧ୍ୟାତ୍ମ ଚିନ୍ତା ଓ ଚେତନାର ମୂଳପିଣ୍ଡ ହେଉଛି ଶ୍ରୀମଦ୍‌ଭଗବଦ୍‌ଗୀତା – ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଯେଉଁମାନେ ପ୍ରସ୍ତୁତ ସେମାନଙ୍କ ପାଇଁ ଏହା ଦେଇଛି ନିର୍ଭୁଲ ଦିଗ୍‌ଦର୍ଶନ । ଶ୍ରୀଅରବିନ୍ଦଙ୍କ ଉକ୍ତି ମଧ୍ୟ ଅନୁରୂପ – ''ଗୀତା ଜଗତର ଶ୍ରେଷ୍ଠ ଧର୍ମଗ୍ରନ୍ଥ । ଗୀତାରେ ଯେଉଁ ଜ୍ଞାନ ସଂକ୍ଷେପରେ ବ୍ୟାଖ୍ୟାତ ହୋଇଛି ସେହି ଜ୍ଞାନ ଚରମ ଓ ଗୁହ୍ୟତମ ।'' ମାତ୍ର ସଂସ୍କୃତରେ ଲିଖିତ ଗୀତାର ଅଧ୍ୟୟନ ଓ ଅନୁଶୀଳନ ସର୍ବସାଧାରଣଙ୍କ ପାଇଁ ସହଜସାଧ୍ୟ ନୁହେଁ । ଏହି ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଭଳି ଓଡ଼ିଆ ଭାଷାରେ ମଧ୍ୟ ଏହାର ବହୁବିଧ ଅନୁବାଦ ଉପଲବ୍ଧ । କିନ୍ତୁ **ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର**ଙ୍କର ଅନୁବାଦ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏଥିରେ ଆକ୍ଷରିକ ଅର୍ଥ ମର୍ଯ୍ୟାଦା ଓ ପଦ ସଂଯୋଜନାର ଗାମ୍ଭୀର୍ଯ୍ୟ ଅଧିକ ତ୍ରୁଟିଶୂନ୍ୟ ଓ ହୃଦୟଗ୍ରାହୀ ବୋଧହୁଏ । ସେଥି ନିମନ୍ତେ ପ୍ରାୟ ଶହେ ବର୍ଷ ପୂର୍ବେ ଅନୂଦିତ ଓ ପ୍ରକାଶିତ ଏହି ପୁସ୍ତକଟିକୁ ଅଧୁନା ଧାରାବାହିକ ଭାବରେ 'ନବଜ୍ୟୋତି' ପତ୍ରିକାରେ ଉପସ୍ଥାପନ କରିବାର ସିଦ୍ଧାନ୍ତ ନିଆଯାଇଛି । ପ୍ରକାଶ ଥାଉକି ଏହି ପୁସ୍ତକଟିର ଅନୁବାଦକ ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସଙ୍କ ସହକର୍ମୀ ଥିଲେ । ସଂସ୍କୃତ ଭାଷାରେ ଯଥେଷ୍ଟ ଦକ୍ଷତା ନଥିବା ଗୀତା ଅଧ୍ୟୟନରେ ଅନୁରାଗୀ ବ୍ୟକ୍ତିବିଶେଷ ମୂଳ ସଂସ୍କୃତ ଶ୍ଲୋକ ସହ ଏହି ଅନୁବାଦକୁ ଅଧ୍ୟୟନ କରି ଉପକୃତ ହେବେ ବୋଲି ଆଶା କରାଯାଏ । – ସମ୍ପାଦନା]

ଶ୍ରୀମଦ୍‌ଭଗବଦ୍‌ଗୀତା

ପଞ୍ଚମୋଽଧ୍ୟାୟଃ

କର୍ମସଂନ୍ୟାସଯୋଗଃ

ଅର୍ଜୁନ ଉବାଚ

ସଂନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ଯୋଗଂ ଚ ଶଂସସି ।
ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୂହି ସୁନିଶ୍ଚିତମ୍ ॥ ।୧।

ଶ୍ରୀଭଗବାନୁବାଚ

ସଂନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।
ତୟୋସ୍ତୁ କର୍ମସଂନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ ॥ ।୨।

ଜ୍ଞେୟଃ ସ ନିତ୍ୟସଂନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି ।
ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ॥ ।୩।

ସାଂଖ୍ୟଯୋଗୌ ପୃଥଗ୍ ବାଳାଃ ପ୍ରବଦନ୍ତି ନ ପଣ୍ଡିତାଃ ।
ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଳମ୍ ॥ ।୪।

ଶ୍ରୀମଦ୍‌ଭଗବଦ୍‌ଗୀତା

ପଞ୍ଚମ ଅଧ୍ୟାୟ

ସନ୍ନ୍ୟାସ ଯୋଗ

ଅର୍ଜୁନ ଉବାଚ

କର୍ମଯୋଗ, କର୍ମତ୍ୟାଗ, କହିଲ କୃଷ୍ଣ ! ଉଭୟ,
ଶ୍ରେଷ୍ଠତର କିଏ ? ଏବେ କହ ତା କରି ନିଶ୍ଚୟ ।୧।

ଶ୍ରୀଭଗବାନ୍ ଉବାଚ

ଉଭୟଟି ଶ୍ରେୟସ୍କର କର୍ମଯୋଗ, କର୍ମତ୍ୟାଗ,
ତଥାପି ଦୁହିଁଙ୍କ ମଧ୍ୟେ ଶ୍ରେଷ୍ଠତର କର୍ମଯୋଗ ।୨।

ସେ ନିତ୍ୟ ସନ୍ନ୍ୟାସୀ, ଯେହୁ ଦ୍ୱେଷ ବା ଆକାଂକ୍ଷାହୀନ,
ନିର୍ଦ୍ୱନ୍ଦ୍ୱ; ଏଡ଼ିପାରେ ସେ ହେଳେ ସକଳ ବନ୍ଧନ ।୩।

ସାଂଖ୍ୟଯୋଗ, ଭିନ୍ନ କହେ ମୂର୍ଖ, ପଣ୍ଡିତେ ଅଭିନ୍ନ,
ଦୁହିଁଙ୍କର ଫଳ ମିଳେ ଏକ କଲେ ଅନୁଷ୍ଠାନ ।୪।

ୟତ୍ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ୟୋଗୈରପି ଗମ୍ୟତେ ।
ଏକଂ ସାଂଖ୍ୟ ଚ ଯୋଗଂ ଚ ୟଃ ପଶ୍ୟତି ସ ପଶ୍ୟତି ॥ ।୫।

ଯେ ସ୍ଥାନ ଲଭଇ ସାଂଖ୍ୟ, ଯୋଗୀ ପାଏ ସେହି ସ୍ଥାନ
ଅଭିନ୍ନ ସାଂଖ୍ୟ, ଯୋଗରେ ଯେ ଦେଖେ ସେ ଜ୍ଞାନବାନ୍ । ।୫।

ସନ୍ନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ ।
ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନ ଚିରେଣାଧିଗଚ୍ଛତି ॥ ।୬।

ଯୋଗହୀନ ସନ୍ନ୍ୟାସଟି ଦୁର୍ଲଭ ଅଟଇ ପାର୍ଥ !
ବ୍ରହ୍ମରେ ହୁଅଇ ଲୀନ ଯେହୁ ମୁନି ଯୋଗଯୁକ୍ତ । ।୬।

ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।
ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ॥ ।୭।

ବିଶୁଦ୍ଧ ଆତ୍ମା, ବିଜିତ-ଆତ୍ମା, ଜିତେନ୍ଦ୍ରିୟ ଯୋଗୀ,
ସର୍ବାତ୍ମାରେ ସମଜ୍ଞାନୀ, କର୍ମ କଲେ ହେଁ ସେ ତ୍ୟାଗୀ । ।୭।

ନୈବ କିଞ୍ଚିତ୍ କରୋମୀତି ୟୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।
ପଶ୍ୟନ୍ ଶୃଣ୍ୱନ୍ ସ୍ପୃଶନ୍ ଜିଘ୍ରନ୍ନଶ୍ନନ୍ ଗଚ୍ଛନ୍ ସ୍ୱପନ୍ ଶ୍ୱସନ୍ ॥ ।୮।

ଭାବେ ତତ୍ତ୍ୱଜ୍ଞାନୀ ଯୋଗୀ ''ନ କରେ ମୁଁ କିଛି କର୍ମ''
ଦୃଷ୍ଟି, ଶ୍ରୁତି, ଗତି, ନିଦ୍ରା, ଘ୍ରାଣ, ଶ୍ୱାସ, ସ୍ୱର୍ଶାସନ ।୮।

ପ୍ରଲପନ୍, ବିସୃଜନ୍ ଗୃହ୍ଣନ୍ ଉନ୍ମିଷନ୍ ନିମିଷନ୍ନପି ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ॥ ।୯।

କଥନ, ଗ୍ରହଣ, ତ୍ୟାଗ, ନିମେଷ, ଉନ୍ମେଷ, ଯେତେ
ଜ୍ଞାନ କରେ କରୁଛନ୍ତି ଇନ୍ଦ୍ରିୟ, ଇନ୍ଦ୍ରିୟ ଅର୍ଥେ ।୯।

ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ୟଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ॥ ।୧୦।

ବ୍ରହ୍ମେ ସମର୍ପିଣ କର୍ମ, ନିଷ୍କାମ ଯେ କର୍ମରତ
ଜଳେ ପଦ୍ମପତ୍ର ତୁଲ୍ୟ, ନ ହୁଏ ସେ କର୍ମେ ଲିପ୍ତ ।୧୦।

କାୟେନ ମନସା ବୁଦ୍ଧ୍ୟା କେବଲୈରିନ୍ଦ୍ରିୟୈରପି ।
ଯୋଗିନଃ କର୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ॥ ।୧୧।

ଚିତ୍ତଶୁଦ୍ଧି ଅର୍ଥେ କର୍ମ କରେ ଫଳାସକ୍ତ ତ୍ୟାଗୀ,
କେବଳ ଇନ୍ଦ୍ରିୟ, ମନ, ଦେହ, ବୁଦ୍ଧି, ଘେନି ଯୋଗୀ । ।୧୧।

ୟୁକ୍ତଃ କର୍ମଫଲଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।
ଅୟୁକ୍ତଃ କାମକାରେଣ ଫଲେ ସକ୍ତୋ ନିବଧ୍ୟତେ ॥ ।୧୨।

ଯୋଗୀ, କର୍ମଫଳତ୍ୟାଗୀ, ନିଷ୍ଠାପର ଶାନ୍ତି ଲଭେ
ଯୋଗହୀନ ଫଳାସକ୍ତ ଆବଦ୍ଧ ହୁଅଇ ଭବେ । ।୧୨।

ସର୍ବକର୍ମାଣି ମନସା ସଂନ୍ୟସ୍ୟାସ୍ତେ ସୁଖଂ ବଶୀ ।
ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନକାରୟନ୍ ॥ ।୧୩।

ମନୁ ବିସର୍ଜିଣ କର୍ମ, ଜିତେନ୍ଦ୍ରିୟ ସୁଖେ ରହେ
ନ କରି ବା ନ କରାଇ କର୍ମ ନବଦ୍ୱାର-ଦେହେ । ।୧୩।

ନ କର୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଲସଂୟୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ॥ ।୧୪।

ଲୋକର କର୍ତୃତ୍ୱ କର୍ମ, କର୍ମଫଳ କଦାଚିତ
ନ ସୃଜନ୍ତି ପ୍ରଭୁ; ହୁଏ ସ୍ୱଭାବରେ ପ୍ରବର୍ତ୍ତିତ । ।୧୪।

ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ ।
ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ॥ ।୧୫।

କଦାଚ ଘେନନ୍ତି ନାହିଁ ବିଭୁ କା'ର ପାପପୁଣ୍ୟ
ଅଜ୍ଞାନେ ଆଚ୍ଛନ୍ନ ଜ୍ଞାନ, ତେଣୁ ମୁଗ୍ଧ ଜନ୍ତୁଗଣ ।୧୫।

ଜ୍ଞାନେନ ତୁ ତଦଜ୍ଞାନଂ ୟେଷାଂ ନାଶିତମାତ୍ମନଃ ।
ତେଷାମାଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍ପରମ୍ ॥ ।୧୬।

ଆତ୍ମାର ଅଜ୍ଞାନ ଏହି ଜ୍ଞାନେ ଯେ କରନ୍ତି ହତ
ବ୍ରହ୍ମଜ୍ଞାନ ତାହାଙ୍କର ପ୍ରକାଶେ ଯେହ୍ନେ ଆଦିତ୍ୟ ।୧୬।

ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍‌ପରାୟଣାଃ ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ ॥ ।୧୭।

ତତ୍‌ବୁଦ୍ଧି, ତଦାତ୍ମା, ପୁଣି ତତ୍‌ନିଷ୍ଠ, ତତ୍‌ପରାୟଣ,
ଜ୍ଞାନେ ଧୌତ ପାପ ସେହୁ, ନ ଲଭନ୍ତି ପୁନର୍ଜ୍ଜନ୍ମ ।୧୭।

ବିଦ୍ୟାବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ॥ ।୧୮।

ଜ୍ଞାନବାନ୍‌-ନମ୍ର-ବିପ୍ର, କିବା ଗୋ, ହସ୍ତୀ, କୁକୁର,
ଚଣ୍ଡାଳ ଆଦିଙ୍କୁ ସମ ମଣେ ଜ୍ଞାନବାନ୍‌ ନର ।୧୮।

ଇହୈବ ତୈର୍ଜିତଃ ସର୍ଗୋ ୟେଷାଂ ସାମ୍ୟେ ସ୍ଥିତଂ ମନଃ ।
ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍‌ ବ୍ରହ୍ମଣି ତେ ସ୍ଥିତାଃ ॥ ।୧୯।

ଜୀବିତେ ସଂସାରଜୟୀ, ସାମ୍ୟେ ଯା'ର ଥାଏ ମନ,
ନିର୍ଦ୍ଦୋଷ ସମତ୍ୱ ବ୍ରହ୍ମ, ବ୍ରହ୍ମେ ସେ ଲଭନ୍ତି ସ୍ଥାନ ।୧୯।

ନ ପ୍ରହୃଷ୍ୟେତ୍‌ ପ୍ରିୟଂ ପ୍ରାପ୍ୟ ନୋଦ୍‌ବିଜେତ୍‌ ପ୍ରାପ୍ୟ ଚାପ୍ରିୟମ୍‌ ।
ସ୍ଥିରବୁଦ୍ଧିରସଂମୂଢ଼ୋ ବ୍ରହ୍ମବିଦ୍‌ ବ୍ରହ୍ମଣି ସ୍ଥିତଃ ॥ ।୨୦।

ପ୍ରିୟପ୍ରାପ୍ତେ ନୁହେଁ ହୃଷ୍ଟ, ଅପ୍ରିୟେ ନୁହେଁ ଦୁଃଖିତ
ସ୍ଥିରବୁଦ୍ଧି ମୋହଶୂନ୍ୟ ବ୍ରହ୍ମଜ୍ଞାନୀ, ବ୍ରହ୍ମେସ୍ଥିତ ।୨୦।

ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ୟତ୍‌ ସୁଖମ୍‌
ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ॥ ।୨୧।

ବାହ୍ୟସ୍ପର୍ଶେ ଅନାସକ୍ତ
ବ୍ରହ୍ମଯୋଗଯୁକ୍ତ ଆତ୍ମା ହୁଏ ଚିର ସୁଖପ୍ରାପ୍ତ ।୨୧।

ୟେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବେ ତେ ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ॥ ।୨୨।

ବିଷୟଜନିତ ଭୋଗ ଦୁଃଖର କାରଣ ମାତ୍ର,
ଆଦି-ଅନ୍ତଶୀଳ, ପାର୍ଥ ! ଜ୍ଞାନୀ ତହିଁ ନୁହେ ରତ ।୨୨।

ଶକ୍ନୋତୀହୈବ ୟଃ ସୋଢୁଂ ପ୍ରାକ୍‌ଶରୀରବିମୋକ୍ଷଣାତ୍‌ ।
କାମକ୍ରୋଧୋଦ୍ଭବଂ ବେଗଂ ସ ୟୁକ୍ତଃ ସ ସୁଖୀ ନରଃ ॥ ।୨୩।

ମରଣ ପର୍ଯ୍ୟନ୍ତ ପାର୍ଥ ! ସହି ପାରଇଟି ଯେହି
କାମ-କ୍ରୋଧୋଦ୍ଭବ ବେଗ, ଯୋଗୀ ସେହି, ସୁଖୀ ସେହି ।୨୩।

ୟୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ୟଃ ।
ସ ୟୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ॥ ।୨୪।

ଯାହାର ଅନ୍ତରେ ସୁଖ, ଅନ୍ତରେ ଜ୍ୟୋତି ଆରାମ,
ସେହି ଯୋଗୀ ବ୍ରହ୍ମସ୍ଥିତ, ବ୍ରହ୍ମରେ ଲଭେ ନିର୍ବାଣ ।୨୪।

ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।
ଛିନ୍ନଦ୍ୱୈଧା ୟତାତ୍ମାନଃ ସର୍ବଭୂତହିତେ ରତାଃ ॥ ।୨୫।

ବ୍ରହ୍ମେ ଲଭନ୍ତି ନିର୍ବାଣ ପାପହୀନ ଋଷିଗଣ
ଜିତେନ୍ଦ୍ରିୟ, ସର୍ବଭୂତହିତେ ରତ, ଦ୍ୱିଧାହୀନ ।୨୫।

କାମକ୍ରୋଧବିୟୁକ୍ତାନାଂ ୟତୀନାଂ ୟତଚେତସାମ୍‌ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍‌ ॥ ।୨୬।

କାମକ୍ରୋଧ ବିରହିତ, ସନ୍ନ୍ୟାସୀ ସଂଯତ ଚିତ୍ତ
ଲଭନ୍ତି ବ୍ରହ୍ମ-ନିର୍ବାଣ, କି ଜୀବିତ କିବା ମୃତ ।୨୬।

ସ୍ପର୍ଶାନ୍‌ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।
ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ॥ ।୨୭।

ତେଜିଣ ବିଷୟ ସୁଖ ଭ୍ରୂଯୁଗ୍ମ ମଧ୍ୟେ ଚକ୍ଷୁ କରିଣ ସ୍ଥାପନ,
ନାସିକାଭ୍ୟନ୍ତର-ଚାରୀ ପ୍ରାଣ ଅପାନକୁ କରି ସମଭାବାପନ୍ନ ।୨୭।

ୟତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।
ବିଗତେଚ୍ଛାଭୟକ୍ରୋଧୋ ୟଃ ସଦା ମୁକ୍ତ ଏବ ସଃ ॥ ।୨୮।

ଜିତେନ୍ଦ୍ରିୟ-ମନ-ବୁଦ୍ଧି, ମୁନି ମୋକ୍ଷ ପରାୟଣ
ଇଚ୍ଛା-ଭୟ, କ୍ରୋଧାତୀତ, ସେହି ମୁକ୍ତ ସର୍ବକ୍ଷଣ ।୨୮।

ଭୋକ୍ତାରଂ ୟଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥ ।୨୯।

ଯଜ୍ଞ-ତପ-ଫଳ-ଭୋଗୀ, ସର୍ବ ଲୋକ ଅଧିପତି,
ସର୍ବଭୂତବନ୍ଧୁ, ମୋତେ ଯେ ଜାଣେ ସେ ଲଭେ ଶାନ୍ତି । ।୨୯।

(କ୍ରମଶଃ)

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ କର୍ମସଂନ୍ୟାସୟୋଗୋ
ନାମ ପଞ୍ଚମୋଽଧ୍ୟାୟଃ ।

ଅନୁବାଦ : ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର ✤

ଗୀତାର ଅସାମାନ୍ୟତା

... ଗୀତା ଅୟୁତ ରତ୍ନପ୍ରସୂ ଅତଳ ସମୁଦ୍ର । ସମସ୍ତ ଜୀବନକାଳ ସେହି ସମୁଦ୍ରର ନିମ୍ନସ୍ତରକୁ ଅବତରଣ କରି ମଧ୍ୟ ତାହାର ଗଭୀରତାକୁ ଅନୁମାନ କରାଯାଇ ପାରିବ ନାହିଁ, ତା'ର ତଳ ମିଳିବ ନାହିଁ । ଶତ ବର୍ଷ ଖୋଜି ଖୋଜି ସେହି ଅନନ୍ତ ରତ୍ନ ଭଣ୍ଡାରର ସହସ୍ରାଂଶ ଧନ ମଧ୍ୟ ଆହରଣ କରିବା ଦୁଷ୍କର । ଅଥଚ ଗୋଟିଏ ଦୁଇଟି ରତ୍ନ ଉଦ୍ଧାର କରିପାରିଲେ ଦରିଦ୍ର ଧନୀ ହୁଏ, ଗଭୀର ଚିନ୍ତାଶୀଳ ଜ୍ଞାନୀ ହୁଏ, ଭଗବତ୍ ବିଦ୍ୱେଷୀ ପ୍ରେମିକ ହୁଏ, ମହାପରାକ୍ରମୀ ଶକ୍ତିମାନ୍ କର୍ମବୀର ନିଜ ଜୀବନର ଉଦ୍ଦେଶ୍ୟ ସାଧନ ପାଇଁ ସମ୍ପୂର୍ଣ୍ଣ ରୂପେ ସଜ୍ଜିତ ଓ ସନ୍ନଦ୍ଧ ହୋଇ କର୍ମକ୍ଷେତ୍ରକୁ ଫେରି ଆସେ ।

ଗୀତା ଅକ୍ଷୟ ମଣିର ଆକର । ଯୁଗ ଯୁଗ ଧରି ଆକରସ୍ଥ ମଣିକୁ ଯଦି ସଂଗ୍ରହ କରାଯାଏ, ତଥାପି ଭବିଷ୍ୟତ୍ ବଂଶଧରଗଣ ସର୍ବଦା ନୂତନ ନୂତନ ଅମୂଲ୍ୟ ମଣିମାଣିକ୍ୟ ଲାଭ କରି ହୃଷ୍ଟ ଓ ବିସ୍ମିତ ହେବେ ।

ଏହିପରି ଗଭୀର ଗୁପ୍ତଜ୍ଞାନପୂର୍ଣ୍ଣ ପୁସ୍ତକ ଅଥଚ ଭାଷା ଅତିଶୟ ପ୍ରାଞ୍ଜଳ, ରଚନା ସରଳ, ବାହ୍ୟିକ ଅର୍ଥ ସହଜ-ବୋଧଗମ୍ୟ । ଗୀତା ସମୁଦ୍ରର ଅନୁଚ୍ଚ ତରଙ୍ଗର ଉପରେ ଉପରେ ଭାସି ଚାଲିଲେ ଓ ତହିଁରେ ଗଭୀର ଭାବେ ବୁଡ଼ି ନ ଗଲେ ମଧ୍ୟ, କେତେ ଶାନ୍ତି ଓ ଆନନ୍ଦ ବୃଦ୍ଧିପାଏ । ଗୀତାରୂପ ଆକରର ରତ୍ନୋଦ୍ଭାପିତ ଗଭୀର ଗୁହା ଭିତରେ ପ୍ରବେଶ ନ କରି କେବଳ ତା'ର ଚାରିପାଖରେ ବୁଲିଲେ ମଧ୍ୟ ତୃଣ ମଧ୍ୟରେ ପତିତ ଉଜ୍ଜ୍ୱଳ ମଣି ମିଳିଥାଏ, ଇହଜୀବନ ପାଇଁ ତାହାକୁ ନେଇହିଁ ଜଣେ ଧନୀ ହୋଇପାରେ ।

ଗୀତାର ସହସ୍ର ବ୍ୟାଖ୍ୟା ହେଲେ ମଧ୍ୟ ଏପରି ସମୟ କେବେ ବି ଆସିବ ନାହିଁ, ଯେତେବେଳେ ଆଉ ନୂତନ ବ୍ୟାଖ୍ୟାର ପ୍ରୟୋଜନ ରହିବ ନାହିଁ । ଏପରି କେହି ଜଗତ୍‌ଶ୍ରେଷ୍ଠ ମହାପଣ୍ଡିତ ବା ଗଭୀର ଜ୍ଞାନୀ ଗୀତାର ଏପରି ବ୍ୟାଖ୍ୟା କରିପାରିବେ ନାହିଁ ଯେ ତାଙ୍କର ବ୍ୟାଖ୍ୟା ହୃଦୟଙ୍ଗମ ହେଲେ କୁହାଯାଇ ପାରିବ, ହୋଇସାରିଛି – ଏହାପରେ ଆଉ ଗୀତାର ବ୍ୟାଖ୍ୟା ନିଷ୍ପ୍ରୟୋଜନ, ସମସ୍ତ ଅର୍ଥ ବୁଝା ହୋଇଯାଇଛି । ସମସ୍ତ ବୁଦ୍ଧି ଖର୍ଚ୍ଚ କରି ଏହି ଜ୍ଞାନର କେତେକ ଦିଗ ମାତ୍ର ବୁଝିବା ଓ ବୁଝାଇ ପାରିବା ସମ୍ଭବ; ବହୁକାଳ ଯୋଗମଗ୍ନ ହୋଇ ବା ନିଷ୍କାମ କର୍ମ ମାର୍ଗରେ ଉଚ୍ଚରୁ ଉଚ୍ଚତର ସ୍ଥାନରେ ଆରୂଢ଼ ହୋଇ ଏହି ପର୍ଯ୍ୟନ୍ତ କହିହେବ ଯେ ଗୀତୋକ୍ତ କେତୋଟି ଗଭୀର ସତ୍ୟ ଉପଲବ୍ଧି କରି ପାରିଲି ବା ଗୀତାର ଗୋଟିଏ ଦୁଇଟି ଶିକ୍ଷା ଇହଜୀବନରେ କାର୍ଯ୍ୟରେ ପରିଣତ କରିପାରିଲି । ... ...

(ଶ୍ରୀଅରବିନ୍ଦଙ୍କ ବଙ୍ଗଳା ରଚନା, ପୃଷ୍ଠା : ୨୪୮)

– ଶ୍ରୀଅରବିନ୍ଦ

ଅନ୍ତରାଳ ଜଗତ୍ :

ସ୍ୱପ୍ନ ସବୁ ମନେ ରହିବା

(ଶ୍ରୀମା'ଙ୍କ ସହ ଏକ କଥୋପକଥନ)

ପ୍ରଶ୍ନ : ଆମେ ଆମ ସ୍ୱପ୍ନଗୁଡ଼ିକ ଭୁଲିଯାଉ କାହିଁକି ?

ଶ୍ରୀମା : କାରଣ ତୁମେ ସେହି ଏକା ସ୍ଥାନରେ ସ୍ୱପ୍ନଗୁଡ଼ିକ ଦେଖ ନାହିଁ । ତୁମ ସତ୍ତାର ସେହି ଗୋଟିଏ ଅଂଶ ସବୁ ସମୟରେ ସ୍ୱପ୍ନ ଦେଖେ ନାହିଁ, କିଂବା ସେହି ଗୋଟିଏ ସ୍ଥାନରେ ତୁମର ସ୍ୱପ୍ନଗୁଡ଼ିକ ଆସେ ନାହିଁ । ଯଦି ତୁମେ ତୁମର ସବୁଗୁଡ଼ିକ ସତ୍ତା ସହ ପୂରା ସଚେତ, ପ୍ରତ୍ୟକ୍ଷ ଓ ନିରବଚ୍ଛିନ୍ନ ସଂପର୍କ ରଖି ଥାଆନ୍ତ, ତେବେ ସବୁଗୁଡ଼ିକ ସ୍ୱପ୍ନ ତୁମର ମନେ ରୁହନ୍ତା । କିନ୍ତୁ ସତ୍ତାର ଖୁବ୍ କମ୍ ଅଂଶ ସହ ତୁମର ଏହିପରି ଯୋଗାଯୋଗ ଥାଏ ।

ଉଦାହରଣସ୍ୱରୂପ, ସୂକ୍ଷ୍ମ-ଦୈହିକ ଅଂଶରେ ଯାହାକି ଦେହର ଖୁବ୍ ନିକଟବର୍ତ୍ତୀ, ତୁମେ ଏକ ସ୍ୱପ୍ନ ଦେଖିଲ । ସାଧାରଣତଃ ଏହି ଧରଣର ସ୍ୱପ୍ନଗୁଡ଼ିକ ନିଦ ସରି ଆସିବା ବେଳକୁ ଭୋର୍ ବେଳାରେ ହିଁ ଅର୍ଥାତ୍ ସକାଳ ଘ ୪.୩୦ ରୁ ୫ ଟା ଭିତରେ ଆସିଥାଏ । ତୁମେ ଯେତେବେଳେ ନିଦରୁ ଉଠ, ଯଦି ହଠାତ୍ ସବେଗରେ ଉଠି ନ ପଡ଼ି ଖୁବ୍ ଚୁପ୍‌ଚାପ୍, ଖୁବ୍ ଧୀରସ୍ଥିର ଭାବରେ ଟିକେ ମନୋଯୋଗ – ନୀରବ ମନୋଯୋଗ ଓ ଏକାଗ୍ରତା ଦେଇ ସେହି ସ୍ୱପ୍ନଗୁଡ଼ିକୁ ମନେ ପକାଅ, ତା'ହେଲେ ସେଗୁଡ଼ିକ ମନେ ପଡ଼ିଯିବ, କାରଣ ସୂକ୍ଷ୍ମ-ଦୈହିକ ଓ ଦୈହିକ ଚେତନା ଭିତରେ ଏକ ଯୋଗାଯୋଗ ପ୍ରତିଷ୍ଠିତ ହୋଇଥାଏ – ଖୁବ୍ କମ୍ କ୍ଷେତ୍ରରେ ହିଁ ଏପରି ଯୋଗାଯୋଗ ନଥାଏ ।

ସ୍ୱପ୍ନଗୁଡ଼ିକ ଅଧିକାଂଶ ଭାବରେ ଭୁଲି ହୋଇଯାଏ କାରଣ ଗୋଟିଏ ଅବସ୍ଥାରେ ଥିବା ସମୟରେ ତୁମେ ସ୍ୱପ୍ନଟି ଦେଖିଥାଅ ଏବଂ ତା'ପରେ ତୁମେ ଅନ୍ୟ ଏକ ଅବସ୍ଥାକୁ ଚାଲି ଯାଇଥାଅ । ଉଦାହରଣସ୍ୱରୂପ, ତୁମେ ଯେତେବେଳେ ନିଦ୍ରା ଯାଇ ଥାଅ, ତୁମର ଶରୀର ସେତେବେଳେ ନିଦ୍ରିତ, ତୁମର ପ୍ରାଣ ନିଦ୍ରିତ କିନ୍ତୁ ତୁମର ମନ ତଥାପି ସକ୍ରିୟ ଥାଏ । ତେଣୁ ତୁମର ମନ ସ୍ୱପ୍ନ ଦେଖିବାକୁ ଆରମ୍ଭ କରେ, ଅର୍ଥାତ୍ ଏହାର କ୍ରିୟା ଉଣା ଅଧିକେ ଠିକ୍ ଭାବରେ ପାରସ୍ପରିକ ସମ୍ବନ୍ଧକୁ ବଜାୟ ରଖିଥାଏ; କଳ୍ପନାର ଶକ୍ତି ଖୁବ୍ ସକ୍ରିୟ ହୋଇଉଠେ ଓ ତୁମେ ସବୁ ପ୍ରକାରର ସ୍ୱପ୍ନ ଦେଖ ଏବଂ ଅସାଧାରଣ ଘଟଣାମାନଙ୍କରେ ଭାଗ ନେଉଥିବା ଆଦି ଦେଖ ... କିଛି ସମୟ ପରେ ତାହା ସବୁ ଚୁପ୍ ହୋଇଯାଏ ଏବଂ ମନ ମଧ୍ୟ ଢୁଳାଇବାକୁ ଆରମ୍ଭ କରେ । ସେତେବେଳ ଯାଏ ଶୋଇ ବିଶ୍ରାମ ନେଉଥିବା ପ୍ରାଣ ଉଠିପଡ଼େ, ଏହା ଶରୀରରୁ ବାହାରି ଆସେ, ଚଲାବୁଲା କରିବାକୁ ଆରମ୍ଭ କରେ, ଏଆଡ଼େ ସେଆଡ଼େ ଯାଏ, ନାନା କାମରେ ଭାଗ ନିଏ, ନାନା ପ୍ରତିକ୍ରିୟା ଦେଖାଏ, ସମୟ ସମୟରେ ଲଢ଼ାଇରେ ଓ ଶେଷରେ ଭୋଜନରେ ବ୍ୟାପୃତ ହୁଏ । ଏହା ସବୁ ପ୍ରକାରର କାର୍ଯ୍ୟ କରେ । ପ୍ରାଣ ଖୁବ୍ ଦୁଃସାହସିକ ଅଭିଯାନରେ ଭାଗ ନିଏ । ଏହା ସବୁ ନିରୀକ୍ଷଣ କରେ । ଯେତେବେଳେ ବୀରତ୍ୱର ଭାବ ଆସେ, ସେତେବେଳେ ଏହା ବନ୍ଦୀମାନଙ୍କୁ କାରାଗାରରୁ ଉଦ୍ଧାର କରିବାକୁ ବା ଶତ୍ରୁମାନଙ୍କୁ ଧ୍ୱଂସ କରିବାକୁ ଉତ୍ସାହର ସହ ମାଡ଼ିଯାଏ ବା ନାନା ଆଶ୍ଚର୍ଯ୍ୟଜନକ ଆବିଷ୍କାରମାନ କରେ । କିନ୍ତୁ ଏହି ପ୍ରାଣିକ ସ୍ୱପ୍ନସବୁ ମନଜଗତର ସ୍ୱପ୍ନସବୁକୁ ଖୁବ୍ ଦୂରସ୍ଥ ପଛକୁ ଠେଲି ନେଇଥାଏ । ସେତେବେଳେ ସେହି ମନର ସ୍ୱପ୍ନସବୁ କୁଆଡ଼େ ଯେପରି ଚୋରି ହୋଇଯାଏ, ଭୁଲି ହୋଇଯାଏ, ଏହା ସ୍ୱାଭାବିକ ଯେ ତୁମେ ସେଗୁଡ଼ିକୁ ମନେ ରଖିପାର ନାହିଁ, କାରଣ ପ୍ରାଣିକ ସ୍ୱପ୍ନଗୁଡ଼ିକ ସେହି ମାନସିକ ସ୍ୱପ୍ନର ସ୍ଥାନ ନେଇଛି । କିନ୍ତୁ ସେହି ସମୟରେ ଯଦି ତୁମେ ହଠାତ୍ ଉଠିପଡ଼, ସେଗୁଡ଼ିକ ତୁମର ମନେ ରହିବ । କେତେକ ବ୍ୟକ୍ତି ଏ ସଂପର୍କରେ ପରୀକ୍ଷା ଚଳାଇ ଥିଲେ, ସେମାନେ ରାତ୍ରିର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଉଠିପଡୁଥିଲେ ଏବଂ ହଠାତ୍ ନିଦ ଭାଙ୍ଗିଗଲେ ସ୍ୱପ୍ନଗୁଡ଼ିକ ମନେ ରହିଯାଉଥିଲା । ତୁମେ ସେତେବେଳେ ବେଶୀ ହଲଚଲ ହୋଇ ଉଠିପଡ଼ିବ ନାହିଁ, ସ୍ୱାଭାବିକ ଭାବରେ ନିଦ ଭାଙ୍ଗି ସ୍ୱପ୍ନଗୁଡ଼ିକୁ ମନେ ପକାଇବ, ତା'ହେଲେ ସେଗୁଡ଼ିକ ମନେ ପଡ଼ିବ ।

କିଛି ସମୟ ପରେ ପ୍ରାଣ ବେଶ୍ କିଛି ଚଲାବୁଲା ବା ଦଉଡ଼ାଦଉଡ଼ି କରିବା ପରେ ନିଜ ପାଇଁ ବିଶ୍ରାମ ଖୋଜେ, ତେଣୁ ତାହା ଏକ ପ୍ରକାର ଚୁପ୍‌ଚାପ୍ ବିଶ୍ରାନ୍ତି ଭିତରକୁ ଫେରିଯାଏ, ସ୍ୱପ୍ନରେ ଏତେସବୁ ଦୁଃସାହସିକ ଅଭିଯାନ ପରେ

ତାହା ବେଶ୍ କ୍ଲାନ୍ତ ହୋଇ ପଡ଼ିଥାଏ । ସେତେବେଳେ ଆଉ କିଛି ଉଠିପଡ଼େ । ଧରିନିଆଯାଉ ସେତେବେଳେ ସୂକ୍ଷ୍ମ ଦେହ ଉଠି ଚଲାବୁଲା କରିବାକୁ ଆରମ୍ଭ କରେ । ଏହାର ଭ୍ରମଣ ଆରମ୍ଭ ହୁଏ ଓ ବୁଲାବୁଲି କରି ପ୍ରକୋଷ୍ଠଗୁଡ଼ିକୁ ଦେଖେ ଏବଂ ... ଆରେ ଏ ଜିନିଷଟା ତ ସେଠି ଥିଲା, ପୁଣି ଏଠାକୁ କିପରି ଆସିଲା ? ଏବଂ ସେ ଜିନିଷଟି ତ ସେ ଘରେ ଥିଲା ବର୍ତ୍ତମାନ ଏ ଘରେ ରହିଛି; ଏହିପରି ସବୁ ଦେଖିଚାଲେ । ଯଦି ହଲଚଲ ନ ହୋଇ ତୁମର ନିଦ ଭାଙ୍ଗିଯାଏ ତୁମେ ଏଗୁଡ଼ିକ ମନେରଖ । କିନ୍ତୁ ଏହା ପ୍ରାଣଜଗତର କାହାଣୀଗୁଡ଼ିକୁ ଚେତନାର ପୂରା ପଛକୁ ଠେଲି ଦେଇଛି । ସେଗୁଡ଼ିକୁ ତୁମେ ଭୁଲି ଯାଇଛ ଏବଂ ସେଗୁଡ଼ିକୁ ଆଉ ମନେ ପକାଇ ପାର ନାହିଁ । କିନ୍ତୁ ନିଦ ଭାଙ୍ଗି ଯିବା ପରେ ତୁମେ ଯଦି ତରତର ହୋଇ ଶେଯ ଛାଡ଼ି ଉଠି ନ ପଡ଼, ଅନ୍ୟ ପକ୍ଷରେ ଯେତେ ଇଚ୍ଛା ସେତେ ସମୟ ବିଛଣାରେ ପଡ଼ିରୁହ, ଏପରିକି ତୁମକୁ ଆଖି ଖୋଲିବାକୁ ହୁଏ ନାହିଁ; ତୁମ ମଥାଟି ଯେଉଁଠି ଥିଲା ସେଇଠି ରଖି ଆଖିବୁଜି ରୁହ; ତୁମେ ନିଜକୁ ଏକ ସ୍ୱଚ୍ଛ ଦର୍ପଣ ପରି କରି ସେଇଠାରେ ଏକାଗ୍ର ରୁହ – ତୁମ ସ୍ୱପ୍ନର ଶେଷ ଖିଅଟିକୁ ଧରିନିଅ ଆଦୌ ହଲଚଲ ନହୋଇ । ଏହି ଶେଷ ଖିଅଟିକୁ ଧରିନେଇ ଧୀରେ ଧୀରେ ପୂରା ସ୍ୱପ୍ନଟିକୁ ଟାଣି ମନେ ପକାଅ, ପ୍ରଥମେ ତାହାର ଗୋଟିଏ ଅଂଶ ମନକୁ ଆସିଯିବ, ଟିକେ ପରେ ଅନ୍ୟ ଅଂଶଟି ଆସିବ । ତୁମେ ତା' ପଛକୁ, ତା' ପଛକୁ ଯାଇ ମନେ ପକାଅ, ଶେଷ ଅଂଶଟି ପ୍ରଥମେ ମନକୁ ଆସିବ । ସବୁ କିଛି ଧୀରେ ଧୀରେ ଗୋଟିକ ପରେ ଗୋଟିଏ ପଛକୁ ପଛକୁ ଯାଇ ମନେ ପଡ଼େ, ଶେଷରେ ହଠାତ୍ ପୂରା ସ୍ୱପ୍ନଟା ମନେ ପଡ଼ିଯିବ । ତୁମେ କୁହ ''ଆଃ, ଏଇଟାହିଁ ସ୍ୱପ୍ନ !'' ସର୍ବୋପରି ଧଡ଼୍ କରି ଉଠି ପଡ଼ ନାହିଁ, ହଲଚଲ ହୁଅ ନାହିଁ, ସ୍ୱପ୍ନଟିକୁ କେଇବାର ମନେ ପକାଅ, ଥରେ, ଦୁଇଥର, ତିନିଥର, ଯେପର୍ଯ୍ୟନ୍ତ ପୂରା ସ୍ୱପ୍ନଟି ଟିକିନିଖି ଭାବରେ ତୁମ ମନକୁ ନ ଆସିଛି । ଥରେ ସେ ସ୍ୱପ୍ନଟି ସ୍ଥିର ହୋଇ ରହିଯିବା ପରେ, ତୁମେ ହଲଚଲ ନ ହୋଇ ଆହୁରି ଭିତରକୁ ଯିବାକୁ ଚେଷ୍ଟା କର, ହଠାତ୍ ଦେଖିବ ଆଉ ଏକ ସ୍ୱପ୍ନର ଶେଷ ଖିଅଟିକୁ ଧରି ପାରିଛ । ଏହା ଅଧିକ ଦୂରସ୍ଥ, ଅଧିକ ଅସ୍ପଷ୍ଟ, କିନ୍ତୁ ତଥାପି ତୁମେ କିଛିଟା ଖିଅ ଧରିପାରିଛ । ଏଠାରେ ମଧ୍ୟ ତୁମେ ପୂର୍ବ ପରି ତୁମ କାମ କରିଚାଲ, ଖିଅଟିକୁ ଧରି ତାହାକୁ ଟାଣ, ଦେଖିବ ସବୁକିଛି ବଦଳି ଯାଇ ତୁମେ ଆଉ ଏକ ଜଗତରେ ପ୍ରବେଶ କରିଛ; ହଠାତ୍ ତୁମର ଏକ ଅସାଧାରଣ ଅଭିଯାନ ଆରମ୍ଭ ହୋଇଛି, ଏହା ଆଉ ଏକ ସ୍ୱପ୍ନ । ତୁମକୁ ସେହି ସମାନ ପ୍ରକାରର ପ୍ରକ୍ରିୟା ଅନୁସରଣ କରିବାକୁ ହେବ । ସ୍ୱପ୍ନଟିକୁ ନିଜ ପାଖରେ ଥରେ ଦୁଇଥର ପୁନରାବୃତ୍ତି କରିଚାଲ ଯେପର୍ଯ୍ୟନ୍ତ ସ୍ୱପ୍ନଟିକୁ ପୂରା ମନେ ରଖିବା ସଂପର୍କରେ ନିଶ୍ଚିତ ନ ହୋଇଛ । ସବୁତକ ସମୟ ତୁମକୁ ପୂରା ଚୁପ୍‌ଚାପ୍, ନୀରବ, ନିଶ୍ଚଳ ହୋଇ ରହିବାକୁ ହେବ । ତା'ପରେ ତୁମ ନିଜର ଆହୁରି ଅଧିକ ଗଭୀରକୁ ଭେଦ କରିବା ପାଇଁ ଆରମ୍ଭ କରିବ, ଯେପରିକି ତୁମେ ବହୁ ଦୂରକୁ, ବହୁ ବହୁ ଦୂରକୁ ଚାଲି ଯାଉଛ, ତା'ପରେ ହଠାତ୍ ତୁମେ ଦେଖିବାକୁ ପାଇବ ଏକ ଅସ୍ପଷ୍ଟ ଚିତ୍ର, ତୁମର ଏକ ପ୍ରକାର ଅନୁଭୂତି ଓ ସଂବେଦନ ଆସିବ, ଏକ ପବନ ବହୁଥିବା ପରି ଲାଗିବ, ଏକ ଝିରିଝିରି ପବନ, ଏକ ମୃଦୁ ନିଃଶ୍ୱାସଟିଏ ପରି ଲାଗିବ, ଏବଂ ତୁମେ କହିବ, ''ଆଚ୍ଛା, ଆଚ୍ଛା ... ।'' ସେତେବେଳେ ଏହା ରୂପ ବା ଆକୃତି ଗ୍ରହଣ କରିବ – ଏହା ସ୍ପଷ୍ଟ ହୋଇ ଉଠିବ ଏବଂ ସେତେବେଳେ ଏହି ତୃତୀୟ ଧରଣର ସ୍ୱପ୍ନ ଆସିଥାଏ । ତୁମ ହାତରେ ବହୁତ ସମୟ ରହିଥିବା ଦରକାର, ଖୁବ୍ ଧୈର୍ଯ୍ୟ ରହିଥିବା ଦରକାର, ଶରୀର ଓ ମନ ଖୁବ୍ ନୀରବ, ନିଶ୍ଚଳ ହୋଇ ରହିବା ଦରକାର, ଅତ୍ୟନ୍ତ ଚୁପ୍‌ଚାପ୍, ତା'ହେଲେ ତୁମେ ତୁମ ସାରା ରାତ୍ରିଟିର ସ୍ୱପ୍ନର କାହାଣୀଗୁଡ଼ିକୁ ଶେଷରୁ ଆରମ୍ଭ ପର୍ଯ୍ୟନ୍ତ ପୂରା କହିଦେଇ ପାରିବ ।

ଏପରିକି ଏହି ଧରଣର ଅଭ୍ୟାସର କ୍ରିୟା ଯାହାକି ଖୁବ୍ ସମୟସାପେକ୍ଷ ଓ କଷ୍ଟସାଧ୍ୟ; ତାହା ନକରି ମଧ୍ୟ ଗୋଟିଏ ସ୍ୱପ୍ନକୁ ମନେ ପକାଇବାକୁ ହେଲେ, ତାହା ସ୍ୱପ୍ନର ଶେଷଭାଗଟି ହେଉ ବା ମଧ୍ୟଭାଗଟି ହେଉ, ଯାହା ତୁମ ସତ୍ତା ଉପରେ ଖୁବ୍ ତୀବ୍ର ବା ଉଗ୍ର ଛାପ ପକାଇଥିବ, ମୁଁ ଯାହା କହିଲି ନିଦ ଭାଙ୍ଗିବା ପରେ ତୁମକୁ ତାହା କରିବାକୁ ହେବ । ଏପରିକି ତକିଆ ଉପରେ ତୁମର ମଥାକୁ ମଧ୍ୟ ହଲଚଲ କରିବ ନାହିଁ, ପୂରାପୂରି ନିଶ୍ଚଳ ରହିବ ଏବଂ ସ୍ୱପ୍ନଟିକୁ ପୂରା ତୁମ ମନ ଭିତରକୁ ଫେରି ଆସିବା ପାଇଁ ଛାଡ଼ିଦେବ ।

କେତେକ ଲୋକଙ୍କର ଗୋଟିଏ ଅବସ୍ଥା ଓ ଅନ୍ୟ ଗୋଟିଏ ଅବସ୍ଥା ଭିତରେ କୌଣସି ଧାରାବାହିକ ପ୍ରବେଶ ପଥ ନଥାଏ, ମଝିରେ ସାମାନ୍ୟ ବ୍ୟବଧାନ ଥାଏ, ତେଣୁ ସେମାନେ ଗୋଟିକରୁ ଅନ୍ୟ ଅବସ୍ଥାଟିକୁ ଏକ ପ୍ରକାର ଲମ୍ଫ ପ୍ରଦାନ କରିଥାଆନ୍ତି । ଚେତନାର କୌଣସି ବ୍ୟବଧାନ ନ ଥାଇ ସତ୍ତାର

ସମସ୍ତ ଅବସ୍ଥା ଭିତରେ କୌଣସି ଧାରାବାହିକ ରାଜପଥ ନାହିଁ । ମଝିରେ କେଉଁଠି ଛୋଟ ଅନ୍ଧକାରମୟ ଗର୍ତ୍ତଟିଏ ଥିବ ତ ତୁମେ ସ୍ୱପ୍ନଟିକୁ ମନେ ପକାଇବାକୁ ଅକ୍ଷମ ହେବ । ଏହା ଗୋଟାଏ ପ୍ରକାରର ତୀଖ ଗିରିପାର୍ଶ୍ୱ ପରି, ଯାହାକୁ ପାର କରାଇ ତୁମ ଚେତନାକୁ ବିସ୍ତାରିତ କରିବାକୁ ହେବ । ଚେତନାର ଏକ ସେତୁ ନିର୍ମାଣ କରିବା ପାଇଁ ଦୀର୍ଘ ସମୟ ଲାଗିଯାଏ, ଏକ ସ୍ଥୂଳ ସେତୁ ନିର୍ମାଣ ପାଇଁ ଲାଗୁଥିବା ସମୟଠାରୁ ଅନେକ ବେଶୀ, ... । ଖୁବ୍ କମ୍ ଲୋକ ଏହା କରିବାକୁ ଚାହାନ୍ତି ବା କିପରି କରିବାକୁ ହୁଏ ତାହା ଜାଣନ୍ତି । ସେମାନଙ୍କର ସ୍ୱପ୍ନରେ ଖୁବ୍ ଚମତ୍କାର କ୍ରିୟାକଳାପ ହୋଇ ପାରୁଥାଏ, କିନ୍ତୁ ସେମାନେ ସେଗୁଡ଼ିକୁ ମନେ ରଖି ପାରନ୍ତି ନାହିଁ ବା କେବେ କେବେ କେବଳ ନିକଟବର୍ତ୍ତୀ ଶେଷ ଅଂଶଟିକୁ, ସବୁଠୁ ଦୈହିକ କ୍ରିୟାକଳାପଗୁଡ଼ିକୁ ନିତାନ୍ତ ଅସଜଡ଼ା ଭାବରେ ମନେ ପକାନ୍ତି — ସେଗୁଡ଼ିକ ଅର୍ଥହୀନ ସ୍ୱପ୍ନ ହୋଇଉଠେ ।

କିନ୍ତୁ ଯେମିତି ଭିନ୍ନ ଭିନ୍ନ କ୍ରିୟାକଳାପରେ ଭରା ବହୁ ପ୍ରକାରର ଦିନ ସବୁ ରହିଛି, ସେହିପରି ବହୁ ଧରଣର ନିଦ୍ରା ଓ ରାତ୍ରିମାନ ମଧ୍ୟ ରହିଛନ୍ତି । ସମାନ ଧରଣର ଦିବସର ସଂଖ୍ୟା ଖୁବ୍ କମ୍, ପ୍ରତ୍ୟେକଟି ଦିବସ ଅନ୍ୟ ଦିବସଠାରୁ ଭିନ୍ନ । ଦିବସଗୁଡ଼ିକ ଯେପରି ସମାନ ନୁହନ୍ତି, ସେହିପରି ରାତ୍ରିଗୁଡ଼ିକ ମଧ୍ୟ ସମାନ ନୁହନ୍ତି । ତୁମେ ଓ ତୁମର ବନ୍ଧୁମାନେ ଆପାତତଃ ସମାନ ଧରଣର କାମ କଲେ ମଧ୍ୟ ତୁମ ପ୍ରତ୍ୟେକଙ୍କ ପାଇଁ ଏହା ଖୁବ୍ ଭିନ୍ନ ଭିନ୍ନ । ଏବଂ ପ୍ରତ୍ୟେକଙ୍କୁ ତା' ନିଜର ପଦ୍ଧତି ଓ ପ୍ରକ୍ରିୟା ଠିକ୍ କରିବାକୁ ହେବ ।

(CWM, Vol. 5, pp. 36 - 39) ✤

Become Master of your body — this will lead you to Freedom.

(CWM, Vol. 12, p. 283) — The Mother

With best compliments from :

SRI JAGANNATH RICE MILL

MAITAPUR, BALASORE (ODISHA)

ଶେଷ ପୃଷ୍ଠା :

ଅନ୍ତର୍ମୁଖୀ ଚେତନା

ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଗତ ସଂଖ୍ୟାରେ ନିଜକୁ ନିରୀକ୍ଷଣ କରିବା ସମ୍ପର୍କରେ ଆମେ କିଛି ଆଲୋଚନା କରିଥିଲୁ । ସେହି ଆତ୍ମ-ନିରୀକ୍ଷଣର ପ୍ରଥମ ଫଳ ହେଉଛି ଆମ ଭିତରେ ଏକ ଅନ୍ତର୍ମୁଖୀ ଚେତନାର ଘନିଷ୍ଠ ପରିଚୟ ଲାଭ କରିବା । ଆମ ଭିତରେ ଚେତନାର ଯେଉଁ ଅବସ୍ଥା ରହିଥାଏ ବା ଯେଉଁ ଅବସ୍ଥାରେ ରହି ତାହା କ୍ରିୟା କରୁଥାଏ, ସେହି ଗତିବିଧିର ଦୁଇଟି ଦିଗ ରହିଥାଏ । ଗୋଟିଏ ବହିର୍ମୁଖୀ ଦିଗ ଓ ଅନ୍ୟଟି ଅନ୍ତର୍ମୁଖୀ ଦିଗ । ଯେତେବେଳେ ଆମ ଚେତନାର ଦୃଷ୍ଟି ମୁଖ୍ୟତଃ ବାହାର ଆଡ଼କୁ ପ୍ରସାରିତ ହୋଇ ରହିଥାଏ ଆମେ ତାହାକୁ ବହିର୍ମୁଖୀ ଚେତନା ଓ ମୁଖ୍ୟତଃ ଭିତର ଆଡ଼କୁ ପ୍ରସାରିତ ହୋଇ ରହିଥିଲେ ତାହାକୁ ଅନ୍ତର୍ମୁଖୀ ଚେତନା ବୋଲି କହୁ ।

ଆମ ସତ୍ତାର ବିଭିନ୍ନ ଅଂଶ ରହିଛି; କେତେକ ଅଂଶ ଅଧିକ ଭାବରେ ଆମର ବାହ୍ୟ ଜୀବନ ସହିତ ଜଡ଼ିତ ଏବଂ ତାହାକୁ ଆମେ ବାହାରର ଚେତନା ବୋଲି କହୁ ଓ ଆଉ କେତେକ ଅଂଶ ଅଧିକ ଭାବରେ ଆମର ଅନ୍ତର୍ଜୀବନ ସହ ଜଡ଼ିତ ଓ ତାହାକୁ ଆମେ ଭିତରର ଚେତନା ବା ଆନ୍ତର ଚେତନା ବୋଲି କହୁ । ଆମ ସତ୍ତା ଓ ଚେତନାର ବାହ୍ୟ ଅଂଶଗୁଡ଼ିକ ସହିତ ନା ଅନ୍ତରର ଅଂଶଗୁଡ଼ିକ ସହ ଆମେ ନିଜକୁ ଅଧିକ ଏକ ବୋଲି ଭାବୁଛୁ, ସେହି ଅନୁଯାୟୀ ଆମେ ଧାରଣା କରିପାରିବୁ ଆମ ଚେତନା କେତେ ବହିର୍ମୁଖୀ ବା କେତେ ଅନ୍ତର୍ମୁଖୀ । ଅବଶ୍ୟ ଏହା ମଧ୍ୟ ସତ୍ୟ ଯେ ସେହି ଏକ ସମୟରେ ଚେତନାର ଗୋଟିଏ ଅଂଶ ବହିର୍ମୁଖୀ ହୋଇ ରହିଥିବା ବେଳେ ଆଉ ଏକ ଅଂଶ ଅନ୍ତର୍ମୁଖୀ ହୋଇ ରହିଥାଏ । ସାଧାରଣତଃ ବାହାରର କାମଗୁଡ଼ିକରେ ଲିପ୍ତ ଥିବା ବେଳେ ଆମେ ଭାବୁ ଯେ ଆମର ଚେତନା ଏକ ବହିର୍ମୁଖୀ ଅବସ୍ଥାରେ ରହିଛି, କିନ୍ତୁ ପ୍ରକୃତରେ ଯଦି ସେହି କାମଗୁଡ଼ିକ ଅନ୍ତରର ପ୍ରେରଣା ନେଇ କରାଯାଉଥାଏ ଓ ତା'ର ସାଫଲ୍ୟ-ଅସାଫଲ୍ୟକୁ ବାହ୍ୟ ମାପକାଠି ନୁହେଁ, ଆନ୍ତର ମାପକାଠି ନେଇ ବିଚାର କରାଯାଇଥାଏ, ତେବେ ଚେତନାର ସେହି ଅବସ୍ଥାକୁ ବରଂ ଏକ ଅନ୍ତର୍ମୁଖୀ ଅବସ୍ଥା କହିବା ଅଧିକ ଠିକ୍ ହେବ । ସେହିପରି ଅପର ପକ୍ଷେ ଆଖିବୁଜି ଧ୍ୟାନ କରିବାକୁ ବସି ରହି ଯଦି ଆମେ କେବଳ ବାହାର ବିଷୟଗୁଡ଼ିକର ଚିନ୍ତାରେ ମଗ୍ନ ହୋଇଯାଉ ତେବେ ତାହାକୁ ଚେତନାର ଏକ ବହିର୍ମୁଖୀ ଅବସ୍ଥା ବୋଲି କୁହାଯାଏ ।

ତେବେ ସାଧାରଣତଃ ଆମର ସାଧାରଣ ଦୈନନ୍ଦିନ ଜୀବନରେ ଆମେ ବାହାରର ବିଷୟଗୁଡ଼ିକ ସମ୍ପର୍କରେ ଏତେ ଜଡ଼ିତ ହୋଇ ରହୁ ଯେ ଆମର ଚିନ୍ତା, ଭାବନା, ଆବେଗ, ଉତ୍ସାହ ଆଦି ସେହିଗୁଡ଼ିକୁହିଁ କେନ୍ଦ୍ର କରି ରୂପ ନେଇଥାଏ; ବାହ୍ୟ ଇନ୍ଦ୍ରିୟାନୁଭୂତି ହୋଇଥାଏ ସେଗୁଡ଼ିକ ପାଇଁ ପ୍ରଧାନ ପ୍ରେରଣାର ଉତ୍ସ । ଏହାହିଁ ହେଉଛି ବହିର୍ମୁଖୀ ଚେତନା । ଆନ୍ତର ଜୀବନ ଓ ଅନ୍ତର୍ଚେତନା ସହ ସେଗୁଡ଼ିକର ଯୋଗାଯୋଗ ଅତ୍ୟନ୍ତ କ୍ଷୀଣ । ମା' ଏହି ଅବସ୍ଥାକୁ ବୁଝାଇବାକୁ ଯାଇ କହିଥିଲେ, ''ସବୁ ସମୟରେ ଆମେ ନିଜକୁ ବହିର୍ମୁଖୀ କରି ରଖିଥାଉ ଯେପରିକି ଆମେ ସବୁବେଳେ ନିଜ ବାହାରେହିଁ ରହିଥାଉ, ଏପରି ସବୁ ବାହ୍ୟ ଉପୁରିଆ ଇନ୍ଦ୍ରିୟାନୁଭୂତିଗୁଡ଼ିକ ମଧ୍ୟରେ ରହିଥାଉ ଯେ ମନେହୁଏ ଆମେ ପ୍ରାୟ ନିଜ ବାହାରେହିଁ ଅବସ୍ଥାନ କରୁଛୁ । ସତ୍ତାର ଏହି ଭାଗଟି ସମସ୍ତ ବାହ୍ୟ ସଂସ୍ପର୍ଶରେ ଆସୁଥାଏ । ଅନ୍ୟମାନଙ୍କ ଠାରୁ ଅନୁରୂପ ସ୍ପନ୍ଦନ ସହ ଯୋଗାଯୋଗ ଘଟାଇ ଥାଏ । ତାହା ଯେପରି ତୁମର ବାହାରେହିଁ ଘଟୁଥାଏ । ଏହି ଭାବରେହିଁ ସାଧାରଣ ଚେତନା ନିରନ୍ତର ବାହାରକୁ ବିକ୍ଷିପ୍ତ ହେଉଥାଏ ।''

କିନ୍ତୁ ଆମେ ଯେ ବରାବର ଆମ ନିଜ ବାହାରେହିଁ ରହିଛୁ ବୋଲି ମା' କହିଥିବା ଏହି ଅନୁଭୂତିଟି ଆମ ପାଇଁ କେବଳ ସେତିକିବେଳେ ଆସିବ, ଯେତେବେଳେ ଆମେ ନିଜକୁ ନିରୀକ୍ଷଣ କରିବା ଦ୍ୱାରା ବା ଅନ୍ୟ କୌଣସି ବାଟରେ ଆମ ନିଜର ଅନ୍ତର୍ଚେତନା ସମ୍ପର୍କରେ ଓ ଚେତନାର ଅନ୍ତର୍ମୁଖୀ ଗତି ସମ୍ପର୍କରେ ସଚେତ ହେଉ । ତା' ନହେଲେ ତ ଆମେ ସବୁବେଳେ ମନେ କରିଥାଆନ୍ତୁ ଯେ ଆମର ସେହି ବହିର୍ମୁଖୀ ଚେତନାହିଁ ଏକମାତ୍ର ଚେତନା, ଆମର ବାହ୍ୟ ଜୀବନହିଁ ଏକମାତ୍ର ଜୀବନ । କିନ୍ତୁ ଆମେ ସେହି ବହିର୍ମୁଖୀ ଚେତନାକୁ ନେଇ ଚିରଦିନ ସନ୍ତୁଷ୍ଟ ହୋଇ ରହିପାରିବୁ ନାହିଁ । କାରଣ ପ୍ରତ୍ୟେକ ମଣିଷର ଚେତନା ପାଇଁ ବିବର୍ତ୍ତନର ଏପରି ଏକ ଚାପ ଓ ପ୍ରବେଗ ରହିଛି ଯାହାକି ତାକୁ ବାଧ କରିବ ଭିତର

ଆଡ଼କୁ ଦୃଷ୍ଟି ଫେରାଇବା ପାଇଁ । ଯେତେବେଳେ ସେ ନିଜକୁ ଓ ନିଜର କ୍ରିୟାକଳାପକୁ ଆନ୍ତରିକ ଭାବରେ ନିରୀକ୍ଷଣ କରେ ବା ଯେତେବେଳେ ସେ ଏପରି କୌଣସି ସମସ୍ୟାର ସମ୍ମୁଖୀନ ହୁଏ ଯାହାର ସମାଧାନ ଯେକୌଣସି ବାହାରର ତଥ୍ୟ ବା ବିଚାର ଆଦିରୁ ପାଇପାରେ ନାହିଁ ସେତେବେଳେ ସେ ଭିତର ଆଡ଼କୁ ଦୃଷ୍ଟି ଫେରାଇବା ପାଇଁ ବାଧ ହୁଏ । ମା' ଯେପରି କହିଛନ୍ତି, ''ଜଣେ ଯେତେବେଳେ ନିଜକୁ ଟିକିଏ ନିରୀକ୍ଷଣ କରିବାକୁ ଚାହେଁ ବା କ'ଣ ଘଟୁଛି ତାହା ଜାଣିବାକୁ ଚାହେଁ, ସେତେବେଳେ ସେ ବାଧ ହୁଏ ନିଜ ଭିତରକୁ ଯିବା ପାଇଁ, ତାହାର ସତ୍ତାର ଯେଉଁ ଭାଗଟି ବରାବର ବାହାରେ ରହିଥିଲା, ତାହାକୁ ଆକର୍ଷଣ କରି ନିଜ ଭିତରକୁ ନେଇଯିବା ପାଇଁ ସେ ଆଗ୍ରହୀ ହୁଏ ।''

ଏହାହିଁ ହେଉଛି ଅନ୍ତର୍ମୁଖୀ ଚେତନାର ପ୍ରାଥମିକ ଗତିବୃତ୍ତି । ଏହି ଭାବରେ ଯଦି ସେ ନିଜ ଭିତରର ଆନ୍ତର ସତ୍ତାକୁ, ଅନ୍ତରର ସତ୍ୟସବୁକୁ ଜାଣିବା ପାଇଁ ଆହୁରି ଆଗ୍ରହ ଓ ଉତ୍ସାହର ସହିତ ଆଗେଇଯାଏ, ତେବେ ତା' ଭିତରେ ଯେ ଏକ ଅନ୍ତର୍ମୁଖୀ ଚେତନା ରହିଛି ତାହା ତା' ନିଜ ପାଖରେ କ୍ରମଶଃ ଅଧିକରୁ ଅଧିକ ସ୍ପଷ୍ଟ ହୁଏ । ସେହି ଅନ୍ତର୍ମୁଖୀ ଚେତନାକୁ ଯଦି ସେ ଆହୁରି ଗଭୀର ଓ ଊର୍ଦ୍ଧ୍ୱକୁ ନେଇଯାଏ, ଯଦି ତାହାକୁ ଲାଳନ-ପାଳନ କରି ସମୃଦ୍ଧ ଓ ବିକଶିତ କରିବାର ଚେଷ୍ଟାରେ ଲାଗିପଡ଼େ ତେବେ ସେ ଦେଖିବ ଅନନ୍ତ, ଚିରନ୍ତନ, ମୁକ୍ତି, ଅମରତ୍ୱ ଆଦି ଯେଉଁସବୁ ଶବ୍ଦ ସେ କେବଳ ଶୁଣି ଆସିଛି, ହୁଏତ ମନରେ କିଛିଟା ଧାରଣା ମାତ୍ର କରିଛି କିନ୍ତୁ ସେଗୁଡ଼ିକର କୌଣସି ପ୍ରତ୍ୟକ୍ଷ ଉପଲବ୍ଧି ପାଇ ନାହିଁ । ସେଗୁଡ଼ିକର ପ୍ରତ୍ୟକ୍ଷ ଉପଲବ୍ଧି ସେ ପାଇପାରେ କେବଳ ଆନ୍ତର ଚେତନାରେ ବାସ କରିବା ଦ୍ୱାରା । କାରଣ ସେହି ସତ୍ୟଗୁଡ଼ିକ କେବଳ ଚେତନାର ଗଭୀରତର ଓ ଊର୍ଦ୍ଧ୍ୱତର ସ୍ଥିତିରେହିଁ ନିରନ୍ତର ବିରାଜମାନ ଏବଂ ଚେତନାକୁ କେବଳ ଅନ୍ତର୍ମୁଖୀ କରିବା ଦ୍ୱାରା ହିଁ ସେ ଚେତନାର ସେହି ଦିବ୍ୟଭୂମି, ଦିବ୍ୟଲୋକ ବା ଦିବ୍ୟଜଗତରେ ପ୍ରବେଶ କରିପାରିବ । ସେହିପରି ସେ ମଧ୍ୟ ବୁଝିପାରିବ ଅନ୍ତରାତ୍ମା, ଚୈତ୍ୟପୁରୁଷ, ଆତ୍ମା, ବ୍ରହ୍ମ ବା ଦିବ୍ୟଜନନୀ ଓ ଈଶ୍ୱରଙ୍କୁ ସେ ପ୍ରତ୍ୟକ୍ଷ ଉପଲବ୍ଧି କରିବା ପାଇଁ ପ୍ରଥମ ପଦକ୍ଷେପଟି ହେଉଛି ଚେତନାକୁ ଅନ୍ତର୍ମୁଖୀ କରାଇବା ।

ଶ୍ରୀଅରବିନ୍ଦଙ୍କ କହିବାନୁସାରେ, "Thus to look into ourselves and see and enter into ourselves and live within is the first necessity for transformation of nature and for the divine life."

(CWSA, Vol. 21 - 22, p. 1064)

ଅର୍ଥାତ୍, ''ଏହିପରି ଭାବରେ ନିଜ ଭିତରକୁ ନିରୀକ୍ଷଣ କରିବା, ନିଜ ଭିତରକୁ ପ୍ରବେଶ କରିବା ଏବଂ ନିଜ ଭିତରେ ବାସ କରିବା ହେଉଛି ପ୍ରକୃତିର ରୂପାନ୍ତର ଓ ଦିବ୍ୟଜୀବନ ପାଇଁ ପ୍ରଥମ ପ୍ରୟୋଜନ ।''

ଆମ ଚେତନାର ପ୍ରବେଗ ଓ ଗତିଟା ବାହାର ଆଡ଼କୁ ନା ଭିତର ଆଡ଼କୁ ସେହି ଅନୁସାରେହିଁ ଆମେ ବୁଝିପାରିବୁ ଆମର ଚେତନା ବହିର୍ମୁଖୀ ନା ଅନ୍ତର୍ମୁଖୀ । ଆମେ ଯଦି ଆଧ୍ୟାତ୍ମିକ ଲକ୍ଷ୍ୟ ଗ୍ରହଣ କରିଥାଉ ତା'ହେଲେ ଆମ ପାଇଁ ଚେତନାର ଅନ୍ତର୍ମୁଖୀ ଗତି ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ । କାରଣ ଆଧ୍ୟାତ୍ମିକ ସତ୍ୟର ସମସ୍ତ ମୂଳ ସ୍ୱରୂପ ଓ ସାରମର୍ମ ଆମ ଅନ୍ତରରେ, ଆମ ସତ୍ତାର ଗଭୀରରେ, ଆମ ଚେତନାର ଗଭୀରତମ ଓ ଅନ୍ତରତମ ପ୍ରଦେଶରେହିଁ ନିହିତ ଓ ବିରାଜିତ ହୋଇ ରହିଥା'ନ୍ତି; ତାହାକୁ ବ୍ରହ୍ମ ବା ଆତ୍ମା ବା ଭଗବତ୍ ଉପସ୍ଥିତି ବା ଚୈତ୍ୟପୁରୁଷ ବା ମୁକ୍ତି, ନିର୍ବାଣ ଆଦି ଯେଉଁ ନାମରେ କୁହାଯାଉନା କାହିଁକି । ସେହିପରି ଚେତନାର ଊର୍ଦ୍ଧ୍ୱତର ସ୍ଥିତିଗୁଡ଼ିକ ମଧ୍ୟ ଅନ୍ତଶ୍ଚେତନାର ଅନ୍ତର୍ଭୁକ୍ତ । ଅବଶ୍ୟ ପୂର୍ଣ୍ଣଯୋଗ ବାହ୍ୟ ଜଗତକୁ ଓ ତାହାର ସମସ୍ତ ସ୍ଥୂଳ, ଭୌତିକ ଜଡ଼ ବସ୍ତୁକୁ ମଧ୍ୟ ଭଗବତ୍ ଚେତନାର ପରିପ୍ରକାଶ ବୋଲି ଓ ସେଗୁଡ଼ିକୁ ଦିବ୍ୟତାରେ ରୂପାନ୍ତରିତ କରିବାର ଲକ୍ଷ୍ୟକୁ ଗ୍ରହଣ କରେ । କିନ୍ତୁ ସେଥିପାଇଁ ପ୍ରଥମ ଆବଶ୍ୟକୀୟ ସର୍ତ୍ତ ହେଉଛି ଭଗବତ୍ ଚେତନାକୁ ଉପଲବ୍ଧ କରିବା ଓ ସେହି ଦିବ୍ୟ ଚେତନାରେ ଉତ୍ତୀର୍ଣ୍ଣ ହେବା । ଏକ ବହିର୍ମୁଖୀ ବାହ୍ୟ ଚେତନାରେ ରହି ସ୍ଥୂଳ, ଜଡ଼ ଓ ଅଦିବ୍ୟ ଜିନିଷଗୁଡ଼ିକୁ ଦିବ୍ୟତାରେ ରୂପାନ୍ତରିତ କରାଯିବ କିପରି ? ପ୍ରଥମେ ଦିବ୍ୟ ଜିନିଷଟି କ'ଣ, ତାହା ବୁଝିବା ଓ ଜାଣିବା ପାଇଁ ତ ଦିବ୍ୟତର ଚେତନାରେ ପହଞ୍ଚିବାକୁ ହେବ ଏବଂ ଏକ ଅନ୍ତର୍ମୁଖୀ ଚେତନା ନେଇ ଅନ୍ତଶ୍ଚେତନାର ରାଜ୍ୟରେ ପ୍ରବେଶ ନକଲେ ସେହି ରାଜ୍ୟରେ ନିତ୍ୟ ବିରାଜମାନ ଦିବ୍ୟ ଜିନିଷଗୁଡ଼ିକ ସଙ୍ଗେ ଆମର ପରିଚୟ ହେବ କିପରି ? କେବଳ ପରିଚୟହିଁ ଯଥେଷ୍ଟ ନୁହେଁ । ଭଗବତ୍ ଚେତନାର ସେହି ଦିବ୍ୟତା ସଙ୍ଗେ ନିଜର ଚେତନାକୁ ସମ୍ପୂର୍ଣ୍ଣ ଓ ସମଗ୍ର ଭାବରେ ଏକାତ୍ମ କରିଦେଇ ପାରିଲେହିଁ ପୃଥିବୀରେ ଭଗବାନଙ୍କ ସଙ୍କଳ୍ପ ଓ

କାର୍ଯ୍ୟରେ ସାର୍ଥକ ଭାବରେ ଅଂଶଗ୍ରହଣ କରିବାର ସାମର୍ଥ୍ୟ ଆମେ ଲାଭ କରିପାରିବୁ । ଏହା ଏକ ଅତି ସୁଦୂରପ୍ରସାରୀ ଲକ୍ଷ୍ୟ, କିନ୍ତୁ ସେହି ସାମର୍ଥ୍ୟ ଲାଭର ପ୍ରଥମ ପ୍ରସ୍ତୁତି ହେଉଛି ନିଜ ଚେତନାକୁ ଅନ୍ତର୍ମୁଖୀ କରିବା ।

ଆମେ ନିଜକୁ ଭାଗ୍ୟବାନ୍ ମନେ କରିବା ଉଚିତ ଯେ ଯେଡ଼େ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ଆମେ ଏହି ଅନ୍ତଶ୍ଚେତନା ଓ ଆନ୍ତର ଜୀବନର ସତ୍ୟ ସମ୍ପର୍କରେ କିଛିଟା ଭାବିବା ପାଇଁ ଓ ଜାଣିବା ପାଇଁ ସୁଯୋଗ ପାଇଛୁ ମା'ଙ୍କ ଅସୀମ କୃପା ଫଳରେ । ତା' ନହେଲେ ତ ଆମେ ଏକ ବହିର୍ମୁଖୀ ଚେତନା ନେଇ କେବଳ ନାନା କାମନା-ବାସନା ପୂରଣର ଲକ୍ଷ୍ୟ ରଖି ଏକ ବାହ୍ୟ ଜୀବନ ବିତାଉ ଥାଆନ୍ତୁ । ଯଥାର୍ଥ ଅନ୍ତଶ୍ଚେତନା ଓ ଆନ୍ତର ଜୀବନର କୌଣସି ସ୍ପର୍ଶ ନ ମିଳିଥିଲେ, ତାହା ଯେତେ ସାମାନ୍ୟ ହେଉପଛେ, ଆମେ ବାହ୍ୟ ଜୀବନର ନାନା ଆୟୋଜନ, ସାଫଲ୍ୟ, ଯଶ, ପ୍ରତିଷ୍ଠା, ସମ୍ପଦ ଆଦି ପାଇଁ ଆମର ଚିନ୍ତା, ଭାବନା ଓ ଆବେଗ ଆଦିକୁ ଆମର ଆନ୍ତର ଜୀବନ ବୋଲି ଭାବୁ ଥାଆନ୍ତୁ । ମଣ୍ଡୁକୋପନିଷଦ୍ ଭାଷାରେ, ''ସଂସାର ପ୍ରମତ୍ତ ମୂର୍ଖଗଣ କାମନା ପୂରଣକୁ ପ୍ରଧାନ ମନେ କରି ଅନ୍ୟ କୌଣସି ଶ୍ରେୟଃମାର୍ଗ ଜାଣି ପାରନ୍ତି ନାହିଁ । ସେମାନେ ଭୋଗାୟତନ ଭିତରେ କର୍ମଫଳ ଭୋଗ କରି ପୁଣି ଏହି ମନୁଷ୍ୟଲୋକ ବା ଆହୁରି ହୀନତର ଲୋକକୁ ଫେରି ଆସନ୍ତି ।'' କିଂବା ''ଅଜ୍ଞାନ ମଧ୍ୟରେ ବାସ କରୁଥିବା ବହୁ ବାଳକସଦୃଶ ଅଜ୍ଞାନୀମାନେ, 'ମୁଁ କୃତକାର୍ଯ୍ୟ ହେଲି', ଏହିପରି ଅଭିମାନ କରନ୍ତି । କିନ୍ତୁ ସେହି କର୍ମୀଗଣ ଆସକ୍ତିବଶତଃ ପ୍ରକୃତ ତତ୍ତ୍ୱକୁ ଜାଣନ୍ତି ନାହିଁ, ତେଣୁ ସେମାନେ କର୍ମଫଳ ଭୋଗ ଶେଷ ହେଲେ ଦୁଃଖାର୍ତ୍ତ ଓ ସ୍ୱର୍ଗଚ୍ୟୁତ ହୋଇ ହୀନ ଲୋକରେ ବାସ କରନ୍ତି ।''

ତେବେ ବାହ୍ୟକର୍ମ କରିବାର ଅର୍ଥ ନୁହେଁ ଯେ ଚେତନା ବହିର୍ମୁଖୀ ହୋଇ ଯାଇଛି । ଏକ ସମ୍ପୂର୍ଣ୍ଣ ଅନ୍ତର୍ମୁଖୀ ଚେତନା ନେଇ ସମସ୍ତ ବାହ୍ୟ କର୍ମ କରାଯାଇପାରେ । ମୂଳକଥାଟି ହେଲା କେଉଁ ଉଦ୍ଦେଶ୍ୟ, କେଉଁ ଇଚ୍ଛା ଓ ମନୋଭାବ ନେଇ କାମଟି କରାଯାଇଛି । ଯଦି ସେହି କାମଟି ଭିତରେ ନିଜ ସମ୍ପର୍କରେ, ନିଜ ଚେତନାର ଗତିବୃତ୍ତିଗୁଡ଼ିକ ସମ୍ପର୍କରେ ଅଧିକ ସଚେତ ହୋଇ ସେଗୁଡ଼ିକୁ କିପରି ଭାବରେ ମା'ଙ୍କୁ ସମର୍ପଣ କରାଯାଇ ପାରିବ ଓ ମା'ଙ୍କ ସଚେତ ଯନ୍ତ୍ର ହୋଇ ଉଠିବା ପାଇଁ ନିଜର ଅଭୀପ୍ସାକୁ ଆହୁରି ଗାଢ଼ତର କରାଯାଇପାରିବ, ସେ ଦିଗରେ ଯଦି ଆମର ଚେତନାକୁ ଚାଳିତ କରୁ ତା'ହେଲେ ସେହି ଚେତନା ଅନ୍ତର୍ମୁଖୀ ହେବାକୁ ବାଧ୍ୟ । କାରଣ, ଏହା ବାହ୍ୟ କର୍ମର ସାଫଲ୍ୟ ଅସାଫଲ୍ୟ ନୁହେଁ, ଅନ୍ତଶ୍ଚେତନାରେ ମା'ଙ୍କ ଉପସ୍ଥିତିର ଅଧିକ ନିକଟବର୍ତ୍ତୀ ହେବା ହେବ ଆମର ସନ୍ତୋଷର ମୂଳକଥା । ତେଣୁ ବାହ୍ୟ ଭାବରେ ଯଶଃପ୍ରତିଷ୍ଠା ଅର୍ଜନ କରିବା ବା ନିଜର ପ୍ରଭାବ ବିସ୍ତାର କରିବାର ମନୋଭାବ ରଖି ଯଦି ଜଣେ କୌଣସି ଅଞ୍ଚଳରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଠନର କାମରେ ଭାଗ ନେଇଥାଏ, ତା' ଅପେକ୍ଷା ଯଦି ଜଣେ ଆନ୍ତରିକ ଭାବରେ, ନିଜର କୌଣସି ଅହଂ ବା ସ୍ୱାର୍ଥର ଭାବ ନରଖି, କ୍ଲବଗୃହ ନିର୍ମାଣ ବା କ୍ରୀଡା ପ୍ରତିଯୋଗିତା ଆଦି ସର୍ବସାଧାରଣ କୌଣସି କାମରେ ଭାଗ ନେଇ, ଅନ୍ୟମାନଙ୍କ ସହ ସଦ୍‌ଭାବ ଓ ସହଯୋଗ ରଖିବା, ନିଜର ଭୁଲତ୍ରୁଟିକୁ ସଂଶୋଧନ କରିବା ଦିଗରେ ଅଧିକ ତତ୍ପର ଓ ମନୋଯୋଗୀ ହୁଏ ତେବେ ତା'ର ଚେତନା ଅଧିକ ଅନ୍ତର୍ମୁଖୀ ହେବ । ଏପରିକି ନିଜର ବା ପରିବାରର କୌଣସି କାମରେ ମଧ୍ୟ ଯଦି ଜଣେ ଆନ୍ତରିକ ଓ ନିଃସ୍ୱାର୍ଥପର ହେବାକୁ ଚେଷ୍ଟା କରେ, ଅନ୍ୟ ସମସ୍ତଙ୍କ ସହ ସଦ୍‌ଭାବ ଓ ସୁସଙ୍ଗତିପୂର୍ଣ୍ଣ ମନୋଭାବ ବଜାୟ ରଖିବାକୁ ଚେଷ୍ଟା କରେ, ତା'ହେଲେ ତାହାର ଚେତନା ମଧ୍ୟ ଅଧିକ ଅନ୍ତର୍ମୁଖୀ ହେବହିଁ ହେବ । କାରଣ ଏସବୁ ପାଇଁ ଓ କେଉଁଠି ନିଜର ଭୁଲତ୍ରୁଟି ରହିଯାଇଛି ସେ ନିଜ ଭିତରକୁ ଯାଇହିଁ ତାହା ଖୋଜିବାକୁ ଚେଷ୍ଟା କରିବ ।

ନିଜ ଭିତରକୁ ପ୍ରବେଶ କରି, ନିଜ ଅନ୍ତଶ୍ଚେତନାର ଗତିବିଧିଗୁଡ଼ିକ ସମ୍ପର୍କରେ ସଚେତ ହେବାକୁ ଚେଷ୍ଟା କରିବା ବା ଆମ ନିଜ ଭିତରେ ପ୍ରେରଣା ଓ କର୍ମୋତ୍ସାହଗୁଡ଼ିକ କେଉଁଠୁ କିପରି ଆସୁଛନ୍ତି ତାହା ଜାଣିବାକୁ ଚେଷ୍ଟା କରିବା ଓ ତହିଁରେ ଥିବା ଭୁଲ୍‌ଗୁଡ଼ିକୁ ସଂଶୋଧନ କରି ଠିକ୍‌ଗୁଡ଼ିକୁ ଉତ୍ସାହିତ କରିବାର ସଙ୍କଳ୍ପ ଓ ଉଦ୍ୟମରେ ଲାଗି ରହିବାହିଁ ଅନ୍ତର୍ମୁଖୀ ଚେତନାର ପ୍ରଥମ କ୍ରିୟା । ଏହି ଭାବରେ ଅଗ୍ରସର ହୋଇ ଆମେ କ୍ରମଶଃ ଜାଣିପାରିବୁ ଆମର ଆନ୍ତର ଚେତନା କିପରି ଭାବରେ ଗଠିତ ଓ ବ୍ୟବସ୍ଥିତ ହୋଇ ରହିଛି, ତା' ସହିତ ଆମର ବାହ୍ୟ ଚେତନା କିପରି ଭାବରେ ସମ୍ବନ୍ଧିତ ଓ ଉଭୟ ଭିତରେ କିପରି ପାରସ୍ପରିକ କ୍ରିୟା-ପ୍ରତିକ୍ରିୟା ଓ ଆଦାନ-ପ୍ରଦାନ ଚାଲିଛି । ଯେଉଁମାନେ ଜୀବନରେ ଆଧ୍ୟାତ୍ମିକ ଲକ୍ଷ୍ୟ ଗ୍ରହଣ କରିଛନ୍ତି ସେମାନଙ୍କ ପାଇଁ ପ୍ରଧାନ କାମ ହେଉଛି ଆନ୍ତର ଚେତନାର ରାଜ୍ୟଗୁଡ଼ିକ ସମ୍ପର୍କରେ ସଚେତ ହେବା ।

ଶ୍ରୀଅରବିନ୍ଦ ଓ ଶ୍ରୀମା ଏ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ସମ୍ବଳିତ ଯେଉଁସବୁ ଦିଗ ନିର୍ଦ୍ଦେଶ ଦେଇଛନ୍ତି ସେଗୁଡ଼ିକର ଗଭୀର ଅଧ୍ୟୟନ, ଆଲୋଚନା ଓ ବାସ୍ତବରେ କାର୍ଯ୍ୟକାରୀ କରିବା ପାଇଁ ଆନ୍ତରିକ ଉଦ୍ୟମହିଁ ଆମର ଲକ୍ଷ୍ୟ । ଚେତନାକୁ ଅନ୍ତର୍ମୁଖୀ କରିବା ହିଁ ସେ ଦିଗରେ ପ୍ରଥମ ପଦକ୍ଷେପ ।

ଶ୍ରୀଅରବିନ୍ଦଙ୍କ କଥାରେ, "It is only by virtue of the inner consciousness that the outer can awaken to the Divine Influence at all – it receives the inner urge even when it is not aware whence it comes."

(CWSA, Vol. 28, p. 91)

''କେବଳ ଅନ୍ତଃ ଚେତନାର କ୍ରିୟା ଦ୍ୱାରା ବାହ୍ୟ ଚେତନା ଭଗବତ୍ ପ୍ରଭାବ ପ୍ରତି ଜାଗ୍ରତ୍ ହୁଏ – ଏପରିକି କେତେବେଳେ ଏହା ଆସିଥାଏ, ସେ ସମ୍ପର୍କରେ ସଚେତ ନହୋଇ ମଧ୍ୟ ବାହ୍ୟ ଚେତନା ଗ୍ରହଣ କରେ ଆନ୍ତର ପ୍ରବେଗକୁ ।''

ଶ୍ରୀମା ଓ ଶ୍ରୀଅରବିନ୍ଦ ବରାବର କହି ଆସିଛନ୍ତି ଆମର ଅନ୍ତରତମ ସତ୍ତା ଓ ଚେତନାରେ ରହିଥିବା ଚୈତ୍ୟପୁରୁଷହିଁ ନେତୃତ୍ୱ ନିଏ ଭଗବାନଙ୍କ ଦିଗରେ ଆମ ଜୀବନ ଓ ଚେତନାର ମୋଡ଼ ଫେରାଇ ତାଙ୍କ ସହ ଯୁକ୍ତ ଓ ମିଳିତ ହେବା ନିମନ୍ତେ । କାରଣ ଚୈତ୍ୟପୁରୁଷହିଁ ଆମ ଭିତରେ ଭଗବାନଙ୍କ ସଚେତ ଅଂଶ ରୂପେ ନିତ୍ୟ ବିଦ୍ୟମାନ । ଆମର ବାହ୍ୟ ସତ୍ତା ଓ ଚୈତ୍ୟପୁରୁଷ ଭିତରେ ମଧ୍ୟବର୍ତ୍ତୀ ଏକ ଅନ୍ତଃସତ୍ତା ମଧ୍ୟ ରହିଛି ।

ଶ୍ରୀଅରବିନ୍ଦଙ୍କ କଥାରେ, "The psychic stands behind the inner mind, inner vital and inner physical and supports them all – they are the inner, this is the inmost being."

(CWSA, Vol. 28, p. 94)

''ଅର୍ଥାତ୍, ଅନ୍ତର୍ମନ, ଅନ୍ତର୍ପ୍ରାଣ ଓ ଅନ୍ତର୍ଦେହ ପଛରେ ରହିଛନ୍ତି ଚୈତ୍ୟପୁରୁଷ, ଏସବୁଗୁଡ଼ିକ ଅନ୍ତଶ୍ଚେତନାର ଅନ୍ତର୍ଗତ ଏବଂ ଚୈତ୍ୟପୁରୁଷ ହେଉଛନ୍ତି ଅନ୍ତରତମ ସତ୍ତା ।''

ଆମ ଚେତନା ଅନ୍ତର୍ମୁଖୀ ନହେଲେ ଆମେ ଏଗୁଡ଼ିକ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିବା କିପରି ?

(ପୂର୍ଣ୍ଣଯୋଗ ପ୍ରବାହ : ପୃଷ୍ଠା. ୫୯୫-୫୯୮) ✣

ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

donations.sriaurobindoashram.org

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩-୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ



ଶ୍ରୀଅରବିନ୍ଦ, ୧୯୧୨-୧୯୧୩

ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ୍ୟ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।

ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (ଦ୍ୱିତୀୟ ପର୍ବ)

ଯେତେବେଳେ ରଙ୍ଗସ୍ୱାମୀ ଜାଣିଲେ ଯେ ଶ୍ରୀଅରବିନ୍ଦଙ୍କର ଆର୍ଥିକ ସମ୍ବଳର କୌଣସି ନିର୍ଦ୍ଦିଷ୍ଟ ଅବଲମ୍ବନ ନାହିଁ ସେତେବେଳେ ସେ ଗୁରୁଦେବଙ୍କୁ ତାଙ୍କର ପ୍ରଥମ ସେବା ଅର୍ପଣ ସ୍ୱରୂପ ଆର୍ଥିକ ସାହାଯ୍ୟ କରିବେ ବୋଲି ଅଙ୍ଗୀକାର କଲେ ଏବଂ ତାଙ୍କର ପ୍ରତିଜ୍ଞା ଯଥାସାଧ୍ୟ ପାଳନ କରିଥିଲେ । ଯଥାସାଧ୍ୟ କହିବାର କାରଣ ବ୍ରିଟିଶ ପୁଲିସର ନଜରରେ ନ ଆସିବାକୁ ସେ ଆପ୍ରାଣ ଚେଷ୍ଟା କରିଥିଲେ, କାରଣ ସେତେବେଳେ ସେ ତାଙ୍କ ଖ୍ୟାତିସମ୍ପନ୍ନ ଜମିଦାର ପରିବାରର ବିଶାଳ ଭୂସମ୍ପତ୍ତିର ସ୍ୱତ୍ୱାଧିକାରୀ ଥିଲେ । ତେଣୁ ସ୍ୱଭାବତଃ ବ୍ରିଟିଶ ଗଭର୍ଣ୍ଣମେଣ୍ଟର 'କାଉନ୍‌ସିଲ୍ ଅଫ ଷ୍ଟେଟ୍'ରେ ପ୍ରତିନିଧିତ୍ୱ କରିବାର ଅଧିକାର ପ୍ରାପ୍ତ ହୋଇଥିଲେ । ତଥାପି ଅନ୍ତରରେ ସେ ଥିଲେ ଜଣେ ନୈଷ୍ଠିକ ଦେଶପ୍ରେମୀ ଓ ଭକ୍ତ । ତେଣୁ ରଙ୍ଗସ୍ୱାମୀଙ୍କ ପକ୍ଷରେ ଶ୍ରୀଅରବିନ୍ଦଙ୍କୁ ମୁକ୍ତ ହସ୍ତରେ ଅର୍ଥ ସାହାଯ୍ୟ କରିବା ଖୁବ୍ କଠିନ ବ୍ୟାପାର ଥିଲା, ତଥାପି ସେ ୧୯୧୬ ମସିହା ପର୍ଯ୍ୟନ୍ତ ଦୁଇ ତିନି ଥର ପଣ୍ଡିଚେରୀକୁ ଆସିଥିଲେ ଏବଂ ଶ୍ରୀଅରବିନ୍ଦଙ୍କୁ ଯଥେଷ୍ଟ ପରିମାଣରେ ଅର୍ଥ ସାହାଯ୍ୟ କରିଥିଲେ ।



ପରବର୍ତ୍ତୀ କାଳର ରଙ୍ଗସ୍ୱାମୀ

ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀରେ ପଦାର୍ପଣର ପ୍ରଥମ ତିନି ମାସ ଭିତରେ ସନ୍ଧ୍ୟାରେ ତାଙ୍କରି କକ୍ଷରେ 'ସ୍ୱୟଂଚାଳିତ ଲେଖା' ଉଦ୍ଦେଶ୍ୟରେ ଭାରତୀ ଓ ଶ୍ରୀନିବାସାଚାରୀ ଆଦିଙ୍କ ସହିତ ବୈଠକ ବସୁଥିଲା । 'ଯୌଗିକ ସାଧନ'ର ପାଣ୍ଡୁଲିପିଟି ଏହି ଭାବରେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲେଖା । ... ଏହାର ସମ୍ପାଦକଙ୍କ ନାମ ଥିଲା 'ଉତ୍ତର ଯୋଗୀ' । ରଙ୍ଗସ୍ୱାମୀ ୧୯୧୧ ମସିହାରେ ଶ୍ରୀରଙ୍ଗମ୍‌ର 'ବାଣୀ ବିଳାସ ମୁଦ୍ରଣାଳୟ'ରୁ ସେହି ପାଣ୍ଡୁଲିପିଟିକୁ ପୁସ୍ତକାକାରରେ ପ୍ରକାଶ କରିଦେଇଥିଲେ ।




ତଦାନୀନ୍ତନ 'ଲାଇଟ୍ ହାଉସ୍'ରୁ ପଣ୍ଡିଚେରୀ-ସହରର ଦକ୍ଷିଣ-ପୂର୍ବାଂଶର ଦୃଶ୍ୟ

ରଙ୍ଗସ୍ୱାମୀଙ୍କର ତୃତୀୟ ଅବଦାନ ଥିଲା ଶଙ୍କର ଚେଟ୍ଟୀଙ୍କ ଘରୁ ଶ୍ରୀଅରବିନ୍ଦଙ୍କୁ ନେଇ ଅନ୍ୟତ୍ର ରଖିବାର ବନ୍ଦୋବସ୍ତ କରିବା । ଶଙ୍କର ଚେଟ୍ଟୀଙ୍କର ନିକଟ ସମ୍ପର୍କୀୟ ଥିଲେ ସୁନ୍ଦର ଚେଟ୍ଟୀ । ତାଙ୍କର ପଣ୍ଡିଚେରୀ ସହରର ଦକ୍ଷିଣ-ପୂର୍ବାଂଶରେ, 'ରୁ ଦ ପାଭିଓଁ' (ଅଧୁନା 'ରୁ ଦ ସ୍ୟୁଫ୍ରାଁ')ରେ ଏକ ମହଲା ବିଶିଷ୍ଟ ବାସଭବନଟିଏ ଥିଲା । ଏହା ଚାରି, ପାଞ୍ଚ ଜଣଙ୍କ ରହିପାରିବା ଭଳି ଏକ ସାଧାରଣ କୋଠାଘର । ମାସକୁ ୨୦ ଟଙ୍କା ଭଡ଼ାରେ ରଙ୍ଗସ୍ୱାମୀ ସେଇଟିକୁ ନେଲେ । ସୁରେଶଙ୍କ ନାମରେ ଘର ଭଡ଼ା ଦିଆଯିବାର ବନ୍ଦୋବସ୍ତ ଥିଲା ।

ଏହି ବାସଭବନରେ ସେମାନେ ୧୦ ଅକ୍‌ଟୋବର ୧୯୧୦ରୁ ମାର୍ଚ୍ଚ ୧୯୧୧ ପର୍ଯ୍ୟନ୍ତ ବାସ କରିଥିଲେ ।



ସୁନ୍ଦର ଚେଟ୍ଟୀଙ୍କ ବାସଭବନ



ସୁନ୍ଦର ଚେଟ୍ଟୀଙ୍କ ବାସଭବନର ତଳ ମହଲାର ନକ୍‌ସା
୪୨ ନଂ. ରୁ ଦ ସ୍ୟୁଫ୍ରା।

ଶଙ୍କର ଚେଟ୍ଟୀଙ୍କ ଘରେ ସେମାନେ ବାସ କରିବାର ଶେଷ ଦିନରେହିଁ କଲିକତାରୁ ସୌରୀନ୍ ଆସି ପହଞ୍ଚିଲେ । ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ସହିତ ସୁରେଶ, ବିଜୟ ଓ ସୌରୀନ୍ ସୁନ୍ଦର ଚେଟ୍ଟୀଙ୍କ ବାସଭବନକୁ ସ୍ଥାନାନ୍ତରିତ ହେଲେ ।

ସୁନ୍ଦର ଚେଟ୍ଟୀଙ୍କ ଘରେ ବସବାସ କରିବାର ମାସକ ଭିତରେହିଁ ନଭେମ୍ବରରେ କଲିକତାରୁ ନଳିନୀକାନ୍ତ ଗୁପ୍ତ (ଛଦ୍ମନାମ ମଣିନ୍ଦ୍ରନାଥ ରାୟ) ଆସି ଏମାନଙ୍କ ସହିତ ଯୋଗ ଦେଲେ । ନଳିନୀ ଆସି ଶ୍ରୀଅରବିନ୍ଦଙ୍କୁ ଜଣାଇଥିଲେ ଯେ 'କର୍ମଯୋଗିନ୍ ମାମଲା' ଏବେ ହାଇକୋର୍ଟରେ ଅପିଲ କରାଯାଇଛି । ନଭେମ୍ବର ମାସରେ ଏହାର ଚୂଡ଼ାନ୍ତ ରାୟ ଶୁଣାଣି ହେବ ।

ନଳିନୀଙ୍କ ବର୍ଣ୍ଣନାରୁ : ''ଏହି ବାସଭବନରେ ଆମମାନଙ୍କର ବିଛଣାପତ୍ର କିଛି ନଥିଲା । ପ୍ରତ୍ୟେକଙ୍କର ଥିଲା ଗୋଟିଏ କରି ମସିଣା । ... ମଶାର ଉତ୍ପାତ ଅସହ୍ୟ ହେଲେ ମସିଣା ଧରି ଘର ସାମନା ଅଗଣାକୁ ଆସୁଥିଲୁ । ବେଳେ ବେଳେ ପବନ ପାଇବୁ ବୋଲି ଛାତକୁ ଯାଉଥିଲୁ । ଅବଶ୍ୟ ଶ୍ରୀଅରବିନ୍ଦଙ୍କ ନିମିତ୍ତ କୌଣସି ପ୍ରକାରେ ଯୋଗାଡ଼ ହୋଇଥିଲା ଗୋଟିଏ ଟେବୁଲ, ଗୋଟିଏ ଚେୟାର ଏବଂ ଗୋଟିଏ କ୍ୟାମ୍ପ୍ ଖଟ – ଏକେବାରେ କ୍ୟାମ୍ପ୍-ଜୀବନ । ... ଆଉ ଆଳୁଅ ? ... କେବଳ ମହମବତୀ ଥିଲା ଶ୍ରୀଅରବିନ୍ଦଙ୍କ ବ୍ୟବହାର ପାଇଁ । ... ରାତ୍ରିରେ ଅନ୍ଧକାରରେ ବସି ଆମେମାନେ କଥାବାର୍ତ୍ତା ହେଉଥିଲୁ ଅଥବା ନିର୍ବାକ୍ ରହିବାକୁ ଅଭ୍ୟାସ କରୁଥିଲୁ । ...



ଶ୍ରୀଅରବିନ୍ଦଙ୍କ କକ୍ଷର କିୟଦଂଶ

''ଆମର ଜଣେ ମାତ୍ର ଚାକର ଥିଲା; ବଜାର କରି ଆଣୁଥିଲା । ... ରନ୍ଧାରନ୍ଧି ଆମେ ତିନି ଜଣହିଁ କରୁଥିଲୁ । ସୌରୀନ୍ ଏସବୁ ବ୍ୟାପାରରେ ନଥିଲା । ପ୍ରୟୋଜନ ଅନୁଯାୟୀ ଅନ୍ୟାନ୍ୟ ସରକାରୀ ଆଦାନ-ପ୍ରଦାନ ତଥା ବୈଦେଶିକ ବ୍ୟାପାରରେ ମଣିଙ୍କ ମାରଫତରେ ସେ କରୁଥିଲେ ।

''... ଶ୍ରୀଅରବିନ୍ଦଙ୍କୁ ସେହି ସମୟରେ ଦେଖୁଥିଲି କେବଳ ରଗ୍‌ବେଦ ପାଠ କରୁଥିଲେ । ଦୁଇ ଖଣ୍ଡ ରଗ୍‌ବେଦ ତାଙ୍କ ପାଇଁ ଯୋଗାଡ଼ କରି ଦିଆଯାଇଥିଲା । ଅବଶ୍ୟ ତାଙ୍କର ଥିଲା ଦୁଇ, ତିନୋଟି ଟ୍ରଙ୍କ୍‌ଭର୍ତ୍ତି ଖାତାପତ୍ର । ... ନିଷ୍ପତ୍ତି ନେଲୁ ମାସକୁ ଦଶଟଙ୍କା କରି ଆମେ ପୁସ୍ତକ ସକାଶେ ଖରଚ କରିପାରିବୁ । ପ୍ରଥମେ ଆସିଲା ଇଂରାଜୀ ସାହିତ୍ୟର ପ୍ରଧାନ ବହିସବୁ, ଇଂଲିଶ କ୍ଲାସିକ୍‌ସ୍, ବିଶେଷ କରି ହୋମ୍ ୟୁନିଭରସିଟି ଲାଇବ୍ରେରି, ୱାର୍ଲଡ଼ କ୍ଲାସିକ୍‌ସ୍ ସିରିଜ୍ । ... ବହିଗୁଡ଼ିକ ଭୂଇଁରେହିଁ ରହୁଥିଲା ।''

ଏହି ବାସଭବନରେ ରହୁଥିବା ସମୟରେ ଶ୍ରୀଅରବିନ୍ଦ ସ୍ୱ-ସାଧନାର 'Record of Yoga'ରେ ନିମ୍ନମତେ ଲିପିବଦ୍ଧ କରିଥିଲେ । ଏହାର ଭାଷା ଏକେବାରେ ସଂକ୍ଷିପ୍ତ ଓ ପ୍ରାସଙ୍ଗିକ । ତନ୍ମଧ୍ୟରୁ କିଛି ଉଦ୍ଧୃତି :

ଲିପିବଦ୍ଧ ବିବରଣୀ

୨୮ ଜାନୁଆରୀ – ୧୭ ଫେବ୍ରୁଆରୀ ୧୯୧୧

ଶାରୀରିକ

...

୧୪ ଫେବ୍ରୁଆରୀ

...

୪. ପିଙ୍ଗୁଡ଼ିର ତୀବ୍ର ଦଂଶନର ବିନା ଯନ୍ତ୍ରଣାରେ ବିଶୁଦ୍ଧ ରୁଦ୍ରାନନ୍ଦର ସ୍ୱରୂପ ଅନୁଭବ କଲି । ଜେଲରେ ହୋଇଥିବା ଅନୁଭୂତି ଓ ବିଚ୍ଛା କାମୁଡ଼ିବା ଦ୍ୱାରା ହୋଇଥିବା ଅନୁଭୂତି ଏଠାରେ ସ୍ମରଣୀୟ ।



ସୁନ୍ଦର ଚେଙ୍ଗୀଙ୍କ ବାସଭବନର ଅନ୍ୟ ଏକ ଛବି

୫. ଅମୃତର ମଧୁର ସ୍ୱାଦ ଅତ୍ୟନ୍ତ ତୀବ୍ର, ଆହୁରି ଘନ ଏବଂ ବାରଂବାର ଓ ନିରବଚ୍ଛିନ୍ନ ।

...

ସିଦ୍ଧି ସକଳ

ଫେବ୍ରୁଆରି ୯

୧. ପିମ୍ପୁଡ଼ିଟି ନେଇଯାଉଥିବା ବସ୍ତୁକୁ ତ୍ୟାଗ କରିବାରେ ଓ ପଛକୁ ଘୂରିଯିବାରେ 'ଐଶ୍ୱର୍ଯମ୍' ସିଦ୍ଧିର ପ୍ରୟୋଗ । ପିମ୍ପୁଡ଼ିଟି ବସ୍ତୁଟିକୁ ତତ୍‌କ୍ଷଣାତ୍ ତ୍ୟାଗ କଲା । କିନ୍ତୁ ଆଗକୁ ଯିବାରେ କିଞ୍ଚିତ୍ ଅଧ୍ୟବସାୟ କରି ପଛକୁ ହଟିଲା ।

୨. ସୌରୀନ୍‌ର ଉଦରାମୟକୁ ହ୍ରାସ କରିବାରେ 'ଈଶିତା' ଓ 'ଐଶ୍ୱର୍ଯମ୍' ସିଦ୍ଧିର ପ୍ରୟୋଗ – ପ୍ରୟୋଗ ମାତ୍ରେ ସଫଳତା ପ୍ରାପ୍ତି ।

...

ଫେବ୍ରୁଆରି ୧୦

୪. ମଣି ଶୋଇଥିବାବସ୍ଥାରେ 'ଐଶ୍ୱର୍ଯମ୍' ପ୍ରୟୋଗ – ତତ୍‌କ୍ଷଣାତ୍ ସଫଳତା ପ୍ରାପ୍ତି ।

୫. ସେ (ମଣି) ଶଯ୍ୟା ତ୍ୟାଗ କରି ଉଠିବ ଏବଂ ଚା ପ୍ରସ୍ତୁତ କରି ମୋତେ ଦେବା ପାଇଁ 'ଐଶ୍ୱର୍ଯମ୍' ପ୍ରୟୋଗ, କିଞ୍ଚିତ୍ ବାଧା ପରେ ସଫଳତା ପ୍ରାପ୍ତି – ବାଧାଟି ପାଞ୍ଚରୁ ଦଶ ମିନିଟ ପର୍ଯ୍ୟନ୍ତ ରହିଥିଲା ।

...

୭. କୁକୁରଟି ଚା'ର ଗାଢ଼ ତମସ୍‌ରୁ ଝାଡ଼ିଝୁଡ଼ି ହୋଇ ଉଠିବାକୁ ଏବଂ ଚା' ଭିତରେ ଏକ ନୂତନ ଆତ୍ମାର ଅଭିବ୍ୟକ୍ତି ସକାଶେ 'ଐଶ୍ୱର୍ଯମ୍' ପ୍ରୟୋଗ । ତୁରନ୍ତ ସଫଳତା ଲାଭ, କିନ୍ତୁ ତଥାପି ତମସ୍ ରହିଯିବାକୁ ଉଦ୍ୟମ ଚଳାଇଥାଏ ଏବଂ ଚା'ର ମୁଖମଣ୍ଡଳରେ ଓ ସମଗ୍ର ଶରୀରରେ ପୁରୁଣା ଭାବଟି ରହିବାକୁ ତଥାପି ଜିଦ୍ ରଖିଥାଏ । ... ପୁଣି ନୂତନ କରି 'ଐଶ୍ୱର୍ଯମ୍'ର ପ୍ରୟୋଗ ଫଳରେ ଏକ ଆଶୁ ଫଳଲାଭ ହେଲା; କୁକୁରଟି ପୂର୍ବରୁ କେବେ ବି କରି ନଥିବା କର୍ମ କରିବାକୁ ଆରମ୍ଭ କଲା ।


*

ଶ୍ରୀଅରବିନ୍ଦ ତାଙ୍କର ନିଜସ୍ୱ ସାଧନାରେ ଏପରି ନିମଗ୍ନ ରହୁଥିଲେ ଯେ ୩୦ ଅଗଷ୍ଟ ୧୯୩୨ରେ ଜନୈକ ଶିଷ୍ୟଙ୍କ ନିକଟକୁ ଲେଖିଥିଲେ : ''... ମୁଁ ନିଶ୍ଚିତ ରୂପେ ଏହା କହିପାରେ ଯେ ଯେକୌଣସି ବୈଜ୍ଞାନିକ ଜଡ଼ସ୍ତରରେ ତା'ର ତତ୍ତ୍ୱ ଓ ପଦ୍ଧତି ଉପରେ ଯେପରି ନିଷ୍ଠା ଓ ଏକାଗ୍ରତାର ସହିତ ପରୀକ୍ଷା ଚଳାଇଥାଏ, ତା' ଅପେକ୍ଷା ଅଧିକ ନିଷ୍ଠା ଓ ଏକାଗ୍ରତାର ସହିତ ମୁଁ ମୋ ଯୋଗ-ସାଧନାରେ ବର୍ଷ ବର୍ଷ ଧରି ଦିବାରାତ୍ରି ପରୀକ୍ଷା ଚଳାଇ ଆସୁଛି । ...''



ସୁନ୍ଦର ଚେଟ୍ଟୀଙ୍କ ଘରର ଅଗଣା


ଲର୍ଡ଼ ମର୍ଲେ ୧୯୧୦ ଏପ୍ରିଲ ୭ ତାରିଖରେ ଲର୍ଡ଼ ମିଣ୍ଟୋଙ୍କୁ ତୁରନ୍ତ କରିଥିବା ଏକ ଟେଲିଗ୍ରାମ୍‌ରୁ କିଛି ଉଦ୍ଧୃତି : ''ଆଜି ଲଣ୍ଡନର 'ଟାଇମ୍‌ସ୍' ସମ୍ବାଦପତ୍ରରେ ଏକ ଟେଲିଗ୍ରାଫ୍ ସମ୍ବାଦରୁ ଆମେ ଜାଣିଲୁ ଯେ ଗତ କ୍ରିସ୍‌ମାସ୍ ବେଳେ ଅରବିନ୍ଦ ଘୋଷଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧ ଯୋଗୁଁ ତାଙ୍କ ନାମରେ ଏବେ ଗିରଫ ପରୁଆନା ବାହାରିଛି । ... ଏହା ଆମକୁ ବିପୁଳ ଭାବରେ ବିସ୍ମୟ ବିମୂଢ଼ (vastly puzzled) କରିଛି । ସମ୍ବାଦରୁ ବେଶୀ କିଛି ବୁଝି ହେଲା ନାହିଁ ।



ଲର୍ଡ଼ ମର୍ଲେ : ବ୍ରିଟିଶ ଭାରତରେ ସେକ୍ରେଟାରୀ ଅଫ୍ ଷ୍ଟେଟ୍



ଲର୍ଡ଼ ମିଣ୍ଟୋ : ବ୍ରିଟିଶ ଭାରତର ଭାଇସ୍‌ରୟ (ବଡ଼ଲାଟ)



ରାମ୍‌ସେ ମ୍ୟାକ୍‌ଡ଼ୋନାଲ୍‌ଡ଼ (ବ୍ରିଟେନର ଅଭ୍ୟୁତ୍ଥାନମୁଖୀ 'ଶ୍ରମିକ ଦଳ'ର ଅନ୍ୟତମ ପ୍ରତିଷ୍ଠାତା ଏବଂ ପରେ ଦୁଇଥର ବ୍ରିଟିଶ ପ୍ରଧାନମନ୍ତ୍ରୀ)

... ମୋର ଏତିକି ଆଶା ଯେ ଅରବିନ୍ଦ ଘୋଷ ଯେମିତି ଇଂଲଣ୍ଡରେ ଉପନୀତ ନ ହେବେ । ଯାହାଙ୍କର ଏକମାତ୍ର ଅପରାଧ ଗୋଟିଏ ପ୍ରବନ୍ଧ, ସେଭଳି ପଳାତକ ଅପରାଧୀ ଏ ସ୍ୱାଧୀନ ଦେଶକୁ ବଡ଼ ଅଡୁଆରେ ପକାଇବେ ।''


ଅବଶ୍ୟ ମିଣ୍ଟୋ ଟେଲିଗ୍ରାମ୍ ଯୋଗେ ଉତ୍ତରଟିଏ ପଠାଇଲେ । ଏଣେ କେତେଜଣ ସାଂସଦ ସମେତ ବ୍ରିଟେନର ବେଶ୍ କେତେକ ବୁଦ୍ଧିଜୀବୀ ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇଥା'ନ୍ତି । ଶ୍ରମିକ ଦଳର ପ୍ରତିଷ୍ଠାତା ରାମ୍‌ସେ ମ୍ୟାକ୍‌ଡୋନାଲ୍‌ଡ଼ ବ୍ରିଟିଶ ଲୋକସଭାରେ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ବିଚକ୍ଷଣ ପ୍ରଶ୍ନମାନ ଉଠାଉଥା'ନ୍ତି । ଯେଉଁ ବ୍ୟକ୍ତି ଭାରତରେ ବ୍ରିଟିଶ ଶାସନର ଭୟଙ୍କର ଶତ୍ରୁ ବୋଲି ଇଂଲଣ୍ଡରେ ନିର୍ଦ୍ୱନ୍ଦ୍ୱ ଧାରଣା ସୃଷ୍ଟି ହୋଇଥିବାର ମିଣ୍ଟୋ ବିଶ୍ୱାସ କରୁଥିଲେ, ତାଙ୍କ ସମ୍ବନ୍ଧରେ ଲୋକସଭାରେ, ଏପରିକି ରକ୍ଷଣଶୀଳ ଦଳ ମଧ୍ୟ ଭାରତ ସରକାରଙ୍କ ସପକ୍ଷରେ ପଦଟିଏ କଥା ନକହିବାର ଦେଖି ସେ ବିବ୍ରତ ଅନୁଭବ କରିବା ସ୍ୱାଭାବିକ ।

ମିଣ୍ଟୋ ୧୯୧୦ ଏପ୍ରିଲ ୧୪ ତାରିଖରେ ମର୍ଲେଙ୍କୁ ଲେଖିଲେ : ''ଅରବିନ୍ଦଙ୍କ ସମ୍ପର୍କରେ ଆମ ଲୋକସଭାରେ ଆଲୋଚନା ହେବାର ଜାଣି ମୁଁ ବିଚଳିତ । ... ଇତି ମଧ୍ୟରେ ଅରବିନ୍ଦ ଅଦୃଶ୍ୟ ହୋଇ ଯାଇଛନ୍ତି ଏବଂ ସେ ଯଦି ପ୍ରକୃତରେ ଇଂଲଣ୍ଡରେ ପହଞ୍ଚିଯା'ନ୍ତି ଏବଂ ସେଠାରେ ତାଙ୍କ ପ୍ରତି ଯଦି କୌଣସି ସହାନୁଭୂତି ପରିଲକ୍ଷିତ ହୁଏ ତାହା ହେବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।''


ମର୍ଲେ ଓ ମିଣ୍ଟୋଙ୍କ ମଧ୍ୟରେ କ୍ଷିପ୍ର ଗତିରେ ଟେଲିଗ୍ରାମ୍‌ର ଆଦାନପ୍ରଦାନ ଚାଲିଲା । ଭାରତ ଶାସନର ଲଣ୍ଡନସ୍ଥିତ କର୍ତ୍ତାମାନଙ୍କ ଧାରଣା ଭାରତ ସରକାର ଅନେକ ଅଯଥା ପଦକ୍ଷେପ ନେଉଛନ୍ତି; କଲିକତା (ତଦାନୀନ୍ତନ ରାଜଧାନୀ) କର୍ତ୍ତାମାନଙ୍କ ଧାରଣା – ଏଠାକାର ବାସ୍ତବ ପରିସ୍ଥିତି ନଜାଣି ଲଣ୍ଡନ କର୍ତ୍ତାମାନେ ଆଦର୍ଶ ଆଉଡ଼ାଉଛନ୍ତି ।

ପରିଶେଷରେ ଇଂଲଣ୍ଡରେ ମତ ପ୍ରକାଶ ପାଇଲା କି କାଳବିଳମ୍ବ ନକରି ଶ୍ରୀଅରବିନ୍ଦଙ୍କ ନାମରୁ ପରୁଆନା ପ୍ରତ୍ୟାହାର କରି ନିଆଯାଉ ।


ଗୋଲକଧନ୍ଦାରେ ପଡ଼ିଲେ ଭାରତର କେନ୍ଦ୍ର ସରକାର (ମିଣ୍ଟୋ), ତାଙ୍କର ସହଯୋଗୀ ବଙ୍ଗ ସରକାର (ବେକାର୍ ସାହେବ) ଏବଂ ସରକାରୀ ଆଇନ ପରାମର୍ଶଦାତା ସମେତ ବମ୍ବେ ହାଇକୋର୍ଟର ଆଇନ ବିଶେଷଜ୍ଞ ମି. ଷ୍ଟ୍ରେଙ୍ଗ୍‌ମ୍ୟାନ୍ ଏବଂ ବାରିଷ୍ଟର ନର୍ଟନ୍ । ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଏମାନଙ୍କର ମତ ଯେ ପରସ୍ପରର ପରିପୂରକ ଏବଂ ପ୍ରାୟ ପରସ୍ପରର ପ୍ରତିଧ୍ୱନି – ଏହା ବୁଝିବାରେ ଅସୁବିଧା ହୁଏ ନାହିଁ ।



ସାର୍ ଏଡ୍ୱାର୍ଡ ବେକାର୍
ବଙ୍ଗଦେଶର ଗଭର୍ନ୍ତର (ଛୋଟଲାଟ)



ମି. ଷ୍ଟ୍ରେଙ୍ଗ୍‌ମ୍ୟାନ୍ (ବମ୍ବେ ହାଇକୋର୍ଟର
ଆଡ଼ଭୋକେଟ୍ ଜେନେରାଲ)



ମି. ନର୍ଟନ୍ ('ଆଲିପୁର ବୋମା
ମୋକଦ୍ଦମା'ର ସରକାରୀ ଓକିଲ)

ଚିଠିପତ୍ର ଓ ଟେଲିଗ୍ରାମ୍‌ସବୁର ତଥ୍ୟ ସଂକଳନରୁ ଦୃଢ଼ ପ୍ରତୀୟମାନ ହୁଏ – ଶ୍ରୀଅରବିନ୍ଦଙ୍କୁ ନିର୍ବାସନ ଦେବାକୁ ମିଣ୍ଟୋ ବୋଧହୁଏ ସର୍ବଦା ବିଶେଷ ଉଦ୍‌ଗ୍ରୀବ ଥିଲେ; କିନ୍ତୁ ଅକୃତକାର୍ଯ୍ୟ ହୋଇଥିଲେ ସମ୍ଭବତଃ ଘଟଣାଚକ୍ର ଓ ଆଇନଗତ ଅସୁବିଧାରୁ । ମର୍ଲେଙ୍କ ପକ୍ଷରେ କିନ୍ତୁ ସମସ୍ୟାଟିର ଗୁରୁତ୍ୱ ଥିଲା ସମ୍ପୂର୍ଣ୍ଣ ଭିନ୍ନ – କେତେକାଂଶରେ ନୈତିକ ନିଷ୍ପତ୍ତି ନେବାରେ ।




ଚାର୍ଲସ୍ ହାର୍ଡ଼ିଞ୍ଜ୍, ବ୍ରିଟିଶ ଭାରତର ଭାଇସ୍‌ରୟ (ବଡ଼ଲାଟ)

ପରିଶେଷରେ ମିଣ୍ଟୋ ୧୯୧୦ ମେ ୨୬ରେ ମର୍ଲେଙ୍କୁ ଜଣାଇଲେ, ''... ଆପାତତଃ ଅରବିନ୍ଦ ପଣ୍ଡିଚେରୀରେ । ...'' ୧୯୧୦ ଜୁନ୍ ୧୫ରେ ମିଣ୍ଟୋଙ୍କୁ ମର୍ଲେ ଲେଖିଲେ, ''... କିନ୍ତୁ ଆମେ ଯାହା ଅବଗତ ହୋଇଛୁ, ସେ ରାଜନୈତିକ ଆନ୍ଦୋଳନରୁ ଅବ୍ୟାହତି ନେଇଛନ୍ତି । ଦେଶାନ୍ତର ? ମୁଁ ଭାବି ପାରୁ ନାହିଁ ! ...''

ମିଣ୍ଟୋଙ୍କ କାର୍ଯ୍ୟକାଳ ଶେଷ ହେଲା । କିନ୍ତୁ ଶ୍ରୀଅରବିନ୍ଦ ରାଜନୀତି ତ୍ୟାଗ କରୁଛନ୍ତି – ଏକଥା ଭଦ୍ରଲୋକ ବିଶ୍ୱାସ କରି ପାରିଲେ ନାହିଁ । ସମ୍ଭବତଃ ମୃତ୍ୟୁ (୧୯୧୪) ପର୍ଯ୍ୟନ୍ତ ସାହେବ ଜଣକ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ତାଙ୍କ ସୀମିତ ଧାରଣାରେ ଅଟଳ ରହିଥିଲେ ।

ମିଣ୍ଟୋଙ୍କ ଆସନରେ ଆସିଲେ ଚାର୍ଲସ୍ ହାର୍ଡ଼ିଞ୍ଜ୍ । ହାର୍ଡ଼ିଞ୍ଜ୍ ନିଜ କୌତୂହଳବଶତଃ ଶ୍ରୀଅରବିନ୍ଦଙ୍କ ମାମଲା ନିଷ୍ପାପର ଭାବରେ ଅଧ୍ୟୟନ କରି ଇଂଲଣ୍ଡର ଭାରତ ବିଭାଗ ମୁଖ୍ୟଙ୍କୁ ଜଣାଇଥିଲେ ଯେ ମାମଲାଟି ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅଯଥାର୍ଥ ଥିଲା ।



ତଦାନୀନ୍ତନ ବ୍ରିଟିଶ ଲୋକସଭା

ବ୍ରିଟିଶ ଲୋକସଭାରେ **୧୯୧୦ ଏପ୍ରିଲ ୨୮** ତାରିଖରେ ଶ୍ରୀଅରବିନ୍ଦଙ୍କ ଉପରେ ଯେଉଁ ଦୀର୍ଘ ଆଲୋଚନାଟିଏ ହୋଇଥିଲା ସେଭଳି ଆଲୋଚନା ବା ବିତର୍କ ଇତିପୂର୍ବରୁ କୌଣସି ଭାରତୀୟ ରାଷ୍ଟ୍ରନେତାଙ୍କ ସମ୍ପର୍କରେ ହୋଇଥିବାର ପ୍ରମାଣ ନାହିଁ । ପରବର୍ତ୍ତୀ କାଳରେ ମଧ୍ୟ ହୋଇଛି ବୋଲି ମନେ ହୁଏନା ।

ଉପରୋକ୍ତ ତାରିଖରେ ଏହି ଐତିହାସିକ ବିତର୍କ ବେଳେ ପ୍ରଧାନ ମନ୍ତ୍ରୀ ଥିଲେ ଉଦାର ଦଳ(ଅଧୁନା ବିଲୁପ୍ତ)ର ନେତା ଲର୍ଡ଼ ଆସ୍‌କୁଇଥ୍ । ଏବଂ ଏଠାରେ ଉଲ୍ଲେଖଯୋଗ୍ୟ ଯେ କ୍ଷମତାରେ ଏହି ଦଳ ଥିଲେ ଶ୍ରମିକ ଦଳର ସମର୍ଥନରେ । ଶ୍ରମିକ ଦଳର ପ୍ରତିଷ୍ଠାତା (ପରେ ଭାବୀ ପ୍ରଧାନ ମନ୍ତ୍ରୀ) ଥିଲେ ରାମ୍‌ସେ ମ୍ୟାକ୍‌ଡ଼ୋନାଲ୍‌ଡ୍ । ରକ୍ଷଣଶୀଳ ଦଳ ଥିଲେ ପ୍ରମୁଖ ଦଳ ତଥା ବିରୋଧୀ ଦଳ । ଏହି ଦଳର ମୁଖ ପାତ୍ର ଥିଲେ ଜେ. ଡ଼ି. ରିସ୍ ।




ଲର୍ଡ଼ ଆସ୍‌କୁଇଥ୍

ବ୍ରିଟିଶ ଲୋକସଭାରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ପୂର୍ବରୁ କେତେ ଥର ଆଲୋଚନା ହୋଇଥିଲା ।

୧୯୦୯ ଅଗଷ୍ଟ ୫ ତାରିଖରେ ଆଲୋଚନାଚକ୍ରରେ ମି. ରିସ୍ ଦାବି କରିଥିଲେ ଯେ ଯଦ୍ୟପି ବିନା ବିଚାରରେ ଦ୍ୱୀପାନ୍ତର ସ୍ୱୈରାଚାରିତା, ଶ୍ରୀଅରବିନ୍ଦଙ୍କ କ୍ଷେତ୍ରରେ ସେ ନୀତି ମୁତୟନ ରଖି ତାଙ୍କୁ ତୁରନ୍ତ ସେ ଦଣ୍ଡ ଦେବା ଆବଶ୍ୟକ, ଯେହେତୁ ଭାରତର ଯୁବସମାଜ ଉପରେ ତାଙ୍କର ପ୍ରଭାବ ପ୍ରଚଣ୍ଡ ।



ଜେ. ଡ଼ି. ରିସ୍



କିଅର୍ ହାର୍ଡ଼ି

୧୯୦୯ ଅକ୍ଟୋବର ୫ ତାରିଖରେ ଭାରତର ପ୍ରଶାସନିକ ପାହ୍ୟାରେ ମହଜୁଦ ଥିବା ସାର୍ ହେନ୍‌ରୀ କଟନ୍‌ଙ୍କ ତରଫରୁ ଶ୍ରମିକ ଦଳର ଅନ୍ୟତମ ପ୍ରତିଷ୍ଠାତା କିଅର୍ ହାର୍ଡ଼ି ଲୋକସଭାରେ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ଆଲିପୁର ମାମଲାରେ ଶ୍ରୀଅରବିନ୍ଦ ନିର୍ଦୋଷ ବୋଲି ମୁକ୍ତି ପାଇବା ସତ୍ତ୍ୱେ ତାଙ୍କର ବକ୍ତୃତାମାଳାକୁ ସଂକଳନ ଓ ମୁଦ୍ରଣ କରିଥିବା କୋଲ୍‌ହଟ୍‌କରଙ୍କୁ ପନ୍ଦର ମାସ ସଶ୍ରମ କାରାଦଣ୍ଡରେ ଏବେ ବି ରଖାଯାଇ ତୀବ୍ର ଭାବରେ ଶାସ୍ତି ଦିଆଯାଉଛି କାହିଁକି ?




ସାର୍ ହେନ୍‌ରୀ କଟନ୍

ଏ କ୍ଷେତ୍ରରେ ମଧ୍ୟ ରିସ୍ ସାହେବ ତାଙ୍କୁ ଶୁଣାଇଥିଲେ, ''ମାନ୍ୟବର ସଦସ୍ୟଙ୍କୁ କ'ଣ ଜଣା ନାହିଁ ଯେ ସେସବୁ ଭାଷଣ ଦେଇଥିବା ବ୍ୟକ୍ତି ଜଣକ ବ୍ରିଟିଶ ଶାସନର ଭୟଙ୍କର ଶତ୍ରୁ !''...

କିନ୍ତୁ ଏଭଳି ବାଦ-ପ୍ରତିବାଦମାନ ରାମ୍‌ସେ ମ୍ୟାକ୍‌ଡୋନାଲ୍‌ଡ ଏବଂ କିଅର ହାର୍ଡ଼ିଙ୍କର ଗଭୀର ଚିନ୍ତା ଓ ଭାବବ୍ୟଞ୍ଜକ ପ୍ରଶ୍ନଧର୍ମୀ ବକ୍ତୃତାର ଭୂମିକା ମାତ୍ର ଥିଲା । କିନ୍ତୁ **୨୮ ଏପ୍ରିଲ ୧୯୧୦**ରେ ଲୋକସଭାରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ସେ ଦୁହିଁଙ୍କର ତର୍କବିତର୍କଟି ଥିଲା ସୁଦୀର୍ଘ, ଅକାଟ୍ୟ ଯୁକ୍ତିସଙ୍ଗତ ଏବଂ ମର୍ମଜ୍ଞ ।




ମି. କୋଲ୍‌ହଟ୍‌କର



ମି. ମୁରେ

(ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୧୯୦୯ ଡିସେମ୍ବର ପର୍ଯ୍ୟନ୍ତ ଭାରତ ବିଭାଗର ମୁଖ୍ୟ ସଚିବ ମର୍ଲେଙ୍କର ଉପସଚିବ ଥିଲେ ମି. ଆଲେକ୍‌ଜାଣ୍ଡାର ମୁରେ । ତାଙ୍କର କାର୍ଯ୍ୟକାଳ ଶେଷ ହେବାରୁ ତାଙ୍କ ସ୍ଥାନରେ ଆସିଲେ ମି. ଏଡ୍‌ୱାର୍ଡ୍ ମଣ୍ଟେଗୁ ।)

ଉପରୋକ୍ତ ୨୮ ତାରିଖ ଦିନ ମ୍ୟାକ୍‌ଡୋନାଲ୍‌ଡ଼ଙ୍କର ଏକ ସଧୈର୍ଯ୍ୟ ବକ୍ତୃତା ମଝିରେ ଅଧୈର୍ଯ୍ୟ ରିସ୍ ସାହେବ ଦୁଇ ଥର ଉଠି ତାଙ୍କୁ ଅଟକାଇବାକୁ ପ୍ରୟାସ କଲେ ଏବଂ ବକ୍ତା ସେ ଭଦ୍ରଲୋକଙ୍କୁ ଠିକଣା ଜବାବ ଦେଇ ଚୁପ୍ କରି ଦେଇଥିଲେ ।



ମି. ମଣ୍ଟେଗୁ


ମ୍ୟାକ୍‌ଡୋନାଲ୍‌ଡଙ୍କର ବକ୍ତୃତାରୁ କିୟଦଂଶ : ''... ଏକଥା ଉତ୍ତମ ରୂପେ ଜଣା ଯେ ଆମ ଦେଶରେ ଯାହାକୁ ସର୍ବସାଧାରଣ ଜୀବନ (public life) କୁହାଯାଏ, ଶ୍ରୀ ଘୋଷ ତହିଁରୁ ବିଦାୟ ନେଇଛନ୍ତି । ସେ ବିଶ୍ୱର ସ୍ଥୂଳ ବ୍ୟାପାରଭିତ୍ତିକ ଯାବତୀୟ ଜଞ୍ଜାଳରୁ ଅବ୍ୟାହତି ନେଇଛନ୍ତି ଶାଶ୍ୱତଙ୍କ ସହ ତାଙ୍କର ଶାନ୍ତି ସ୍ଥାପନ ନିମନ୍ତେ ।'' ...

ପରିଶେଷରେ ମଣ୍ଟେଗୁଙ୍କର ମନ୍ତବ୍ୟ ଥିଲା ଏହିପରି : ''ଏହାହିଁ ପ୍ରଥମ ଥର ସକାଶେ ଆମ ପାର୍ଲିଆମେଣ୍ଟ ତା'ର ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ପାଳନ କରୁଛି; ତାହା ହେଲା ଭାରତ ବ୍ୟାପାର ସମ୍ବନ୍ଧରେ ଆଲୋଚନା ।'' ...

ପୁନଶ୍ଚ ତାଙ୍କର ପରବର୍ତ୍ତୀ ମନ୍ତବ୍ୟଟି ଥିଲା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ : ''ମୁଁ ଦେଖୁଛି, ଏହି ଗୋଟିଏ ପକ୍ଷରୁହିଁ ଉଭୟ ସମାଲୋଚନା ଓ ସମର୍ଥନର ସ୍ୱର ଉଠୁଛି । ଏହି ଗୋଟିଏ ପକ୍ଷହିଁ ସେମାନଙ୍କ କର୍ତ୍ତବ୍ୟ ପାଳନ ନିମନ୍ତେ ଉଦ୍‌ଗ୍ରୀବ । ଯେତେବେଳେ ମୁଁ ମୋ ବିପରୀତ ଦିଗରେ ବସିଥିବା ବେଶ୍ ଉଦ୍‌ଗ୍ରୀବ ତଥା ଏ ବିଷୟରେ ଆଗ୍ରହୀ ବଦନ ସମୂହ ଦେଖୁଛି, ସେତେବେଳେ ରକ୍ଷଣଶୀଳ ଦଳର ସାମ୍ରାଜ୍ୟବାଦୀ ଆଭିମୁଖ୍ୟଟି କ'ଣ ତାହା ବୁଝିପାରୁ ନାହିଁ ।''...

(କହିବା ବାହୁଲ୍ୟ ଭାରତର ଆଶା, ଅଭୀପ୍ସା ପ୍ରତି ରକ୍ଷଣଶୀଳ ଦଳର କୌଣସି ସହାନୁଭୂତି ନଥିଲା ।)

ଶ୍ରୀଅରବିନ୍ଦ ୭ ନଭେମ୍ବର, ୧୯୧୦ରେ ମାଦ୍ରାସର 'ହିନ୍ଦୁ' ଖବରକାଗଜର ସମ୍ପାଦକଙ୍କୁ ଏକ ଲିଖିତ ବିବୃତି ତାଙ୍କ କାଗଜରେ ପ୍ରକାଶ କରିବାକୁ ଅନୁରୋଧ କରିଥିଲେ, ଯାହାକି ନଭେମ୍ବର ୮ ଓ ୧୩ ତାରିଖରେ 'ହିନ୍ଦୁ'ରେ ପ୍ରକାଶ ପାଇଥିଲା । ନିମ୍ନରେ 'ହିନ୍ଦୁ'ରେ ପ୍ରକାଶ ପାଇଥିବା ଶ୍ରୀଅରବିନ୍ଦଙ୍କ ଲେଖା :




ମି. କସ୍ତୁରୀରଙ୍ଗା
'ହିନ୍ଦୁ'ର ତଦାନୀନ୍ତନ ସମ୍ପାଦକ

ପଣ୍ଡିଚେରୀରେ ବାବୁ ଅରବିନ୍ଦ ଘୋଷ
ଏକ ଲିଖିତ ବିବୃତି

ନଭେମ୍ବର ୭, ୧୯୧୦ରେ ୪୨, ରୁ୍ୟ ଦ ପାଭିଅୋଁ, ପଣ୍ଡିଚେରୀରୁ ବାବୁ ଅରବିନ୍ଦ ଘୋଷ ଆମ ପାଖକୁ ଲେଖିଛନ୍ତି :

''ମୁଁ ପଣ୍ଡିଚେରୀରେ ରହିଛି ଏବଂ ଏଇଠାରେହିଁ ରହିବି – ଏଇ ଖବରଟି ଯଦି ଆପଣ ଆପଣଙ୍କର କାଗଜରେ ଛପାଇ ମୋର ବର୍ତ୍ତମାନର ଅବସ୍ଥିତି ସମ୍ବନ୍ଧେ ଜାଣିବାକୁ ଆଗ୍ରହୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜଣାଇ ପାରନ୍ତି ତେବେ ମୁଁ ଆପଣଙ୍କଠାରେ ଅନୁଗୃହୀତ ହେବି । ମୋ ବିରୋଧରେ ମୋକଦ୍ଦମା ପରିଚାଳନାର କାର୍ଯ୍ୟଧାରା ଆରମ୍ଭ ହେବାର ମାସକ ପୂର୍ବରୁ ମୁଁ ବ୍ରିଟିଶ-ଭାରତ ଛାଡ଼ିଥିଲି ଏବଂ ଯେହେତୁ ରାଜନୀତିକ କ୍ରିୟାକଳାପ ବା ପେସା ଦ୍ୱାରା ବାଧାପ୍ରାପ୍ତ ନହୋଇ ମୁଁ ମୋର ଯୌଗିକ ସାଧନାରେ ରତ ରହିବା ସକାଶେ ଇଚ୍ଛାପୂର୍ବକ ଏହି ନିର୍ଜନବାସକୁ ଆସିଛି ଏବଂ ମୋର ରାଜନୀତିକ କ୍ରିୟାକଳାପରୁ ମୁଁ ମୋର ସମସ୍ତ ସଂପର୍କ ତୁଟାଇ ଦେଇସାରିଛି, ତେଣୁ ମୋ ବିରୋଧରେ ରାଜଦ୍ରୋହମୂଳକ ପରୁଆନା ଦ୍ୱାରା ସେଠାକୁ ଯାଇ ଆତ୍ମସମର୍ପଣ କରିବାକୁ ମୋର ଆଦୌ ହୃଦ୍‌ବୋଧ ହୋଇ ନାହିଁ, ମୁଁ ଯଦି ରାଜନୀତିକ କର୍ମକ୍ଷେତ୍ରରେ ରହିଥା'ନ୍ତି ତେବେ ମୋ ପକ୍ଷରେ ଏହା ଅବଶ୍ୟ କରଣୀୟ ହୋଇଥା'ନ୍ତା । ମୁଁ ଏଠାକୁ ଆସିବା ପରଠାରୁ ଜଣେ ଧାର୍ମିକ ସଂସାରତ୍ୟାଗୀ ବ୍ୟକ୍ତି ବା ସନ୍ନ୍ୟାସୀଙ୍କ ସଦୃଶ ଜୀବନଯାପନ କରୁଛି, ଖୁବ୍ କମ୍‌ସଂଖ୍ୟକ ଫରାସୀ ଓ ଭାରତୀୟ ବନ୍ଧୁମାନଙ୍କ ସହ ଦେଖା ସାକ୍ଷାତ୍ ହୋଇଥାଏ, କିନ୍ତୁ ମୋର ଅବସ୍ଥିତିର ରହସ୍ୟ ସମ୍ବନ୍ଧେ ଅନେକେହିଁ ଜାଣିଥିଲେ ସୁଦ୍ଧା ସ୍ପଷ୍ଟଭାବେ ପ୍ରକାଶ କରାଯାଇ ନାହିଁ । ଗଭର୍ଣ୍ଣମେଣ୍ଟର ଏଜେଣ୍ଟ୍‌ମାନଙ୍କୁ କେବେଠୁ ଏହା ଜଣା ଏବଂ ମାଦ୍ରାସରେ ବହୁଳ ଭାବରେ ଏ ବିଷୟରେ ଜନରବ ସୃଷ୍ଟି ହୋଇଛି, ଏବଂ ପଣ୍ଡିଚେରୀରେ ପ୍ରତ୍ୟେକେ ଖୁବ୍ ଭଲ ଭାବରେ ଅବଗତ ଅଛନ୍ତି । ମୁଁ ମୋର ଇଚ୍ଛା ବିରୋଧରେ ଏବେ ବାଧ ହୋଇ ଏଠାରେ ମୋର ଉପସ୍ଥିତିକୁ ସର୍ବଜନବିଦିତ କରିବାକୁ ଚାହୁଁଛି । ବାହ୍ୟଦୃଷ୍ଟିର ଅନ୍ତରାଳରେ ଥିବା ବସ୍ତୁକୁ ନେଇ ମନଗଢ଼ା



ମାଦ୍ରାସରେ ତଦାନୀନ୍ତନ 'ହିନ୍ଦୁ' ଅଫିସ

କଳ୍ପନା କରିବାକୁ ଆମୋଦ ପାଉଥିବା କେତେକ ବ୍ୟକ୍ତି ରଟାଇ ଦେଇଛନ୍ତି ଯେ ମୁଁ ଏବେ ପଣ୍ଡିଚେରୀରେ ନାହିଁ, ବ୍ରିଟିଶ-ଭାରତରେହିଁ ରହିଛି, ଏବଂ ମୁଁ ଜୋର୍ ଦେଇ ଏକଥା ଘୋଷଣା କରିବାକୁ ଚାହେଁ ଯେ ଗତ ମାର୍ଚ୍ଚ ଶେଷରୁ ମୁଁ ବ୍ରିଟିଶ-ଭାରତରେ ନଥିଲି ଏବଂ ପ୍ରକାଶ୍ୟରେ ନ ଫେରିଯିବା ପର୍ଯ୍ୟନ୍ତ ଭବିଷ୍ୟତରେ ମୁହୂର୍ତ୍ତକ ସକାଶେ ବି ମୁଁ ବ୍ରିଟିଶ ରାଜ୍ୟରେ ପଦାର୍ପଣ କରିବି ନାହିଁ । ଏହାର ବିପକ୍ଷରେ ବର୍ତ୍ତମାନ ବା ଭବିଷ୍ୟତରେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ବିବୃତି ମିଥ୍ୟା ହେବାକୁ ବାଧ୍ୟ । ସଙ୍ଗେ ସଙ୍ଗେ ମୁଁ ଏକଥା ବି ଏକେବାରେ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ବର୍ତ୍ତମାନ ସକାଶେ ମୁଁ ସମସ୍ତ ପ୍ରକାର ରାଜନୀତିକ କ୍ରିୟାକଳାପରୁ ଅବସର ଗ୍ରହଣ କରିଛି ଏବଂ ରାଜନୀତି ସଂପର୍କୀୟ କୌଣସି ବିଷୟରେ କାହାରି ସହିତ ଚିଠିପତ୍ରର ବିନିମୟ ବା ଦେଖା ସାକ୍ଷାତ୍ କରିବି ନାହିଁ । ‘କର୍ମୟୋଗିନ୍’ରେ ପ୍ରକାଶ ପାଇଥିବା ନିର୍ଦ୍ଦିଷ୍ଟ ମୋର ଲେଖା ଉପରେ କଲିକତାର ହାଇକୋର୍ଟ ଦୋଷାବହତା ବା ନିର୍ଦ୍ଦୋଷତା ମତ ବ୍ୟକ୍ତ ନ କରିବା ପର୍ଯ୍ୟନ୍ତ ମୋର ବ୍ରିଟିଶ-ଭାରତ ଛାଡ଼ିବା କାର୍ଯ୍ୟରେ ମୁଁ ସମସ୍ତ ପ୍ରକାର କୈଫିୟତ୍ ବା ସମର୍ଥନ ଦେବା ସ୍ଥଗିତ ରଖୁଛି ।’’



ସାର୍ ଜେମ୍ସ୍ ଓ’ଗ୍ରାଡ଼ି
(ସାଂସଦ ସଭ୍ୟ : ୧୯୦୬-୧୯୧୮)

ଏଠାରେ ଉଲ୍ଲେଖନୀୟ ଯେ ଉପରୋକ୍ତ ୭ ନଭେମ୍ବର, ୧୯୧୦ରେହିଁ କଲିକତାର ହାଇକୋର୍ଟ ‘କର୍ମୟୋଗିନ୍ ମାମଲା’ର ଚୂଡ଼ାନ୍ତ ରାୟ ଘୋଷଣା କଲା ।

ପୁନଶ୍ଚ ବ୍ରିଟିଶ ପାର୍ଲିଆମେଣ୍ଟର ‘ହାଉସ୍ ଅଫ୍ କମନ୍ସ୍’ରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଶେଷ ପ୍ରଶ୍ନୋତ୍ତର ହୋଇଥିଲା **୨୧ ଫେବ୍ରୁଆରୀ, ୧୯୧୧**ରେ । ‘ଶ୍ରମିକ ଦଳ’ର ମାନ୍ୟବର ସାଂସଦ ସାର୍ ଓ’ଗ୍ରାଡ଼ି ପ୍ରଶ୍ନ କଲେ, ‘କର୍ମୟୋଗିନ୍’ର ପ୍ରକାଶକ ଶ୍ରୀଅରବିନ୍ଦ ଘୋଷଙ୍କର ଏକ ପ୍ରବନ୍ଧ ପ୍ରକାଶ କରିଥିବା ବାବଦରେ ଗିରଫ ହୋଇଥିଲେ କି ? ସେ ପ୍ରବନ୍ଧ ପାଇଁ ଶ୍ରୀଅରବିନ୍ଦ ଘୋଷଙ୍କ ବିରୋଧରେ ଗିରଫ ପରୁଆନା ବାହାରି ଥିଲା କି ? ବିଚାରରେ ପ୍ରବନ୍ଧଟି ରାଜଦ୍ରୋହମୂଳକ ନୁହେଁ ବୋଲି ପ୍ରତିପାଦିତ ହୁଅନ୍ତେ ପ୍ରକାଶକ କାରାମୁକ୍ତ ହେଲେ କି ? ସେହି ପ୍ରବନ୍ଧ ପାଇଁ ବାହାରିଥିବା ଗିରଫ ପରୁଆନା ସରକାର ପ୍ରତ୍ୟାହାର କରି ନେଇଛନ୍ତି କି ?

ଉତ୍ତରରେ ଶ୍ରୀ ମଣ୍ଟେଗୁ କହିଲେ :

‘‘ମାନ୍ୟବର ବନ୍ଧୁଙ୍କ ପ୍ରଥମ ପ୍ରଶ୍ନର ଉତ୍ତର – ହଁ; ଦ୍ୱିତୀୟ ପ୍ରଶ୍ନର ଉତ୍ତର – ହଁ; ତୃତୀୟ ପ୍ରଶ୍ନର – ହଁ !’’



ବ୍ରିଟିଶ ପାର୍ଲିଆମେଣ୍ଟ

୮ ନଭେମ୍ବରରେ 'ହିନ୍ଦୁ'ରେ ଶ୍ରୀଅରବିନ୍ଦଙ୍କ ବିବୃତି ପ୍ରକାଶ ପାଇବାର ଠିକ୍ ପରେ ପରେ ପଣ୍ଡିଚେରୀରେ ବ୍ରିଟିଶରାଜ ଗୋଟିଏ ଘର ଭଡ଼ାନେଇ କେତେ ଜଣ ପୁଲିସ ଗୁପ୍ତଚରଙ୍କୁ ସ୍ଥାୟୀ ଭାବରେ ନିଯୁକ୍ତ କରିଦେଲା । ଏହି ଗୁପ୍ତଚରଗଣ ସାଧାରଣ ପୋଷାକରେ ... ଶ୍ରୀଅରବିନ୍ଦଙ୍କ ବାସଭବନର ଫୁଟ୍‌ପାଥ୍ ଉପରେ, ରାସ୍ତାର ମୋଡ଼ରେ ବା କୋଣରେ ତିନି, ଚାରି ଜଣ କରି ଏକାଠି ବସି ରହୁଥିଲେ, ଦିନତମାମ ଆଡ଼ା ଜମେଇ ରହୁଥିଲେ, ମଝିରେ ମଝିରେ ନିଜ ନିଜ ଟିପାଖାତାରେ କ'ଣ ସବୁ ଟିପି ନେଉଥିଲେ । ...

ଏମିତି ପରିସ୍ଥିତି ଉପୁଜିଥିବା ବେଳେ ବୋଧହୁଏ ସେହି ଗୁପ୍ତଚରଗଣଙ୍କୁ ଭକ୍ତବୃନ୍ଦ ବୋଲି ଆଲେଖ୍ୟ କରି ଶ୍ରୀଅରବିନ୍ଦ ୧୧ ଫେବ୍ରୁଆରୀ ୧୯୧୧ରେ 'ହିନ୍ଦୁ'କୁ ବ୍ୟଙ୍ଗୋକ୍ତିରେ ଲେଖିଥିଲେ :

''ଏବେ ମୁଁ ଭକ୍ତବୃନ୍ଦଙ୍କ ଦ୍ୱାରା ଅବରୋଧ ହୋଇ ଉଠିଥିବାର ଲକ୍ଷ୍ୟ କରୁଛି ଯେଉଁମାନେ କି ନଛୋଡ଼ବନ୍ଦା ହୋଇ ବସିଛନ୍ତି – ମୁଁ ସେମାନଙ୍କୁ ଦର୍ଶନ ଦେବି କି ନାହିଁ । ମୋର କ୍ଷଣିକ ଦର୍ଶନଲାଭ ନିମିତ୍ତ ବହୁ ବାଧାବିପତ୍ତି ଅତିକ୍ରମପୂର୍ବକ ସେମାନେ ସମଗ୍ର ଭାରତ ଭ୍ରମଣ କରି ଏଠାରେ ଉପସ୍ଥିତ ହୋଇଛନ୍ତି – କେତେକେ କରାଚିର ଜଳରାଶି ଅତିକ୍ରମ କରିଆସିଛନ୍ତି ତ କେତେକେ ପଞ୍ଜାବର ନଦନଦୀସବୁ ପାର ହୋଇଛନ୍ତି, ସେମିତି କହିବାକୁ ଗଲେ, କେଉଁଠୁ ନ ଆସିଛନ୍ତି ବୋଲି କହିବି ? ସେମାନଙ୍କର ମାତ୍ର ଗୋଟିଏ ଆଶା, ମୋର ଅନତିଦୂରରେ ଦଣ୍ଡାୟମାନ ହୋଇ ମୋ ମୁହଁକୁ କ୍ଷଣମାତ୍ର ଅନାଇ ମୁକ୍ତିଲାଭ କରିବେ; ନଚୁବା ସେମାନେ ମୋ ପଦପ୍ରାନ୍ତରେ ବସି ରହିବେ, ମୋ ସହିତ କାଳାତିପାତ କରିବେ, ମୁଁ ଯେଉଁଠାକୁ ଯିବି ସେମାନେ ସେଠାକୁ ଯିବେ କିଂବା ମୋର ଦେଶ-ଦେଶାନ୍ତର ଭ୍ରମଣରେ ସେମାନେ ପାର୍ଷଦ ସ୍ୱରୂପ ରହିବେ । ସେମାନେ ବହୁ କଷ୍ଟରେ ପାଚେରୀ ଚଢ଼ି ମୋ ଝରକା ସବୁରେ ଉଙ୍କିମାରି ମୋର କ୍ଷଣିକ ଦର୍ଶନ ଚାହାନ୍ତି କିଂବା ମୋ ନିବାସର ଫୁଟ୍‌ପାଥରେ ଇତସ୍ତତଃ ଭାବରେ ଘୂରି ବୁଲୁଛନ୍ତି ଏବଂ ନିକଟବର୍ତ୍ତୀ ପୁଲିସ ଷ୍ଟେସନସବୁକୁ ଯାଇ ଚିଠି ଲେଖୁଛନ୍ତି । ତେଣୁ ମୁଁ ଆପଣଙ୍କ କାଗଜ ମାଧ୍ୟମରେ ଏହି ଧରଣର ଭବିଷ୍ୟତ୍ ତୀର୍ଥଯାତ୍ରୀମାନଙ୍କୁ ଜଣାଇ ଦେବାକୁ ଚାହେଁ ଯେ ସେମାନଙ୍କର ଉଦ୍ଦେଶ୍ୟ ବୃଥା ହେବ ।'' ('ହିନ୍ଦୁ'ରେ ପ୍ରକାଶ ପାଇଥିବା ଶ୍ରୀଅରବିନ୍ଦଙ୍କର ଲିଖିତ ଦ୍ୱିତୀୟ ବିବୃତି)

ଇତ୍ୟବସରରେ ଶ୍ରୀଅରବିନ୍ଦ ତାଙ୍କର ଚାରିଜଣ ପାର୍ଷଦଙ୍କ ସହିତ ୧୯୧୧ ଏପ୍ରିଲ ପହିଲାରେ ନିଜର ଦ୍ୱିତୀୟ ବାସଭବନ ପରିବର୍ତ୍ତନ କରି 'ରୁ ସ୍ୟାଁ ଲୁଇ' ଷ୍ଟ୍ରୀଟ୍‌ରେ ଥିବା ଏକ ଦୁଇ ମହଲା କୋଠା 'ରାଘବନ୍ ହାଉସ୍'କୁ ଆସିଲେ ।




'ରାଘବନ୍ ହାଉସ୍'

ବିଶେଷ ସୂଚନା :

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''

— ଶ୍ରୀମା



ସାବିତ୍ରୀ

ଏକ କିଂବଦନ୍ତି ଏବଂ ଏକ ପ୍ରତୀକ

(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : ୬୪୦/- ଟଙ୍କା ରଖାଯାଇଛି ।

ପ୍ରାପ୍ତିସ୍ଥାନ :

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨

ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା

Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00